ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ନଭେମ୍ବର ୧୦/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, November 10/2025 | Page 12 | ₹ 7.00 | SAMBALPUR
୫୧ଶ ଭାଗ ୩୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 344 | ମୂଲ୍ୟ ₹୭/-



ଐତିହାସିକ କଟକ ବାଲିଯାତ୍ରା ପଡ଼ିଆରେ ରବିବାର ଅପରାହ୍ନରେ ଦେଖାଯାଇଥିବା ଗହଳି। **(ଫଟୋ: ରାଜକିଶୋର ମହାନ୍ତି)**

## ବଢୁଛି ଶୀତ, ୧୫ ଡିଗ୍ରୀ ତଳେ ୮ ସହର

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

ରାଜ୍ୟକୁ ବିଳମ୍ବରେ ଶୀତ ଆସିଥିଲେ ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୮ ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡିଠାରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ଛୁଇଁଥିବାବେଳେ ଝାରସୁଗୁଡା ୧୧.୭ ଡିଗ୍ରୀ, ଫୁଲବାଣୀ ୧୨ଡିଗ୍ରୀ, ରାଉରକେଲା ୧୩.୨ଡିଗ୍ରୀ, ଭଦ୍ରକ ୧୪ଡିଗ୍ରୀ ଏବଂ କୋରାପୁଟ, କେନ୍ଦୁଝରଗଡ଼ ଓ ଅନୁଗୋଳରେ ୧୪.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨୪ ଘଣ୍ଟା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆଗ ଆମେରିକା




# ରାଜ୍ୟ ବାହାରେ ଅସୁରକ୍ଷିତ ଓଡ଼ିଆ ଯୁବତୀ

ରାଜ୍ୟ ବାହାରେ ଓଡ଼ିଶାର ଯୁବତୀ ଏବଂ ମହିଳାମାନେ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି। କେଉଁଠି ଗଣବଳାତ୍କାର ତ ଆଉ କେଉଁଠି ହତ୍ୟାର ଶିକାର ହେଉଛନ୍ତି। ପଶ୍ଚିମବଙ୍ଗରେ ଗତ ମାସରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ମନରୁ ଲିଭି ନ ଥିବାବେଳେ ନିକଟରେ ଉତ୍ତରାଖଣ୍ଡରେ ରାୟଗଡ଼ାର ଜଣେ ଓଡ଼ିଆ ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଏପରିକି ଗତ ମାସରେ ହାଇଦ୍ରାବାଦରେ ଜଣେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମାସକ ମଧ୍ୟରେ ୩ଟି ବର୍ବରତା ପରେ ମହିଳା ଓ ଯୁବତୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ଝିଅପିଲାଙ୍କୁ ବାହାରକୁ ଛାଡ଼ିବାକୁ ମା'ବାପାମାନେ ଏବେ ଅନିଚ୍ଛା ପ୍ରକାଶ କଲେଣି। ବାହାର ରାଜ୍ୟରେ ଯୁବତୀ ଏବଂ ମହିଳାଙ୍କ କିଛି ହେଲେ, ସେଠାରେ ପୋଲିସ ପୀଡ଼ିତାଙ୍କୁ ସୁରକ୍ଷା ଦେବାକୁ ଯେଉଁଭଳି ସହଯୋଗ କରିବା କଥା ତାହା ନ କରି ଅଭିଯୁକ୍ତମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି, ଯାହା ପଶ୍ଚିମବଙ୍ଗ ଘଟଣାରେ ଦେଖିବାକୁ ମିଳିଥିଲା ବୋଲି ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଥିଲେ।

ଭୁବନେଶ୍ୱର,୯।୧୧(ତ୍ରିନାଥ ମହାନ୍ତି)

- ମାସକରେ ୩ଜଣ ବଳାତ୍କାର ସହ ହତ୍ୟାର ଶିକାର
- ନ୍ୟାୟ ପାଇବାରେ ସହଯୋଗ କରୁନି ବାହାର ପୋଲିସ

ରାୟଗଡ଼ା ଜିଲାର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଗତ ୫ତାରିଖରେ ଉତ୍ତରାଖଣ୍ଡ ଲାଲ୍‌ପୁରରେ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଯୁବତୀଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ବାଇକ୍‌ରେ ନେଇ ଦେହରେ ପଥର ବାନ୍ଧି ନଦୀକୁ ଫିଙ୍ଗି ଦେଇଥିଲେ ଅଭିଯୁକ୍ତ। ୬ମାସ ହେଲା ଉକ୍ତ ଯୁବତୀଜଣଙ୍କ ଉତ୍ତରାଖଣ୍ଡ ଲାଲ୍‌ପୁରରେ ଏକ ଘରଭଡ଼ା ନେଇ ରହିବା ସହ ସେଠାକାର ଏକ କମ୍ପାନୀରେ ଇଣ୍ଟର୍ନଶିପ୍ କରୁଥିଲେ। ଯୁବତୀଙ୍କୁ ଘର ମାଲିକଙ୍କ ପୁଅ ଏବଂ ତାଙ୍କ ସାଙ୍ଗମାନେ ଗଣବଳାତ୍କାର କରି ହତ୍ୟା କରିଥିଲେ। ସେହିପରି ଗତ ଅକ୍ଟୋବର ୧୭ରେ ହାଇଦ୍ରାବାଦରେ ଜଣେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମହିଳା ଜଣଙ୍କ ଘର ଭରତପୁର ଥାନା ଅଞ୍ଚଳରେ ହୋଇଥିବାବେଳେ ପରିବାର ଋଣ ଶୁଝିବା ପାଇଁ ସ୍ୱାମୀ ଏବଂ ଛୋଟ ଛୁଆକୁ ଧରି ହାଇଦ୍ରାବାଦ ଯାଇଥିଲେ। ସେଠାରେ କମ୍ପାନୀରେ ରହି ଶ୍ରମିକଙ୍କ ଛୋଟ ପିଲାଙ୍କୁ ମହିଳା ପାଠ ପଢ଼ାଉଥିଲେ। ହେଲେ ସ୍ୱାମୀ ପାସ୍‌ପୋର୍ଟ କରିବା ପାଇଁ ଭୁବନେଶ୍ୱର ଆସିଥିବା ବେଳେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ☞ପୃଷ୍ଠା-୪

# ସରିଲା ପ୍ରଚାର, ଏବେ ଗାଁ ନେତା ଭରସା

ନୂଆପଡ଼ା,୯।୧୧(ସୁନିତ୍ ମିଶ୍ର)

- ନିର୍ବାଚନମଣ୍ଡଳୀ ଛାଡ଼ିଲେ ବାହାର ନେତା, ମନ୍ତ୍ରୀ, ବିଧାୟକ
- ଅନ୍ଧାରି ବିଜେ ଉପରେ ନଜର ରଖିବ ଜିଲା ପ୍ରଶାସନ
- ଅସନ୍ତୁଷ୍ଟଙ୍କ କାର୍ଯ୍ୟକଳାପକୁ ନେଇ ଭାଳେଣି

ନୂଆପଡ଼ା ଉପନିର୍ବାଚନ ଲାଗି ଚାଲିଥିବା ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଶେଷ ହୋଇଛି। ମଙ୍ଗଳବାର ସକାଳେ ମତଦାନ ଆରମ୍ଭ ହେବାକୁ ଥିବାରୁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଲଗାଯାଇଥିବା କଟକଣା ମୁତାବକ ସବୁ ଦଳ ସେମାନଙ୍କ ପ୍ରଚାର ବନ୍ଦ କରିଛନ୍ତି। ଏହି ଆସନକୁ ନିଜ ଦଖଲରେ ନେବା ଲାଗି ରାଜ୍ୟର ୩ ପ୍ରମୁଖ ଦଳ ଭାଜପା,ବିଜେଡି ଓ କଂଗ୍ରେସର ମାଲମାଲ ନେତାକର୍ମୀ ୧ ମାସ ଧରି ପକାଇଥିବା ଡେରା ଶେଷରେ ଉଠାଇଛନ୍ତି। ଏଣିକି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯାଇଥିବା ନେତାମାନେ ଆଉ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ନାହିଁ। ଏହାକୁ ନେଇ ସ୍ଥାନୀୟ ମହଲରେ ଚାଲିଥିବା ଚର୍ଚ୍ଚା ମୁତାବକ, ରବିବାର ରାତିରୁ ମଙ୍ଗଳବାର ଭୋଟ ପ୍ରକ୍ରିୟା ଆରମ୍ଭ ଯାଏ ଦେଖିବାକୁ ମିଳିବ ଅସଲି ଖେଳ। କାରଣ ଏବେ ପ୍ରାୟ ଦେଢ଼ ଦିନ ସ୍ଥାନୀୟ ଅଞ୍ଚଳର ପଞ୍ଚାୟତସ୍ତରୀୟ ନେତାମାନେ ହିଁ ଯାହା କିଛି ସେମାନଙ୍କ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଆସିବା ଲାଗି କାମ କରିବେ। ସ୍ଥାନୀୟ ମହଲରେ ଏବେ ଅନ୍ଧାରି ବିଜେ ବିଷୟକୁ ନେଇ ପ୍ରଚାର ଜୋର ଧରିବାରେ ଲାଗିଛି। ଏସବୁ ଭିତରେ ଅସାଧୁ କାରବାର ରୋକିବା ପାଇଁ ନିର୍ବାଚନ କମିଶନ ଓ ଜିଲା ପ୍ରଶାସନ ପକ୍ଷରୁ ☞ପୃଷ୍ଠା-୪

## ବିଜେଡି, କଂଗ୍ରେସ ନେତାଙ୍କ ଘରେ ଆଇଟି ଚଢ଼ାଉ

ନୂଆପଡ଼ା,୯।୧୧(ମକାରୁ ବେମାଲ)



ମନୋଜ ମିଶ୍ର, ଅଙ୍କିତ ସିଂଘାଇ

ନୂଆପଡ଼ା ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବରେ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡାକଡ଼ି କରାଯାଇଛି। ରବିବାର ବିଜେଡି ନେତା ମନୋଜ ମିଶ୍ର ଓ କଂଗ୍ରେସ ନେତା ଅଙ୍କିତ ସିଂଘାଇଙ୍କ ଘର ଉପରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କୋମନାର ପୂର୍ବତନ ☞ପୃଷ୍ଠା-୪

# ଦିନକ ପରେ ୧୨୨ ଆସନରେ ଭୋଟ

ପାଟନା/ନୂଆଦିଲ୍ଲୀ,୯।୧୧

**ବିହାର ପ୍ରଚାର ଶେଷ**

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଥମିଯାଇଛି। ନଭେମ୍ବର ୬ରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନବେଳେ ୧୨୧ ଆସନରେ ରେକର୍ଡ ୬୫.୦୮% ମତଦାନ ହୋଇଥିଲା, ଯାହାକି ରାଜ୍ୟର ନିର୍ବାଚନୀ ଇତିହାସରେ ସର୍ବାଧିକ। ଏଭଳି ସ୍ଥିତିରେ ପୋଲିସ ପ୍ରଶାସନ ଓ ନିର୍ବାଚନ କମିଶନଙ୍କ କଡ଼ା ବ୍ୟବସ୍ଥା ମଧ୍ୟରେ ଆସନ୍ତା ମଙ୍ଗଳବାର ୧୨୨ ଆସନରେ ଭୋଟ ଗ୍ରହଣ କରାଯିବ। ହାତରେ କମ୍ ସମୟ ଥିବାରୁ ଉଭୟ ଶାସକ ଓ ବିରୋଧୀ ପକ୍ଷର ସବୁ ଦଳ ସୁଫଳ ଆଶାରେ ଶେଷ ଗୋଟି ଚଳାଇବାରେ ଲାଗିଛନ୍ତି। ୧୪ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ।

ବିହାର ବିଧାନସଭାକୁ ପୁନଃ ଦଖଲ ପାଇଁ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ସର୍ବାଧିକ ପ୍ରଚାର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଅନ୍ୟ କେନ୍ଦ୍ରୀୟ ମନ୍ତ୍ରୀମାନଙ୍କ ସହ ଏନ୍‌ଡିଏ ଶାସିତ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ବିଶେଷକରି ମୋଦି ଓ ଶାହାଙ୍କ ମାରାଥନ୍ ☞ପୃଷ୍ଠା-୪

# ଆମେରିକାରେ ଓଡ଼ିଆ ପୋଷ୍ୟକନ୍ୟାଙ୍କୁ ନିର୍ଯାତନା


ଭୁବନେଶ୍ୱର,୯।୧୧(ସତ୍ୟଜିତ ରାଉତ)

## ଓଡ଼ିଶା ଫେରାଇ ଆଣିବାକୁ ଆକୁଳ ନିବେଦନ

- ୮ବର୍ଷ ତଳେ ସାଙ୍ଗରେ ନେଇଯାଇଥିଲେ ଆମେରିକା ଦମ୍ପତି
- ସାଙ୍ଗଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ, ଓଡ଼ିଶାବାସୀଙ୍କୁ ଅନୁରୋଧ କଲେ

ଛୋଟବେଳେ ଟ୍ରେନ୍‌ରେ ମା' ଓ ବାପାଙ୍କଠାରୁ ଅଲଗା ହୋଇଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବାବେଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଯାଇଥିଲେ। ଆମେରିକୀୟ ମା', ବାପାଙ୍କୁ ପାଇ ନୂଆ ଜୀବନ ଜିଇବାକୁ ସ୍ୱପ୍ନ ଦେଖି ବଡ଼ ହୋଇଥିବା ଏହି ଯୁବତୀଙ୍କ ଆଖିରେ ଏବେ ଲୁହ। ସେ ହେଲେ ପୂଜା ନାୟକ ଓରଫ ସେଜଲ ଜୋହନ (୨୧)। ଆମେରିକାରେ ପୋଷ୍ୟକନ୍ୟା ଭାବେ ରହୁଥିବା ପୂଜା ଓଡ଼ିଶା ଫେରି ଆସିବାକୁ ଆକୁଳ ନିବେଦନ କରିଛନ୍ତି। ବାଲେଶ୍ୱରରେ ରହୁଥିବା ସାଙ୍ଗ ଅମର ଦାସଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରବିବାର ଏହି ଘଟଣା ପଦାକୁ ଆସିଛି।

ଅମର କହିଛନ୍ତି, ପୂଜା ନହରକଣ୍ଟାସ୍ଥିତ ପଲ୍ଲୀ ଉନ୍ନୟନ ସେବା ସମିତି କନ୍ୟା ଆଶ୍ରମରେ ରହି ପଢୁଥିବାବେଳେ ତାଙ୍କ ସହ ପରିଚିତ ହୋଇଥିଲା। ପୂଜା ଟ୍ରେନରେ ହଜିଯିବା ପରେ ଚାଇଲ୍ଡଲାଇନ୍ ଦ୍ୱାରା ଉଦ୍ଧାର ହୋଇ ଅନାଥ ଆଶ୍ରମକୁ ଆସିଥିବା ଜାଣିବାକୁ ପାଇଥିଲେ। ତେବେ ୨୦୧୮ରେ ପୂଜାଙ୍କୁ ଏକ ଦମ୍ପତି ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ନେଇଯାଇଥିଲେ। ଆମେରିକାକୁ ଯିବା ପରେ ☞ପୃଷ୍ଠା-୪



# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୦/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, November 10/2025 | Page 12 | ₹ 7.00 | SAMBALPUR
୫୧ଶ ଭାଗ ୩୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 344 | ମୂଲ୍ୟ ₹୭/-



## ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣିମ ସଫଳତା

ଜାପାନର ଟୋକିଓରେ ଅନୁଷ୍ଠିତ ହୁଲିକ୍ ଦାଇହାତସୁ ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୨

୦୭

## 'ମୁଁ ପୁରୁଷଙ୍କୁ ଈର୍ଷା କରେ': ଟ୍ୱିଙ୍କଲ ଖାନ୍ନା

ବଲିଉଡ ଅଭିନେତ୍ରୀରୁ ଲେଖିକା ପାଲଟିଥିବା ଟ୍ୱିଙ୍କଲ ଖାନ୍ନା 'ମେନୋପଜ' ଉପରେ ଲେଖିଲା ବେଳେ ପୁରୁଷମାନଙ୍କୁ ଈର୍ଷା କରୁଥିବା ମଜାଳିଆ ଢଙ୍ଗରେ କହିଛନ୍ତି।



## ବଢୁଛି ଶୀତ, ୧୫ ଡିଗ୍ରୀ ତଳେ ୮ ସହର

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

ରାଜ୍ୟକୁ ବିଳମ୍ବରେ ଶୀତ ଆସିଥିଲେ ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୮ ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡିଠାରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ଛୁଇଁଥିବାବେଳେ ଝାରସୁଗୁଡା ୧୧.୭ ଡିଗ୍ରୀ, ଫୁଲବାଣୀ ୧୨ଡିଗ୍ରୀ, ରାଉରକେଲା ୧୩.୨ଡିଗ୍ରୀ, ଭଦ୍ରକ ୧୪ଡିଗ୍ରୀ ଏବଂ କୋରାପୁଟ, କେନ୍ଦୁଝରଗଡ଼ ଓ ଅନୁଗୋଳରେ ୧୪.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨୪ ଘଣ୍ଟା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବା ନେଇ ଆଞ୍ଚଳିକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆଗ ଆମେରିକା



ଐତିହାସିକ କଟକ ବାଲିଯାତ୍ରା ପଡ଼ିଆରେ ରବିବାର ଅପରାହ୍ନରେ ଦେଖାଯାଇଥିବା ଗହଳି। **(ଫଟୋ: ରାଜକିଶୋର ମହାନ୍ତି)**

# ସରିଲା ପ୍ରଚାର, ଏବେ ଗାଁ ନେତା ଭରସା

ନୂଆପଡ଼ା,୯।୧୧(ସୁନିତ୍ ମିଶ୍ର)

- ନିର୍ବାଚନମଣ୍ଡଳୀ ଛାଡ଼ିଲେ ବାହାର ନେତା, ମନ୍ତ୍ରୀ, ବିଧାୟକ
- ଅନ୍ଧାରି ବିଜେ ଉପରେ ନଜର ରଖିବ ଜିଲା ପ୍ରଶାସନ
- ଅସନ୍ତୁଷ୍ଟଙ୍କ କାର୍ଯ୍ୟକଳାପକୁ ନେଇ ଭାଳେଣି

ନୂଆପଡ଼ା ଉପନିର୍ବାଚନ ଲାଗି ଚାଲିଥିବା ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଶେଷ ହୋଇଛି। ମଙ୍ଗଳବାର ସକାଳେ ମତଦାନ ଆରମ୍ଭ ହେବାକୁ ଥିବାରୁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଲଗାଯାଇଥିବା କଟକଣା ମୁତାବକ ସବୁ ଦଳ ସେମାନଙ୍କ ପ୍ରଚାର ବନ୍ଦ କରିଛନ୍ତି। ଏହି ଆସନକୁ ନିଜ ଦଖଲରେ ନେବା ଲାଗି ରାଜ୍ୟର ୩ ପ୍ରମୁଖ ଦଳ ଭାଜପା,ବିଜେଡି ଓ କଂଗ୍ରେସର ମାଳମାଳ ନେତାକର୍ମୀ ୧ ମାସ ଧରି ପକାଇଥିବା ଡେରା ଶେଷରେ ଉଠାଇଛନ୍ତି। ଏଣିକି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯାଇଥିବା ନେତାମାନେ ଆଉ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ☞ପୃଷ୍ଠା-୪

## ବିଜେଡି, କଂଗ୍ରେସ ନେତାଙ୍କ ଘରେ ଆଇଟି ଚଢ଼ାଉ

ନୂଆପଡ଼ା,୯।୧୧(ମକାରୁ ବେମାଲ)



ମନୋଜ ମିଶ୍ର, ଅଙ୍କିତ ସିଂଘାଇ

ନୂଆପଡ଼ା ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବରେ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡାକଡ଼ି କରାଯାଇଛି। ରବିବାର ବିଜେଡି ନେତା ମନୋଜ ମିଶ୍ର ଓ କଂଗ୍ରେସ ନେତା ଅଙ୍କିତ ସିଂଘାଇଙ୍କ ଘର ଉପରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କୋମନାର ପୂର୍ବତନ ବ୍ଲକ ଅଧ୍ୟକ୍ଷ, ବିଜେଡି ପୂର୍ବତନ ଜିଲା ସଭାପତି ☞ପୃଷ୍ଠା-୪

# ରାଜ୍ୟ ବାହାରେ ଅସୁରକ୍ଷିତ ଓଡ଼ିଆ ଯୁବତୀ

ରାଜ୍ୟ ବାହାରେ ଓଡ଼ିଶାର ଯୁବତୀ ଏବଂ ମହିଳାମାନେ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି । କେଉଁଠି ଗଣବଳାତ୍କାର ତ ଆଉ କେଉଁଠି ହତ୍ୟାର ଶିକାର ହେଉଛନ୍ତି । ପଶ୍ଚିମବଙ୍ଗରେ ଗତ ମାସରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ମନରୁ ଲିଭି ନ ଥିବାବେଳେ ନିକଟରେ ଉତ୍ତରାଖଣ୍ଡରେ ରାୟଗଡ଼ାର ଜଣେ ଓଡ଼ିଆ ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଛି । ଏପରି କି ଗତ ମାସରେ ହାଇଦ୍ରାବାଦରେ ଜଣେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମାସକ ମଧ୍ୟରେ ୩ଟି ବର୍ବରତା ପରେ ମହିଳା ଓ ଯୁବତୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶେଷକରି ଝିଅପିଲାଙ୍କୁ ବାହାରକୁ ଛାଡ଼ିବାକୁ ମା'ବାପାମାନେ ଏବେ ଅନିଚ୍ଛା ପ୍ରକାଶ କଲେଣି । ବାହାର ରାଜ୍ୟରେ ଯୁବତୀ ଏବଂ ମହିଳାଙ୍କ କିଛି ହେଲେ, ସେଠାରେ ପୋଲିସ ପୀଡ଼ିତାଙ୍କୁ ସୁରକ୍ଷା ଦେବାକୁ ଯେଉଁଭଳି ସହଯୋଗ କରିବା କଥା ତାହା ନ କରି ଅଭିଯୁକ୍ତମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି, ଯାହା ପଶ୍ଚିମବଙ୍ଗ ଘଟଣାରେ ଦେଖିବାକୁ ମିଳିଥିଲା ବୋଲି ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଥିଲେ।

ଭୁବନେଶ୍ୱର,୯।୧୧(ତ୍ରିନାଥ ମହାନ୍ତି)

- ମାସକରେ ୩ଜଣ ବଳାତ୍କାର ସହ ହତ୍ୟାର ଶିକାର
- ନ୍ୟାୟ ପାଇବାରେ ସହଯୋଗ କରୁନି ବାହାର ପୋଲିସ

ରାୟଗଡ଼ା ଜିଲାର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଗତ ୫ତାରିଖରେ ଉତ୍ତରାଖଣ୍ଡ ଲାଲ୍‌ପୁରରେ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଯୁବତୀଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ବାଇକ୍‌ରେ ନେଇ ଦେହରେ ପଥର ବାନ୍ଧି ନଦୀକୁ ଫିଙ୍ଗି ଦେଇଥିଲେ ଅଭିଯୁକ୍ତ। ୬ମାସ ହେଲା ଉକ୍ତ ଯୁବତୀଜଣଙ୍କ ଉତ୍ତରାଖଣ୍ଡ ଲାଲ୍‌ପୁରରେ ଏକ ଘରଭଡ଼ା ନେଇ ରହିବା ସହ ସେଠାକାର ଏକ କମ୍ପାନୀରେ ଇଣ୍ଟର୍ନଶିପ୍ କରୁଥିଲେ। ଯୁବତୀଙ୍କୁ ଘର ମାଲିକଙ୍କ ପୁଅ ଏବଂ ତାଙ୍କ ସାଙ୍ଗମାନେ ଗଣବଳାତ୍କାର କରି ହତ୍ୟା କରିଥିଲେ। ସେହିପରି ଗତ ଅକ୍ଟୋବର ୧୭ରେ ହାଇଦ୍ରାବାଦରେ ଜଣେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମହିଳା ଜଣଙ୍କ ଘର ଭରତପୁର ଥାନା ଅଞ୍ଚଳରେ ହୋଇଥିବାବେଳେ ପରିବାର ଋଣ ଶୁଝିବା ପାଇଁ ସ୍ୱାମୀ ଏବଂ ଛୋଟ ଛୁଆକୁ ଧରି ହାଇଦ୍ରାବାଦ ଯାଇଥିଲେ। ସେଠାରେ କମ୍ପାନୀରେ ରହି ଶ୍ରମିକଙ୍କ ଛୋଟ ପିଲାଙ୍କୁ ମହିଳା ପାଠ ପଢ଼ାଉଥିଲେ। ହେଲେ ସ୍ୱାମୀ ପାସ୍‌ପୋର୍ଟ କରିବା ପାଇଁ ଭୁବନେଶ୍ୱର ଆସିଥିବା ବେଳେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ☞ପୃଷ୍ଠା-୪

# ଦିନକ ପରେ ୧୨୨ ଆସନରେ ଭୋଟ

ପାଟନା/ନୂଆଦିଲ୍ଲୀ,୯।୧୧

**ବିହାର ପ୍ରଚାର ଶେଷ**

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଥମିଯାଇଛି। ନଭେମ୍ବର ୬ରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନବେଳେ ୧୨୧ ଆସନରେ ରେକର୍ଡ ୬୫.୦୮% ମତଦାନ ହୋଇଥିଲା, ଯାହାକି ରାଜ୍ୟର ନିର୍ବାଚନୀ ଇତିହାସରେ ସର୍ବାଧିକ। ଏଭଳି ସ୍ଥିତିରେ ପୋଲିସ ପ୍ରଶାସନ ଓ ନିର୍ବାଚନ କମିଶନଙ୍କ କଡ଼ା ବ୍ୟବସ୍ଥା ମଧ୍ୟରେ ଆସନ୍ତା ମଙ୍ଗଳବାର ୧୨୨ ଆସନରେ ଭୋଟ ଗ୍ରହଣ କରାଯିବ। ହାତରେ କମ୍ ସମୟ ଥିବାରୁ ଉଭୟ ଶାସକ ଓ ବିରୋଧୀ ପକ୍ଷର ସବୁ ଦଳ ସୁଫଳ ଆଶାରେ ଶେଷ ଗୋଟି ଚଳାଇବାରେ ଲାଗିଛନ୍ତି। ୧୪ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ବିହାର ବିଧାନସଭାକୁ ପୁନଃ ଦଖଲ ପାଇଁ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ସର୍ବାଧିକ ପ୍ରଚାର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଅନ୍ୟ କେନ୍ଦ୍ରୀୟ ମନ୍ତ୍ରୀମାନଙ୍କ ସହ ଏନ୍‌ଡିଏ ଶାସିତ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ବିଶେଷକରି ମୋଦି ଓ ଶାହାଙ୍କ ମାରାଥନ୍ ପ୍ରଚାର ବିହାରୀ ଭୋଟରଙ୍କୁ ଅଧିକ ଆକର୍ଷିତ କରିଥିବା ପରିଲକ୍ଷିତ ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିଜ ଗାଦି ରକ୍ଷା ପାଇଁ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପ୍ରାର୍ଥୀଙ୍କ ପାଇଁ ଧୂଆଁଧାର ପ୍ରଚାର କରିଥିଲେ। ଏନ୍‌ଡିଏର ଅନ୍ୟ ୨ ସହଯୋଗୀ ଏଲ୍‌ଜେପି ରାମବିଳାଶର ମୁଖ୍ୟ ଚିରାଗ ପାଶ୍ୱାନ ଏବଂ ହିନ୍ଦୁସ୍ତାନୀ ଆୱାମ ପାର୍ଟି (ଧର୍ମନିରପେକ୍ଷ)ର ଜିତନ୍‌ରାମ ମାଞ୍ଝି ମୋଦିଙ୍କ ଲୋକପ୍ରିୟତା ସାଙ୍ଗକୁ ବିହାରରେ ବିକାଶକୁ ପ୍ରସଙ୍ଗ କରି ବୈତରଣୀ ପାର ହେବାକୁ ଉଦ୍ୟମ କରିଛନ୍ତି। ଏଭଳି ସ୍ଥିତିରେ ବିରୋଧୀ ଇଣ୍ଡିଆ ବ୍ଲକ୍ ନୀତିଶଙ୍କଠାରୁ କ୍ଷମତା ଛଡ଼ାଇ ଆଣିବା ପାଇଁ ରଣନୀତି ପ୍ରୟୋଗ କରିଛି। ଗତ ନିର୍ବାଚନରେ ସବୁଠୁ ବଡ଼ ଦଳ ଭାବେ ☞ପୃଷ୍ଠା-୪





## ଆଣ୍ଡାମାନ ନିକୋବରରେ ଭୂକମ୍ପ

ପୋର୍ଟ ବ୍ଲେୟାର,୯।୧୧

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ରବିବାର ଦିନ ୧୨ଟା ୬ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୫.୪ ଏବଂ କେନ୍ଦ୍ରସ୍ଥଳ ଆଣ୍ଡାମାନ ସାଗର ନିକଟରେ ୯୦ କିଲୋମିଟର ଗଭୀରରେ ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସିସ୍ମୋଲୋଜି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭୂକମ୍ପର ତୀବ୍ରତା ୬.୦୭ ବୋଲି ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସ ପକ୍ଷରୁ ଆକଳନ କରାଯାଇଛି। ଏଥିରେ ଧନଜୀବନ ହାନିର କୌଣସି ଖବର ମିଳିନାହିଁ। ମାୟାବୁନ୍ଦର, ରଙ୍ଗାତ ଏବଂ ଉତ୍ତର ଓ ମଧ୍ୟ ଆଣ୍ଡାମାନ୍‌ର ଆଖପାଖ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ସତର୍କତା ପଦକ୍ଷେପ ସ୍ୱରୂପ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି।

# ଆମେରିକାରେ ଓଡ଼ିଆ ପୋଷ୍ୟକନ୍ୟାଙ୍କୁ ନିର୍ଯାତନା

## ଓଡ଼ିଶା ଫେରାଇ ଆଣିବାକୁ ଆକୁଳ ନିବେଦନ

ଭୁବନେଶ୍ୱର,୯।୧୧(ସତ୍ୟଜିତ ରାଉତ)

- ୮ବର୍ଷ ତଳେ ସାଙ୍ଗରେ ନେଇଯାଇଥିଲେ ଆମେରିକା ଦମ୍ପତି
- ସାଙ୍ଗଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ, ଓଡ଼ିଶାବାସୀଙ୍କୁ ଅନୁରୋଧ କଲେ

ଛୋଟବେଳେ ଟ୍ରେନ୍‌ରେ ମା' ଓ ବାପାଙ୍କଠାରୁ ଅଲଗା ହୋଇଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବାବେଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଯାଇଥିଲେ। ଆମେରିକୀୟ ମା', ବାପାଙ୍କୁ ପାଇ ନୂଆ ଜୀବନ ଜିଇବାକୁ ସ୍ୱପ୍ନ ଦେଖି ବଡ଼ ହୋଇଥିବା ଏହି ଯୁବତୀଙ୍କ ଆଖିରେ ଏବେ ଲୁହ। ସେ ହେଲେ ପୂଜା ନାୟକ ଓରଫ ସେଜଲ ଜୋହନ (୨୧)। ଆମେରିକାରେ ପୋଷ୍ୟକନ୍ୟା ଭାବେ ରହୁଥିବା ପୂଜା ଓଡ଼ିଶା ଫେରି ଆସିବାକୁ ଆକୁଳ ନିବେଦନ କରିଛନ୍ତି। ବାଲେଶ୍ୱରରେ ରହୁଥିବା ସାଙ୍ଗ ଅମର ଦାସଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରବିବାର ଏହି ଘଟଣା ପଦାକୁ ଆସିଛି।

ଅମର କହିଛନ୍ତି, ପୂଜା ନହରକଣ୍ଟାସ୍ଥିତ ପଲ୍ଲୀ ଉନ୍ନୟନ ସେବା ସମିତି କନ୍ୟା ଆଶ୍ରମରେ ରହି ପଢୁଥିବାବେଳେ ତାଙ୍କ ସହ ପରିଚିତ ହୋଇଥିଲା। ପୂଜା ଟ୍ରେନରେ ହଜିଯିବା ପରେ ☞ପୃଷ୍ଠା-୪



**ସଂକ୍ଷେପରେ**

## ଲୋଇସିଂହା ଥାନାରେ ବଦଳି ପାଲା

ଲୋଇସିଂହା,୯।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନାରେ ବଦଳି ପାଲା ଦେଖିବାକୁ ମିଳିଛି। ଗୋଟିଏ ସପ୍ତାହ ମଧ୍ୟରେ ୩ ଜଣ ଥାନା ଅଧିକାରୀଙ୍କ ଅଦଳବଦଳ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଅସୁସ୍ଥତା କାରଣରୁ ଛୁଟିରେ ଥିବା ଥାନା ଅଧିକାରୀ ଯାଜ୍ଞସିନୀ ନାୟକଙ୍କୁ ବଲାଙ୍ଗୀର ହେଡ କ୍ୱାଟରକୁ ରାତିଅଧିଆ ଗତ ୨ ତାରିଖରେ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ଉକ୍ତ ଥାନାରେ କାର୍ଯ୍ୟରତ ଏସଆଇ ତଥା ନିକଟରେ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇଥିବା ମନୋଜ ମୁଣ୍ଡାଙ୍କୁ ଅବସ୍ଥାପିତ କରାଯାଇଥିଲା। ଅଧିକାରୀ ମୁଣ୍ଡା କାର୍ଯ୍ୟଭାର ଗ୍ରହଣ କରିବାର ୪ ଦିନ ପରେ ଆକସ୍ମିକ ଭାବେ ୬ ତାରିଖ ସନ୍ଧ୍ୟାରେ ଜିଲା ପୋଲିସ କାର୍ଯ୍ୟାଳୟରୁ ପୁଣି ଏକ ନିର୍ଦ୍ଦେଶନାମା ବାହାରିଥିଲା। ସେହି ନିର୍ଦ୍ଦେଶନାମାରେ ଭାରପ୍ରାପ୍ତ ଥାନା ଅଧିକାରୀ ମୁଣ୍ଡାଙ୍କୁ ବଲାଙ୍ଗୀର ଟାଉନ ଥାନାକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଲୋଇସିଂହା ଥାନା ଅଧିକାରୀ ଭାବେ ସୁଜ୍ଞାନ ବାରିକଙ୍କୁ ଅବସ୍ଥାପିତ କରାଯାଇଛି। ଏପରି ଭାବେ ରାତିଅଧିଆ ବଦଳି ନିର୍ଦ୍ଦେଶନାମା ଘଟଣାକୁ ନେଇ ଜିଲା ପୋଲିସ କାର୍ଯ୍ୟାଳୟର ମିଡ୍ ନାଇଟ ଅପରେଶନ ବୋଲି ଲୋଇସିଂହା ଅଞ୍ଚଳରେ ମତ ପ୍ରକାଶ ପାଇଛି।

## ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ୧୫ ଜଣିଆ ଦଳ ମନୋନୀତ

**ସରିଲା ବ୍ଲକସ୍ତରୀୟ ପ୍ରତିଯୋଗିତା**

ଲୋଇସିଂହା,୯।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଝାରମୁଣ୍ଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୫ଜଣ ଦକ୍ଷ ଖେଳାଳି ଚୟନ କରାଯାଇଛି। ମନୋନୀତ ଏହି ୧୫ ଜଣିଆ ଦଳ ଆସନ୍ତା ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ଆଗଲପୁରଠାରେ ହେବାକୁ ଥିବା ଜିଲାସ୍ତରୀୟ ସ୍କୁଲ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବେ। ଏହାପୂର୍ବରୁ ଏହି ଟିମ୍ ଝାରମୁଣ୍ଡାସ୍ଥିତ ଓଏଭି ପଡ଼ିଆରେ ୩ଦିନ ଅଭ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରିକେଟ ପ୍ରତିଯୋଗିତାରେ ଲୋଇସିଂହା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୭୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଝାରମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷା ଡ .ଜ୍ୟୋର୍ତିମୟୀ ପଧାନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଲୋଇସିଂହା ବ୍ଲକ ସ୍ପୋର୍ଟସ ଆସୋସିଏଶନ ସମ୍ପାଦିକା ବିଦ୍ୟୁତ୍ ପ୍ରଭା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଶିକ୍ଷକ ବିଭୀଷଣ ପଧାନ, ଶିବ ପ୍ରସାଦ ବିଶି, ପ୍ରେମରାଜ ପଧାନ, ଜ୍ୟୋତି ରଞ୍ଜନ ମହାନନ୍ଦ, ବୀର ମହେନ୍ଦ୍ର ଖମାରୀ, ସତ୍ୟ ପଟେଲ, ଜଗଦୀଶ ନାଥ, ଜୟ କୁମାର ସାହୁ, ରାଜେଶ ସାହୁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# 'ପରିବର୍ତ୍ତନକୁ ଆପଣେଇଲେ ବି ସଂସ୍କୃତିକୁ ଭୁଲି ହୁଏନାହିଁ'

ବଲାଙ୍ଗୀର,୯।୧୧(ବୀରେନ୍ଦ୍ର କୁମାର ଝାଙ୍କର)



ମାସିକ ରଚନା ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ।

**ମାସିକ ରଚନା ସନ୍ଧ୍ୟା ଆଲୋଚନାଚକ୍ର**

ବଲାଙ୍ଗୀରର ଅଗ୍ରଣୀ ସାମାଜିକ-ସାହିତ୍ୟିକ-ସାଂସ୍କୃତିକ ଅନୁଷ୍ଠାନ 'ରଚନା' ପକ୍ଷରୁ ଅନୁଷ୍ଠିତ ମାସିକ ରଚନା ସନ୍ଧ୍ୟା ଆଲୋଚନାଚକ୍ର ଶନିବାର ସନ୍ଧ୍ୟାରେ ସ୍ଥାନୀୟ ପିପି ଏକାଡେମୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। 'ଆମ ସଂସ୍କୃତି ଓ ଆଧୁନିକତା' ଶୀର୍ଷକ ଆଲୋଚନାଚକ୍ରରେ ଅତିଥି ବକ୍ତା ଭାବେ ରାଜେନ୍ଦ୍ର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସତ୍ୟବନ୍ତ ବେଦବାକ ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗତିକୃଷ୍ଣ ଉଦଗାତା ଯୋଗଦେଇ ସଂସ୍କୃତି ଏବଂ ଆଧୁନିକତା କିଭଳି ଅଙ୍ଗାଙ୍ଗୀ ଭାବେ ଜଡିତ କହିଥିଲେ। କେବଳ କୌଣସି ବୟସ ବର୍ଗର ଲୋକଙ୍କ ଅଭିବ୍ୟକ୍ତି, କୌଣସି ଗୋଷ୍ଠୀ ବା ସମାଜର ଜୀବନ ଧାରାକୁ ଆମେ ନିର୍ଦ୍ଦିଷ୍ଟ ପରିଧିରେ ବାନ୍ଧି ସଂସ୍କୃତି ବୋଲି କହିପାରିବା ନାହିଁ ବୋଲି କହିଥିଲେ। ସମୟ ସହ ତାଳ ଦେଇ ଆମ ସମାଜ ମଧ୍ୟ ପରିବର୍ତ୍ତନକୁ ଆପଣେଇ ଥାଏ। କିନ୍ତୁ ଆମେ ଆମ ସଂସ୍କୃତି ଓ ପରମ୍ପରାକୁ ପାଶୋରି ଦେବା ଉଚିତ ନୁହେଁ। ଆଧୁନିକତାର ଅର୍ଥ ନିଜ ସଂସ୍କୃତିକୁ ଭୁଲିଯିବା ନୁହେଁ। ଆମ ଭାରତୀୟ ସଂସ୍କୃତି ଏକ ଶୃଙ୍ଖଳିତ ଜୀବନ ଶୈଳୀର ଶିକ୍ଷା ଦିଏ। ତେଣୁ ଏହାକୁ ଛାତ୍ର ଅବସ୍ଥାରୁ ଆଦରି ନେବା ଆବଶ୍ୟକ। ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପୁରାଣ ପ୍ରସଙ୍ଗ ଓ ପୁସ୍ତକର ଉଦାହରଣ ଦେଇ ଆମ ସଂସ୍କୃତିର ମହାନତା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ବକ୍ତା ଭାବେ ମହିଳା ମହାବିଦ୍ୟାଳୟର ଛାତ୍ରୀ ସୁଚିସ୍ମିତା ସିଂ ଓ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଛାତ୍ର ବରୁଣ ଚୌହାନ ଯୋଗଦେଇ ଆଧୁନିକତାକୁ ଆମେ ଏପରି ଭାବରେ ଆପଣାଇବା ଯାହା ଆମ ସଂସ୍କୃତିକୁ କୌଣସି ଆଘାତ ପହଞ୍ଚାଉ ନଥିବ ବରଂ ଆମକୁ ଆହୁରି ଶୃଙ୍ଖଳିତ କରୁଥିବ ବୋଲି ନିଜ ମତ ରଖିଥିଲେ। ଆଲୋଚନାଚକ୍ରରେ ଅଧ୍ୟାପକ ଡ଼ ଜଗନ୍ନାଥ ସାହୁ ସଂଯୋଜନା କରିଥିଲେ। ଶେଷରେ ସହସମ୍ପାଦକ ରନ୍ମୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ସନାତନ ଠାକୁର, ସମ୍ପାଦକ ଭାଗିରଥି ମିଶ୍ର, ଶିକ୍ଷାବିତ୍ ପଦ୍ମଚରଣ ଆଚାର୍ଯ୍ୟ, ରସରାଜ ଏ. ପୁରୋହିତ, କବୟିତ୍ରୀ ଜ୍ୟୋତି ସାହୁ, ବୃନ୍ଦେନ୍ଦ୍ର ବେହେରା, ସରୋଜ ମହାପାତ୍ର, ରତନ ମହାରଣା, ଓମ୍ ପ୍ରଣବ ନାୟକ, ନବ କିଶୋର ସାହୁ, ଜୟକୁମାର ଆଚାର୍ଯ୍ୟ, ମଧୁ ଦାଶ, ହୃଷୀକେଶ ପୁରୋହିତ, ମୃଗେଶ ପାଣିଗ୍ରାହୀ, ଦୟାନନ୍ଦ ପଣ୍ଡାଙ୍କ ସହ ବହୁ ସଂସ୍କୃତିପ୍ରେମୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଅନୁସୂଚିତ ଜାତି, ଜନଜାତି କର୍ମଚାରୀ ପରିଷଦର ବାର୍ଷିକ ସାଧାରଣ ସଭା


ବାର୍ଷିକ ସାଧାରଣ ସଭାରେ ମଞ୍ଚାସୀନ ଅତିଥି ଓ ସଦସ୍ୟ।

ବଲାଙ୍ଗୀର,୯।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଗୌଣ୍ଡୱାନା ଭବନଠାରେ ରବିବାର ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ବଲାଙ୍ଗୀର ଜିଲା ଶାଖାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବାବା ସାହେବ ଆମ୍ବେଡକର, ଧରତି ଆବା ବିର୍ସା ମୁଣ୍ଡା, ସାବିତ୍ରୀ ବାଇଫୁଲେ ଓ ଧରମସିଂ ମାଝି ମାନ୍ଧାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲା ସଭାପତି ମୀନକେତନ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ ଯୋଗଦେଇ ସାମାଜିକ ଉତ୍ତର ଦାୟିତ୍ୱ ଓ ସଙ୍ଗଠନର ମହତ୍ତ୍ୱ ଉପରେ କହିଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସୁନା ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ବୃନ୍ଦାବନ ନାଗ ବାର୍ଷିକ ଆୟବ୍ୟୟ, ସମ୍ପାଦକ (ସାଂସ୍କୃତିକ) ସୁରେନ୍ଦ୍ର ସେଠ୍ ଶୈକ୍ଷିକ କାର୍ଯ୍ୟାବଳୀ, କାର୍ଯ୍ୟକାରୀ ସଭାପତି କମଳ ଲୋଚନ ବିଶ୍ୱାଳ ଆର୍ଥିକ ପରିଚାଳନା ବିଷୟରେ କହିଥିଲେ। ଜିଲାର ବିଭିନ୍ନ ବ୍ଲକର ସଭାପତି, ସମ୍ପାଦକ ଏବଂ ସକ୍ରିୟ ସଭ୍ୟମାନେ ନିଜସ୍ୱ ବିବରଣୀ ଉପସ୍ଥାପନ କରିବା ସହ ପରିଷଦର ଉନ୍ନତି ଏବଂ ଧରତି ଆବା ବିର୍ସାମୁଣ୍ଡାଙ୍କ ଜୟନ୍ତୀକୁ ସରକାରୀ ଛୁଟି ଘୋଷଣା କରାଯାଉ ବୋଲି ପ୍ରସ୍ତାବ ଦେଇ ଏହାକୁ ଗୃହୀତ କରିଥିଲେ। ଜିଲାରେ ଉଲ୍ଲେଖନୀୟ ସଭ୍ୟ ସଂଗ୍ରହରେ ଗୁଡ଼ଭେଲା ବ୍ଲକ ପ୍ରଥମ, ଦେଓଗାଁ ବ୍ଲକ ଦ୍ୱିତୀୟ ଓ ବେଲପଡ଼ା ବ୍ଲକ ତୃତୀୟ ହୋଇଥିବାରୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ସଭାପତି ରଘୁନାଥ ପୁଝାରୀ, ଖୁସିରାମ ମଲ୍ଲିକ, ପ୍ରିୟବ୍ରତ କୁମୁରା, ନକୁଳ ମାଝି, ଉମ୍ବରୁଧର ଧରୁଆ, ଶୁକ୍ରୁ ଧରୁଆ, ସମ୍ପାଦକ ସତ୍ୟଜିତ ଛତ୍ରିଆ, ହୋଲେଶ୍ୱର ଧରୁଆ, କାର୍ତ୍ତିକ ହରପାଲ, ପର୍ଶୁରାମ ସୁନା, ସକ୍ରିୟ ସଭ୍ୟ ମହେନ୍ଦ୍ର ନାଗ, ଏ.କେ. ନାଗ, କଳିଙ୍ଗ ସୁନା, ଭଗତ ନାଗ, ତରୁଣ ସିଂ ଦୀପ, ସହଦେବ ଧରୁଆ, ଛବିନ୍ଦ୍ର ବେହେରା, ଗୋପାଳ ଭୁଏ, ବିରଞ୍ଚି ମାଝି, ବବୃ ନାଗ, ଯୋଗେନ୍ଦ୍ର ଦଳପତି ଓ ସରକାରୀ ମହାବିଦ୍ୟାଳୟର ଅଧ୍ୟାପିକା ରମଣୀ ନାଏକ ସୁଚିନ୍ତିତ ମତାମତ ଦେଇଥିଲେ। ଆଗାମୀ ବର୍ଷ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଅତିରିକ୍ତ ସମ୍ପାଦକ ନୀଳକଣ୍ଠ ସୁନା ସଭା ପରିଚାଳନା କରିଥିଲେ। ଶେଷରେ ବ୍ଲକ ସଚିବ ଗଦି ସୁନା ଧନ୍ୟବାଦ ଦେଇଥିଲେ।

# ଆବାସ ଯୋଜନା ପାଲଟିଛି ସାତସପନ

ଦେଓଗାଁ,୯।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ଭଙ୍ଗା ଘରେ ଦିନ କାଟୁଛନ୍ତି ୨ ପରିବାର**


ଘର ଆଗରେ ମୈଥିଳି।


ସୁରୁସୂତା।

ଗରିବ ପରିବାରଙ୍କ ପାଇଁ ସରକାର ଅନେକ ଉନ୍ନୟନମୂଳକ ଯୋଜନା ପ୍ରଣୟନ କରିଛନ୍ତି। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ୟତମ। ଏହି ଯୋଜନାରେ ଯେଉଁମାନଙ୍କର କଚ୍ଚାଘର ବା ବାସହୀନ ସେହି ପରିବାରକୁ ଅନ୍ତର୍ଭୁକ୍ତ କରି ପକ୍କାଘର ଯୋଗାଇ ଦେବା ମୂଳଲକ୍ଷ୍ୟ । ହେଲେ କେତେଜଣ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏହି ଯୋଜନା ଦେଓଗାଁ ଅଞ୍ଚଳରେ ବାଟବଣା ହେବାରେ ଲାଗିଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ମୁଖ୍ୟାଳୟରେ। ଏଠାରେ ମୈଥିଳି ନାଗ ଓ ସୁରୁସୂତା ବାଗଙ୍କ ପରିବାର ରୁହନ୍ତି। ଉଭୟ ପରିବାର ଲୋକ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି । ଏହି ଦୁଇ ପରିବାର ଝାଟିମାଟି ଭଙ୍ଗା ଦଦରା ଘରେ ଅସୁରକ୍ଷିତ ଭାବେ ବର୍ଷ ବର୍ଷ ଧରି ରହି ଆସୁଛନ୍ତି । ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ବାରମ୍ବାର ପଞ୍ଚାୟତ ଓ ବ୍ଲକକୁ ଯାଇ ଆବେଦନ କରୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଉକ୍ତ ପରିବାରବର୍ଗଙ୍କ କହିବା ଅନୁଯାୟୀ, ଆବାସ ଯୋଜନାରେ ଘର ପାଇଁ ପଞ୍ଚାୟତକୁ ଗଲେ ବ୍ଲକକୁ ପଠାଉଛନ୍ତି ଓ ବ୍ଲକକୁ ଗଲେ ପଞ୍ଚାୟତରେ ବୁଝ ବୋଲି କହୁଛନ୍ତି । ଏପରି ସ୍ଥଳେ କାହାକୁ ଗୁହାରି କରିବେ ଦ୍ୱନ୍ଦ୍ୱରେ ରହି ଭାଗ୍ୟକୁ ଆଦରି ପଡି ରହିଥିବା କ୍ଷୋଭର ସହ କହିଛନ୍ତି । ସୁରୁସୂତାଙ୍କ ସ୍ୱାମୀ ଧ୍ରୁବା ବାଗଙ୍କ କହିବା ଅନୁଯାୟୀ, ଖରା ଓ ଶୀତ ଦିନେ କଷ୍ଟେ ମଷ୍ଟେ ଚଳି ଯାଉଥିବା ବେଳେ ବର୍ଷା ମାସରେ ସେମାନଙ୍କ ଦୁର୍ଦ୍ଦଶା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ । ଏଣୁ ନିରପେକ୍ଷ ଭାବେ ସର୍ଭେ କରି ଏହି ଦୁଇ ପରିବାରକୁ ଆବାସ ଯୋଜନାରେ ସାମିଲ କରିବାକୁ ସାଧାରଣରେ ଦାବି ହୋଇଛି । ଏ ନେଇ ସରପଞ୍ଚ ଯଶୋବନ୍ତୀ ନାଏକଙ୍କୁ ପଚାରିବାରେ ଜଣଙ୍କର ନିଜ ଘର ଡିହ ନ ଥିବା ବେଳେ ଅନ୍ୟ ଜଣଙ୍କର ଅଧିକ ଚାଷଜମି ରହିଥିବା ସର୍ଭେରେ ଜଣାପଡିବାରୁ ସେମାନେ ତାଲିକାରୁ ବାଦ ପଡିଛନ୍ତ । ସେମାନେ କେମିତି ଘର ପାଇପାରିବେ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି ।

# କ୍ଷତିପୂରଣ ପାଇଁ ଅଧିଗୃହୀତ ଜମିରେ ତୋଳା ଚାଲିଛି ପକ୍କା ଘର

ଟିଟିଲାଗଡ଼,୯।୧୧(ଶରତ ମିଶ୍ର)

ଟିଟିଲାଗଡ଼ ଷ୍ଟେଶନର ରେଳ ଜଙ୍କସନକୁ ପ୍ରବେଶ କରୁଥିବା ମାଲବାହୀ ଟ୍ରେନଗୁଡିକର ବାଇପାସ୍ ନେଇ ପ୍ରାୟ ୮୦୦ କୋଟି ଟଙ୍କା ରେଳ ବିଭାଗ ମଞ୍ଜୁର କରିଛି। ଏନେଇ ଭୂ ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ରେଳବିଭାଗ ଅଧିକାରୀଙ୍କ ସମେତ ଜିଲା ଭୂ ଅଧିଗ୍ରହଣ ଅଧିକାରୀଙ୍କ ଭୂମିକାକୁ ନେଇ ଟିଟିଲାଗଡ଼ ଅଞ୍ଚଳରେ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବତଟ ରେଳବାଇ ଅଧୀନରେ ଥିବା ଟିଟିଲାଗଡ଼ ରେଳ ଜଙ୍କସନର ଟିଟିଲାଗଡ଼ ସହର ନିକଟସ୍ଥ ଶିକେର ଏବଂ ରହେନଭଟା ରେଳଷ୍ଟେଶନ ମଧ୍ୟରେ ତିନିଗୋଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିପାଇଁ ସ୍ଥାନୀୟ ଖଜୁରପଡ଼ା ଅଞ୍ଚଳରେ ବର୍ତ୍ତମାନ ଜମି ଅଧିଗ୍ରହଣ କାମ ଜାରି ରହିଛି । ଶିକେର ଷ୍ଟେଶନରୁ ରହେନଭଟା ଷ୍ଟେଶନକୁ ବାଇପାସ୍ ରେଳ ଲାଇନ ନିର୍ମାଣ କାମ ସାଙ୍ଗକୁ ଦୀର୍ଘ ଆଠ କିଲୋମିଟର ବିଶିଷ୍ଟ ଓଭର ବ୍ରିଜ ନିର୍ମାଣ ସହ ଭୂତଳ ଗ୍ୟାସ ପାଇପ ନେଇ ଯୋଜନା ରହିଛି। ହେଲେ କେତେକ ଅସାଧୁ ବ୍ୟକ୍ତି ରାତାରାତି ଧନୀ ହେବା ଆଶାରେ ଚଞ୍ଚକତା କରୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ଦ୍ୱାରା କ୍ଷତିପୂରଣ ପାଇଁ ଖଜୁରୀପଡାଠାରେ ରେଳ ବିଭାଗ ଅଧିଗୃହୀତ ଜମି ଉପରେ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲୁଥିବା ଦେଖାଯାଉଛି। ଏନେଇ ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟଙ୍କୁ ଯୋଗାଯୋଗ କରିବାରେ ରେଳ ବିଭାଗର ପ୍ରକଳ୍ପ ନିର୍ମାଣ ନେଇ ଅଧିଗ୍ରହଣ ହୋଇଥିବା ଜମିରେ ରାତାରାତି ପକ୍କା ଗୃହ ନିର୍ମାଣ ଅଭିଯୋଗ ନେଇ ସେ ବଲାଙ୍ଗୀର ଜିଲାପାଳଙ୍କୁ ଅବଗତ କରିଛନ୍ତି । ଏହାର ସରଜମିନ ତଦନ୍ତ କରାଯିବ ବୋଲି ସେ ଗଣମାଧମ ପ୍ରତିନିଧିଙ୍କୁ କହିଛନ୍ତି।

# ଜାତୀୟ ଆଇନ ସେବା ଦିବସ ପାଳିତ



ଜାତୀୟ ଆଇନ ସେବା ଦିବସ ପାଳନ ଅବସରରେ ଉପସ୍ଥିତ ସିଭିଲ କୋର୍ଟର ବିଚାରପତି।

କଣ୍ଟାବାଞ୍ଜି,୯।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ଦ୍ୱାରା କଣ୍ଟାବାଞ୍ଜି ଥାନା ଧାମନଡଙ୍ଗାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରବିବାର ଦିନ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଏହି ଦିବସ ପାଳନ ଅବସରରେ ଧାମନଡଙ୍ଗା ଗ୍ରାମର ଜନସାଧାରଣ ସାମିଲ ହୋଇଥିଲେ । ସ୍ଥାନୀୟ ସିଭିଲ କୋର୍ଟ ଆଇନ ସେବା ପ୍ରାଧିକରଣ କମିଟି ଦ୍ୱାରା ଏହା ଆୟୋଜିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ସିଭିଲ କୋର୍ଟ ବରିଷ୍ଠ ସିଭିଲ ଜଜ୍ ସରୋଜିନୀ ସାହୁ, ଜେଏମଏଫସି ରାହୁଲ କୁମାର ଜେନା ଯୋଗଦେଇ ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ।

# ବଙ୍ଗୋମୁଣ୍ଡାରେ ତାଲିମ ଶିବିର ଅନୁଷ୍ଠିତ


ଶିବିରରେ ଯୋଗ ଦେଇଥିବା ମହିଳା।

ମୁରିବାହାଲ,୯।୧୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡାଠାରେ ରବିବାର ହମାରା ରୋଜଗାର ଫାଉଣ୍ଡେଶନ ତରଫରୁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବଙ୍ଗୋମୁଣ୍ଡା ବ୍ଲକର ୧୭ ଗୋଟି ପଞ୍ଚାୟତରୁ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ହମାରା ରୋଜଗାର ଫାଉଣ୍ଡେଶନ ତରଫରୁ ସର୍ଫ ପାଉଡର, ଫିନାଇଲ, ଟଏଲେଟ କ୍ଲିନର, ଲିକ୍ୱିଡ ଡିଟରଜେଣ୍ଟ ଘରେ ରହି କିପରି ନିଜେ ତିଆରି କରିପାରିବେ ସେ ଉପରେ ତାଲିମ ଦିଆଯାଇଥିଲା। ଶିବିରରେ ଅନୁଷ୍ଠାନର ପ୍ରତିଷ୍ଠାତା ଭୈରବ ସତନାମୀ ଓ ଦୁଲ୍ଲବ ପଟେଲ ଯୋଗଦେଇ ଏହି ତାଲିମ ନେବା ପରେ ଭବିଷ୍ୟତରେ ଏହାକୁ ବ୍ୟବସାୟ ଭାବେ ଗ୍ରହଣ କରି ଆତ୍ମନିର୍ଭରଶୀଳ ହେବାକୁ କହିଥିଲେ। ଉକ୍ତ ଉତ୍ପାଦକଗୁଡିକ ସମ୍ପର୍କରେ ମହିଳାଙ୍କୁ ତାଲିମ ମାଧ୍ୟମରେ ସଚେତନ କରାଯାଇଥିଲା। ଶିବିରରେ ସିନ୍ଧେକେଲା, ଝରିଆଲ, ଭାଲୁମୁଣ୍ଡା, ମୁଣ୍ଡପଦର, ଜାମଖୁଣ୍ଟା, କପିଲାଭଟା, ଭୁର୍ଷାଗୁଡା, ଅଲଣ୍ଡା, କଁସିଲ, ତୁରେକେଲା, ବଙ୍ଗୋମୁଣ୍ଡା ପଞ୍ଚାୟତ ସହ ଅନ୍ୟ ପଞ୍ଚାୟତ ର ମହିଳାମାନେ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ। ଏହି ଶିବିରରେ ରୋଜଗାର ମିତ୍ରମାନେ ଉପସ୍ଥିତ ଥିଲେ। ଏଥିରେ ବଙ୍ଗୋମୁଣ୍ଡା ବ୍ଲକ ସଂଯୋଜକ ଭୋଜରାଜ ରଣା, ବବିତା ସାହୁ, ଲବଙ୍ଗ ସାହୁ, ଆରତୀ ବେହେରା, ତରୁଲତା ବେହେରା, କଲ୍ୟାଣୀ ମଜଖଣ୍ଡ, ଧରିତ୍ରୀ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ୨ ଦାଦନ ଶ୍ରମିକ ଉଦ୍ଧାର

କଣ୍ଟାବାଞ୍ଜି,୯।୧୧(ଗୁରୁଦୟାଲ ହଂସ)


ଉଦ୍ଧାର ଦାଦନ ଶ୍ରମିକ।

ବଲାଙ୍ଗୀର ଜିଲା ତୁରେକେଲା ଥାନା ପୋଲିସ ଶନିବାର ଦିନ ଚଢାଉ କରି ୨ଜଣ ଦାଦନ ଶ୍ରମିକ ଓ ସେମାନଙ୍କ ସହ ଥିବା ୨ ନାବାଳିକା, ଜଣେ ନାବାଳକଙ୍କୁ ଉଦ୍ଧାର କରିଛି। ପ୍ରକାଶ ଯେ, ବେଲପଡା ଥାନା ଅଧୀନ ପଦମପୁର ଗ୍ରାମର ଦାଦନ ସର୍ଦ୍ଦାର ହେମରାଜ କୁମ୍ଭାର(୨୮) ଏକ ଅଟୋରେ ତୁରେକେଲା ଥାନା ଗଡଗଡବାହାଲ ଗ୍ରାମରୁ ଶ୍ରମିକ ଓ ନାବାଳକଙ୍କୁ ରାଜ୍ୟ ବାହାରକୁ ଚାଲାଣ ପାଇଁ ନେଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଟରେ ପୋଲିସ ଚଢାଉ କରିଥିଲା। ଏହି ଘଟଣାରେ ପୋଲିସ ଦାଦନ ସର୍ଦ୍ଦାର କୁମ୍ଭାର ଓ ଅଟୋ ଚାଳକ ଲଳିତ ଖୁରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କୋର୍ଟରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ତରଫରୁ ସୂଚନା ମିଳିଛି । ଏନେଇ ତୁରେକେଲା ଥାନାରେ ନଂ.୩୧୯/ ୨୦୨୫ରେ ମାମଲା ରୁଜୁ ହୋଇଛି।

**ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସ୍ୱତନ୍ତ୍ର ଅଧିବେଶନ**

# 'ଆର୍ଥିକ ବିଷମତା ବୃଦ୍ଧି ଚିନ୍ତାର କାରଣ'

ବଲାଙ୍ଗୀର,୯।୧୧(ବୀରେନ୍ଦ୍ର କୁମାର ଝାଙ୍କର)



ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସ୍ୱତନ୍ତ୍ର ସମ୍ମିଳନୀ ଏଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ୧୭ଟି ଜିଲାରେ କାମ କରୁଥିବା ଗ୍ରାମୀଣ ବ୍ୟାଙ୍କର ଶତାଧିକ କର୍ମଚାରୀ ଯୋଗଦାନ କରିଥିଲେ। ସଂଘ ସଭାପତି ପୁଲିନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଯୋଗଦାନ କରି ପ୍ରଥମେ ପତାକା ଉତ୍ତୋଳନ କରିବା ସହ ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପଗୁଚ୍ଛ ଅର୍ପଣ କରି ସଂଗ୍ରାମୀ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ଅଭିଜିତ ଗଡତ୍ୟା ଅତିଥି ପରିଚୟ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକଙ୍କ ବିବରଣୀ ଉପରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ମିଶ୍ର ସାମ୍ପ୍ରତିକ ସ୍ଥିତିରେ ସଂଘର ଭୂମିକା ଓ ସରକାରଙ୍କ ଆର୍ଥିକ ପରିଚାଳନା ନୀତିର ସମାଲୋଚନା କରିଥିଲେ। ଆର୍ଥିକ ବିଷମତା କିଭଳି ଉଗ୍ରରୂପ ଧାରଣ କଲାଣି ସେ ଉପରେ କହି ଏ ଦିଗରେ ସରକାର ଉଚିତ୍ ପଦକ୍ଷେପ ନ ନେଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଚେତାବନୀ ଦେଇଥିଲେ। ସର୍ବଭାରତୀୟ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ମୁଖ୍ୟବକ୍ତା ଭାବେ ଶିବ୍‌କରଣ ଦ୍ୱିବେଦୀ ଯୋଗଦେଇ ଭାରତ ଭଳି ଗ୍ରାମବହୁଳ ଦେଶରେ ଗ୍ରାମୀଣ ବ୍ୟାଙ୍କର ଭୂମିକା ଓ ଏବେକାର ସରକାରଙ୍କ ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ବକ୍ତା ଭାବେ ଛତିଶଗଡ ଗ୍ରାମୀଣ ବ୍ୟାଙ୍କ ଅଫିସର ସଂଘ କାର୍ଯ୍ୟକର୍ତ୍ତା ରୋନକ ତ୍ରିପାଠୀ, ପ୍ରଦୀପ ଷଡଙ୍ଗୀ, ପ୍ରକାଶ ରାୟ, ଓଡିଶା ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ପ୍ରତିମ ପୁହାଣ, ଓଡିଶା ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଦ୍ୱାରିକାନାଥ ପଟେଲ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମହିଳା ସବ୍‌କମିଟି ଆବାହକ ଲତିକା ସେଠ, ଅସ୍ଥାୟୀ କର୍ମଚାରୀ ସଂଘ ସମ୍ପାଦକ ପ୍ରଦୀପ ରାଉତ, ଟ୍ରେଡ ୟୁନିୟନ ନେତା ବିଭୁଦତ୍ତ ମିଶ୍ର, ଆଇଏନ୍‌ଟିୟୁସି ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ। ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଆଲୋକ ପଧାନ, ସନ୍ତୁଜିତ ମିଶ୍ର, କରୁଣାକର ପ୍ରଧାନ, ପିଙ୍କୁ ଯୋଷୀ, ବିଭୁଦତ୍ତ ପଣ୍ଡା, କୌଦଣ୍ଡଧର ବାଗ, ରୋହିତ ପଟ୍ଟନାୟକ, ବିଧୁଶେଖର ନନ୍ଦ, ଲିଙ୍ଗରାଜ ନାଏକ, ଶୁଭେନ୍ଦୁ କୁମାର ସାହୁ, ରୋଶନ ମିଶ୍ର ଓ ଅନ୍ୟ ନେତୃମଣ୍ଡଳୀ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରତାପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଶନି ମନ୍ଦିରରୁ ଚୋରି ଉଦ୍ୟମ ବିଫଳ

ବିନିକା,୯।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପଞ୍ଚାୟତ ସଦର ଗାଁ ଚରଦାରେ ଥିବା ପ୍ରଭୁ ଶନିଦେବ ମହାରାଜଙ୍କ ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ବିଫଳ ହୋଇଛି। ଚୋରମାନେ କୌଣସି ଜିନିଷ ପତ୍ର ଚୋରି କରି ନେବାରେ ବିଫଳ ହେବା ପରେ ସାଙ୍ଗରେ ଆଣିଥିବା ଛୁରି, ରେଞ୍ଚି, ପ୍ଲାସ ଓ ଟର୍ଚ୍ଚ ଲାଇଟ ଅରଦି ଛାଡି ପଳାଇ ଯାଇଛନ୍ତି। ଏନେଇ ବିନିକା ଥାନାରେ ଲିଖିତ ଅଭିଯୋଗ ପରେ ଏସଆଇ ଅନିଲ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମନ୍ଦିର କମିଟି ସଭାପତି ଓ କେତେଜଣ ଭକ୍ତଙ୍କ କହିବା ଅନୁସାରେ ଚୋରମାନେ ପ୍ରଥମେ ଶ୍ରୀ ଶନିଦେବଙ୍କ ନିକଟରେ ଦୀପ ଜାଳି ଓ ଯୋଡ଼ା ନଡ଼ିଆ ବାଡେଇ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିରର ଭଣ୍ଡାର ଘରର ଦୁଇଟି ତାଲା ଓ ରୋଷେଇ ଘରର ଗୋଟିଏ ତାଲା କାଟି ପଶିଥିଲେ। କିନ୍ତୁ ଶନିଦେବଙ୍କ ଆଲୋକିକ ଶକ୍ତି ପ୍ରଭାବରେ କିଛି ଚୋରି କର ନ ପାରି ଭୟରେ ଚାଲିଯାଇଛନ୍ତି। ପୋଲିସ ତଦନ୍ତ କରୁଥିବା ସମୟରେ ମନ୍ଦିର କମିଟି ସଭାପତି ସନ୍ତୋଷ ସାହୁ, ପୂଜକ ସାହେବ ମିଶ୍ରଙ୍କ ସହ ଧ୍ରୁବର ବେରିହା, ଦନାର୍ଦନ ସାହୁ, ସୁଶାନ୍ତ ବାରିକ, ମଧୁସୂଦନ ସାହୁ, ଲୋକନାଥ ବାରିକ, ମଣ୍ଟୁ ହୋତା, ଗୋକୁଳ ବାରିକ, କଲୁ ବାଗ ଆଦି ଅନେକ କମିଟି ସଦସ୍ୟ ଓ ଭକ୍ତ ଉପସ୍ଥିତ ଥିଲେ।

### ଗୋକୁଳାଷ୍ଟମୀ ମହୋତ୍ସବର ଶୁଭାରମ୍ଭ

ବିନିକା,୯।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା କଂସାରୀ ପଡାଠାରେ ୨୪୨ତମ ଗୋକୁଳାଷ୍ଟମୀ ମହୋତ୍ସବ ପାଇଁ ରବିବାର ଶୁଭାରମ୍ଭ ହୋଇଛି। ପ୍ରଥମ ରାତିରେ ହୋମଯଜ୍ଞ, ମହା ଆଳତୀ ଶ୍ରୀକୃଷ୍ଣଙ୍କ ସହିତ ଗୋପୀ ମାନଙ୍କର ନୃତ୍ୟ ପରିବେଷଣ ହୋଇଥିଲା। ପୂଜକ ଭାବେ ସର୍ବେଶ୍ୱର ପୁରୋହିତ, ମାନଭଞ୍ଜନ ପୂଜାରୀ କାର୍ଯ୍ୟ ତୁଲାଇଥିଲେ। ପୌରାଣିକ ନାଟକ ଶ୍ରୀକୃଷ୍ଣଙ୍କ ଲୀଳା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। କୃଷ୍ଣ ଭୂମିକାରେ ଶ୍ରୀମାନ ସାହୁ, ବଳରାମ କାହ୍ନୁ ମାହାଣା, ଗୋପୀ ବିବେକ ସାହୁ, ଅର୍ପିତ ସାହୁ, ବଜରଙ୍ଗ କୁଷ୍ମା ଅଭିନୟ କରିଥିଲେ। କମିଟି ସଭାପତି ମନୋଜ ଦାସ, ସମ୍ପାଦକ ଚିତ୍ତରଞ୍ଜନ ଦାସ, ନୃତ୍ୟଗୁରୁ ରଘୁନାଥ ମାହାଣା, ଶିବଶଙ୍କର ଦାସ, ସଦସ୍ୟ ଯୀଶୁ ସାହୁ, ଜୟନାରାୟଣ ସାହୁ, ଉମାକାନ୍ତ ଦାସ, ଦେବାଂଶୁ ସାହୁ, ସଞ୍ଜୟ ସାହୁ, ସୀତାରାମ ଦାସ, ସୀତାରାମ ମାହାଣା, ସୂର୍ଯ୍ୟ ଦାସ ପରିଚାଳନା କରିଥିଲେ।

### ଅଞ୍ଚଳର ସମସ୍ୟାକୁ ପ୍ରଶାସନ, ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯିବ

ବୀରମହାରାଜପୁର,୯।୧୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘର ଏକ ବୈଠକ ମୈତ୍ରୀ ସଦନଠାରେ ରବିବାର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଙ୍ଗତ ସଦସ୍ୟ ଉରୁକ୍ରମ ପାଣ୍ଡିଆଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବରିଷ୍ଠ ସଦସ୍ୟ ଗୌରଚନ୍ଦ୍ର ପରିଛାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ସଭାପତି ଖଣ୍ଡଗିରି ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ସହିତ ଏକ ସ୍ମରଣିକା ପ୍ରକାଶ କରିବାକୁ ପ୍ରସ୍ତାବ ଦେଇଥିଲେ। ସଂଘର ବାକି ଥିବା କାର୍ଯ୍ୟକୁ ସମସ୍ତ ସଦସ୍ୟ ଏକତ୍ରିତ ହୋଇ କରିବାକୁ ବରିଷ୍ଠ ସଦସ୍ୟ ନନ୍ଦ କିଶୋର ମିଶ୍ର, ସୌମିତ୍ରୀ ମେହେର, ଆଦିତ୍ୟ ମିଶ୍ର ଓ ସମ୍ପାଦକ ବାସୁଦେବ ପଣ୍ଡା ପ୍ରସ୍ତାବ ଦେଇଥିଲେ। ଆଗାମୀ ଦିନରେ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପଖଣ୍ଡ ପ୍ରଶାସନ, ଜିଲା ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରି କିପରି ସମାଧାନ ହୋଇପାରିବ ଆଲୋଚନା ହୋଇଥିଲା। ବୈଠକରେ ଅଜିତ କୁମାର ପାଣିଗ୍ରାହୀ, କିଶୋର କୁମାର ହୋତା, ରବୀନ୍ଦ୍ର ହୋତା, ସତ୍ୟବାନ ପୁରୋହିତ, ରାଧାକାନ୍ତ ବାଗ, ବିଭୂତି ହୋତା, ସୁଧିର କୁମାର ବିଶ୍ୱାଳ, ଶେଷଦେବ ବାରିକ, ରାଜେଶ କୁମାର ସେଠୀ, କାମପାଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ବର୍ଷକୁ ୪ ଥର ଏକଜିକ୍ୟୁଟିଭ ବଡ଼ି ବୈଠକ ଓ ଦୁଇଥର ସାଧାରଣ ବୈଠକ କରିବାକୁ ସର୍ବସମ୍ମତି ଭାବେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆଗାମୀ ୧୭ ତାରିଖରେ ଆଉ ଏକ ସାଧାରଣ ବୈଠକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଯୁଗଳ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଜିଟାଲ ଯୁଗରେ ଶିକ୍ଷିତ, ସ୍ମାର୍ଟ ହୁଅ

## ସୁବର୍ଣ୍ଣପୁରରେ ଗଡିଲା ସାଇବର ସୁରକ୍ଷା ସଚେତନତା ରଥ

ସୋନପୁର,୯।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଜନସାଧାରଣଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାରେ ସାଇବର ସୁରକ୍ଷା ସଚେତନତା ରଥର ରବିବାର ଶୁଭାରମ୍ଭ ହୋଇଛି। ଏସ୍‌ପି ନାରାୟଣ ରଥ ଓ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଛନ୍ତି। ଏକ ସପ୍ତାହ ଧରି ଏହି ରଥ ଜିଲାର ସମସ୍ତ ବ୍ଲକ ଓ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିବ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସୁବର୍ଣ୍ଣପୁର ସହରର ନଳିନୀ ଛକଠାରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ପୋଲିସ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ, ଏନ୍‌ସିସି କ୍ୟାଡେଟ୍ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଶୋଭାଯାତ୍ରା ବସଷ୍ଟାଣ୍ଡ, ମଝିପଡା, କଚେରି ଛକ, ଆମ୍ବେଡକର ଛକ ଦେଇ ରୟାଲ



ଏସ୍‌ପି ଓ ଅତିରିକ୍ତ ଜିଲାପାଳ ସାଇବର ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ।

ପଡିଆ ଠାରେ ପହଞ୍ଚିବା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ନାୟକ ଯୋଗଦେଇ ଡିଜିଟାଲ ଯୁଗରେ ସମସ୍ତେ ଶିକ୍ଷିତ ହେବା ଓ ସ୍ମାର୍ଟ ହେବା ପାଇଁ ପରାମର୍ଶ ଦେଇଥିଲେ। ସାଇବର ସୁରକ୍ଷା ପାଇଁ ଆବଶ୍ୟକ ସାବଧାନତା ବିଷୟରେ ଏସ୍‌ପି ଆଲୋଚନା କରିବା ସହ ଓଟିପି, ପିନ୍ ଓ ବ୍ୟାଙ୍କିଙ୍ଗ୍ ପାସୱାର୍ଡ କେବେବି କାହାକୁ ସେୟାର ନ କରିବା, ସନ୍ଦେହଜନକ ଲିଙ୍କ୍ ଉପରେ କ୍ଲିକ୍ ନ କରିବା, କ୍ଲିକ୍ କରିବା ପୂର୍ବରୁ ଭାବିବା, ସୁରକ୍ଷିତ ବ୍ୟାଙ୍କିଙ୍ଗ୍ ଅଭ୍ୟାସ, ସୋସିଆଲ ମିଡିଆରେ ସତର୍କତା ଓ ସୁରକ୍ଷିତ ଅନଲାଇନ ସର୍ଫିଂ ଉପରେ ବୁଝାଇଥିଲେ। ଅତିରିକ୍ତ ଜିଲାପାଳ ପ୍ରଧାନ ଯୋଗଦାନ କରି ସାଇବର ସୁରକ୍ଷା ପାଇଁ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏଆଇ ଯୁଗରେ ସାଇବର କ୍ରାଇମ୍ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ଆମକୁ ସତର୍କ ରହିବାକୁ ପଡିବ। ଅଜଣା ଭିଡିଓ କଲ୍ ଓ ହ୍ୱାଟ୍ସଅପ କଲ ପ୍ରତି ସତର୍କ ରହିବା, ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ ଉପରେ ସେ ଆଲୋଚନା କରିଥିଲେ। ଅତିରିକ୍ତ ବନ ସଂରକ୍ଷକ ଗିରିଧାରୀ ନାଗ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନଲାଇନ ଠକେଇ ଏବେ ବୃଦ୍ଧି ପାଇଛି। ଠକମାନେ ନକଲି ଜିନିଷକୁ ଦେଖାଇ ବନ୍ୟଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ ବିକ୍ରି ଆଳରେ ଲୋକଙ୍କୁ ଠକୁଥିବା କହିଥିଲେ। ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଓ ପୌର ନିର୍ବାହୀ ଅଧିକାରୀ ଋଷି ମାଝୀ ଯୋଗଦେଇ ସାଇବର ସୁରକ୍ଷା ପାଇଁ ସତର୍କତା ହିଁ ଏକମାତ୍ର ରାସ୍ତା ବୋଲି ମତପ୍ରକାଶ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ କେ ହରିପ୍ରସାଦ ସଭାକୁ ସଂଯୋଜନା କରିଥିଲେ। ଉପ ଆରକ୍ଷୀ ଅଧୀକ୍ଷକ ପ୍ରତାପ କୁମାର ରଣା, ରେଣୁକା ସୁନା, ବୈକୁଣ୍ଠ ବିହାରୀ ସେଠ୍, ଚନ୍ଦ୍ର ଶେଖର ଶବର, ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ସୋନପୁର ଆଇଆଇସି ତାପସ କୁମାର ଭୋଇ, ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ କାହ୍ନୁ ଚରଣ ମାରାଣ୍ଡି, ଭକ୍ତବନ୍ଧୁ ସେଠ୍ ଓ ନୀଳକଣ୍ଠ କହଁର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲାର ସମସ୍ତ ପୋଲିସ କର୍ମଚାରୀ, ବିଭିନ୍ନ କଲେଜ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ରହି ସାଇବର ସୁରକ୍ଷାର ମୂଳମନ୍ତ୍ର ସମ୍ପର୍କରେ ସଚେତନ ହୋଇଥିଲେ।

### ଲୋଇସିଂହା ଥାନାରେ ବଦଳି ପାଲା

ଲୋଇସିଂହା,୯।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନାରେ ବଦଳି ପାଲା ଦେଖିବାକୁ ମିଳିଛି। ଗୋଟିଏ ସପ୍ତାହ ମଧ୍ୟରେ ୩ ଜଣ ଥାନା ଅଧିକାରୀଙ୍କ ଅଦଳବଦଳ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଅସୁସ୍ଥତା କାରଣରୁ ଛୁଟିରେ ଥିବା ଥାନା ଅଧିକାରୀ ଯାଜ୍ଞସିନୀ ନାୟକଙ୍କୁ ବଲାଙ୍ଗୀର ହେଡ କ୍ୱାଟରକୁ ରାତିଆଧିଆ ଗତ ୨ ତାରିଖରେ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ଉକ୍ତ ଥାନାରେ କାର୍ଯ୍ୟରତ ଏସଆଇ ତଥା ନିକଟରେ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇଥିବା ମନୋଜ ମୁଣ୍ଡାଙ୍କୁ ଅବସ୍ଥାପିତ କରାଯାଇଥିଲା। ଅଧିକାରୀ ମୁଣ୍ଡା କାର୍ଯ୍ୟଭାର ଗ୍ରହଣ କରିବାର ୪ ଦିନ ପରେ ଆକସ୍ମିକ ଭାବେ ୬ ତାରିଖ ସନ୍ଧ୍ୟାରେ ଜିଲା ପୋଲିସ କାର୍ଯ୍ୟାଳୟରୁ ପୁଣି ଏକ ନିର୍ଦ୍ଦେଶନାମା ବାହାରିଥିଲା। ସେହି ନିର୍ଦ୍ଦେଶନାମାରେ ଭାରପ୍ରାପ୍ତ ଥାନା ଅଧିକାରୀ ମୁଣ୍ଡାଙ୍କୁ ବଲାଙ୍ଗୀର ଟାଉନ ଥାନାକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଲୋଇସିଂହା ଥାନା ଅଧିକାରୀ ଭାବେ ସୁଜ୍ଞାନ ବାରିକଙ୍କୁ ଅବସ୍ଥାପିତ କରାଯାଇଛି।

## କ୍ରିକେଟ୍: ସୋନପୁର ଚାମ୍ପିୟନ



ଟ୍ରଫି ସହ ଉଭୟ ଦଳର ଖେଳାଳି।

ବାଉଁଶୁଣୀ,୯।୧୧(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଜୁରାମୁଣ୍ଡା ଖେଳପଡିଆରେ ଚାଲିଥିବା ଜୁରାମୁଣ୍ଡା କପ୍-୨୦୨୫ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଡ୍ରିମ୍ ଇଲେଭେନ୍ ସୋନପୁର ଓ ଡି. କେ. ଚାଲେଞ୍ଜର୍ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡ୍ରିମ୍ ଇଲେଭେନ୍ ସୋନପୁର ୧୦ ଉଇକେଟରେ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ବୌଦ୍ଧ ସଦର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଅନୀଲ୍ କୁମାର ପ୍ରଧାନ ମୁଖ୍ୟ ଅତିଥି, ଅଖଣ୍ଡ ମହାକୁଲ, ପ୍ରଭାତ ମହାକୁଲ, ସୁଶାନ୍ତ ବେହେରା, ରବିନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ମ୍ୟାନ୍ ଅଫ୍ ଦି ମ୍ୟାଚ, ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଫେୟାର ପ୍ଲେ ଆୱାର୍ଡ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ୨ଟି ସେମି ଫାଇନାଲ ମ୍ୟାଚ୍ ହେବା ପରେ ଉଭୟ ସେମି ଫାଇନାଲ ବିଜେତା ଦଳ ଫାଇନାଲ ମ୍ୟାଚ୍ ଖେଳିଥିଲେ।

### ଗ୍ରାମପଞ୍ଚାୟତ ପିଅନ ମହାସଂଘ ବୈଠକ

ବାଉଁଶୁଣୀ,୯।୧୧(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକସ୍ତରୀୟ ଗ୍ରାମପଞ୍ଚାୟତ ପିଅନ ମହାସଂଘ ବୈଠକ ରବିବାର ଅପରାହ୍ନ ୧ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଦୟାନିଧି ଜାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଦିଲ୍ଲୀପ କ୍ଷେତି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନମାନଙ୍କର ବିଭିନ୍ନ ଦାବି ଓ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ କୋଷାଧ୍ୟକ୍ଷ କେଶବ ଖମାରୀଙ୍କ ସମେତ ବିଭିନ୍ନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନମାନେ ଯୋଗ ଦେଇଥିଲେ।

## ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ଶୁଭସ୍ତମ୍ଭ ସ୍ଥାପନ ଅବସରରେ କାର୍ଯ୍ୟକର୍ତ୍ତାମାନେ।

ବୀରମହାରାଜପୁର,୯।୧୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଷଣ୍ଢା ଗ୍ରାମରେ କୁରାଲ ସମାଜ ତରଫରୁ ଆସନ୍ତା କୁରାଳ ପଞ୍ଚମୀ ଅବସରରେ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ଷଣ୍ଢା ଗ୍ରାମ କୁରାଲ ସମାଜ ତରଫରୁ ଆସନ୍ତା ୨୪ରୁ ୩୦ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଧନୁଯାତ୍ରା ମହୋତ୍ସବ ପାଇଁ ଅନୁଷ୍ଠିତ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମରେ ସମାଜ ସଭାପତି ଜୀବର୍ଦ୍ଧନ ରଣା, ସମ୍ପାଦକ ଗୁପ୍ତେଶ୍ୱର ରଣା, ଉପଦେଷ୍ଟା ସୁରେଶ ରଣା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଧନୁଯାତ୍ରାକୁ ସୁରୁଖୁରରେ ସମାପନ ଉପରେ ଆଲୋଚନା ହୋଇଥିଲା।

## ନକ୍‌ଆଉଟ୍ ଫୁଟବଲ କପ୍ ଉଦ୍‌ଯାପିତ




ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

ବାଉଁଶୁଣୀ,୯।୧୧(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବଲାସିଙ୍ଗା ସାଲୁଙ୍କି ଫୁଟବଲ ପଡିଆରେ ବାପୁଜୀ ଯୁଥ୍ ଫୁଟବଲ ସଂଘ ପକ୍ଷରୁ ଚାଲିଥିବା ୩୭ତମ ନକ୍‌ଆଉଟ୍ ଫୁଟବଲ କପ୍ ରବିବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହୋଇଯାଇଛି। ବୌଦ୍ଧ ବିଧାୟକଙ୍କ ପ୍ରତିନିଧି ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି, ସମାଜସେବୀ ବିଶିକେଶନ ପ୍ରଧାନ, ମାଇଁ ଭାରତ ସଂଯୋଜକ ଅସମାନ ମହାକୁଡ, ସତ୍ୟ ନାରାୟଣ ପାଣି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବାପୁଜୀ ଯୁଥ୍ ଫୁଟବଲ ସଂଘ ସଭାପତି ରାଜେଶ ସାହୁ, ସମ୍ପାଦକ ଚମ୍ପେଶ୍ୱର ମହାକୁଡ, କୋଷାଧ୍ୟକ୍ଷ ସଂଗ୍ରାମ ପୋଢ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଉଦ୍‌ଯାପନୀ ମ୍ୟାଚ୍ ଗିରାସିଙ୍ଗା ଓ ମୁର୍ଷୁଣ୍ଡି ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗିରାସିଙ୍ଗା ଫୁଟବଲ ଦଳ ଟାଇବ୍ରେକରରେ ବିଜୟୀ ହୋଇଥିଲା। ଅତିଥିମାନେ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଗରିବ ବେହେରା, ଚନ୍ଦନ ମହାରଣା, ଅସିତ ନାଏକ, ମାନଭଞ୍ଜନ ମହାରଣା, ବଳରାମ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ୧୫ ଜଣିଆ ଦଳ ମନୋନୀତ

ଲୋଇସିଂହା,୯।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଝାରମୁଣ୍ଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୫ଜଣ ଦକ୍ଷ ଖେଳାଳି ଚୟନ କରାଯାଇଛି। ମନୋନୀତ ଏହି ୧୫ ଜଣିଆ ଦଳ ଆସନ୍ତା ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ଆଗଲପୁରଠାରେ ହେବାକୁ ଥିବା ଜିଲାସ୍ତରୀୟ ସ୍କୁଲ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବେ। ଏହି କ୍ରିକେଟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୭୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଝାରମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ଡ .ଜ୍ୟୋତିର୍ମୟୀ ପଧାନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଲୋଇସିଂହା ବ୍ଲକ ସ୍ପୋର୍ଟସ ଆସୋସିଏଶନ ସମ୍ପାଦିକା ବିଦ୍ୟୁତ୍ ପ୍ରଭା ମିଶ୍ରଙ୍କ ତତ୍ତ୍ୱାବଧାନରେ ଖେଳ ଶିକ୍ଷକ ବିଭୀଷଣ ପଧାନ, ଶିବ ପ୍ରସାଦ ବିଶି, ପ୍ରେମରାଜ ପଧାନ, ଜ୍ୟୋତି ରଞ୍ଜନ ମହାନନ୍ଦ, ବୀର ମହେନ୍ଦ୍ର ଖମାରୀ, ସତ୍ୟ ପଟେଲ, ଜଗଦୀଶ ନାଥ, ଜୟ କୁମାର ସାହୁ, ରାଜେଶ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଜାତୀୟ ଆଇନସେବା ଦିବସ ପାଳିତ



ଦିବସ ପାଳନ ଅବସରରେ ଉପସ୍ଥିତ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର।

ସୋନପୁର,୯।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷଠାରେ ଜାତୀୟ ଆଇନ ସେବା ଦିବସ ରବିବାର ପାଳିତ ହୋଇଯାଇଛି। ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ଏବଂ ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲାଜଜ ଧନୁର୍ଦ୍ଧର ସେନାପତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଦେବାଶିଷ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଜାତୀୟ ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଦେୱାନୀ ଜଜ ଗଗନ ସାହୁ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଣତି ରଥ ଯୋଗଦେଇ ଜାତୀୟ ଆଇନ ସେବା ଦିବସର ମହତ୍ୱ ବିଷୟରେ ଆଲୋଚନା କରିଥିଲେ। ଏଥିରେ ପ୍ୟାନେଲ ଓକିଲ, ମେଡିଏଟର, ପାରା ଲିଗାଲ ସ୍ୱେଚ୍ଛାସେବୀ, ଷ୍ଟୁଡେଣ୍ଟ ଲିଗାଲ ଲିଟେରାସି କ୍ଲବର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟ ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପ୍ରଦର୍ଶିତ କରାଯାଇଥିଲା।

## ଉଲୁଣ୍ଡା କପ୍ ଫୁଟବଲ: କୁଟିଣ୍ଡା ଚାମ୍ପିୟନ

ଉଲୁଣ୍ଡା,୯।୧୧(ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ୨୮ତମ ରାଜ୍ୟସ୍ତରୀୟ ଉଲୁଣ୍ଡା କପ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ପ୍ରଥମ ସେମି ଫାଇନାଲରେ ସୁନ୍ଦରଗଡ଼କୁ ୨-୦ ଗୋଲରେ ହରାଇ କୁଟିଣ୍ଡା ଏବଂ ଦ୍ୱିତୀୟ ସେମିରେ ବିଏମପୁରକୁ ଟାଇବ୍ରେକର ୪-୨ ଗୋଲରେ ହରାଇ ବରଗଡ଼ ଦଳ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳରେ ବରଗଡ ଦଳକୁ ୧-୦ ଗୋଲରେ ହରାଇ କୁଟିଣ୍ଡା ଦଳ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତିବାସ ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରତାପ ଶତପଥୀ, ହୃଦୟାନନ୍ଦ ବେହେରା, କୃତିବାସ ଚାନ୍ଦ, ହରିଶଙ୍କର ତରାଇ, ରମେଶ ମାହାର, ସମିତା ମହାକୁର, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପର୍ଡିଆ ଯୋଗଦେଇ ବିଜେତା କୁଟିଣ୍ଡା ଏବଂ ଉପବିଜେତା ବରଗଡ଼ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳ।

## ନାରାୟଣୀ କ୍ରିକେଟ୍: ସାମସିଙ୍ଗା ଚାମ୍ପିୟନ

ବୀରମହାରାଜପୁର,୯।୧୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଘଣ୍ଟପାଲି ପଡ଼ିଆରେ ଚାଲିଥିବା ମା' ନାରାୟଣୀ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। କମିରା ଓ ସାମସିଙ୍ଗା ମଧ୍ୟରେ ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ଖେଳାଯାଇଥିଲା। ୭ ଓଭର ବିଶିଷ୍ଟ ପ୍ରଥମ ଫର୍ମାଟରେ କମିରା ଦଳ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୪୭ ରନ କରିଥିଲା। ଜବାବରେ ସାମସିଙ୍ଗା ଦଳ ୩. ୫ ଓଭରରେ ୧ ଉଇକେଟ ହରାଇ ୪୮ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ଫର୍ମାଟରେ କମିରା ଦଳ ପ୍ରଥମେ ବ୍ୟାଟିଂ କରି ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ କରିଥିଲା। ଜବାବରେ ସାମସିଙ୍ଗା ଦଳ ୯. ୪ଓଭରରେ ୩ ଉଇକେଟ ହରାଇ ୧୨୪ ରନ କରି ଚାମ୍ପିୟନ ହୋଇଥିଲା।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଇଛି।

ଉଭୟ ଫର୍ମାଟରେ ବିଜୟୀ ହୋଇ ସାମସିଙ୍ଗା ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଆକାଶ ସାହୁ, ଶୁଭମ ଭୋଇ, ଲୁତୁରପଙ୍କ ପୂର୍ବତନ ସରପଞ୍ଚ ରାଧାମାଧବ ବେହେରା ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଧନମାଳୀ ହୋତା ଓ ରୋଶନ ସାମଲ ଖେଳ ପରିଚାଳନା କରିଥିଲେ। ଲିପୁନ ହୋତା ସ୍କୋରର, ମାନସ ନନ୍ଦ, ବେଣୁଧର ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଉମାଶଙ୍କର ହୋତା, ଗୌରାଙ୍ଗ ସାମଲ, ସୁନୀଲ ପଧାନ,ଶିବୁଲ ପଧାନ ବିଭୁତି ପଧାନ, ବୁଲୁ ପଧାନ, ରିଲନ ସାମଲ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



ଅନଲାଇନ୍ ଅପରାଧ ରୋକିବା ଓ ଡିଜିଟାଲ ସୁରକ୍ଷା ଉପରେ ସଚେତନତା ସୃଷ୍ଟି ପାଇଁ ରବିବାର ରାଉରକେଲା ପୋଲିସ ପକ୍ଷରୁ ଆୟୋଜିତ ୱାକାଥନରେ ପୋଲିସ, ଛାତ୍ରୀଛାତ୍ର ଏବଂ ନାଗରିକ ଅଂଶଗ୍ରହଣ କରିଥିଲେ।

# ସଚେତନତା ରୋକିବ ସାଇବର ଅପରାଧ

ରାଉରକେଲା,୯।୧୧(ସଙ୍ଗୀତା ଜେନା)

ରାଉରକେଲାରେ କ୍ରମବର୍ଦ୍ଧିଷ୍ଣୁ ଅନଲାଇନ୍ ଅପରାଧ ରୋକିବା ଏବଂ ଡିଜିଟାଲ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ରାଉରକେଲା ପୋଲିସ ଜିଲା ପକ୍ଷରୁ ରବିବାର ସକାଳ ସାଢ଼େ ୭ଟାରେ ଏକ ସାଇବର ସଚେତନତା ୱାକାଥନ ଏବଂ ଅଟୋ ରାଲି ଆୟୋଜିତ ହୋଇଥିଲା। ଛେଣ୍ଡ ଛକରୁ ଆରମ୍ଭ ହୋଇଥିବା ଉକ୍ତ ୱାକାଥନ୍‌କୁ ରାଉରକେଲାଏସ୍‌ପି ନିତେଶ ୱାଧୱାନୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ହଜାରେରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ, ଅବସରପ୍ରାପ୍ତ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ ନାଗରିକ ଅଂଶଗ୍ରହଣ କରିଥିଲେ। ସେମାନେ ପ୍ଲାକାର୍ଡ଼ ଏବଂ ବ୍ୟାନର ଧରି ସାଇବର ସୁରକ୍ଷା, ଦାୟିତ୍ୱପୂର୍ଣ୍ଣ ଅନଲାଇନ୍ ଆଚରଣ, ଅନ୍‌ଲାଇନ୍ ଠକେଇ ସମ୍ପର୍କରେ ସୁରକ୍ଷା ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମ ଉଦିତନଗର ଫିଟନେସ୍ ପାର୍କରେ ଶେଷ ହୋଇଥିଲା। ସେହିପରି ଜନସଚେତନତାକୁ ଆହୁରି ବଳବତ୍ତର କରିବାକୁ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରୁ ପ୍ରାୟ ୨ଶହ ଅଟୋକୁ ନେଇ ସାଇବର ସଚେତନତା ରାଲି କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ପାର୍କିଂ ନମ୍ବର-୬ (ସ୍ୱେସ ଛକ) ପର୍ଯ୍ୟନ୍ତ ଏହି ରାଲି ଯାଇଥିଲା। ଅଟୋଗୁଡ଼ିକରେ ସାଇବର ନିରୋଧକ ବାର୍ତ୍ତା ଉଲ୍ଲେଖ ରହିଥିଲା। ଏହି ଅବସରରେ ଶହେ ଫୁଟ୍‌ର ସାଇବର ସଚେତନତା ବ୍ୟାନର ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ପି ୱାଧୱାନୀ କହିଥିଲେ, ପୋଲିସ କେବଳ ଜନସାଧାରଣଙ୍କୁ ଶାରୀରିକ ନୁହେଁ ବରଂ ଡିଜିଟାଲ ଭାବେ ସୁରକ୍ଷିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ନାଗରିକମାନଙ୍କୁ ସତର୍କ କରିବା, ଅନ୍‌ଲାଇନ୍‌ରେ କିଛି କରିବା ପୂର୍ବରୁ ଚିନ୍ତା କରିବା ଏବଂ ଯେକୌଣସି ସନ୍ଦିଗ୍ଧ ସାଇବର କାର୍ଯ୍ୟକଳାପକୁ ତୁରନ୍ତ ନିକଟତମ ପୋଲିସ ଷ୍ଟେଶନ ତଥା ସାଇବର ହେଲ୍ପଲାଇନକୁ ରିପୋର୍ଟ କରିବାକୁ ଏସ୍‌ପି ଅନୁରୋଧ କରିଥିଲେ।



ଅତିଥିମାନେ ୱାକାଥନକୁ ଉଦ୍‌ଘାଟନ କରୁଛନ୍ତି।

# ରାସ୍ତାରୁ ଉଦ୍ଧାର ହୋଇଥିବା ଅଚେତ ଯୁବକଙ୍କ ମୃତ୍ୟୁ

ରାଉରକେଲା,୯।୧୧(ସଙ୍ଗୀତା ଜେନା)

ଉଦିତନଗର ଥାନା ଅଧୀନ ମହତାବ ରୋଡ୍ ନିକଟରେ ଜଣେ ଯୁବକଙ୍କୁ ରବିବାର ସକାଳ ୧୦ଟାରେ ଅଚେତ ଅବସ୍ଥାରେ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତରମାନେ ମୃତ ଘୋଷଣା କରିଛନ୍ତି। ମୃତକ ହେଲେ ପାୱାର ହାଉସ୍‌ର ଦଶରଥ ତନ୍ତୀ। ଖବର ଲେଖାଯିବା ପର୍ଯ୍ୟନ୍ତ (ରାତି ୮ଟା) ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦଶରଥ ସିଂହାସିନୀ ମନ୍ଦିର ନିକଟରେ ଏକ ଜଳଖିଆ ଦୋକାନରେ ଜଳଖିଆ ଖାଇ ବାହାରିବା ବେଳେ ହଠାତ୍ ଅଚେତ ହୋଇଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

# ୫ ଦୁର୍ବୃତ୍ତ ଗିରଫ, ମାରଣାସ୍ତ୍ର ଜବତ



ଗିରଫ ଅଭିଯୁକ୍ତ ଏବଂ ଜବତ ମାରଣାସ୍ତ୍ର।

## ଡକାୟତି ଯୋଜନା ବେଳେ ଚଢ଼ାଉ

ରାଉରକେଲା,୯।୧୧(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଗଣେଶ ଛକରେ ଶନିବାର ମଧ୍ୟରାତ୍ରିରେ କିଛି ଦୁର୍ବୃତ୍ତ ସଶସ୍ତ୍ର ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ପାଟ୍ରୋଲିଂ ଟିମ୍ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନେତାଜୀ ମାର୍ଗର ଏମ୍‌ଡ଼ି ସୈଫ୍(୨୩), ବାସନ୍ତୀ କଲୋନି ନାଗ୍ରାଖଟାଲର ଓମ୍ ଗୌଡ଼(୨୩), ଗୋପବନ୍ଧୁପାଲୀ ୱାର୍ଡ ନଂ.-୩ର ପ୍ରିନ୍ସ ରାଓ(୧୯), ତେଲିପଡ଼ାର ରୋଷନ ସିଂହ(୨୦) ଏବଂ ପ୍ଲାଣ୍ଟସାଇଟ୍ ରୋଡ୍‌ର ସୁରଜ ପାତ୍ର(୨୫)। ସେମାନଙ୍କ ନିକଟରୁ ୨ଟି ଲୁହା ରଡ୍, ଗୋଟିଏ ଭୁଜାଲି, ୨ଟି ଛୁରି ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୯୬୬/୨୫) ରୁଜୁ କରି ରବିବାର ସକାଳ ୧୦ଟାରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ସୁରଜଙ୍କ ନାଁରେ ଚାନ୍ଦିପୋଷ, ପ୍ଲାଣ୍ଟସାଇଟ୍, ଟାଙ୍ଗରପାଲୀ, ଉଦିତନଗର ଆଦି ଥାନାରେ ୮ଟି ଆପରାଧିକ ମାମଲା ରହିଛି। ସେହିପରି ସୈଫ୍‌ଙ୍କ ନାଁରେ ୨ଟି, ପ୍ରିନ୍ସଙ୍କ ନାଁରେ ୪ଟି, ରୋଷନଙ୍କ ନାଁରେ ୨ଟି ଆପରାଧିକ ମାମଲା ରହିଛି। ଓମ୍‌ଙ୍କ ଆପରାଧିକ ରେକର୍ଡ ତଦନ୍ତ କରାଯାଉଛି। ଅଭିଯୁକ୍ତମାନେ ପେଟ୍ରୋଲ ପମ୍ପ, ଘର, ଦୋକାନ ଆଦିରୁ ଡକାୟତି ଯୋଜନା କରୁଥିଲେ ବୋଲି ବୋଲି ପୋଲିସ କହିଛି।

# ନଦୀରେ ବୁଡ଼ି ଛାତ୍ର ମୃତ

ଲହୁଣୀପଡା,୯।୧୧ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଦର୍ଜୀଂ ପଞ୍ଚାୟତ ବିରତୋଳା ସ୍ଥିତ ବ୍ରାହ୍ମଣୀ ନଦୀ ପଠାକୁ ବଣ ଭୋଜି କରିବାକୁ ଆସି ନଦୀରେ ବୁଡି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଦିନେଶ କୁମାର ପ୍ରଧାନ (୧୯ )।

ସୂଚନା ଅନୁସାରେ, ବାରକୋଟ ଥାନା ଅନ୍ତର୍ଗତ ବାଲିରଇ ଗ୍ରାମର କ୍ଷୀରୋଦ ବିହାରୀ ପ୍ରଧାନଙ୍କ ପୁତ୍ର ଦିନେଶ ରାଉରକେଲା ସ୍ଥିତ ମୁନସିପାଲ କଲେଜରେ ପାଠ ପଢୁଥିଲେ। ରବିବାର ୩୦ରୁ୪୦ ଜଣ ଛାତ୍ର ବିରତୋଳା ବ୍ରାହ୍ମଣୀ ନଦୀ ପଠାକୁ ବଣ ଭୋଜି ଓ ବୁଲିବା ପାଇଁ ଆସିଥିଲେ। ସେଠାରେ ଛାତ୍ର ଦିନେଶ ନଦୀରେ ଗାଧୋଉ ଥିବା ବେଳେ ସ୍ରୋତରେ ଭାସିଯାଇ ବୁଡି ଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଏବଂ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ଛାତ୍ରଙ୍କୁ ଉଦ୍ଧାର କରି ବଣେଇ ଡାକ୍ତର ଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବଣେଇ ମର୍ଗ ହାଉସରେ ରଖିଥିବା ଜଣାପଡ଼ିଛି। ସୋମବାର ବ୍ୟବଚ୍ଛେଦ କରାଯିବ।

# ଛେଣ୍ଡରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ

ରାଉରକେଲା,୯।୧୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସ୍ୱସ୍ତି ସାହିତ୍ୟ ସଂସଦ ଓ ଗୋପବନ୍ଧୁ ପାଠାଗାର ପକ୍ଷରୁ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଶନିବାର ସନ୍ଧ୍ୟାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନ ସଭାପତି ତଥା ପୂର୍ବତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କବି ଲକ୍ଷ୍ମୀ ନାରାୟଣ ହୋତା ସମ୍ମାନିତ ଅତିଥି, କବି ରାଜୀବ ପାଣି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କବି ତଥା ସଙ୍ଗଠକ ନୃସିଂହ ଚରଣ ବିଶ୍ୱାଳ, ଶିକ୍ଷୟିତ୍ରୀ ନିରୁପମା ପତି ସହଯୋଗ କରିଥିଲେ। ଶିକ୍ଷାବିତ୍ ପାରେଶ୍ୱର ବିଶ୍ୱାଳ ସମସ୍ତ ପର୍ଯ୍ୟାୟ କାର୍ଯ୍ୟକ୍ରମର ମତାମତ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କଥା ଓ କବିତାରେ ସ୍ୱର୍ଗତ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କାଳଜୟୀ କବିତା ପାଠ କରିଥିଲେ ବିଜୟ ରାୟ, ଅଶ୍ୱିନୀ ରାୟ, ତ୍ରିନାଥ ସିଂହ, ଶିକ୍ଷାବିତ୍ ଶର୍ମିଷ୍ଠା କବି ଶତପଥୀ, ପ୍ରାଧ୍ୟାପକ କରୁଣାକର ପାଇଁଶାଣୀ। କାର୍ଯ୍ୟକ୍ରମରେ ଲକ୍ଷ୍ମଣ ଦାସ, ପ୍ରଫୁଲ୍ଲ କୁମାର ସାମଲ, ସୂର୍ଯ୍ୟନାରାୟଣ ପଣ୍ଡା, ଡ. କୃପାସିନ୍ଧୁ ନାୟକ, ସୁନୀଲ କୁମାର ମହାନ୍ତି, ଚିନ୍ମୟୀ ପୁରୋହିତ, ନବଘନ ସାହୁ ପ୍ରମୁଖ ବହୁ ଶିକ୍ଷାବିତ୍, ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସଙ୍ଗଠକ ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

# ସ୍କୁଲ ନିକଟରୁ ବିଦ୍ୟୁତ୍ ତାର ହଟାଇବାକୁ ଦାବି



ବିଦ୍ୟୁତ୍ ତାର ତଳେ ପିଲାମାନେ ଖେଳକୁଦ କରୁଛନ୍ତି।

ରାଉରକେଲା,୯।୧୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାର ବିଦ୍ୟୁତ୍ କଲୋନିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦେଇ ଦୀର୍ଘ ବର୍ଷ ହେଲା ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଲମ୍ବିଛି। ଏହାକୁ ବିଦ୍ୟାଳୟ ନିକଟରୁ ହଟାଇବାକୁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଏହି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ତଳେ ଛାତ୍ରୀଛାତ୍ର ଖେଳକୁଦ କରୁଥିବା ବେଳେ କେତେବେଳେ ଯେ ଅଘଟଣ ଘଟିବ ସେ ନେଇ ଅଭିଭାବକମାନେ ଚିନ୍ତିତ ଅଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଶିଳା ନାୟକଙ୍କୁ ପଚାରିବାରୁ ସ୍କୁଲ ନିକଟରେ ଥିବା ବିଦ୍ୟୁତ୍ ତାର ବିଷୟରେ ବିଭାଗ ଅବଗତ ଅଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ଶିକ୍ଷା ବିଭାଗ ଅଧିକାରୀ ସୁପ୍ରଭାତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ନିଶ୍ଚିତ ଭାବେ ଏହା ଏକ ସମ୍ବେଦନଶୀଳ ବିଷୟ। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରି ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ହିମୋଗ୍ଲୋବିନ୍ ପରୀକ୍ଷା ଶିବିର

ରାଉରକେଲା,୯।୧୧(ଦିନେଶ ମିଶ୍ର)

ଜଗଦା ଜେଡେ-୬୧ସ୍ଥିତ ମାନବ ସେବା କେନ୍ଦ୍ର ପରିସରରେ ରବିବାର ରୋଟାରୀ କ୍ଲବ ଅଫ୍ ରାଉରକେଲା ଅର୍ବାନ ପକ୍ଷରୁ ହିମୋଗ୍ଲୋବିନ୍ ପରୀକ୍ଷା ଶିବିର ସଭାପତି ଉଦିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରୋଟାରିଆନ୍ ଇଂ. ହୀରାଲାଲ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୪୦ ନିରାଶ୍ରିତ ଛାତ୍ରୀଛାତ୍ରଙ୍କ ସମେତ ମୋଟ ୫୧ ଜଣଙ୍କ ହିମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ସଂସ୍ଥାର ଅଧୀକ୍ଷିକା ହେମନ୍ତା ଟଣ୍ଡିଆ ଯୋଗଦେଇ ଏହି ଶିବିର ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତପ୍ରକାଶ କରିଥିଲେ। ରୋଟାରିଆନ ବନାନୀ ଦାସ ଓ ସରୋଜିନୀ ପାଢୀ ଛାତ୍ରୀଛାତ୍ରମାନଙ୍କ ପଞ୍ଜୀକରଣ କରିଥିଲେ। ସଚିବ ଡେଜି ପ୍ରଧାନ, ରବିକାନ୍ତ ସିଂ, ଡ. ପ୍ରଭାତ କୁମାର ମହାନ୍ତି, ଶୈଳେନ୍ଦ୍ର ସିଂହ, ଅଞ୍ଜୁ କକ୍କଡ, ଇଂ. ଦେବବ୍ରତ ନାୟକ, ସୁଭାଶିଷ ମହାନ୍ତି, ଅରୁଣ କୁମାର ସିଂହ, ପଦ୍ମିନୀ ସାହୁ, ଅଶୋକ କକ୍କଡ ଓ ମୀନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବିପିୟୁଟିରେ ସ୍ୱଚ୍ଛତା ହିଁ ସେବା ଦିବସ

ରାଉରକେଲା,୯।୧୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ପ୍ରଯୁକ୍ତି ବିଦ୍ୟା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ୟୁନିଟ ପକ୍ଷରୁ ନେତାଜୀ ସୁଭାଷ ଅଡିଟୋରିୟମ ଏବଂ ଏହାର ରାସ୍ତା ପାର୍ଶ୍ୱରେ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସକାଳ ୯ଟାରେ ଆରମ୍ଭ ହୋଇଥିଲା। ରେଜିଷ୍ଟ୍ରାର ନିଶି ପୁନମ ମିଞ୍ଜ, ପ୍ରଫେସର ଶିବ କୁମାର ମିଶ୍ର, ଡକ୍ଟର ବିଶ୍ୱ ବିନାୟକ ମଙ୍ଗରାଜଙ୍କ ସମେତ ଛାତ୍ର, ଅଧ୍ୟାପକ, ଅଧିକାରୀ, କର୍ମଚାରୀ ଏବଂ ବିପିୟୁଟି ଅଧୀନରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ଏନ୍‌ଏସ୍‌ଏସ୍ ସଂଯୋଜକ ଡକ୍ଟର ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ୟାମ୍ପସକୁ ସଫେଇ କରିବା ଏବଂ ବିଶ୍ୱବିଦ୍ୟାଳୟ ଓ ରାଉରକେଲା ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧିକରିବା ପାଇଁ ବର୍ଷସାରା ସ୍ୱଚ୍ଛତା ଅଭିଯାନ କରିବାକୁ ପରାମର୍ଶ ଦିଆଯାଇଥିଲା।





ସଫେଇ କାର୍ଯ୍ୟକ୍ରମରେ ବିପିୟୁଟି ଅଧିକାରୀ ଏବଂ ଛାତ୍ରୀଛାତ୍ର।

# ନିଃସ୍ୱାର୍ଥପର ସେବାରେ ଈଶ୍ୱର ପ୍ରାପ୍ତି ହୋଇଥାଏ

## ଶ୍ରୀଗୁରୁ ନାନକ ଦେବଜୀଙ୍କ ପ୍ରକାଶ ପର୍ବ ପାଳିତ





କାର୍ଯ୍ୟକ୍ରମରେ ଭଜନ ପରିବେଷଣ କରାଯାଉଛି।

ରାଉରକେଲା,୯।୧୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୨୧ ସ୍ଥିତ ଗୁରୁ ନାନକ ପବ୍ଲିକ୍ ସ୍କୁଲ ପରିସରରେ ଶ୍ରୀଗୁରୁନାନକ ଦେବଜୀଙ୍କ ୫୫୬ ବର୍ଷ ପ୍ରକାଶ ପର୍ବ ଉତ୍ସବ ସଭାପତି ଧରମ ସିଂଙ୍କ ଅଧ୍ୟକ୍ଷତାରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ୪୮ ଘଣ୍ଟା ଧରି 'ଗୁରୁ ଗ୍ରନ୍ଥ ସାହେବ' ଅଖଣ୍ଡ ପାଠ କରାଯାଇଥିଲା। ଗୁରୁନାନକଙ୍କ ଜୀବନୀ ଓ ସେ ସମାଜକୁ ଦେଇଥିବା ଭାଇଚାରା, ନିଃସ୍ୱାର୍ଥପର ସେବା, ପ୍ରେମ ଓ ପବିତ୍ରତା ବାର୍ତ୍ତାକୁ ପଞ୍ଜାବର ନାଜନାଲାରୁ ଆସିଥିବା ପ୍ରବଚକ ବଲକାର ସିଂହ ସରଳ ଭାଷାରେ ଉପସ୍ଥାପନ କରିଥିଲେ। ସେହିପରି ଆମେରିକାରୁ ଆସିଥିବା କଣ୍ଠଶିଳ୍ପୀ ଅନ୍ତତ ବୀରସିଂହ ଗୁରୁ ଗ୍ରନ୍ଥବାଣୀରେ ରଚିତ ହୋଇଥିବା ବିଭିନ୍ନ ଆଧ୍ୟାତ୍ମିକ ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ। ସେହିପରି ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସେକ୍ଟର-୧୯ ସ୍ଥିତ ଆପୋଲୋ ହସ୍ପିଟାଲ ଓ ଲାୟନ୍ସ ଆଇ ହସ୍ପିଟାଲର ରକ୍ତଚାପ, ମଧୁମେହ, ୟୁରିକ୍ ଏସିଡ, ଚକ୍ଷୁ, ଅର୍ଥୋପେଡି, କାର୍ଡିଓଲୋଜି, ନ୍ୟୁରୋ ଆଦି ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ଶିବିର ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ବିଦ୍ୟାଳୟ ପରିସରରେ ଲଙ୍ଗର ବ୍ୟବସ୍ଥା ହୋଇଥିଲା। ଗୁରୁ ନାନକ ପବ୍ଲିକ ଟ୍ରଷ୍ଟର ଉପସଭାପତି ଏସ୍. ସୁରିନ୍ଦର ସିଂ ଛାବ୍ରା, ସମ୍ପାଦକ ହରଦୀପ ସିଂଙ୍କ ସମେତ ଛାତ୍ରୀଛାତ୍ର ଓ କର୍ମଚାରୀ ସହଯୋଗ କରିଥିଲେ।

# ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲରେ ମାରାଥନ, ବିଜ୍ଞାନ ମେଳା

ରାଉରକେଲା,୯।୧୧(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକର ଖୁଣ୍ଟଗାଁ ସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ବିଦ୍ୟାଳୟସ୍ତରୀୟ ମାରାଥନ୍ ଏବଂ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନୁଜାନନ୍ଦନୀ ତନ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଓରାମ ମୁଖ୍ୟ ଅତିଥି, ନୂଆଗାଁ ବିଇଓ ସାଲଗାମନୀ ଟୁଡୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୂତନ ଚିନ୍ତାଧାରା ଏବଂ ଯୁକ୍ତିଭିତ୍ତିକ ଦକ୍ଷତା ହାସଲ ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ସକାଳ ୭ଟାରେ ସରପଞ୍ଚ ଓରାମ ପତାକା ଦେଖାଇ ମାରାଥନକୁ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ଉପସଭାପତି ମଧୁସୂଦନ ସାହୁ, ବୁଦ୍ଧେଶ୍ୱର ଏକ୍କା, ମୋ ସ୍କୁଲ ସଭାପତି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମର ଚିତ୍ରାଙ୍କନ ପ୍ରତିଯୋଗିତାରେ ଦିୟାନନ୍ଦିନୀ ବାରା ପ୍ରଥମ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣିତ ଶିକ୍ଷକ ଗୋବର୍ଦ୍ଧନ ସମାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।





ମାରାଥନ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଏବଂ ଅତିଥିବୃନ୍ଦ।

# ସଂଗ୍ରାମୀଙ୍କୁ ସମ୍ମାନ ଯୁବପିଢ଼ିକୁ ପ୍ରେରଣା ଯୋଗାଇବ

ସମ୍ବଲପୁର,୯।୧୧(ବି.ଶଙ୍କର)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ ଜୟନ୍ତୀ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଦାନୀ ଏଥିରେ ସଭାପତିତ୍ୱ କରିଥିଲେ। ଭାଗୀରଥି ପଟ୍ଟନାୟକ ଓଡ଼ିଶା ସ୍ୱାଧୀନତା ଆନ୍ଦୋଳନ ଓ ସାମାଜିକ ପରିବର୍ତ୍ତନର ପୁରୋଧା ଭାବେ ପଶ୍ଚିମ ଓଡ଼ିଶାରେ ବହ୍ନି ଉଠାଇଥିଲେ। ସେହି ବହ୍ନି ସୁଦୂର ପ୍ରସାରୀ ହୋଇ ଓଡ଼ଶା ସାରା ବ୍ୟାପି ଥିଲା ବୋଲି ଡ. ଦାନୀ କହିଥିଲେ।

ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ସୂଚିତ କରିଥିଲେ। ଏଥିସହ ଆଗାମୀ ନୂତନ ପୀଢିକୁ ସେଇ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଗାଥାକୁ ପରିଚିତ କରାଇ ଦେଶ ପ୍ରତି ତାଙ୍କ କର୍ତ୍ତବ୍ୟକୁ ଜାଗ୍ରତ କରିବା ବିଷୟରେ ଅବଲୋକନ କରିଥିଲେ। ମୁଖ୍ୟବକ୍ତା ଶିବ ଶଙ୍କର ନନ୍ଦ ପଶ୍ଚିମ ଓଡିଶାରେ ସେ ସମୟରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାବହ ଓ ତାଙ୍କ ସ୍ତ୍ରୀ ଜମ୍ବୁବତୀ ଦେବୀ ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ଭାବେ ଚିର ନମସ୍ୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ଲଜପତ ରାୟ ଆଇନ ମହାବିଦ୍ୟାଳୟ ଅଧକ୍ଷ ଡ. ବିଜୟାନନ୍ଦ ବେହେରା ମୁଖ୍ୟ ଅତିଥି ଥିଲେ। ମୁଖ୍ୟ ଅତିଥି ପୁଣ୍ୟ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଦେଇ ଏହି ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରକୃତ ସମ୍ମାନ ଦିଆଗଲେ ଆଜିର ଯୁବପିଢିକୁ ପ୍ରେରଣା ଯୋଗାଇବ। ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଭାଗୀରଥି ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଏଇ ଜନ୍ମ ତିଥିରେ ସମ୍ମାନ ଦିଆଯାଉ ଓ ତାଙ୍କ ଜୀବନୀ ଉପରେ ଆଜିର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗବେଷଣା କରାଯାଉ ବୋଲି କହିଥିଲେ। ଏହି ଉପଲକ୍ଷେ ହୋଇଥିବା ବକ୍ତୃତା ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟାଳୟ ସମ୍ପାଦକ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ ଓ ପ୍ରମୋଦ ପଟ୍ଟନାୟକ ପୁରସ୍କାର ବିତରଣ ପରିଚାଳନା କରିଥିଲେ। ଭାଗୀରଥି ପଟ୍ଟନାୟକ ପଣ ନାତୁଣୀ ସୁଶ୍ରୀ ପ୍ରାଚୀ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସକାଳ ୯ଟାରେ ବାଲିବନ୍ଧାସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଅଶୋକ ମିଶ୍ର, ପଲଟୁ ଅଗ୍ରୱାଲ, କୈଳାଶ ମିସ୍ତ୍ରୀ, ଦେବେନ୍ଦ୍ର ପଟେଲ, ଓ ଶମ୍ଭୁ ଭୂଷଣ ସେନ୍ ସହଯୋଗ କରିଥିଲେ।


ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ ଜୟନ୍ତୀ ତିଥିରେ ଅତିଥି ଓ କର୍ମକର୍ତ୍ତାମାନେ।

**ସାମାଜିକ ପରିବର୍ତ୍ତନର ମୁଖ୍ୟ ପୁରୋଧା ଥିଲେ ଭାଗୀରଥି**

ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ ଶୀର୍ଷକ ବିଦ୍ୟାଳୟସ୍ତରରେ ବକ୍ତୃତା ପ୍ରତିଯୋଗୀତାରେ ବିକାଶ ଫାଷ୍ଟ ଷ୍ଟେପ ସ୍କୁଲର ଦିବ୍ୟ ନନ୍ଦିନୀ ସ୍ୱାଇଁ ପ୍ରଥମ, ସେଣ୍ଟ ଜୋଶେଫ କନଭେଣ୍ଟ ସ୍କୁଲର ଅମ୍ଳାନ ମହାନ୍ତି ଦ୍ୱିତୀୟ ଏବଂ ବିକାଶ ସ୍କୁଲର ଧୃତିକା ମହାନ୍ତି ଓ କନଭେଣ୍ଟ ସ୍କୁଲର ଶ୍ରେୟାଂସ ମିଶ୍ର ଯୁଗ୍ମ ତୃତୀୟ ସ୍ଥାନରେ ବିଜେତା ହୋଇଛନ୍ତି। ସେହିପରି ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗୀତାରେ ମହିଳା ମହାବିଦ୍ୟାଳୟର ଶ୍ରୁତିରେଖା ଆଚାର୍ଯ୍ୟ ପ୍ରଥମ, ଗ୍ଲୋରିଆସ୍ ଟାକ୍ରୀ ଦ୍ୱିତୀୟ ଓ କୁସୁମ ଦାସ ତୃତୀୟ ହୋଇଥିଲେ। ବିଚାରକ ଭାବରେ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ଡ.ଗିରିଧାରୀ ହୋତା, ହେମନ୍ତ କୁମାର ପ୍ରଧାନ, ଶିବ ଶଙ୍କର ଷଡଙ୍ଗୀ, ଶ୍ରୀକାନ୍ତ ଷଡଙ୍ଗୀ ଓ ରାମେଶ୍ୱର ପାଢୀ ଯୋଗ ଦେଇଥିଲେ।

# ମଣ୍ଡଳ କାରାଗାରର ୧୦୬ ବନ୍ଦୀଙ୍କୁ ଦିଆଗଲା ଚଷମା



ମଣ୍ଡଳ କାରାଗାରରେ ବନ୍ଦୀମାନଙ୍କୁ ଚଷମା ଆବଣ୍ଟନ କାର୍ଯ୍ୟକ୍ରମରେ ଆୟୋଜକ ଏମ୍ସର କର୍ମକର୍ତ୍ତା।

ସମ୍ବଲପୁର, ୯।୧୧(ପ୍ରମୋଦ ବହିଦାର)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏମ୍ସ(ଏଆଇଏମ୍ଏସ୍) ଫାଉଣ୍ଡେଶନ ପକ୍ଷରୁ ସମ୍ବଲପୁର ମଣ୍ଡଳ କାରାଗାରରେ ବନ୍ଦୀମାନଙ୍କୁ ନିଃଶୁଳ୍କ ଚଷମା ବଣ୍ଟନ କରାଯାଇଛି। କାରାଗାର ପରିସରରେ ରବିବାର ଆୟୋଜିତ ଉତ୍ସବକୁ ଅଧୀକ୍ଷକ ଅନୀଲ ସାହୁ ଓ ଜେଲର୍ ତରଣୀସେନ ଦେହୁରୀଙ୍କ ଉପସ୍ଥିତିରେ ଏମ୍ସ ଫାଉଣ୍ଡେଶନ ପ୍ରତିଷ୍ଠାତା ତଥା ସଭାପତି ଶ୍ରୀମନ୍ତ ପାତ୍ର ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସମାଜର ହିତ ପାଇଁ ଏମ୍ସ ଫଉଣ୍ଡେଶନ ସର୍ବଦା ପ୍ରତିଜ୍ଞାବଦ୍ଧ ବୋଲି କହିଥିଲେ। ଶିବିରରେ ମଣ୍ଡଳ କାରାଗାରର ସମସ୍ତ ବନ୍ଦୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକତା ଅନୁସାରେ ୧୦୬ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ବିପିନ ବିହାରୀ ପଣ୍ଡା, ହେମାନନ୍ଦ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୁଢ଼ାରଜାସ୍ଥିତ ସାଇ ଅପ୍ଟିକାଲ ସହଯୋଗରେ ସମସ୍ତଙ୍କୁ ଚଷମା ବଣ୍ଟନ କରାଯାଇଥିଲା।

# ସମଲେଇ ମନ୍ଦିରରେ ଭଜନ ସନ୍ଧ୍ୟା

ସମ୍ବଲପୁର,୯।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସମଲେଇ ମନ୍ଦିର ପ୍ରାଙ୍ଗଣ ରବିବାର ସନ୍ଧ୍ୟାରେ ଭକ୍ତିମୟ ପରିବେଶରେ ଭରିଯାଇଥିଲା। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଏହାର ଆୟୋଜନ କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଆଜମେରିଆ, ଗୁରୁ ରତନ ପୂଜାରୀ, ଗୁରୁ ତ୍ରିଲୋଚନ ତ୍ରିପାଠୀ, ଗୁରୁ ଶଙ୍କର ପ୍ରଧାନ, ଗୁରୁ ଦୁର୍ଗାମାଧବ ପଣ୍ଡା, ଅନଙ୍ଗ ସାଇଦେଓ, ସୁଶିଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଭଜନ ସନ୍ଧ୍ୟାରେ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। ସୁମଧୁର କଣ୍ଠରେ ପ୍ରକୃତି ପଣ୍ଡା, ଶ୍ରୀ ସୋମ ପାଢ଼ୀ, ଅଙ୍କିତ ଷଡ଼ଙ୍ଗୀ, ଆଶାରାଣୀ ପଣ୍ଡା, ସିଲକି ବହିଦାର, ମଧୁସ୍ମିତା ନାଏକ, ଦୁର୍ଗା ମାଧବ ପଣ୍ଡା, ମାନସ କୁମାର ଷଡ଼ଙ୍ଗୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଗୁରୁ ଦୁର୍ଗା ଦାଶ।

## ସଂକ୍ଷେପରେ

### କଟକ ବାଲିଯାତ୍ରାରେ ସମ୍ବଲପୁରର କବି ସମ୍ମାନିତ

ପଡିଆବାହାଲ,୯।୧୧(ରାଧାମୋହନ ଷଡ଼ଙ୍ଗୀ)

କଟକ ବାଲିଯାତ୍ରା ମହୋତ୍ସବ ଉପଲକ୍ଷେ ତେଲେଙ୍ଗା ବଜାରସ୍ଥିତ ମ୍ୟୁନିସିପାଲଟି ଟାଉନ ହଲରେ କୈବଲ୍ୟ ସାହିତ୍ୟ ସଂସଦ କଟକ ତରଫରୁ ରାଜ୍ୟସ୍ତରୀୟ ସାହିତ୍ୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ, ଜମନକିରା ବ୍ଲକ ଧନୁପାଲି ଓ ସମ୍ବଲପୁର ସହରର ସାହିତ୍ୟ ସ୍ରଷ୍ଟାର କବିମାନେ ଉତ୍କଳ ସାରସ୍ୱତ ବୈଭବ ୨୦୨୫ ସମ୍ମାନ ସମ୍ମାନିତ ହୋଇଛନ୍ତି। ବିଜୟଲକ୍ଷ୍ମୀ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ପରିଚାଳନାରେ ବାଲିଯାତ୍ରା ବୈଭବ ଟପିକରେ କବିତା ପାଠ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା. ଅନୁପମା ବିଶ୍ୱାଳ, ପ୍ରଦୀପ ସାହୁ, ତରଣୀ ତନସେନା, ସୁଷମା ପ୍ରଧାନ, ସବିତା ଷଡ଼ଙ୍ଗୀ ଓ ମନୋଜ ପଣ୍ଡା, ଉତ୍କଳ ସାରସ୍ୱ ବୈଭବ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ପିଲାମାନେ ସବୁଦିନ ଗୀତାଭ୍ୟାସ କରନ୍ତୁ


ଗୀତା ଆବୃତ୍ତି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ଅତିଥି ଓ ଛାତ୍ରୀମାନେ।

ସମ୍ବଲପୁର,୯।୧୧(ବି.ଶଙ୍କର)

**■ସବୁଭାଷାର ମୂଳରେ ସଂସ୍କୃତ ରହିଛି**
**■ଗୀତା ଆବୃତ୍ତି କୃତୀ ପ୍ରତିଯୋଗୀ ପୁରସ୍କୃତ**

ଗୀତା ଆବୃତ୍ତି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ରବିବାର ପୂର୍ବାହ୍ନରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଓ ସଂସ୍କୃତ ବିଦୁଷି ସ୍ୱର୍ଗତା ସରିତା ମାଝୀ ସ୍ମୃତି କମିଟି ମିଳିତ ଆୟୋଜନରେ କାର୍ଯ୍ୟକ୍ରମ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ବିଶିଷ୍ଟ ବାଗ୍ମୀ ତଥା ପ୍ରବଚକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂସ୍କୃତକୁ ଦେବଭାଷାଭାବେ ବର୍ଣ୍ଣନା କରିଥିଲେ। ସବୁଭାଷାର ମୂଳରେ ସଂସ୍କୃତ ରହିଛି। ଏହି ଭାଷାର ମାଧୁର୍ଯ୍ୟତା, ବ୍ୟାକରଣ ଗତ ବ୍ୟବହାର, ଉଚ୍ଚାରଣ ଶୈଳୀ ଓ ଅନ୍ୟାନ୍ୟ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ପିଲାମାନେ ସବୁଦିନ ଗୀତାରୁ ଅନ୍ତତଃ ପାଞ୍ଚଟି ଶ୍ଳୋକ ଆବୃତ୍ତି କରିବାକୁ ଡାକ୍ତର ଷଡଙ୍ଗୀ ଆହ୍ୱାନ ଦେଇଥିଲେ। ରଘୁନାଥ ମିଶ୍ର, ହେମନ୍ତ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ପ୍ରାଯୋଜକ ଅତିଥି ସ୍ୱାଗତ କରିଥିଲେ। ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅରବିନ୍ଦ ଶିକ୍ଷାକେନ୍ଦ୍ର ମହୁଲପାଲିର ନିର୍ଦ୍ଦେଶକ କୂଳଧର ପ୍ରଧାନ ଓ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପ୍ରଧାନ, ବିଚାରକ ଚିନ୍ତାମଣି ଭୋଇ, ଚନ୍ଦ୍ରପ୍ରଭା କର, ଦୁର୍ଗା ଶଙ୍କର ପାଣିଗ୍ରାହୀ ଓ କୃଷ୍ଣଚନ୍ଦ୍ର ଦୋରାଙ୍କୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ ପାଇଁ ସମ୍ମାନିତ କରାଯାଇଥିଲା। ଶେଷରେ ଆୟୋଜକ ବିଭୂତି ନାରାୟଣ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ପିଲାମାନଙ୍କ ମାତାପିତା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତମାସ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗୀତା ଆବୃତ୍ତି ପ୍ରତିଯୋଗିତା ହୋଇଥିଲା। ଗ୍ରାମାଞ୍ଚଳରେ ଯୁଯୁମୁରା ହାଇସ୍କୁଲର କୁମୁଦୁନି ବିଶ୍ୱାଳ ପ୍ରଥମ, ଟାମ୍ପରଗଡ଼ ହାଇସ୍କୁଲ ଇପ୍ସିତା କୁମ୍ଭାର ଦ୍ୱିତୀୟ, କବରାପାଲି ହାଇସ୍କୁଲର ସୌମ୍ୟସୋହାନୀ ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ସେହିପରି ସହରାଞ୍ଚଳ ବର୍ଗରେ ଧନୁପାଲି ସରସ୍ୱତୀ ବିଦ୍ୟାମନ୍ଦିର ଆୟନ୍ସ ମିଶ୍ର, ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲର ରାଜନନ୍ଦିନୀ ପ୍ରିୟଦର୍ଶିନୀ ସାହୁ ଓ ଧନୁପାଲି ସରସ୍ୱତୀ ବିଦ୍ୟା ମନ୍ଦିରର ଆଭାସ ଧର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀମାନଙ୍କୁ ସାର୍ଟିଫିକେଟ ସହ ଆର୍ଥିକ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା।

## ବନ୍ଦେ ମାତରମ ଦେଶବାସୀଙ୍କ ଏକତାର ସୂତ୍ରଧର

ସମ୍ବଲପୁର,୯।୧୧(ଭବାନୀ ଶଙ୍କର ଭୋଇ)

ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଭାରତୀ ସମାଜ ପକ୍ଷରୁ ରବିବାର ରାଷ୍ଟ୍ରଗାନ ବନ୍ଦେ ମାତରମର ଦେଢଶହ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଦାଧର ନିଆଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଗ୍ରାମପଞ୍ଚାୟତ ଅଧିକାରୀ ଟିକେଲାଲ କୁମ୍ଭାର ଅତିଥିଭାବେ ଯୋଗଦେଇଥିଲେ। ଭାରତୀୟ ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ବନ୍ଦେ ମାତରମ ଗୀତର ମହତ୍ତ୍ୱ ଉପରେ ଆଲୋଚନା ହୋଇଥିଲା। ବନ୍ଦେ ମାତରମ ଦେଶବାସୀଙ୍କୁ ଦେଢଶହ ବର୍ଷହେବ ଏକତାର ସୂତ୍ରରେ ବାନ୍ଧି ରଖିଥିବା ଅତିଥିମାନେ କହିଥିଲେ। ବର୍ତ୍ତମାନ ସମୟରେ ଦେଶରେ ଜାତି, ପ୍ରାନ୍ତ, ଭାଷାନାମରେ ବିଭେଦ ସୃଷ୍ଟି କରାଯାଉଥିବା ନେଇ ସଜାଗ ରହିବାକୁ ଆହ୍ୱାନ କରାଯାଇଥିଲା। ଭାରତୀୟ ସଂସ୍କୃତି ପାଞ୍ଚହଜାରରୁ ଅଧିକ ବର୍ଷ ପୁରୁଣା ହୋଇଥିବା ସତ୍ତ୍ୱେ ଯୁବପିଢି ନିଜ ସଂସ୍କୃତି ଏବଂ ପରମ୍ପରାକୁ ଠିକ ଭାବେ ବୁଝିବା ସହ ଏହାର ସୁରକ୍ଷା ଏବଂ ପ୍ରଚାର ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଥିଲା। ଚଳିତବର୍ଷ ଭାରତୀ ସମାଜ ସ୍ଥାପନର ୨୫ ବର୍ଷ ପୂର୍ତ୍ତି ଅବସରରେ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ଦେଶର ବିଭିନ୍ନ ଜାତି ସମାଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଜାତିବାଦ ବିରୋଧରେ ସଚେତନତା ସୃଷ୍ଟି କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା।

# ଭଲ ବହି ସମାଜକୁ ସୁସ୍ଥ ଉପାଦାନ ଦେଇଥାଏ


ଆୟୋଜିତ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର,୯।୧୧(ବି.ଶଙ୍କର)

ଭଲ ବହିଟିଏ ସବୁବେଳେ ସମାଜକୁ ସୁସ୍ଥ ଓ ମଣିଷକୁ ମାନବିକତା ସମ୍ପଦରେ ଧନୀ କରିବା ପାଇଁ ଉପାଦାନ ଦେଇଥାଏ। ଶିକ୍ଷାବିତ ଡ. ଗିରିଧାରୀ ହୋତାଙ୍କ ଆଚାରେ ଉଦାରେଚ ଓ ମଲଟିଲିଙ୍ଗୁଆଲ ଏଜୁକେସନ ବହିଦ୍ୱୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଶିକ୍ଷାୟତନ ପାଇଁ ସ୍ୱତନ୍ତ୍ର ଉପାଦାନ ଯୋଗାଇବ। ରବିବାର ସନ୍ଧ୍ୟାରେ ସମ୍ବଲପୁର ସାର୍ବଜନୀନ ପାଠାଗାରରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରଫେସର ମୀନକେତନ ପାଠୀ ଓ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଦୁଇ ବହିର ସମୀକ୍ଷା କରିଥିଲେ। ପ୍ରଫେସର ପ୍ରସାଦ ପତି, ବରିଷ୍ଠ ନାଗରିକ ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ପାଠାଗାର ସମ୍ପାଦକ ରଘୁନାଥ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଲେଖକ ଡ.ଗିରିଧାରୀ ହୋତା ବହି ଦ୍ୱୟର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ଡ. ଗୌରିଦାସ ପଧାନ ସଭା ସଂଯୋଜନା କରିଥିଲେ। ସହରର ବହୁ ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷାପ୍ରେମୀ ଉନ୍ମୋଚନ ଉତ୍ସବରେ ସାମିଲ ହୋଇଥିଲେ।

# ଭାଗବତ ଚର୍ଚ୍ଚା କାର୍ଯ୍ୟକ୍ରମ



ସମ୍ବଲପୁର,୯।୧୧(ବି.ଶଙ୍କର)

ସ୍ୱୀକାର ଅନୁଷ୍ଠାନ ଆୟୋଜିତ ଭାଗବତ ଚର୍ଚ୍ଚା କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଶୀଲା ଟାୱାର ସମ୍ମିଳନୀ କକ୍ଷରେ ଉଦ୍‌ଯାପିତ ହୋଇଛି। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ବରିଷ୍ଠ ଖବରଦାତା ଅର୍ଜ୍ଜୁନ ରଞ୍ଜନ ପଣ୍ଡା,ଏସ୍‌ସିଇଆରଟି ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସେବକ ତ୍ରିପାଠୀ, ସାମାଜିକ କର୍ମୀ ଉଦ୍ଧବ ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ପ୍ରବଚକ ଭାବେ ଯୋଗଦେଇଥିଲେ। ଭକ୍ତି, ଜ୍ଞାନ ଓ ବୈରାଗ୍ୟର ମହାସଙ୍ଗମ ହେଉଛି ଭାଗବତ। ଦ୍ୱାଦଶସ୍କ ବିଶିଷ୍ଟ ଏହି ମହାପୁରାଣ ଭଗବାନଙ୍କ ବାମୟ ସ୍ୱରୂପ। ଶରୀରର ବକ୍ଷସ୍ଥଳ ଭଳି ଶ୍ରୀମଦ୍ ଭାଗବତରେ ଦଶମ ସ୍କନ୍ଧ ଗୁରୁତ୍ୱ ବହନ କରେ। ଏହି ଦଶମ ସ୍କନ୍ଧର ୨୯ରୁ ୩୩ ଅଧ୍ୟାୟରେ ବର୍ଣ୍ଣିତ ରାସ ପଞ୍ଚାଧ୍ୟାୟୀ ଶରୀର ହୃଦ୍‌ପିଣ୍ଡ ଭଳି ଅଧିକ ଗୌରବ ଏବଂ ଗୁରୁତ୍ୱଯୁକ୍ତ ସତ୍ତାଭାବେ ଭକ୍ତଙ୍କର ଏକାନ୍ତ ଚର୍ଚ୍ଚିତ ପ୍ରସଙ୍ଗ ବୋଲି ଡାକ୍ତର ଷଡଙ୍ଗୀ କହିଥିଲେ।

# ଗାଡି ଧକ୍କାରେ ଲୁନା ଆରୋହୀ ମୃତ

ସମ୍ବଲପୁର,୯।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଯୁଯୁମୁରା ଥାନା ଅନ୍ତର୍ଗତ ସମ୍ବଲପୁର-ମେଘପାଳ ରାସ୍ତାର ହିରୋ ଗ୍ରାମ ନିକଟରେ ରବିବାର ଏକ ଥାର୍ (ଓଡି-୧୬-ଡି-୧୭୭୭) ଧକ୍କାରେ ମୋପେଡ୍ ଲୁନା(ଓଡି-୧୫-ଏଫ୍-୭୧୦୩) ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଗୋବନ୍ଧନ ବଡ଼ମାଲର ବିପ୍ର ବଘାର(୪୫)। ଯୁଯୁମୁରା ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ରଖିଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ରବିବାର ଅପରାହ୍ନ ପ୍ରାୟ ୪ଟାରେ ବିପ୍ର ତାଙ୍କ ମୋପେଡ୍‌ରେ ହିରୋ ଗ୍ରାମରୁ ନିଜ ଘରକୁ ଫେରୁଥିଲେ। ଗ୍ରାମର କିଛି ଦୂରରେ ଥିବା ଏକ ବୁଲାଣିରେ ସମ୍ବଲପୁରରୁ ମେଘପାଳ ଅଭିମୁଖେ ଯାଉଥିବା ଉକ୍ତ କାର୍ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ପୋଲିସ କାର୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି।

# ଆମ୍ବେଡ଼କରଙ୍କ ଓଡ଼ିଶା ଆଗମନ ଦିବସ ପାଳିତ

ସମ୍ବଲପୁର,୯।୧୧(ଭବାନୀ ଶଙ୍କର ଭୋଇ)

ହୀରାକୁଦସ୍ଥିତ ବରିଷ୍ଠ ନାଗରିକ ଭବନ ପ୍ରାଙ୍ଗଣରେ ରବିବାର ଭାରତୀୟ ସମ୍ବିଧାନର ପ୍ରଣେତା ବାବାସାହେବ ଡ଼ ଆମ୍ବେଡ଼କରଙ୍କ ଓଡ଼ଶା ଆଗମନ ଦିବସ ପାଳନ କରାଯାଇଥିଲା। ୧୯୪୫ ମସିହା ନଭେମ୍ବର ୮ରେ ବାବାସାହେବ କଟକସ୍ଥିତ ସଚିବାଳୟ ଆସି ହୀରାକୁଦ ନଦୀବନ୍ଧ ପ୍ରକଳ୍ପକୁ ମୋହର ମାରି ଶୀଘ୍ର କେମିତି ବନ୍ଧ କାର୍ଯ୍ୟ ଆରମ୍ଭ ହେବ ଓ ଓଡିଶାବାସୀ ତାର ଫାଇଦା ନେଇ ପାରିବେ ସେ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭୀମ ଆର୍ମି ଓଡ଼ିଶା ମୁଖ୍ୟ ଲଙ୍କେଶ ରାବଣ ଯୋଗଦାନ କରିଥିଲେ। ମୁଖ୍ୟବକ୍ତାଭାବେ ଅନୁଗୋଳର ପ୍ରଦ୍ୟୁମ୍ନ ନାଏକ ଯୋଗ ଦେଇଥିଲେ। ସଭାରେ ମହେଶ୍ୱର ଷଣ୍ଢ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥିଭାବେ ବିକାଶ ବୌଦ୍ଧ ଯୋଗଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ଆଶିଷ ସୁନା, ବୈକୁଣ୍ଠ ଜାଲ, ସମ୍ପତି କୁମ୍ଭାର, ପ୍ରଦୀପ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋସେବା ଖଡ଼ିଆଙ୍କ ପ୍ରକୃତି ପୂଜନର ନିଦର୍ଶନ

ସମ୍ବଲପୁର,୯।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ବସନ୍ତପୁର ଗ୍ରାମପଞ୍ଚାୟତର ପାପଡେରାଠାରେ ରବିବାର ଖଡିଆ ସାଂସ୍କୃତିକ ସେବା ସମାଜ ଆନୁକୂଲ୍ୟରେ ବାନ୍ଦେଇ ତିହାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ସଭାପତି ସ୍ମୃତିରାଜୁ ଖଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଡିଆ ସମାଜର ଗୋପୂଜନ ପରମ୍ପରାକୁ ସାମୂହିକଭାବେ ବାନ୍ଦେଇ ତିହାରଭାବେ ପାଳନ କରାଯାଇଥିଲା। ଖଡିଆ ସମାଜର ସମ୍ବଲପୁର, ବରଗଡ, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲାରୁ ଆସିଥିବା କର୍ମକର୍ତ୍ତାଙ୍କଦ୍ୱାରା ଗୋପୂଜନ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠିତ ସଭାରେ ବାନ୍ଦେଇ ତିହାରର ମହତ୍ତ୍ୱ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଖଡିଆ ଜନଜାତିର ଲୋକେ ପ୍ରକୃତିର ପୂଜକ ହୋଇଥିବା ବେଳେ ସେମାନଙ୍କ ଜନଜୀବନ ସହିତ ଜଡିତ ଗୋରୁଙ୍କୁ ପୂଜନ କରିବାର ପରମ୍ପରା ହିଁ ଗୁହାଳ ପୂଜା ବା ବାନ୍ଦେଇ ତିହାର ବୋଲି ମଞ୍ଚାସୀନ ଅତିଥି ଖଡିଆ ସାଂସ୍କୃତିକ ସେବା ସମାଜ ଉପସଭାପତି ତରଣୀ ଖଡିଆ କହିଥିଲେ। ଗୋରୁ ଚାଷ କାର୍ଯ୍ୟରେ ସାହାଯ୍ୟ କରି ଖଡିଆ ସମାଜର ମଙ୍ଗଳ ସାଧନ କରିଥାନ୍ତି। ତେଣୁ କାର୍ତ୍ତିକ ପୂର୍ଣ୍ଣମୀ ଦିନ ସେମାନଙ୍କ ସାହାଯ୍ୟ ପାଇଁ ଧନ୍ୟବାଦ ଅର୍ପଣ କରି ସେମାନଙ୍କ ଗୋଡ ଧୋଇ, ତେଲ ଫଳ ଦେଇ ସୁଖାଦ୍ୟ ଖାଇବାକୁ ଦିଆଯାଏ। ଏପରିକି ଗୋରୁଙ୍କୁ ଦିଆଯାଉଥିବା ପିଠାପଣା ଏବଂ ଭାତକୁ ଖଡିଆ ସମାଜର ଲୋକେ ପ୍ରସାଦ ଭାବେ ସେବନ କରିବାର ପରମ୍ପରା ରହିଥିବା ଉପସଭାପତି ବସନ୍ତ କୋକବାକ ସୂଚନା ଦେଇଥିଲେ। ଖଡିଆ ସମାଜର ପ୍ରତ୍ୟେକ ପରମ୍ପରା ପ୍ରକୃତି ସହିତ ଜଡିତ ରହିଥିବା ବେଳେ ବର୍ତ୍ତମାନ ସମୟରେ ଅନେକେ ପରମ୍ପରାକୁ ସମାଜର ଯୁବପିଢୀକୁ ଜଣାଇବା ପାଇଁ ଏହାର ସାମୂହିକ ଭାବେ ଆୟୋଜନ କରାଯାଉଥିବା ସୁନ୍ଦରଗଡ଼ ଜିଲାରୁ ଆସିଥିବା ଶ୍ରୀରାମ କୁଲୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଖଡିଆ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ବିକାଶ ସହ ସାମାଜିକ ସଂସ୍କାର ଏବଂ ଭାଷା ସଂସ୍କୃତିର ସଂରକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ଯୁବପିଢି ଶିକ୍ଷିତ ହେବା ସହ ସମାଜର ପରମ୍ପରା ପ୍ରତି ସଚେତନ ହେବାକୁ କାର୍ଯ୍ୟକ୍ରମରେ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ପାରମ୍ପରିକ ବେଶଭୂଷାରେ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାପୂର୍ବରୁ ଖଡିଆ ସମାଜର ପୂର୍ବ ପୁରୁଷମାନଙ୍କୁ ସ୍ମରଣ କରାଯିବା ସହ କରମସାନୀ ଏବଂ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇ ମଞ୍ଚରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚୁନୁ କୁଲୁ, ସନ୍ତୋଷ କେରକେଟା, ଶିବ କିଡୋ, ରମେଶ ସୁରେନ, ସୁନୀଲ ବାଗ, ଝୁନୁ ଖଡିଆ, ଧନକଉଡା ସଭାପତି ପ୍ରଫୁଲ୍ଲ ଖଡିଆ ମଞ୍ଚାସୀନ ଥିଲେ। ବିଷ୍ଣୁ କଡିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଖଡିଆ ସାଂସ୍କୃତିକ ସେବା ସମାଜର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିନିଧି ମାନଙ୍କୁ ଫୁଲ ଚନ୍ଦନ ଦେଇ ମାନ୍ଦଳର ତାଳେତାଳେ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଦିଲୀପ ଖଡିଆ, ଡାକ୍ତର ଖଡିଆ, ବସନ୍ତ ଖଡିଆ, ସୁଗ୍ରୀବ ଖଡିଆ, ସଙ୍ଗର ଖଡିଆ ସହଯୋଗ କରିଥିଲେ।


ଖଡିଆ ସମାଜର ବାନ୍ଦେଇ ଉତ୍ସବରେ ଗୋରୁଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**ଖଡିଆ ସମାଜର ବାନ୍ଦେଇ ତିହାର**

## କଟକରେ ବିପଦସଙ୍କୁଳ କୋଠା



ବାଦାମବାଡ଼ି ନିକଟସ୍ଥ ସେସୁ କଲୋନୀ କ୍ୱାର୍ଟର୍ସ।




ନୟାସଡ଼କସ୍ଥିତ ଏକ କୋଠା।




ଚୌଧୁରୀ ବଜାର ନିକଟସ୍ଥ କଟକ ମହାନଗର ନିଗମର କାର୍ଯ୍ୟାଳୟ। (ଫଟୋ: ରାଜକିଶୋର ମହାନ୍ତି)

# ୨୪ ଘଣ୍ଟାରେ ତଦନ୍ତ ରିପୋର୍ଟ ଦିଅ: ଜିଲାପାଳ

### ଆପାର୍ଟମେଣ୍ଟ ବାଲକୋନି ଭୁଶୁଡ଼ି ୩ ମୃତ୍ୟୁ ଘଟଣା

### ବାଲିଯାତ୍ରା ପରେ ହେବ ଅସୁରକ୍ଷିତ କୋଠା ଯାଞ୍ଚ, ଉଚ୍ଛେଦ

କଟକ,୯।୧୧(କାର୍ତ୍ତିକ ସାହୁ)

ବକ୍ସିବଜାର ଅଞ୍ଚଳର ମଣିସାହୁ ଛକଠାରେ ଏକ ୫ ମହଲା ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟଣାରେ ୨୪ ଘଣ୍ଟାରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାଲିଯାତ୍ରା ପରେ ଅସୁରକ୍ଷିତ କୋଠା ଯାଞ୍ଚ କରାଯାଇ ତୁରନ୍ତ ଉଚ୍ଛେଦ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷେ ପ୍ରତ୍ୟେକ ମୃତକଙ୍କ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ସୂଚନା ଅନୁଯାୟୀ, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଟକ ମହାନଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଟି ଗଠନ କରାଯାଇଛି। କମିଟିରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମହାନଗର ନିଗମର ନଗର ଯନ୍ତ୍ରୀ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ସହର ଯୋଜନାକାରୀ ସଦସ୍ୟ ଭାବେ ରହିଛନ୍ତି। ଏହି ଦୁର୍ଘଟଣା ଘଟିଥିବା କୋଠାର ନିର୍ମାଣ ବୈଧତା ତଥା ଆବଶ୍ୟକ ଅନୁମତି ହାସଲ ବିଷୟରେ ତଦନ୍ତ କରାଯିବ। ଏହି କୋଠା ନିର୍ମାଣର ମୂଳ ଅନୁମତି କଟକ ଉନ୍ନୟନ କର୍ତ୍ତୃପକ୍ଷ ଦେଇଥିବାରୁ ଆବଶ୍ୟକ ଦସ୍ତାବିଜ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ହାସଲ କରାଯାଇ ଯାଞ୍ଚ କରାଯିବ। ତଦନ୍ତ କମିଟି ସଂପୃକ୍ତ କୋଠାର ନିର୍ମାଣଜନିତ ଦୃଢ଼ତା ଏବଂ ସ୍ଥାୟିତ୍ୱକୁ ପରୀକ୍ଷା ନିରୀକ୍ଷା କରିବ। ଏହି ଅଟ୍ଟାଳିକା ନିର୍ମାଣ ନିମନ୍ତେ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ହାସଲ କରାଯାଇଛି କି ନାହିଁ ଏବଂ ଅନୁମୋଦିତ ଯୋଜନା ତଥା ନିର୍ମାଣ ନିୟମାବଳୀ ଅନୁଯାୟୀ କରାଯାଇଛି କି ନାହିଁ, ତାହା ମଧ୍ୟ କମିଟି ଯାଞ୍ଚ କରିବ। ଏଥିରେ କୌଣସି ପ୍ରକାର ଅବହେଳା ବା ବିଚ୍ୟୁତି ପରିଲକ୍ଷିତ ହେଲେ ସମ୍ପୃକ୍ତ ବ୍ୟକ୍ତି ବା ଅଧିକାରୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ତଦନ୍ତର ସାରାଂଶ ଓ ସୁପାରିସ ସହ ଏକ ସମ୍ପୂର୍ଣ୍ଣ ରିପୋର୍ଟ କଟକ ମହାନଗର ନିଗମ ଆୟୁକ୍ତ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କ ମାଧ୍ୟମରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ଜିଲାପାଳ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି।

## ଭଙ୍ଗାଯାଇନି ୨୨୧ ବିପଦସଙ୍କୁଳ କୋଠା

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପ୍ରଶାସନର ଅଣଦେଖା

କଟକ,୯।୧୧(କାର୍ତ୍ତିକ ସାହୁ)

କଟକ ସହରରେ ବିପଦସଙ୍କୁଳ ଅବସ୍ଥାରେ ଥିବା ୨୨୧ଟି କୋଠାକୁ ଭାଙ୍ଗିବା ପାଇଁ ହାଇକୋର୍ଟ ଗତ ସେପ୍ଟେମ୍ବରରେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବାଦାମବାଡ଼ି ସେସୁ କଲୋନୀ, ସିଏମ୍‌ସିର କେତେକ ବିଲ୍‌ଡିଂ, ଚୌଧୁରୀବଜାର, ବାଲୁବଜାର, ନୟାସଡ଼କ, ନୂଆବଜାର, କଲେଜ ଛକ, ମଣିସାହୁ ଛକ, ମଙ୍ଗଳାବାଗ, ରାଣୀହାଟ, ପିଠାପୁର, ତିନିକୋଣିଆ ବଗିଚା ଆଦି ଅଞ୍ଚଳରେ ଅନେକ ଅସୁରକ୍ଷିତ କୋଠା ରହିଛି। କେତେକ ବିପଦସଙ୍କୁଳ କୋଠାରେ ଲୋକେ ବସବାସ କରୁଛନ୍ତି। ତେବେ କେତେବେଳେ ଯେ ଏସବୁ କୋଠା ଭୁଶୁଡ଼ିପଡ଼ିବ ତାହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଶନିବାର ବକ୍ସିବଜାର ଅଞ୍ଚଳର ମଣିସାହୁ ଛକଠାରେ ଏକ ୫ମହଲା ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏହି ଆପାର୍ଟମେଣ୍ଟର ଅନ୍ୟ କେତେକ କୋଠାରେ ଲୋକେ ବାସ କରୁଛନ୍ତି। ପ୍ରଶାସନ ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସାଧାରଣରେ ସ୍ୱର ଉଠିଛି।

# ସୁନାବେଡ଼ାରେ ବାଘ ବୁଲୁଥିବା ଭିଡିଓ ଭାଇରାଲ

### ୪ ଟ୍ରେସ୍ କ୍ୟାମେରା ଲଗାଇଲା ବନ ବିଭାଗ

ସୁନାବେଡ଼ା,୯।୧୧
(କୃତ୍ତିବାସ ପ୍ରଧାନ)



ଭାଇରାଲ ଭିଡିଓର ଦୃଶ୍ୟ।

କୋରାପୁଟ ଜିଲା ପୁରୁଣା ସୁନାବେଡ଼ାସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗର ପମ୍ପ ହାଉସ୍ ଅଞ୍ଚଳରେ ବାଘ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହାକୁ ନେଇ ବନ ବିଭାଗ ଟିମ୍ ତଦନ୍ତ ସହ ସ୍ଥିତିକୁ ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ପରେ ସେମିଳିଗୁଡ଼ା ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବାଘର ଗତିବିଧି ଉପରେ ନଜର ରଖିବାକୁ ୪ଟି ଟ୍ରେସ କ୍ୟାମେରା ଲଗାଯାଇଛି। ପ୍ରକୃତରେ ବାଘ ନା ଅନ୍ୟ କିଛି ବନ୍ୟଜନ୍ତୁ ସ୍ପଷ୍ଟ ହୋଇ ନ ଥିବାରୁ ଏହାର ଗତିବିଧି ଉପରେ ବିଭାଗ ନଜର ରଖିଛି। ଏହି ଅଞ୍ଚଳର ଆଖପାଖ ଗାଁ ଓ ବସ୍ତିରେ ବିଭାଗର କର୍ମଚାରୀ ଲୋକମାନଙ୍କୁ ସଚେତନ କରିବା ସହ କେହି କିଛି ଦେଖିଲେ ବିଭାଗକୁ ଖବର ଦେବାକୁ କହିଛନ୍ତି। ୩ ଦିନ ଧରି ଏହି ଅଞ୍ଚଳ ଉପରେ ବନ ବିଭାଗ ଟିମ୍ ନଜର ରଖିଛି। ଶନିବାର ରାତିରେ କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି. ଭାସ୍କର ରାଓ, ଏସିଏଫ ଜଗନ୍ନାଥ ପ୍ରସାଦ ବିଷୋୟୀ, କୋରାପୁଟ ବନାଞ୍ଚଳ ଅଧିକାରୀ ଏସ୍.କେ. ପାହାଡ଼ସିଂ, ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇ, ବନପାଳ ନିରଞ୍ଜନ ଶତପଥୀ ଓ ଅନ୍ୟ ବନ କର୍ମଚାରୀ ଅଞ୍ଚଳର ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗୁରୁବାର ରାତିରେ ପମ୍ପ ହାଉସ୍‌ରେ ଥିବା ଜଗୁଆଳି ବାହାରେ ପଇଁତରା ମାରୁଥିବା ବେଳେ ବାଘ ଭଳି ଏକ ବନ୍ୟଜନ୍ତୁ ବୁଲୁଥିବା ଦେଖି ଭିଡିଓ ଉତ୍ତୋଳନ କରିଥିଲେ। ଏ ସମ୍ପର୍କରେ ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇଙ୍କୁ ଯୋଗାଯୋଗ କରିବାରୁ, ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳ ଉପରେ ନଜର ରଖାଯାଇଛି। ବନ୍ୟଜନ୍ତୁର ଗତିବିଧି ଜାଣିବାକୁ ଟ୍ରେସ କ୍ୟାମେରା ଲଗାଯାଇଛି। ବାଘ କି ଆଉ କୌଣସି ବନ୍ୟଜନ୍ତୁ ତାହା ଜାଣିବାକୁ ୩ ଦିନ ହେବ ଅନୁଧ୍ୟାନ କରାଯାଉଥିବା ସେ କହିଛନ୍ତି।

# ଦିବ୍ୟାଙ୍ଗଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉନାହାନ୍ତି ଅଧିକାରୀ

### ଆନ୍ତରିକତା ସହ ଆଇନର ଅନୁପାଳନ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୯।୧୧
(ରବିନାରାୟଣ ଜେନା)

ରାଜ୍ୟରେ ଦିବ୍ୟାଙ୍ଗଙ୍କ ସୁରକ୍ଷା ପ୍ରତି ଅନେକ ବିଭାଗ ଆନ୍ତରିକତା ଦେଖାଉ ନାହାନ୍ତି। ଫଳରେ ସେମାନେ ଚାକିରିଠାରୁ ଆରମ୍ଭ କରି ଜମି ଖଣ୍ଡିଏ ପାଇବା କିମ୍ବା ସରକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତଠାରୁ ପଛରେ ପଡ଼ି ଯାଉଛନ୍ତି। ଏହିଭଳି ଅଭିଯୋଗର ଦସ୍ତାବିଜ୍ ସରକାରଙ୍କ ନିକଟରେ ପହଞ୍ଚିବା ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରତ୍ୟେକ ବିଭାଗ ଯେପରି ଆଇନର ଅନୁପାଳନପୂର୍ବକ ସେମାନଙ୍କ ଅଧିକାର ଓ ସୁରକ୍ଷାକୁ ଦୃଷ୍ଟିଦେବେ ସେ ନେଇ ବିଭାଗ ପକ୍ଷରୁ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ଏ ସଂକ୍ରାନ୍ତରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ପାରୁଲ ପଟ୍ଟୱାରୀ ସରକାରଙ୍କ ନିର୍ଦ୍ଦେଶକ୍ରମେ ନଭେମ୍ବର ୩ରେ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖିଛନ୍ତି, ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଦିବ୍ୟାଙ୍ଗଙ୍କ ଅଧିକାର ପାଇଁ ସେକ୍ସନ-୩୭ର ଅନୁପାଳନ ହେବା ନିହାତି ଆବଶ୍ୟକ। ସେ କହିଛନ୍ତି, ପ୍ରତ୍ୟେକ ଚାଷଜମି ଆବଣ୍ଟନ ବେଳେ ଏହି ବର୍ଗଙ୍କ ପାଇଁ ୫ପ୍ରତିଶତ ପ୍ରଦାନ କରାଯିବା ଦରକାର। ଏହାସହିତ ସରକାରଙ୍କ ସମସ୍ତ ବିକାଶମୂଳକ ଯୋଜନାରେ ସେମାନେ ଯେପରି ସାମିଲ ହୋଇପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ବିଶେଷ କରି ମହିଳା ବର୍ଗଙ୍କୁ ପ୍ରାଥମିକତା ଭିତ୍ତିରେ ସାମିଲ କରାଯିବା ଦରକାର।

ଏଥିସହ ଗରିବ ଦୂରୀକରଣ ଲାଗି ସରକାରଙ୍କ ପକ୍ଷରୁ ଯେତେସବୁ ଯୋଜନା ହାତକୁ ନିଆଯାଇଛି ସେଥିରେ ମଧ୍ୟ ଅତି କମ୍‌ରେ ୫ପ୍ରତିଶତ ଏହି ବର୍ଗଙ୍କୁ ସାମିଲ କରାଯିବାର ଆବଶ୍ୟକତା ରହିଛି। ଏହାସହିତ ବିଭିନ୍ନ ବର୍ଗଙ୍କୁ ଘରବାଡ଼ି, ଦୋକାନ କିମ୍ବା ଅନ୍ୟାନ୍ୟ ଉଦ୍ୟୋଗ ପାଇଁ ଜମି ଆବଣ୍ଟନ ବେଳେ ଦିବ୍ୟାଙ୍ଗ ବର୍ଗଙ୍କୁ ରିହାତି ଦରରେ ଜମି ଯୋଗାଇବାକୁ ହେବ ବୋଲି ପଟ୍ଟୱାରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ସେ ପୁନଶ୍ଚ ଦର୍ଶାଇଛନ୍ତି, ସରକାରଙ୍କ ଲକ୍ଷ୍ୟ ହେଉଛି ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା। ଏଥିପାଇଁ ସରକାରୀ ନିୟମର ଅନୁପାଳନ ଠିକଣା ଭାବେ କରାଯିବାର ଆବଶ୍ୟକତା ରହିଛି। ବିଭାଗୀୟ ଅଧିକାରୀମାନେ ଆନ୍ତରିକତାର ସହିତ ସେକ୍ସନ-୩୭କୁ ଅନୁପାଳନ କରିବା ସହ ଦିବ୍ୟାଙ୍ଗଙ୍କୁ ତାଙ୍କ ଅଧିକାର ପ୍ରଦାନ କରନ୍ତୁ ବୋଲି ନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି।

# ଜଳପଥରେ ଗୁଆ ଚାଲାଣ

### ୬୦୨ ବସ୍ତା ଗୁଆ ସହ ୪ କଣ୍ଟେନର, ୨ ଟ୍ରଲର ଜବତ




ମେରାଇନ୍ ଥାନା ପକ୍ଷରୁ ଜବତ ଟ୍ରଲର ଓ କଣ୍ଟେନର।

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ଜଳପଥରେ ଗୁଆ ଚାଲାଣ ବେଳେ ଧରାପଡ଼ିଛି। ବାଲେଶ୍ୱର ଜିଲା ବାହାବଳପୁର ମେରାଇନ୍ ଥାନା ଓ ବସ୍ତା ଥାନା ଅଞ୍ଚଳରୁ ୪ଟି କଣ୍ଟେନର ଓ ୨ଟି ଟ୍ରଲର୍ ଜବତ ହୋଇଛି। ୪ କଣ୍ଟେନର ଡ୍ରାଇଭରଙ୍କୁ ଅଟକ ରଖାଯାଇ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଶନିବାର ରାତିରେ ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରଠାରୁ କିଛି ଦୂରରେ ଏହି ଟ୍ରଲର୍ ୨ଟି ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେଥିରେ ଆସିଥିବା ସାମଗ୍ରୀକୁ ୪ଟି କଣ୍ଟେନର ଜରିଆରେ ଚାଲାଣ ବ୍ୟବସ୍ଥା କରାଯାଉଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ମେରାଇନ୍ ଥାନା ପୋଲିସ ସ୍ଥାନୀୟ ଶିବ ମନ୍ଦିର ନିକଟରୁ ଗୋଟିଏ କଣ୍ଟେନରରେ ଥିବା ୨୮୮ବସ୍ତା ଗୁଆ ଜବତ କରିଥିଲା। ଏନେଇ ମାମଲା (ନଂ.୩୫/୨୫) ରୁଜୁ ପରେ ତଦନ୍ତ ଜାରି ରହିଛି। ସେହିପରି ବସ୍ତା ଥାନା ପୋଲିସ ଛାନୁଆ-ସୁଲପଟା ରାସ୍ତାରେ ୩ଟି କଣ୍ଟେନରକୁ ଅଟକାଇଥିଲା। ସେଥିମଧ୍ୟରୁ ୨ଟି କଣ୍ଟେନରରେ ଥିବା ୩୧୪ ବସ୍ତା ଗୁଆ ଜବତ ହୋଇଥିବା ବେଳେ ଅନ୍ୟଟି ଫାଙ୍କା ଥିଲା। ଏ ସମ୍ପର୍କରେ ବସ୍ତା ଥାନାରେ ମାମଲା (ନଂ. ୪୬୬/୨୫) ରୁଜୁ ହୋଇଛି।

ମେରାଇନ ଥାନା ଆଇଆଇସି ରଶ୍ମିରେଖା ମହାଳିକଙ୍କ ସୂଚନା ମୁତାବକ, କଣ୍ଟେନରଗୁଡ଼ିକରେ ଗୁଆ ବସ୍ତା ଥିଲା। ଟ୍ରଲର୍‌ଗୁଡ଼ିକରେ ଏହି ଗୁଆ ଆସିଥିବା ଅନୁମାନ କରାଯାଉଛି। ସମ୍ପୂର୍ଣ୍ଣ ଯାଞ୍ଚ ପରେ ସତ୍ୟାସତ୍ୟ ଜଣାପଡ଼ିବ। ଟ୍ରଲର୍‌ଗୁଡ଼ିକ ପଶ୍ଚିମବଙ୍ଗର ବୋଲି ପୋଲିସ ସୂଚନା ଦେଇଛି।

## ଗାଡ଼ି ଧକ୍କାରେ ମା' ପୁଅ ମୃତ

ସମ୍ବଲପୁର,୯।୧୧
(ପ୍ରମୋଦ ବହିଦାର)

ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଆଦର୍ଶବିଦ୍ୟାଳୟ ଛକରେ ରବିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ବାଇକରେ ଥିବା ମା' ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାରମାଳ ଥାନା ଅନ୍ତର୍ଗତ ବଡ଼ମାଳ ପଞ୍ଚାୟତ ପିପିଲିକାନୀ ଗ୍ରାମର ମଞ୍ଜୁ ମାଝୀ(୬୦) ଓ ତାଙ୍କ ପୁଅ ମନୋଜ ମାଝୀ(୩୦)। ସେମାନେ ନାକଟିଦେଉଳରୁ ରେଢ଼ାଖୋଲ ଆସୁଥିବା ବେଳେ ସନ୍ଧ୍ୟା ପ୍ରାୟ ୬ଟା୩୦ରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ସେମାନେ ଛିଟିକି ପଡ଼ିଥିବାବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ନେଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ଖବର ପାଇ ରେଢ଼ାଖୋଲ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମଞ୍ଜୁ ଓ ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଉଭୟଙ୍କ ଶବ ବ୍ୟବଚ୍ଛେଦ କରାଯିବ।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ୍, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସୃଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦ ।
- ଦିବ୍ୟଦିଗନ୍ତ ସାମାଜିକ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ଚାରା ପ୍ରଦର୍ଶନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।

**ଗଞ୍ଜାମ**
- ହିଞ୍ଜିଳିକାଟୁ ବିଜେଡି ପକ୍ଷରୁ ସାଧାରଣ ସଭା, ସ୍ଥାନ: ବସଷ୍ଟାଣ୍ଡ ହିଞ୍ଜିଳିକାଟୁ, ସମୟ: ପୂର୍ବାହ୍ନ ୧୧ଟା ।

**କନ୍ଧମାଳ**
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।

**ଢେଙ୍କାନାଳ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ଓ ରୁଦ୍ରାଭିଷେକ, ସ୍ଥାନ: ଢେଙ୍କାନାଳ ରାଜବାଟୀ, ସମୟ: ସନ୍ଧ୍ୟା ୫ଟା ।

**ଜଗତ୍‌ସିଂହପୁର**
- ପାରାଦୀପ ଆଦର୍ଶଥାନା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୦ଟା ।
- କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୨୫ର ଉଦ୍‌ଯାପନୀ ସଭା, ସ୍ଥାନ: ବାଲିଯାତ୍ରା ମଞ୍ଚ, ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

**କେନ୍ଦ୍ରାପଡ଼ା**
- ରାଷ୍ଟ୍ରୀୟ ଏକତା ପଦଯାତ୍ରା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା ।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା ।
- ଖବରଦାତା କରୁଣାକର କରଙ୍କ ସ୍ମୃତି ସଭା, ସ୍ଥାନ: ଦୁମୁକାହାଟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।
- ଦିଶା ବୈଠକ, ସ୍ଥାନ: ଡିଆରଡିଏ ସଭାଗୃହ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା ।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜାତ୍ସୋବ, ସ୍ଥାନ: ପୀତାପଲ୍ଲୀ, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା ।
- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ: ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡ଼ା ସହର, ଲୁଣାନଦୀ ତଟ, କଳପଡ଼ା, କେନ୍ଦ୍ରାପଡ଼ା, ମା' ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମା' ରାମଚଣ୍ଡୀ ଭାଗବତ ଆଶ୍ରମ, କୋଚିଲା ଭାଗବତ ପୀଠ, ଧାନ ଦାସ ମଠ, ବାରଡାଙ୍ଗ, ମହାକାଳପଡ଼ା, ଶାସନୀପଡ଼ା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ: ସନ୍ଧ୍ୟା ୭ଟା ।

**ଯାଜପୁର**
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ୍ ଅଧୀନ ବାଲିବିଲ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ରାହାସ ଉତ୍ସବ, ସ୍ଥାନ : ହରିପୁରର ବିଭିନ୍ନ ମଠ ମନ୍ଦିର, ସମୟ : ସନ୍ଧ୍ୟା ୫ଟା ।
- ରାହାସ କୁଞ୍ଜ ଉତ୍ସବ ଓ ଯାତ୍ରା ସମାରୋହ, ସ୍ଥାନ: ମହେଶ୍ୱରପୁର ଛକ, ସମୟ: ସନ୍ଧ୍ୟା ୬ଟା ।

**ନୟାଗଡ଼**
- ବାବା ବଳିଆଙ୍କ ହରି କଥାମୃତ ଉଦ୍‌ଘାଟନ ଦିବସ, ସ୍ଥାନ:କଣ୍ଟିଲୋ ମାଘମେଳା ପଡିଆ, ସମୟ: ସନ୍ଧ୍ୟା ୬ଟା ।
- ସାଇବର ଠକେଇ ଉପରେ ସଚେତନତା, ସ୍ଥାନ:ନୟାଗଡ ବ୍ଲକ ଇଟାମାଟି ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ।

**ରାୟଗଡ଼ା**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

**ନବରଙ୍ଗପୁର**
- ପୋଲିସ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଉମରକୋଟ, ସମୟ: ସକାଳ ୮ଟା ।
- ଝରିଗାଁ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ, ସ୍ଥାନ: ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ବାଲ୍ୟବିବାହ ନିରାକରଣ ଦିଗରେ ସ୍ୱତନ୍ତ୍ର ଅଭିଯାନ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ପଞ୍ଚାୟତର ଦଳେଇଗୁଡ଼ା ଗ୍ରାମ, ସମୟ: ଅପରାହ୍ନ ୨ଟା ।
- ମୁଖ୍ୟମନ୍ତ୍ରୀ ମକା ମିଶନ ସମୀକ୍ଷା ବୈଠକ, ସ୍ଥାନ: ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ ଅପରାହ୍ନ ୪ଟା ।

**କୋରାପୁଟ**
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଉଚ୍ଚ ବିଦ୍ୟାଳୟ ପଡିଆ, ନନ୍ଦପୁର, ସମୟ: ସକାଳ ୮ଟା ୪୦ ।
- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଓ କ୍ଷେତ୍ର ପରିଦର୍ଶନ, ସ୍ଥାନ: ପଞ୍ଚାୟତ ସମିତି ବୈଠକ ଗୃହ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା ।
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପଡା, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାଟଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।

**ମାଲକାନଗିରି**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା, ସ୍ଥାନ: ପଡ଼ିଆ ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।

**ସମ୍ବଲପୁର**
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା ।
- ଶ୍ରୀଅନ୍ନ ଅଭିଯାନରେ କୃଷକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଯୁଯୋମୁରା ନିକଟସ୍ଥ ବୁରୁବେର୍ଣ୍ଣି ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା ।
- ଦୁର୍ଗା-୨ ଚିତ୍ରକଳା ପ୍ରଦର୍ଶନୀର ପ୍ରସ୍ତୁତି ବୈଠକ, ସ୍ଥାନ : ଗୁଜୁରାତି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ଣ୍ଣର ପରସର, ସମୟ : ଅପରାହ୍ନ ୫ଟା ।

**ରାଉରକେଲା**
- ଆଦର୍ଶ ଯୁବ ପରିଷଦ ପକ୍ଷରୁ ଶିଶୁ ମହୋତ୍ସବର ଉଦ୍‌ଯାପନୀ ସମାରୋହ ପାଳନ, ସ୍ଥାନ: ସେକ୍ଟର-୭, ସମୟ: ସକାଳ ୮ଟା ।
- ଅଲ୍ ଇଣ୍ଡିଆ ଗାର୍ଡ କାଉନସିଲ୍ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା ଷ୍ଟେଶନ ଗାର୍ଡ଼ ରୁମ୍, ସମୟ: ସକାଳ ୯ଟା ।
- ରାଉରକେଲା ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା ।
- ସମ୍ବିଧାନ ମହୋତ୍ସବ, ସ୍ଥାନ: ସେକ୍ଟର-୧୭ ଛକ, ସମୟ: ପୂର୍ବାହ୍ନ ୧୦ଟା ।
- ପରିକ୍ଷିତ ପକ୍ଷରୁ କବିତା ଆସର, ସ୍ଥାନ: ଗୀତା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।

**ସୁନ୍ଦରଗଡ଼**
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ଲେଫ୍ରିପଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

**ବରଗଡ଼**
- ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଜିଲା ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ:ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା
- ଜନ ନାୟକ ସ୍ୱର୍ଗତ ଦଉପନ୍ତ ଠେଙ୍ଗଡିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୫ଟା ।

**କଳାହାଣ୍ଡି**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ମହାବୀର ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ଅପରାହ୍ନ ୪ଟା ।

**ବୌଦ୍ଧ**
- ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବୌଦ୍ଧ ବ୍ଲଡ ବ୍ୟାଙ୍କ, ସମୟ: ସକାଳ ୯ଟା ।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟ ।

**ଦେବଗଡ଼**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣୀ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠ ସାହି, ସମୟ: ସନ୍ଧ୍ୟା ୭ଟା ।

**ସୁବର୍ଣ୍ଣପୁର**
- ସୋନପୁର ବ୍ଲକ ମଲ୍ଲିକମୁଣ୍ଡାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଦ୍ୱିତୀୟ ବୃନ୍ଦାବନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ତରଭା ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା ।
- ରାମ ଚରିତ ମାନସ ଭକ୍ତିମୟ ଆଧ୍ୟାତ୍ମିକ ପ୍ରବର୍ତନ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବିନିକା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା ।
- ଗୋକୁଳାଷ୍ଟମୀ ମହୋତ୍ସବର ଦ୍ୱିତୀୟ ଦିନ, ସ୍ଥାନ: କଂସାରୀ ପଡା ବିନିକା, ସମୟ: ସନ୍ଧ୍ୟା ୬ଟା ।

**ନୂଆପଡ଼ା**
- ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି ଓ ମନ୍ଦିର ପ୍ରବେଶ, ସ୍ଥାନ: ଖଡିଆଳ ବ୍ଲକ ଚଟରାଭଟା ଗାଁ, ସମୟ: ସକାଳ ୯ଟା ୧୦ ।

**ଝାରସୁଗୁଡ଼ା**
- ରୁଦ୍ରାଭିଷେକ ପୂଜା, ସ୍ଥାନ :ମହାକାଳ ମନ୍ଦିର, ବାଗଡ଼ିହି, ସମୟ :ସକାଳ ୮ ଟା ।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ :ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବନ୍ଧବାହାଲ ଗ୍ରାମପଞ୍ଚାୟତ, ଲଖନପୁର,ସମୟ: ପୂର୍ବାହ୍ନ ୧୦ଟା ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିସ୍ଥିତିବଶତଃ ଶାରୀରିକ ଅସୁସ୍ଥତା ମଧ୍ୟରେ କାମ କରିବାକୁ ବାଧ୍ୟ ହେବେ । ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ ତଥା ଶିଳ୍ପ କ୍ଷେତ୍ରରେ ଶିଥିଳତା ଦେଖାଦେବ । ବିଗତ ଦିନର ସମସ୍ୟା ସମାଧାନ ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିବ । ଖଳ ଲୋକଙ୍କ କଥାକୁ ସତ ମଣି ଦ୍ୱିଜା ନକ୍ଷତ୍ର ଘର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି ।

**ବୃଷ** ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ । ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି । ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ଆତ୍ମୀୟଙ୍କ ସହାୟତାରେ ସମ୍ପୂର୍ଣ୍ଣ କରିବେ । କୃତ୍ତିକା ନକ୍ଷତ୍ର ସକାଶେ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି ତଥାପି ରୋଜଗାରଠାରୁ ଖର୍ଚ୍ଚ ବଳିଯିବ ।

**ମିଥୁନ** କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ । ଦୀର୍ଘଦିନର ଆଶା ଫଳବତୀ ହେବାରେ ପୁନର୍ବସୁ ନକ୍ଷତ୍ରର କୌଣସି ଅସୁବିଧା ରହିବ ନାହିଁ । କିନ୍ତୁ ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସଫଳତା ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ନିକଟରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ ।

**କର୍କଟ** ପରୋକ୍ଷ ଶତ୍ରୁତା କାରଣରୁ କାର୍ଯ୍ୟ ସାଧନରେ ନିଜ ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି । ଯାନବାହନ, ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ ହେବେ । ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ । ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ ।

**ସିଂହ** ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ । ଉତ୍ତରାଫାଲଗୁନୀ ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ । କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ । ଧାର କରଜ କରି ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥ କରିପାରନ୍ତି ।

**କନ୍ୟା** ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି । କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ । ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ । ଉତ୍ତରାଫାଲଗୁନୀ ନକ୍ଷତ୍ର ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ।

**ତୁଳା** ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିପାରନ୍ତି । ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେବାକୁ ପଡିପାରେ । ବିଶାଖା ନକ୍ଷତ୍ର ସାଂସ୍କୃତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି ।

**ବିଛା** କୌଣସି କାର୍ଯ୍ୟସାଧନ କ୍ଷେତ୍ରରେ ଟେନ୍‌ସନ ଲାଗି ରହିବାରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ । କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରିଆସିବ । ଅନୁରାଧା ନକ୍ଷତ୍ର ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବାରେ ଗୁରୁଜନଙ୍କ ପୃଷ୍ଠପୋଷକତା ରହିବ । ସଭାସମିତିରେ ଆଲୋଚନା ପରିପ୍ରେକ୍ଷୀରେ ସ୍ୱାମୀଙ୍କ ସହ ଏକମତ ହେବାକୁ ବାଧ୍ୟ ହେବେ ।

**ଧନୁ** ଆପଣଙ୍କର ପରାମର୍ଶ ବନ୍ଧୁଙ୍କ ମନକୁ ବେଶ୍ ପାଇବ । ପ୍ରକାଶନ, ଏଜେନ୍ସି, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି । ଉପରିସ୍ଥଙ୍କ ନିର୍ଦ୍ଦେଶରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ । ମୂଳା ନକ୍ଷତ୍ର ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ବିବାଦୀୟ ଘଟଣାରେ ବିଜୟୀ ହେବେ ।

**ମକର** କର୍ମକ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜିବାରେ ସମର୍ଥ ହେବେ । ଧନିଷ୍ଠା ନକ୍ଷତ୍ର ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହେବେ । ପାରିବାରିକ ସମସ୍ୟା ଭିତରେ ପିଲାଙ୍କ ବିଷୟ, ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିଯିବ । ଅଫିସରେ ଟେନ୍‌ସନରେ ରହିପାରନ୍ତି ।

**କୁମ୍ଭ** ଆଜିର ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ । ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ । କଥା କଟାକଟି କାରଣରୁ ପରିବାରରେ ଅଶାନ୍ତି ସୃଷ୍ଟି ହେବାର ସମ୍ଭାବନାକୁ ଏଡି ହେବ ନାହିଁ । ପୂର୍ବଭାଦ୍ରପଦ ନକ୍ଷତ୍ର ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ ।

**ମୀନ** ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି । ଉତ୍ତରଭାଦ୍ରପଦ ନକ୍ଷତ୍ର ପଡ଼ୋଶୀଙ୍କ ସହାୟତାରେ ଖୋଜୁଥିବା ଜିନିଷଟି ପାଇ ଖୁସି ହୋଇଯିବେ । ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ । ବନ୍ଧୁମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ ।

ଆଜି ନଭେମ୍ବର ୧୦ ତାରିଖ, ବିଶ୍ୱ ବିଜ୍ଞାନ ଦିବସ, ମାର୍ଗଶିର କୃଷ୍ଣ ଷଷ୍ଠୀ ସୋମବାର, ଶ୍ରୀକ୍ଷେତ୍ର ପଞ୍ଚକୋଶୀ ପରିକ୍ରମା, ଶଙ୍ଖକ୍ଷେତ୍ର ମହିମାଶ୍ରବଣ ଓ ପୂଜନ, ସିଦ୍ଧ ମହାବୀରଙ୍କ ନାଗାବେଶ । ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ.୦୧.୦୪ ଗତେ କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୫.୫୬ ଗତେ ଘ.୦୭.୧୯ ମଧ୍ୟେ, ୦୮.୫୪ ଗତେ ଘ.୧୧.୦୮ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୮.୪୬ ଗତେ ଘ. ୧୦.୦୬ ମଧ୍ୟେ ରାହୁ କାଳ ।

ପ୍ରଥମ ପୃଷ୍ଠାରୁ...

## ବଢୁଛି ଶୀତ...

କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏଥିସହ ରାଜଧାନୀରେ ସର୍ବାଧିକ ତାପମାତ୍ରା ୩୨ ଡିଗ୍ରୀ ଓ ସର୍ବନିମ୍ନ ୧୭ଡିଗ୍ରୀ ରହିବ ବୋଲି ଆକଳନ କରାଯାଇଛି । ଅପରପକ୍ଷେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ ଡିଗ୍ରୀ ହ୍ରାସ ପାଇଛି । ସେହିପରି ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ପ୍ରାୟ ୨ରୁ ୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି । ଅପରପକ୍ଷେ ଆଗାମୀ ୨ରୁ ୩ ଦିନ ମଧ୍ୟରେ ସାଧାରଣ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ କମିବାର ସମ୍ଭାବନା ରହିଛି । ତେବେ ୧୫ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପାଗ ଶୁଖିଲା ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ରାଜ୍ୟ ବାହାରେ...

ସେହିପରିଗତ ଅକ୍ଟୋବର ୧୦ ତାରିଖରେ ପଶ୍ଚିମବଙ୍ଗ ଦୁର୍ଗାପୁରରେ ବାଲେଶ୍ୱରର ଜଳେଶ୍ୱର ଅଞ୍ଚଳର ଜଣେ ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା । ସ୍ଥାନୀୟ ମେଡିକାଲ କଲେଜରେ ସେ ପାଠ ପଢୁଥିଲେ । ଛାତ୍ରୀ ଜଣଙ୍କ ପୁରୁଷ ବନ୍ଧୁଙ୍କ ସହ କଲେଜ ବାହାରକୁ ରାତିରେ ଗୁପ୍‌ଚୁପ୍ ଖାଇବାକୁ ଯାଇଥିବା ବେଳେ କେତେଜଣ ଯୁବକ ଆସି ତାଙ୍କୁ ଟେକିନେଇ ଗଣବଳାତ୍କାର କରିଥିଲେ । ପୋଲିସ ତଦନ୍ତ ପରେ ଉକ୍ତ ଘଟଣାରେ ପୁରୁଷ ବନ୍ଧୁଙ୍କ ହାତ ଥିବା ଜଣାପଡ଼ିଥିଲା । ସେହିପରି ଗତ ବର୍ଷ ଜୁଲାଇରେ ବେଙ୍ଗାଲୁରୁରେ ଜଣେ ଓଡ଼ିଆ ଛାତ୍ରୀଙ୍କୁ ସ୍କୁଲରେ ବଳାତ୍କାର କରାଯାଇଥିଲା, ଯାହାକୁ ନେଇ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଥିଲା । ଗତ ବର୍ଷ ଦିଲ୍ଲୀରେ ମଧ୍ୟ ଜଣେ ଓଡ଼ିଆ ଯୁବତୀ ଗଣବଳାତ୍କାରର ଶିକାର ହୋଇଥିଲେ । ସେ ପରିବାର ଲୋକଙ୍କ ଉପରେ କୌଣସି କାରଣରୁ ରାଗିକି ଦିଲ୍ଲୀ ପଳାଇଯାଇଥିଲେ । ସେଠାରେ ଷ୍ଟେଶନରେ ରହିଥିବାବେଳେ ଜଣେ ଅଟୋ ଡ୍ରାଇଭର ଏବଂ ଅନ୍ୟମାନେ ତାଙ୍କୁ ଗଣବଳାତ୍କାର କରିଥିଲେ । ଗତବର୍ଷ ହାଇଦ୍ରାବାଦରେ ଏକ ପ୍ରେମୀଯୁଗଳଙ୍କୁ ମାଡ଼ ମାରିବା ସହ ପ୍ରେମିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା । ଏହିଭଳି ଓଡ଼ିଶାରୁ ଏକାଧିକ ଯୁବତୀ ବାହାର ରାଜ୍ୟକୁ ଯାଇ ନିର୍ଯାତନାର ଶିକାର ହେଉଥିବାବେଳେ ସେମାନଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭରତପୁରରେ ରହୁଥିବା ମୋନାଲିସା ସାହୁ କହିଛନ୍ତି, ତାଙ୍କ ଝିଅ ଦିଲ୍ଲୀରେ ରହି ପାଠ ପଢୁଛି । ହେଲେ ଗତ କିଛିବର୍ଷ ହେବ ରାଜ୍ୟ ବାହାରେ ଯେଭଳି ମହିଳା ଓ ଛାତ୍ରୀମାନେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି, ସେକଥା ଶୁଣିଲେ ଝିଅର ସୁରକ୍ଷା ନେଇ ଆମେ ସବୁବେଳେ ଚିନ୍ତାରେ ରହୁଛୁ । ଝିଅ ସହ ଗୋଟିଏ ଦିନ କଥା ନ ହେଲେ କିଛି ଅଘଟଣ ନ ହେଉ ବୋଲି ଭଗବାନଙ୍କୁ ଡାକୁଛୁ ।

## ପ୍ରଭାବୀ ହେଉନି ଆନ୍ତଃରାଜ୍ୟ ଆଇପିଏସ୍ ସମ୍ମିଳନୀ

ଗତ ଦୁଇ ବର୍ଷରେ ବାହାର ରାଜ୍ୟରେ ୩୦ରୁ ଅଧିକ ମହିଳା ନିର୍ଯାତନାର ଶିକାର ହୋଇଛନ୍ତି । ପ୍ରତିବର୍ଷ ମହିଳାଙ୍କ ସୁରକ୍ଷା ପାଇଁ ଆନ୍ତଃରାଜ୍ୟ ଆଇପିଏସ୍ ସମ୍ମିଳନୀ କରାଯାଉଛି । ଏହି ସମ୍ମିଳନୀରେ ମହିଳାମାନେ କିଭଳି ଅନ୍ୟ ରାଜ୍ୟରେ ସୁରକ୍ଷା ପାଇବେ ସେନେଇ ଆଲୋଚନା କରାଯାଉଛି । ଆହୁରି ମଧ୍ୟ ରାଜ୍ୟ ରାଜ୍ୟ ଭିତରେ ସମନ୍ୱୟ ରଖି କାମ କରିବାକୁ କୁହାଯାଉଛି । କୌଣସି ରାଜ୍ୟରେ ଅନ୍ୟ ରାଜ୍ୟର ମହିଳାମାନେ ଅପରାଧର ଶିକାର ହେଲେ ତୁରନ୍ତ ସେଠାର ପୋଲିସକୁ ଜଣାଇବା ସହ ତଦନ୍ତ କରି ତ୍ୱରିତ ନ୍ୟାୟ ଦେବାକୁ କୁହାଯାଉଛି । କିନ୍ତୁ ବାସ୍ତବରେ ତାହା ସଫଳ ହେଉ ନ ଥିବା କିଛି ଦିନର ଘଟଣାକୁ ଦେଖିଲେ ଜଣାପଡୁଛି । ତେବେ ଏନେଇ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ବାହାର ରାଜ୍ୟରେ ଓଡ଼ିଶାର କୌଣସି ମହିଳା ନିର୍ଯାତନାର ଶିକାର ହେଲେ ଆମେ ତୁରନ୍ତ ଉକ୍ତ ରାଜ୍ୟର ପୋଲିସ ଡିଜିଙ୍କ ସହ ଯୋଗାଯୋଗ କରୁଛୁ । ଆହୁରି ମଧ୍ୟ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ କହୁଛୁ । ରାଜ୍ୟ ବାହାରେ ମହିଳାଙ୍କ ଉପରେ ଘଟୁଥିବା ଘଟଣା ଉପରେ ନଜର ରଖିଛୁ ବୋଲି ମିଶ୍ର କହିଛନ୍ତି ।

## ସରିଲା ପ୍ରଚାର...

କଡ଼ାକଡ଼ି ବ୍ୟବସ୍ଥା କରାଯାଇଛି । ଦିନେକାଳେ ନୂଆପଡ଼ା ଯାଇ ନ ଥିବା ଏବଂ ସ୍ଥାନୀୟ ଅଞ୍ଚଳରେ ବୁଲି ଲୋକଙ୍କ ଦୁଃଖ ସୁଖ ବୁଝି ନ ଥିବା ରାଜ୍ୟର ଅନେକ ନେତା ଉପନିର୍ବାଚନ ପରିସ୍ଥିତି ସୃଷ୍ଟି ହେବାରୁ ନିଜ ଦଳ ପାଇଁ ପ୍ରଚାର କରିବାକୁ ନୂଆପଡ଼ା ଆସିଥିଲେ । ୨୦୨୪ ନିର୍ବାଚନ ପରେ ରାଜ୍ୟ ରାଜନୀତିର ଦୃଶ୍ୟପଟ ବଦଳି ଥିବାରୁ ନିଜ ଦଳକୁ ଲୋକଙ୍କ ନଜରରେ ଆଗକୁ ନେବା ପାଇଁ ବହୁ ନେତା ନୂଆପଡ଼ା ଭୋଟରଙ୍କ ସହ ପ୍ରାୟ ମାସେ ବ୍ୟାପୀ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥିଲେ । ସେହି ନେତାମାନଙ୍କୁ ମିଳିଥିବା ଦାୟିତ୍ୱର ସମୟ ସରିଯିବା ପରେ ସେମାନେ ନିଜ କର୍ତ୍ତବ୍ୟ କେତେ ଭଲ ଭାବେ ତୁଲାଇ ପାରିଛନ୍ତି ସେକଥା ଆସନ୍ତା ୧୪ ତାରିଖ ଉପନିର୍ବାଚନ ଫଳ ବାହାରିବା ପରେ ସ୍ପଷ୍ଟ ହୋଇଯିବ । ଅନେକ ନେତା ଏବେ ନୂଆପଡ଼ା ଛାଡ଼ିବା ପରେ ଏହାର ପାଖାପାଖି ଜିଲାର ହେଡକ୍ୱାର୍ଟର୍ସରେ ଡେରା ପକାଇବା ସହ ମନିଟରିଂ କରି ଭୋଟର ଯେପରି ଏପାଖ ସେପାଖ ନ ହୁଅନ୍ତି ସେଥିପାଇଁ କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଛନ୍ତି । ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ନେଇ ଚର୍ଚ୍ଚା ହେଉଥିବାବେଳେ ଭାଜପା,ବିଜେଡି ଓ କଂଗ୍ରେସ ନିଜର ପଞ୍ଚାୟତସ୍ତରର ନେତାମାନଙ୍କୁ ବାକି ସମୟ ଭଲ ଭାବେ ନିଜ ଅଞ୍ଚଳକୁ ଜଗିରଖିବା ପାଇଁ ବୁଝାଇ ଚାଲିଛନ୍ତି । ଏହି ଉପନିର୍ବାଚନରେ ରାଜ୍ୟର ୩ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀ ଜିତିବା ସପକ୍ଷରେ ଯୁକ୍ତି ବାଢୁଛନ୍ତି । ପୂର୍ବରୁ ମଧ୍ୟ ପ୍ରକାଶ ପାଇଥିବା ଅନେକ ଚର୍ଚ୍ଚା ମୁତାବକ ପ୍ରଥମ ଥର ଶାସନ କ୍ଷମତାକୁ ଆସିଥିବା ଭାଜପା ପାଇଁ ଏହି ଉପନିର୍ବାଚନ ଏକପ୍ରକାର ଅଗ୍ନିପରୀକ୍ଷା ସଦୃଶ । କାରଣ ଏହି ଉପନିର୍ବାଚନରେ ବିଜୟୀ ହେଲେ ହିଁ ସରକାର ବିପକ୍ଷରେ ଜନମତ ନ ଥିବା ଏବଂ ବିଶ୍ୱାସ ବଢ଼ିଥିବା କଥା ଭାଜପା ରାଜ୍ୟବାସୀଙ୍କ ଆଗରେ ରଖିପାରିବ । ସେହିପରି ୨୪ ବର୍ଷ ପରେ ଶାସନରୁ ଯାଇଥିବା ବିଜେଡି ଯଦି ବିଜୟୀ ହୁଏ, ତେବେ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା ତୁଟିଗଲାଣି ବୋଲି କହି ସେମାନେ ନିଜ ପୁରୁଣା ସ୍ଥିତିକୁ ଫେରିବାର ବାର୍ତ୍ତା ଦେବା ନେଇ ଏକ ବାଟ ଫିଟାଇ ପାରିବେ । ସମାନ ଭାବେ କଂଗ୍ରେସ ଯଦି ଉତ୍ତମ ପ୍ରଦର୍ଶନ କରିବାରେ ସଫଳ ହେଲା,ତେବେ ଦୀର୍ଘ ଦିନ ଧରି ପ୍ରତ୍ୟାଖ୍ୟାତ ହୋଇଥିବା ଏହି ଦଳ ପାଇଁ ଲୋକଙ୍କ ମନରେ ପରିବର୍ତ୍ତନ ହୋଇଛି ବୋଲି ଏକ ବାର୍ତ୍ତା ଯାଇପାରେ । ତେବେ ଗଲା ୨୫ ଦିନ ଧରି ଖବର ସଂଗ୍ରହ କରିବା ମଧ୍ୟରେ ଉପରୋକ୍ତ ବିଭିନ୍ନ ଦଳର ନେତାମାନଙ୍କ ସହ ଅନେକ ସମୟରେ ଆଲୋଚନା କରିବା ଭିତରେ ମିଳିଥିବା ଅନୁଭୂତି ଅନୁଯାୟୀ, ପଛୁଆ ଜିଲା ଭାବେ ପରିଚିତ ନୂଆପଡ଼ାର ଭୋଟରଙ୍କ ମାନସିକତା ଉପନିର୍ବାଚନ ଭୋଟିଂକୁ ନେଇ କିପରି ରହିଛି ତାହା କେହି ହେଲେ ଠିକ୍ ଭାବେ ଆକଳନ କରିପାରୁ ନାହାନ୍ତି । ତେବେ ବର୍ତ୍ତମାନ ସମୟରେ ସବୁ ଦଳର ସ୍ଥାନୀୟ ନେତାଙ୍କ କାର୍ଯ୍ୟକଳାପ ଓ ଜିଲା ପ୍ରଶାସନର କଟକଣା ଉପରେ ବିଶେଷ ଦୃଷ୍ଟି ରହିବ ।

ଅନ୍ୟପଟେ ବିଜେଡି ଓ ଭାଜପାରୁ ଟିକେଟ ପାଇ ନ ଥିବା ଅନେକ ସ୍ଥାନୀୟ ନେତା ସେମାନଙ୍କ ଦଳର ନେତୃମଣ୍ଡଳୀମାନଙ୍କର ଉପସ୍ଥିତି କାରଣରୁ କିଛି ଏପାଖ ସେପାଖ କରିବାର ସୁଯୋଗ ପାଇପାରି ନ ଥିଲେ । ହେଲେ ଏବେ ଯେତେବେଳେ ବାହାରୁ ଆସିଥିବା ନେତାମାନେ ଚାଲିଗଲେଣି, ସେହି ସମୟରେ ଟିକେଟ ଆଶାୟୀ ଥିବା ସମସ୍ତ ଅସନ୍ତୁଷ୍ଟ ନେତା ସେମାନଙ୍କ କର୍ମୀମାନଙ୍କ ଜରିଆରେ ନିଜ ଅସନ୍ତୋଷ ଜାହିର କରିବାର ସୁଯୋଗକୁ କିପରି ବ୍ୟବହାର କରୁଛନ୍ତି ତାକୁ ନେଇ ସବୁ ଦଳ ଭିତରେ ଏକ ପ୍ରକାର ଭାଳେଣି ପଡ଼ିଥିବା ଶୁଣିବାକୁ ମିଳୁଛି ।

## ବିଜେଡି, କଂଗ୍ରେସ...

ବ୍ଲକ ଅଧ୍ୟକ୍ଷ, ବିଜେଡି ପୂର୍ବତନ ଜିଲା ସଭାପତି ଓ ବର୍ତ୍ତମାନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ରଙ୍କ କୋମନାସ୍ଥିତ ବାସଭବନରେ ପୂର୍ବାହ୍ନ ୧୦ଟାରେ ଆୟକର ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ । ସେହିପରି ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତଥା ବ୍ୟବସାୟୀ ଅଙ୍କିତ ସିଂଘାଇଙ୍କ ଖରିଆରରୋଡ଼ସ୍ଥିତ ବାସଭବନରେ ଅପରାହ୍ନ ପ୍ରାୟ ୩ଟାରେ ଆୟକର ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ । ଉଭୟଙ୍କ ଘର ଉପରେ କାହିଁକି ଚଢାଉ କରାଗଲା ଓ କ'ଣ ସବୁ ଜବତ କରାଯାଇଛି, ତାହା ଅସ୍ପଷ୍ଟ ରହିଛି ।

## ଦିନକ ପରେ ୧୨୨...

ପ୍ରଚାର ବିହାରୀ ଭୋଟରଙ୍କୁ ଅଧିକ ଆକର୍ଷିତ କରିଥିବା ପରିଲକ୍ଷିତ ହୋଇଛି । ସେହିପରି ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିଜ ଗାଦି ରକ୍ଷା ପାଇଁ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପ୍ରାର୍ଥୀଙ୍କ ପାଇଁ ଧୂଆଁଧାର ପ୍ରଚାର କରିଥିଲେ । ଏନ୍‌ଡିଏର ଅନ୍ୟ ୨ ସହଯୋଗୀ ଏଲ୍‌ଜେପି ରାମବିଳାଶର ମୁଖ୍ୟ ଚିରାଗ ପାଶ୍ୱାନ ଏବଂ ହିନ୍ଦୁସ୍ତାନୀ ଆୱାମ ପାର୍ଟି (ଧର୍ମନିରପେକ୍ଷ)ର ଜିତନ୍‌ରାମ ମାଞ୍ଝି ମୋଦିଙ୍କ ଲୋକପ୍ରିୟତା ସାଙ୍ଗକୁ ବିହାରରେ ବିକାଶକୁ ପ୍ରସଙ୍ଗ କରି ବୈତରଣୀ ପାର ହେବାକୁ ଉଦ୍ୟମ କରିଛନ୍ତି । ଏଭଳି ସ୍ଥିତିରେ ବିରୋଧୀ ଇଣ୍ଡିଆ ବ୍ଲକ୍ ନୀତିଶଙ୍କଠାରୁ କ୍ଷମତା ଛଡ଼ାଇ ଆଣିବା ପାଇଁ ରଣନୀତି ପ୍ରୟୋଗ କରିଛି । ଗତ ନିର୍ବାଚନରେ ସବୁଠୁ ବଡ଼ ଦଳ ଭାବେ ଉଭା ହେବା ସତ୍ତ୍ୱେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ସରକାର ଗଢ଼ିବାକୁ ସୁଯୋଗ ପାଇ ନ ଥିବାରୁ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥର କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହିଁନାହାନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିଳମ୍ବିତ ନିର୍ବାଚନ ପ୍ରଚାର ତାଙ୍କ ଦଳକୁ ସୁଫଳ ଦେଇ ନ ପାରେ ବୋଲି କୁହାଯାଉଛି । ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋର ନିଜେ ଲଢୁ ନ ଥିଲେ ବି ତାଙ୍କ ଜନ ସୁରାଜ ପାର୍ଟିର ପ୍ରାର୍ଥୀମାନଙ୍କ ପାଇଁ ଯଥାସାଧ୍ୟ ପ୍ରଚାର କରିଛନ୍ତି । ତାଙ୍କ ଦଳକୁ ବିଶେଷ ସଫଳତା ମିଳିବ ନାହିଁ, କିନ୍ତୁ ଭୋଟ ବିଭାଜନରେ ସେ ନିର୍ଣ୍ଣାୟକ ହୋଇପାରନ୍ତି ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଇଛନ୍ତି । ଏଥର ନିର୍ବାଚନରେ ପ୍ରଥମ ଥର ପାଇଁ ପରିବାରକୁ ବାଦ୍ ଦେଇ ଭାଗ୍ୟ ପରୀକ୍ଷା କରୁଛନ୍ତି ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କ ବଡ଼ପୁଅ ତେଜସ୍ୱୀ ଯାଦବ । ତେବେ ତାଙ୍କ ପ୍ରଭାବ ଗୋଟିଏରୁ ୮ଟି ଆସନରେ ସୀମିତ ରହିପାରେ ବୋଲି ଅନୁମାନ କରାଯାଉଛି । ଗତ ନିର୍ବାଚନରେ ୫ ଆସନରେ ବିଜୟୀ ହୋଇଥିବା ହାଇଦ୍ରାବାଦ୍ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍‌ଆଇଏମ୍ ପୂର୍ବ ସଫଳତା ଦୋହରାଇ ନ ପାରେ ବୋଲି ଆକଳନ କରାଯାଉଛି ।

ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପରେ ପ୍ରଥମ ଥର ନିର୍ବାଚନ ହେଉଥିବାରୁ ଏହାର ଫଳାଫଳ କେଉଁ ଆଡ଼କୁ ଯିବ ତାହା ଆସନ୍ତା ୧୪ରେ ସ୍ପଷ୍ଟ ହୋଇଯିବ । କିନ୍ତୁ ବର୍ତ୍ତମାନ ସବୁ ଦଳ ନିଜ ନିଜ ସପକ୍ଷରେ ସଫଳତା ଆସିବା ନେଇ ଦାବି କରୁଛନ୍ତି । ରବିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏନ୍‌ଡିଏ ଏବଂ ମହାମେଣ୍ଟର ନେତାମାନେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ରାଲି, ରୋଡ୍ ଶୋ' ଆଦି କରି ଭୋଟ ପୂର୍ବରୁ ଶେଷଥର ପାଇଁ ବଳ କଷିଛନ୍ତି । କେନ୍ଦ୍ରମନ୍ତ୍ରୀ ଶାହା, ରାଜନାଥ, ଶିବରାଜ ସିଂ ଚୌହାନ ଅନେକ ସ୍ଥାନରେ ସଭା କରିଥିବାବେଳେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆରାରିଆର ସିକ୍ଟିରେ ଭାଜପାର ପ୍ରଚାର କରିଛନ୍ତି । କଂଗ୍ରେସ ପକ୍ଷରୁ ରାହୁଲ କିଷନଗଞ୍ଜ ଓ ପୂର୍ନେଆରେ ମହାମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଜେଡିୟୁ ମୁଖ୍ୟ ନୀତିଶ ତାଙ୍କ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଦେଖାଇ ମହିଳା ଭୋଟରଙ୍କୁ ପୁଣି ଟାଣିବାକୁ ଉଦ୍ୟମ କରିଛନ୍ତି ।

## ଆମେରିକାରେ ଓଡ଼ିଆ...

ତାଙ୍କ ନାମ ପୂଜାରୁ ସେଜଲ ଜୋହନ ହୋଇଥିଲା । ତେବେ ୨୦୨୩ରେ ସୋସିଆଲ୍ ମିଡିଆ ଜରିଆରେ ପୂଜାଙ୍କ ସହ ଅମରଙ୍କର ପୁଣି ଯୋଗାଯୋଗ ହୋଇଥିଲା । ପୂଜା ସେଠାରେ ଖୁସିରେ ନ ଥିବା ତାଙ୍କୁ କହିଥିଲେ । ପରେ ପାଳିତ ମା' ତାଙ୍କଠାରୁ ମୋବାଇଲ ଓ ସିମ୍ ନେଇଯାଇଥିଲେ ବୋଲି ଅମର କହିଛନ୍ତି । ପୂଜା ଏକ ଭିଡିଓ ଶେୟାର କରିଥିବା ବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ଅତ୍ୟାଚାରର କାହାଣୀ କହିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପୂଜା କହିଛନ୍ତି, ଛୋଟବେଳେ ମୁଁ ଓଡ଼ିଶାରେ ଥିଲି । ଭୁବନେଶ୍ୱରର ଏକ ହଷ୍ଟେଲରେ ପଢୁଥିଲି । ଏବେ ପାଳିତା ମା' ମତେ ବହୁ କଷ୍ଟ ଦେବା ସହ ଅତ୍ୟାଚାର କରୁଛନ୍ତି । ଘର କାମ ସବୁ କରାଉଛନ୍ତି । ମୁଁ ଆମେରିକାରେ ଏବେ ଖୁସିରେ ନାହିଁ । ମୁଁ ହିନ୍ଦୁ ହୋଇଥିବା ବେଳେ ପାଳିତ ମା' ଖ୍ରୀଷ୍ଟିଆନ କରିଦେବାକୁ ବାଧ୍ୟ କରୁଛନ୍ତି । ଖାଇବାକୁ ମଧ୍ୟ ଦେଉନାହାନ୍ତି । ଏପରିକି ଦୁଇଥର ହତ୍ୟା ଉଦ୍ୟମ ମଧ୍ୟ କରାଯାଇଛି । ମୁଁ ସ୍କୁଲ ଛୁଟି ଦିନରେ ୧୦ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ଏହି ଟଙ୍କାକୁ ମୋଠାରୁ ନେଇଯାଇଛନ୍ତି । ଧର୍ମ ପରିବର୍ତ୍ତନ ନ କଲେ ସେମାନେ ଜୀବନରୁ ମାରିଦେବାକୁ ଚେତାବନୀ ଦେଇଛନ୍ତି । ଓଡ଼ିଶାବାସୀ ମୋତେ ସାହାଯ୍ୟ କରନ୍ତୁ ଏବଂ ସୁରକ୍ଷିତ ଭାବେ ଓଡ଼ିଶାକୁ ନେଇଯାଆନ୍ତୁ ବୋଲି ପୂଜା ଅନୁରୋଧ କରିଛନ୍ତି ।



ପୂଜା ନାୟକ ଓରଫ ସେଜଲ ଜୋହନ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଳପ ଦୁହିଁଲେ ଗୋସେଇଁ ରୁଷେ,
ବହୁତ ଦୁହିଁଲେ ବାଛୁରୀ ରୁଷେ,
ପର ଗାଇଦୁହାଁ ମୋତେ ନ ଆସେ ।**

ଗାଈ ଦୁହାଁଳି ବ୍ୟକ୍ତି ଗାଈଠାରୁ ଅଳ୍ପ କ୍ଷୀର ଦୁହିଁଲେ ଗାଈର ମାଲିକ ତା' ଉପରେ ଅସନ୍ତୁଷ୍ଟ ହୋଇଥାଏ । ସେମିତି ଗାଈଠାରୁ ବେଶି କରି କ୍ଷୀର ଦୁହିଁଲେ ବାଛୁରୀଟି ଖାଇବାକୁ ପାଇ ନ ଥାଏ । ଏ ପରିସ୍ଥିତିରେ ଗାଈ ଦୁହିଁଥିବା ବ୍ୟକ୍ତିଟି ଅତ୍ୟନ୍ତ ଧର୍ମ ସଙ୍କଟରେ ପଡ଼ିଯାଇଥାଏ । ପରୋକ୍ଷରେ ଦୁଇ ପକ୍ଷର ଲୋକଙ୍କ ମନକୁ ନେଇ ଚଳିବା ଆଦୌ ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅତି ନିର୍ଲଜ ଗୀତ ଗାଏ,
ଅତି ପୋଡ଼ାମୁହାଁ ନାଚି ଯାଏ ।**

ଲୋକମାନଙ୍କର ବିଶ୍ୱାସ, ବେସରମ ଲୋକହିଁ ନାଚ ତାମସାରେ ମାତିଥାଏ । ପରୋକ୍ଷରେ ଯେଉଁମାନଙ୍କ ମୁହଁରେ ଲାଜସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ । ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପିଲ୍ସ ହେରିଟେଜ୍ ଫାଉଣ୍ଡେସନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ଦିବଂଗିତ ସାମାଜିକ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ଚାରା ପ୍ରଦର୍ଶନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ହିଞ୍ଜିଳିକାଟୁ ବିଜେଡି ପକ୍ଷରୁ ସାଧାରଣ ସଭା, ସ୍ଥାନ: ବସନ୍ତକୁ ହିଞ୍ଜିଳିକାଟୁ, ସମୟ: ପୂର୍ବାହ୍ନ ୧୧ଟା।

**କନ୍ଧମାଳ**
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ଓ ରୁଦ୍ରାଭିଷେକ, ସ୍ଥାନ: ଢେଙ୍କାନାଳ ରାଜବାଟୀ, ସମୟ: ସନ୍ଧ୍ୟା ୫ଟା।

**ଜଗତସିଂହପୁର**
- ପାରାଦୀପ ଆବର୍ଜନା ପକ୍ଷରୁ ଛାତ୍ରାତ୍ରୀଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୨୫ର ଉଦ୍ଘାଟନୀ ସଭା, ସ୍ଥାନ: ବାଲିଯାତ୍ରା ମଞ୍ଚ, ବଡାପଦା ପାଖ ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ରାଷ୍ଟ୍ରୀୟ ଏକତା ପଦଯାତ୍ରା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା କରୁଣାକର କରଙ୍କ ସ୍ମୃତି ସଭା, ସ୍ଥାନ: ଗୁପ୍ତକାଟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ବୈଠକ, ସ୍ଥାନ: ଔଦ୍ୟୋଗିକ ସଭାଗୃହ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୬ଟା।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବୋଧନ ମା' ମନସା ଦେବୀଙ୍କ ପୂଜାରୋହ, ସ୍ଥାନ: ପାତାପଡ଼ା, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ: ଗୋବରୀ ନଦୀ କୂଳ, ଗୁଲଗଡ଼ର, କେନ୍ଦ୍ରାପଡ଼ା ସହର, ଲୁଣାନଦୀ ତଟ, କଳପଡ଼ା, କେନ୍ଦ୍ରାପଡ଼ା, ମା' ମାଙ୍ଗିଆମଙ୍ଗଳା ପୀଠ, ବାରଗାଁ, ମହାମୁକ୍ତା, ମହାନଦୀ ଘାଟ, ବାଗୁଡ଼, ମା' ରାମଚଣ୍ଡୀ ଭାଗବତ ଆଶ୍ରମ, କୋଟିଳା ଭାଗବତ ପୀଠ, ଧାନ ଦାସ ମଠ, ବାରଡାଙ୍ଗ, ମହାକାଳପଡ଼ା, ଶିଶମାପଡ଼ା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ ପ୍ରଧାନ ବାଲିକିଲ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାହାସ ଉତ୍ସବ, ସ୍ଥାନ: ହରିପୁରର ବିଜୟ ମଠ ମନ୍ଦିର, ସମୟ: ସନ୍ଧ୍ୟା ୫ଟା।
- ରାହାସ କୁଞ୍ଜ ଉତ୍ସବ ଓ ଯାତ୍ରା ସମାରୋହ, ସ୍ଥାନ: ମହେଶ୍ୱରପୁର ଛକ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ବାବା ବଳିଆଙ୍କ ହରି କଥାମୃତ ଉଦ୍ଯାପନ ଦିବସ, ସ୍ଥାନ:କଣ୍ଟିଲୋ ମାଘମେଳା ପଡିଆ, ସମୟ: ସଂଧ୍ୟା ୬ଟା।
- ସାଇବର ଠକେଇ ଉପରେ ସଚେତନତା, ସ୍ଥାନ:ନୟାଗଡ ବ୍ଲକ ଇଟାମାଟି ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ରାୟଗଡ଼ା**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ପୋଲିସ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଉମରକୋଟ, ସମୟ: ସକାଳ ୮ଟା।
- ଝରିଗାଁ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ, ସ୍ଥାନ: ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବାଲ୍ୟବିବାହ ନିରାକରଣ ଦିଗରେ ସ୍ୱତନ୍ତ୍ର ଅଭିଯାନ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ପଞ୍ଚାୟତର ଦଳେଇଗୁଡ଼ା ଗ୍ରାମ, ସମୟ: ଅପରାହ୍ନ ୨ଟା।
- ମୁଖ୍ୟମନ୍ତ୍ରୀ ମକା ମିଶନ ସମୀକ୍ଷା ବୈଠକ, ସ୍ଥାନ: ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ ଅପରାହ୍ନ ୪ଟା।

**କୋରାପୁଟ**
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଉଚ୍ଚ ବିଦ୍ୟାଳୟ ପଡିଆ, ନନ୍ଦପୁର, ସମୟ: ସକାଳ ୮ଟା ୪୦।
- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଓ କ୍ଷେତ୍ର ପରିଦର୍ଶନ, ସ୍ଥାନ: ପଞ୍ଚାୟତ ସମିତି ବୈଠକ ଗୃହ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପଡା, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାଟଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

**ମାଲକାନଗିରି**
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା, ସ୍ଥାନ: ପଡ଼ିଆ ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀଅନ୍ନ ଅଭିଯାନରେ କୃଷକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଯୁଯୋମୁରା ନିକଟସ୍ଥ ବୁରୁବେର୍ଣ୍ଣ ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ଦୁର୍ଗା-୨ ଚିତ୍ରକଳା ପ୍ରଦର୍ଶନୀର ପ୍ରସ୍ତୁତି ବୈଠକ, ସ୍ଥାନ : ଗୁଜୁରାତି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ଣ୍ଣର ପରସର, ସମୟ : ଅପରାହ୍ନ ୫ଟା।

**ରାଉରକେଲା**
- ଆଦର୍ଶ ଯୁବ ପରିଷଦ ପକ୍ଷରୁ ଶିଶୁ ମହୋତ୍ସବର ଉଦ୍‌ଯାପନୀ ସମାରୋହ ପାଳନ, ସ୍ଥାନ: ସେକ୍ଟର-୭, ସମୟ: ସକାଳ ୮ଟା।
- ଅଲ୍ ଇଣ୍ଡିଆ ଗାର୍ଡ କାଉନସିଲ୍ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା ଷ୍ଟେଶନ ଗାର୍ଡ଼ ରୁମ୍, ସମୟ: ସକାଳ ୯ଟା।
- ରାଉରକେଲା ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ମହୋତ୍ସବ, ସ୍ଥାନ: ସେକ୍ଟର-୧୭ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ପରିକ୍ଷିତ ପକ୍ଷରୁ କବିତା ଆସର, ସ୍ଥାନ: ଗୀତା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ଲେଫ୍ରିପଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ବରଗଡ଼**
- ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀଙ୍କ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ:ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା
- ଜନ ନାୟକ ସ୍ୱର୍ଗତ ଦତ୍ତପନ୍ତ ଠେଙ୍ଗଡିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବଜରଙ୍ଗ ଦଳ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବୌଦ୍ଧ ବ୍ଲଡ ବ୍ୟାଙ୍କ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣୀ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠ ସାହି, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୋନପୁର ବ୍ଲକ ମଲ୍ଲିକମୁଣ୍ଡାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱିତୀୟ ବୃନ୍ଦାବନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ତରଭା ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ରାମ ଚରିତ ମାନସ ଭକ୍ତିମୟ ଆଧ୍ୟାତ୍ମିକ ପ୍ରବର୍ତ୍ତନ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବିନ୍ନିକା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।
- ଗୋକୁଳାଷ୍ଟମୀ ମହୋତ୍ସବର ଦ୍ୱିତୀୟ ଦିନ, ସ୍ଥାନ: କଂସାରୀ ପଡା ବିନ୍ନିକା, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି ଓ ମନ୍ଦିର ପ୍ରବେଶ, ସ୍ଥାନ: ଖଡିଆଳ ବ୍ଲକ ଚଚରାଭଟା ଗାଁ, ସମୟ: ସକାଳ ୯ଟା ୧୦।

**ଝାରସୁଗୁଡ଼ା**
- ରୁଦ୍ରାଭିଷେକ ପୂଜା, ସ୍ଥାନ :ମହାକାଳ ମନ୍ଦିର, ବାଗଡ଼ିହି, ସମୟ :ସକାଳ ୮ ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ :ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବନ୍ଧବାହାଲ ଗ୍ରାମପଞ୍ଚାୟତ, ଲଖନପୁର,ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିସ୍ଥିତିବଶତଃ ଶାରୀରିକ ଅସୁସ୍ଥତା ମଧ୍ୟରେ କାମ କରିବାକୁ ବାଧ୍ୟ ହେବେ। ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ ତଥା ଶିଳ୍ପ କ୍ଷେତ୍ରରେ ଶିଥିଳତା ଦେଖାଦେବ। ବିଗତ ଦିନର ସମସ୍ୟା ସମାଧାନ ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିବ। ଖଳ ଲୋକଙ୍କ କଥାକୁ ସତ ମଣି ଦ୍ୱିଜା ନକ୍ଷତ୍ର ଘର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବୃଷ** ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ଆତ୍ମୀୟଙ୍କ ସହାୟତାରେ ସମ୍ପୂର୍ଣ୍ଣ କରିବେ। କୃତ୍ତିକା ନକ୍ଷତ୍ର ସକାଶେ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି ତଥାପି ରୋଜଗାରଠାରୁ ଖର୍ଚ୍ଚ ବଳିଯିବ।

**ମିଥୁନ** କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ ପୁନର୍ବସୁ ନକ୍ଷତ୍ରର କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସଫଳତା ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ନିକଟରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କର୍କଟ** ପରୋକ୍ଷ ଶତ୍ରୁତା କାରଣରୁ କାର୍ଯ୍ୟ ସାଧନରେ ନିଜ ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି। ଯାନବାହନ, ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ ହେବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ। ଉତ୍ତରାଫାଲଗୁନୀ ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ। ଧାର କରଜ କରି ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥ କରିପାରନ୍ତି।

**କନ୍ୟା** ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ର ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା** ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିପାରନ୍ତି। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେବାକୁ ପଡିପାରେ। ବିଶାଖା ନକ୍ଷତ୍ର ସାଂସ୍କୃତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ବିଛା** କୌଣସି କାର୍ଯ୍ୟସାଧନ କ୍ଷେତ୍ରରେ ଟେନ୍ସନ ଲାଗି ରହିବାରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରିଆସିବ। ଅନୁରାଧା ନକ୍ଷତ୍ର ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବାରେ ଗୁରୁଜନଙ୍କ ପୃଷ୍ଠପୋଷକତା ରହିବ। ସଭାସମିତିରେ ଆଲୋଚନା ପରିପ୍ରେକ୍ଷୀରେ ସ୍ୱାମୀଙ୍କ ସହ ଏକମତ ହେବାକୁ ବାଧ୍ୟ ହେବେ।

**ଧନୁ** ଆପଣଙ୍କର ପରାମର୍ଶ ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ଉପରିସ୍ଥଙ୍କ ନିର୍ଦ୍ଦେଶରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ମୂଳା ନକ୍ଷତ୍ର ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ମକର** କର୍ମକ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜିବାରେ ସମର୍ଥ ହେବେ। ଧନିଷ୍ଠା ନକ୍ଷତ୍ର ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହେବେ। ପାରିବାରିକ ସମସ୍ୟା ଭିତରେ ପିଲାଙ୍କ ବିଷୟ, ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିଯିବ। ଅଫିସରେ ଟେନ୍ସନରେ ରହିପାରନ୍ତି।

**କୁମ୍ଭ** ଆଜିର ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। କଥା କଟାକଟି କାରଣରୁ ପରିବାରରେ ଅଶାନ୍ତି ସୃଷ୍ଟି ହେବାର ସମ୍ଭାବନାକୁ ଏଡି ହେବ ନାହିଁ। ପୂର୍ବଭାଦ୍ରପଦ ନକ୍ଷତ୍ର ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ** ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ପଡ଼ୋଶୀଙ୍କ ସହାୟତାରେ ଖୋଜୁଥିବା ଜିନିଷଟି ପାଇ ଖୁସି ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ବନ୍ଧୁମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

ଆଜି ନଭେମ୍ବର ୧୦ ତାରିଖ, ବିଶ୍ୱ ବିଜ୍ଞାନ ଦିବସ, ମାର୍ଗଶିର କୃଷ୍ଣ ଷଷ୍ଠୀ ସୋମବାର, ଶ୍ରୀକ୍ଷେତ୍ର ପଞ୍ଚକୋଶୀ ପରିକ୍ରମା, ଶଙ୍ଖକ୍ଷେତ୍ର ମହିମାଶ୍ରବଣ ଓ ପୂଜନ, ସିଦ୍ଧ ମହାବୀରଙ୍କ ନାଗାବେଶ। ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ.୦୧.୦୪ ଗତେ କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୬ ଗତେ ଘ.୦୭.୧୯ ମଧ୍ୟେ, ୦୮.୫୪ ଗତେ ଘ.୧୧.୦୮ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮.୪୬ ଗତେ ଘ. ୧୦.୦୬ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

## ସରିଲା ପ୍ରଚାର...

ନାହିଁ। ଏହାକୁ ନେଇ ସ୍ଥାନୀୟ ମହଲରେ ଚାଲିଥିବା ଚର୍ଚ୍ଚା ମୁତାବକ, ରବିବାର ରାତିରୁ ମଙ୍ଗଳବାର ଭୋଟ ପ୍ରକ୍ରିୟା ଆରମ୍ଭ ଯାଏ ଦେଖିବାକୁ ମିଳିବ ଅସଲି ଖେଳ। କାରଣ ଏବେ ପ୍ରାୟ ଦେଢ଼ ଦିନ ସ୍ଥାନୀୟ ଅଞ୍ଚଳର ପଞ୍ଚାୟତସ୍ତରୀୟ ନେତାମାନେ ହିଁ ଯାହା କିଛି ସେମାନଙ୍କ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଆସିବା ଲାଗି କାମ କରିବେ। ସ୍ଥାନୀୟ ମହଲରେ ଏବେ ଅନ୍ଧାରି ବିଜେ ବିଷୟକୁ ନେଇ ପ୍ରଚାର ଜୋର ଧରିବାରେ ଲାଗିଛି। ଏସବୁ ଭିତରେ ଅସାଧୁ କାରବାର ରୋକିବା ପାଇଁ ନିର୍ବାଚନ କମିଶନ ଓ ଜିଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଛି।

ଦିନେକାଳେ ନୂଆପଡ଼ା ଯାଇ ନ ଥିବା ଏବଂ ସ୍ଥାନୀୟ ଅଞ୍ଚଳରେ ବୁଲି ଲୋକଙ୍କ ଦୁଃଖ ସୁଖ ବୁଝି ନ ଥିବା ରାଜ୍ୟର ଅନେକ ନେତା ଉପନିର୍ବାଚନ ପରିସ୍ଥିତି ସୃଷ୍ଟି ହେବାରୁ ନିଜ ଦଳ ପାଇଁ ପ୍ରଚାର କରିବାକୁ ନୂଆପଡ଼ା ଆସିଥିଲେ। ୨୦୨୪ ନିର୍ବାଚନ ପରେ ରାଜ୍ୟ ରାଜନୀତିର ଦୃଶ୍ୟପଟ ବଦଳି ଥିବାରୁ ନିଜ ଦଳକୁ ଲୋକଙ୍କ ନଜରରେ ଆଗକୁ ନେବା ପାଇଁ ବହୁ ନେତା ନୂଆପଡ଼ା ଭୋଟରଙ୍କ ସହ ପ୍ରାୟ ମାସେ ବ୍ୟାପୀ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥିଲେ। ସେହି ନେତାମାନଙ୍କୁ ମିଳିଥିବା ଦାୟିତ୍ୱର ସମୟ ସରିଯିବା ପରେ ସେମାନେ ନିଜ କର୍ତ୍ତବ୍ୟ କେତେ ଭଲ ଭାବେ ତୁଲାଇ ପାରିଛନ୍ତି ସେକଥା ଆସନ୍ତା ୧୪ ତାରିଖ ଉପନିର୍ବାଚନ ଫଳ ବାହାରିବା ପରେ ସ୍ପଷ୍ଟ ହୋଇଯିବ। ଅନେକ ନେତା ଏବେ ନୂଆପଡ଼ା ଛାଡ଼ିବା ପରେ ଏହାର ପାଖାପାଖି ଜିଲାର ହେଡକ୍ୱାର୍ଟର୍ସରେ ଡେରା ପକାଇବା ସହ ମନିଟରିଂ କରି ଭୋଟର ଯେପରି ଏପାଖ ସେପାଖ ନ ହୁଅନ୍ତି ସେଥିପାଇଁ କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଛନ୍ତି। ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ନେଇ ଚର୍ଚ୍ଚା ହେଉଥିବାବେଳେ ଭାଜପା,ବିଜେଡି ଓ କଂଗ୍ରେସ ନିଜର ପଞ୍ଚାୟତସ୍ତରର ନେତାମାନଙ୍କୁ ବାକି ସମୟ ଭଲ ଭାବେ ନିଜ ଅଞ୍ଚଳକୁ ଜଗିରଖିବା ପାଇଁ ବୁଝାଇ ଚାଲିଛନ୍ତି। ଏହି ଉପନିର୍ବାଚନରେ ରାଜ୍ୟର ୩ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀ ଜିତିବା ସପକ୍ଷରେ ଯୁକ୍ତି ବାଢ଼ୁଛନ୍ତି। ପୂର୍ବରୁ ମଧ୍ୟ ପ୍ରକାଶ ପାଇଥିବା ଅନେକ ଚର୍ଚ୍ଚା ମୁତାବକ ପ୍ରଥମ ଥର ଶାସନ କ୍ଷମତାକୁ ଆସିଥିବା ଭାଜପା ପାଇଁ ଏହି ଉପନିର୍ବାଚନ ଏକପ୍ରକାର ଅଗ୍ନିପରୀକ୍ଷା ସଦୃଶ। କାରଣ ଏହି ଉପନିର୍ବାଚନରେ ବିଜୟୀ ହେଲେ ହିଁ ସରକାର ବିପକ୍ଷରେ ଜନମତ ନ ଥିବା ଏବଂ ବିଶ୍ୱାସ ବଢ଼ିଥିବା କଥା ଭାଜପା ରାଜ୍ୟବାସୀଙ୍କ ଆଗରେ ରଖିପାରିବ। ସେହିପରି ୨୪ ବର୍ଷ ପରେ ଶାସନରୁ ଯାଇଥିବା ବିଜେଡି ଯଦି ବିଜୟୀ ହୁଏ, ତେବେ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା ତୁଟିଗଲାଣି ବୋଲି କହି ସେମାନେ ନିଜ ପୁରୁଣା ସ୍ଥିତିକୁ ଫେରିବାର ବାର୍ତ୍ତା ଦେବା ନେଇ ଏକ ବାଟ ଫିଟାଇ ପାରିବେ। ସମାନ ଭାବେ କଂଗ୍ରେସ ଯଦି ଉତ୍ତମ ପ୍ରଦର୍ଶନ କରିବାରେ ସଫଳ ହେଲା,ତେବେ ଦୀର୍ଘ ଦିନ ଧରି ପ୍ରତ୍ୟାଖ୍ୟାତ ହୋଇଥିବା ଏହି ଦଳ ପାଇଁ ଲୋକଙ୍କ ମନରେ ପରିବର୍ତ୍ତନ ହୋଇଛି ବୋଲି ଏକ ବାର୍ତ୍ତା ଯାଇପାରେ। ତେବେ ଗଲା ୨୫ ଦିନ ଧରି ଖବର ସଂଗ୍ରହ କରିବା ମଧ୍ୟରେ ଉପରୋକ୍ତ ବିଭିନ୍ନ ଦଳର ନେତାମାନଙ୍କ ସହ ଅନେକ ସମୟରେ ଆଲୋଚନା କରିବା ଭିତରେ ମିଳିଥିବା ଅନୁଭୂତି ଅନୁଯାୟୀ, ପଛୁଆ ଜିଲା ଭାବେ ପରିଚିତ ନୂଆପଡ଼ାର ଭୋଟରଙ୍କ ମାନସିକତା ଉପନିର୍ବାଚନ ଭୋଟିଂକୁ ନେଇ କିପରି ରହିଛି ତାହା କେହି ହେଲେ ଠିକ୍ ଭାବେ ଆକଳନ କରିପାରୁ ନାହାନ୍ତି। ତେବେ ବର୍ତ୍ତମାନ ସମୟରେ ସବୁ ଦଳର ସ୍ଥାନୀୟ ନେତାଙ୍କ କାର୍ଯ୍ୟକଳାପ ଓ ଜିଲା ପ୍ରଶାସନର କଟକଣା ଉପରେ ବିଶେଷ ଦୃଷ୍ଟି ରହିବ।

ଅନ୍ୟପଟେ ବିଜେଡି ଓ ଭାଜପାରୁ ଟିକେଟ ପାଇ ନ ଥିବା ଅନେକ ସ୍ଥାନୀୟ ନେତା ସେମାନଙ୍କ ଦଳର ନେତୃମଣ୍ଡଳୀମାନଙ୍କର ଉପସ୍ଥିତି କାରଣରୁ କିଛି ଏପାଖ ସେପାଖ କରିବାର ସୁଯୋଗ ପାଇପାରି ନ ଥିଲେ। ହେଲେ ଏବେ ଯେତେବେଳେ ବାହାରୁ ଆସିଥିବା ନେତାମାନେ ଚାଲିଗଲେଣି, ସେହି ସମୟରେ ଟିକେଟ ଆଶାୟୀ ଥିବା ସମସ୍ତ ଅସନ୍ତୁଷ୍ଟ ନେତା ସେମାନଙ୍କ କର୍ମୀମାନଙ୍କ ଜରିଆରେ ନିଜ ଅସନ୍ତୋଷ ଜାହିର କରିବାର ସୁଯୋଗକୁ କିପରି ବ୍ୟବହାର କରୁଛନ୍ତି ତାକୁ ନେଇ ସବୁ ଦଳ ଭିତରେ ଏକ ପ୍ରକାର ଭାଳେଣି ପଡ଼ିଥିବା ଶୁଣିବାକୁ ମିଳୁଛି।

## ବିଜେଡି, କଂଗ୍ରେସ...

ଓ ବର୍ତ୍ତମାନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ରଙ୍କ କୋମନାସ୍ଥିତ ବାସଭବନରେ ପୂର୍ବାହ୍ନ ୧୦ଟାରେ ଆୟକର ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ। ସେହିପରି ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତଥା ବ୍ୟବସାୟୀ ଅଙ୍କିତ ସିଂଘାଇଙ୍କ ଖରିଆରରୋଡ୍‌ସ୍ଥିତ ବାସଭବନରେ ଅପରାହ୍ନ ପ୍ରାୟ ୩ଟାରେ ଆୟକର ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ। ଉଭୟଙ୍କ ଘର ଉପରେ କାହିଁକି ଚଢାଉ କରାଗଲା ଓ କ'ଣ ସବୁ ଜବତ କରାଯାଇଛି, ତାହା ଅସ୍ପଷ୍ଟ ରହିଛି।

## ବଢୁଛି ଶୀତ...

ପାଣିପାଗ ବିଭାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ରାଜଧାନୀରେ ସର୍ବାଧିକ ତାପମାତ୍ରା ୩୨ ଡିଗ୍ରୀ ଓ ସର୍ବନିମ୍ନ ୧୭ଡିଗ୍ରୀ ରହିବ ବୋଲି ଆକଳନ କରାଯାଇଛି। ଅପରପକ୍ଷେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ ଡିଗ୍ରୀ ହ୍ରାସ ପାଇଛି। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ପ୍ରାୟ ୨ରୁ ୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି। ଅପରପକ୍ଷେ ଆଗାମୀ ୨ରୁ ୩ ଦିନ ମଧ୍ୟରେ ସାଧାରଣ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ କମିବାର ସମ୍ଭାବନା ରହିଛି। ତେବେ ୧୫ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପାଗ ଶୁଖିଲା ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟ ବାହାରେ...

ସେହିପରି ଗତ ଅକ୍ଟୋବର ୧୦ ତାରିଖରେ ପଶ୍ଚିମବଙ୍ଗ ଦୁର୍ଗାପୁରରେ ବାଲେଶ୍ୱରର ଜଳେଶ୍ୱର ଅଞ୍ଚଳର ଜଣେ ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ସ୍ଥାନୀୟ ମେଡିକାଲ କଲେଜରେ ସେ ପାଠ ପଢୁଥିଲେ। ଛାତ୍ରୀ ଜଣଙ୍କ ପୁରୁଷ ବନ୍ଧୁଙ୍କ ସହ କଲେଜ ବାହାରକୁ ରାତିରେ ଗୁପ୍‌ଚୁପ୍ ଖାଇବାକୁ ଯାଇଥିବା ବେଳେ କେତେଜଣ ଯୁବକ ଆସି ତାଙ୍କୁ ଟେକିନେଇ ଗଣବଳାତ୍କାର କରିଥିଲେ। ପୋଲିସ ତଦନ୍ତ ପରେ ଉକ୍ତ ଘଟଣାରେ ପୁରୁଷ ବନ୍ଧୁଙ୍କ ହାତ ଥିବା ଜଣାପଡ଼ିଥିଲା। ସେହିପରି ଗତ ବର୍ଷ ଜୁଲାଇରେ ବେଙ୍ଗାଲୁରୁରେ ଜଣେ ଓଡ଼ିଆ ଛାତ୍ରୀଙ୍କୁ ସ୍କୁଲରେ ବଳାତ୍କାର କରାଯାଇଥିଲା, ଯାହାକୁ ନେଇ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଥିଲା। ଗତ ବର୍ଷ ଦିଲ୍ଲୀରେ ମଧ୍ୟ ଜଣେ ଓଡ଼ିଆ ଯୁବତୀ ଗଣବଳାତ୍କାରର ଶିକାର ହୋଇଥିଲେ। ସେ ପରିବାର ଲୋକଙ୍କ ଉପରେ କୌଣସି କାରଣରୁ ରାଗିକି ଦିଲ୍ଲୀ ପଳାଇଯାଇଥିଲେ। ସେଠାରେ ଷ୍ଟେଶନରେ ରହିଥିବାବେଳେ ଜଣେ ଅଟୋ ଡ୍ରାଇଭର ଏବଂ ଅନ୍ୟମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ଗତବର୍ଷ ହାଇଦ୍ରାବାଦରେ ଏକ ପ୍ରେମୀଯୁଗଳଙ୍କୁ ମାଡ଼ ମାରିବା ସହ ପ୍ରେମିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହିଭଳି ଓଡ଼ିଶାରୁ ଏକାଧିକ ଯୁବତୀ ବାହାର ରାଜ୍ୟକୁ ଯାଇ ନିର୍ଯାତନାର ଶିକାର ହେଉଥିବାବେଳେ ସେମାନଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭରତପୁରରେ ରହୁଥିବା ମୋନାଲିସା ସାହୁ କହିଛନ୍ତି, ତାଙ୍କ ଝିଅ ଦିଲ୍ଲୀରେ ରହି ପାଠ ପଢୁଛି। ହେଲେ ଗତ କିଛିବର୍ଷ ହେବ ରାଜ୍ୟ ବାହାରେ ଯେଉଁଭଳି ମହିଳା ଓ ଛାତ୍ରୀମାନେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି, ସେକଥା ଶୁଣିଲେ ଝିଅର ସୁରକ୍ଷା ନେଇ ଆମେ ସବୁବେଳେ ଚିନ୍ତାରେ ରହୁଛୁ। ଝିଅ ସହ ଗୋଟିଏ ଦିନ କଥା ନ ହେଲେ କିଛି ଅଘଟଣ ନ ହେଉ ବୋଲି ଭଗବାନଙ୍କୁ ଡାକୁଛୁ।

## ପ୍ରଭାବୀ ହେଉନି ଆନ୍ତଃରାଜ୍ୟ ଆଇପିଏସ୍ ସମ୍ମିଳନୀ

ଗତ ଦୁଇ ବର୍ଷରେ ବାହାର ରାଜ୍ୟରେ ୩୦ରୁ ଅଧିକ ମହିଳା ନିର୍ଯାତନାର ଶିକାର ହୋଇଛନ୍ତି। ପ୍ରତିବର୍ଷ ମହିଳାଙ୍କ ସୁରକ୍ଷା ପାଇଁ ଆନ୍ତଃରାଜ୍ୟ ଆଇପିଏସ୍ ସମ୍ମିଳନୀ କରାଯାଉଛି। ଏହି ସମ୍ମିଳନୀରେ ମହିଳାମାନେ କିଭଳି ଅନ୍ୟ ରାଜ୍ୟରେ ସୁରକ୍ଷା ପାଇବେ ସେନେଇ ଆଲୋଚନା କରାଯାଉଛି। ଆହୁରି ମଧ୍ୟ ରାଜ୍ୟ ରାଜ୍ୟ ଭିତରେ ସମନ୍ୱୟ ରଖି କାମ କରିବାକୁ କୁହାଯାଉଛି। କୌଣସି ରାଜ୍ୟରେ ଅନ୍ୟ ରାଜ୍ୟର ମହିଳାମାନେ ଅପରାଧର ଶିକାର ହେଲେ ତୁରନ୍ତ ସେଠାର ପୋଲିସକୁ ଜଣାଇବା ସହ ତଦନ୍ତ କରି ତ୍ୱରିତ ନ୍ୟାୟ ଦେବାକୁ କୁହାଯାଉଛି। କିନ୍ତୁ ବାସ୍ତବରେ ତାହା ସଫଳ ହେଉ ନ ଥିବା କିଛି ଦିନର ଘଟଣାକୁ ଦେଖିଲେ ଜଣାପଡୁଛି। ତେବେ ଏନେଇ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ବାହାର ରାଜ୍ୟରେ ଓଡ଼ିଶାର କୌଣସି ମହିଳା ନିର୍ଯାତନାର ଶିକାର ହେଲେ ଆମେ ତୁରନ୍ତ ଉକ୍ତ ରାଜ୍ୟର ପୋଲିସ ଡିଜିଙ୍କ ସହ ଯୋଗାଯୋଗ କରୁଛୁ। ଆହୁରି ମଧ୍ୟ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ କହୁଛୁ। ରାଜ୍ୟ ବାହାରେ ମହିଳାଙ୍କ ଉପରେ ଘଟୁଥିବା ଘଟଣା ଉପରେ ନଜର ରଖୁଛୁ ବୋଲି ମିଶ୍ର କହିଛନ୍ତି।

## ଦିନକ ପରେ ୧୨୨...

ଉଭା ହେବା ସତ୍ତ୍ୱେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ସରକାର ଗଢ଼ିବାକୁ ସୁଯୋଗ ପାଇ ନ ଥିବାରୁ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥର କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହିଁନାହାନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିଳମ୍ବିତ ନିର୍ବାଚନ ପ୍ରଚାର ତାଙ୍କ ଦଳକୁ ସୁଫଳ ଦେଇ ନ ପାରେ ବୋଲି କୁହାଯାଉଛି। ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋର ନିଜେ ଲଢୁ ନ ଥିଲେ ବି ତାଙ୍କ ଜନ ସୁରାଜ ପାର୍ଟିର ପ୍ରାର୍ଥୀମାନଙ୍କ ପାଇଁ ଯଥାସାଧ୍ୟ ପ୍ରଚାର କରିଛନ୍ତି। ତାଙ୍କ ଦଳକୁ ବିଶେଷ ସଫଳତା ମିଳିବ ନାହିଁ, କିନ୍ତୁ ଭୋଟ ବିଭାଜନରେ ସେ ନିର୍ଣ୍ଣାୟକ ହୋଇପାରନ୍ତି ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଇଛନ୍ତି। ଏଥର ନିର୍ବାଚନରେ ପ୍ରଥମ ଥର ପାଇଁ ପରିବାରକୁ ବାଦ୍ ଦେଇ ଭାଗ୍ୟ ପରୀକ୍ଷା କରୁଛନ୍ତି ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କ ବଡ଼ପୁଅ ତେଜସ୍ୱୀ ଯାଦବ। ତେବେ ତାଙ୍କ ପ୍ରଭାବ ଗୋଟିଏରୁ ୮ଟି ଆସନରେ ସୀମିତ ରହିପାରେ ବୋଲି ଅନୁମାନ କରାଯାଉଛି। ଗତ ନିର୍ବାଚନରେ ୫ ଆସନରେ ବିଜୟୀ ହୋଇଥିବା ହାଇଦ୍ରାବାଦ୍ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍‌ଆଇଏମ୍ ପୂର୍ବ ସଫଳତା ଦୋହରାଇ ନ ପାରେ ବୋଲି ଆକଳନ କରାଯାଉଛି।

ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପରେ ପ୍ରଥମ ଥର ନିର୍ବାଚନ ହେଉଥିବାରୁ ଏହାର ଫଳାଫଳ କେଉଁ ଆଡ଼କୁ ଯିବ ତାହା ଆସନ୍ତା ୧୪ରେ ସ୍ପଷ୍ଟ ହୋଇଯିବ। କିନ୍ତୁ ବର୍ତ୍ତମାନ ସବୁ ଦଳ ନିଜ ନିଜ ସପକ୍ଷରେ ସଫଳତା ଆସିବା ନେଇ ଦାବି କରୁଛନ୍ତି। ରବିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏନ୍‌ଡିଏ ଏବଂ ମହାମେଣ୍ଟର ନେତାମାନେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ରାଲି, ରୋଡ୍ ଶୋ' ଆଦି କରି ଭୋଟ ପୂର୍ବରୁ ଶେଷଥର ପାଇଁ ବଳ କଷିଛନ୍ତି। କେନ୍ଦ୍ରମନ୍ତ୍ରୀ ଶାହା, ରାଜନାଥ, ଶିବରାଜ ସିଂ ଚୌହାନ ଅନେକ ସ୍ଥାନରେ ସଭା କରିଥିବାବେଳେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆରାରିଆର ସିକ୍ତିରେ ଭାଜପାର ପ୍ରଚାର କରିଛନ୍ତି। କଂଗ୍ରେସ ପକ୍ଷରୁ ରାହୁଲ କିଷନଗଞ୍ଜ ଓ ପୂର୍ଣ୍ଣେଆରେ ମହାମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଜେଡିୟୁ ମୁଖ୍ୟ ନୀତିଶ ତାଙ୍କ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଦେଖାଇ ମହିଳା ଭୋଟରଙ୍କୁ ପୁଣି ଟାଣିବାକୁ ଉଦ୍ୟମ କରିଛନ୍ତି।

## ଆମେରିକାରେ ଓଡ଼ିଆ...

ଚାଇଲ୍ଡଲାଇନ୍ ଦ୍ୱାରା ଉଦ୍ଧାର ହୋଇ ଅନାଥ ଆଶ୍ରମକୁ ଆସିଥିବା ଜାଣିବାକୁ ପାଇଥିଲେ। ତେବେ ୨୦୧୮ରେ ପୂଜାଙ୍କୁ ଏକ ଦମ୍ପତି ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ନେଇଯାଇଥିଲେ। ଆମେରିକାକୁ ଯିବା ପରେ ତାଙ୍କ ନାମ ପୂଜାରୁ ସେଜଲ ଜୋହନ ହୋଇଥିଲା। ତେବେ ୨୦୨୩ରେ ସୋସିଆଲ୍ ମିଡିଆ ଜରିଆରେ ପୂଜାଙ୍କ ସହ ଅମରଙ୍କର ପୁଣି ଯୋଗାଯୋଗ ହୋଇଥିଲା। ପୂଜା ସେଠାରେ ଖୁସିରେ ନ ଥିବା ତାଙ୍କୁ କହିଥିଲେ। ପରେ ପାଳିତ ମା' ତାଙ୍କଠାରୁ ମୋବାଇଲ ଓ ସିମ୍ ନେଇଯାଇଥିଲେ ବୋଲି ଅମର କହିଛନ୍ତି। ପୂଜା ଏକ ଭିଡିଓ ଶେୟାର କରିଥିବା ବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ଅତ୍ୟାଚାରର କାହାଣୀ କହିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।


ପୂଜା ନାୟକ ଓରଫ ସେଜଲ ଜୋହନ।

ପୂଜା କହିଛନ୍ତି, ଛୋଟବେଳେ ମୁଁ ଓଡ଼ିଶାରେ ଥିଲି। ଭୁବନେଶ୍ୱରର ଏକ ହଷ୍ଟେଲରେ ପଢୁଥିଲି। ଏବେ ପାଳିତା ମା' ମତେ ବହୁ କଷ୍ଟ ଦେବା ସହ ଅତ୍ୟାଚାର କରୁଛନ୍ତି। ଘର କାମ ସବୁ କରାଉଛନ୍ତି। ମୁଁ ଆମେରିକାରେ ଏବେ ଖୁସିରେ ନାହିଁ। ମୁଁ ହିନ୍ଦୁ ହୋଇଥିବା ବେଳେ ପାଳିତ ମା' ଖ୍ରୀଷ୍ଟିଆନ କରିଦେବାକୁ ବାଧ୍ୟ କରୁଛନ୍ତି। ଖାଇବାକୁ ମଧ୍ୟ ଦେଉନାହାନ୍ତି। ଏପରିକି ଦୁଇଥର ହତ୍ୟା ଉଦ୍ୟମ ମଧ୍ୟ କରାଯାଇଛି। ମୁଁ ସ୍କୁଲ ଛୁଟି ଦିନରେ ୧୦ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ଏହି ଟଙ୍କାକୁ ମୋଠାରୁ ନେଇଯାଇଛନ୍ତି। ଧର୍ମ ପରିବର୍ତ୍ତନ ନ କଲେ ସେମାନେ ଜୀବନରୁ ମାରିଦେବାକୁ ଚେତାବନୀ ଦେଇଛନ୍ତି। ଓଡ଼ିଶାବାସୀ ମୋତେ ସାହାଯ୍ୟ କରନ୍ତୁ ଏବଂ ସୁରକ୍ଷିତ ଭାବେ ଓଡ଼ିଶାକୁ ନେଇଯାଆନ୍ତୁ ବୋଲି ପୂଜା ଅନୁରୋଧ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଳପ ଦୁହିଁଲେ ଗୋସେଇଁ ରୁଷେ,
ବହୁତ ଦୁହିଁଲେ ବାଛୁରୀ ରୁଷେ,
ପର ଗାଈଦୁହାଁ ମୋତେ ନ ଆସେ ।**

ଗାଈ ଦୁହାଁଳି ବ୍ୟକ୍ତି ଗାଈଠାରୁ ଅଳ୍ପ କ୍ଷୀର ଦୁହିଁଲେ ଗାଈର ମାଲିକ ତା' ଉପରେ ଅସନ୍ତୁଷ୍ଟ ହୋଇଥାଏ। ସେମିତି ଗାଈଠାରୁ ବେଶି କରି କ୍ଷୀର ଦୁହିଁଲେ ବାଛୁରୀଟି ଖାଇବାକୁ ପାଇ ନ ଥାଏ। ଏ ପରିସ୍ଥିତିରେ ଗାଈ ଦୁହିଁଥିବା ବ୍ୟକ୍ତିଟି ଅତ୍ୟନ୍ତ ଧର୍ମ ସଙ୍କଟରେ ପଡ଼ିଯାଇଥାଏ। ପରୋକ୍ଷରେ ଦୁଇ ପକ୍ଷର ଲୋକଙ୍କ ମନକୁ ନେଇ ଚଳିବା ଆଦୌ ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ନିର୍ଲଜ ଗୀତ ଗାଏ,
ଅତି ପୋଡ଼ାମୁହାଁ ନାଚି ଯାଏ ।**

ଲୋକମାନଙ୍କର ବିଶ୍ୱାସ, ବେସରମ ଲୋକହିଁ ନାଟ ତାମସାରେ ମାତିଥାଏ। ପରୋକ୍ଷରେ ଯେଉଁମାନଙ୍କ ମୁହଁରେ ଲାଜସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜବତ ହେଲାଣି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ସାମଗ୍ରୀ

**ନୂଆପଡ଼ା ଉପନିର୍ବାଚନ**

ଭୁବନେଶ୍ୱର,୯।୧୧
(ରବିନାରାୟଣ ଜେନା)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ପ୍ରଚାର କାର୍ଯ୍ୟକ୍ରମ ଶେଷ ହୋଇଛି। ମଙ୍ଗଳବାର ନୂଆପଡ଼ାରେ ମତଦାନ ହେବାକୁ ରହିଥିବାବେଳେ ଏବେଠାରୁ ଛକାପଞ୍ଝା ରାଜନୀତି ଆରମ୍ଭ ହୋଇଛି। ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ପ୍ରମୁଖ ଦଳଗୁଡ଼ିକ ଅନ୍ଧାରିବିଜେ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ସିଇଓ ଆର୍. ସନ୍ଥ ଗୋପାଳନଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସଂସ୍ଥା ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି। ଏହି ସମୟରେ ୧.୦୫କୋଟି ନଗଦ ଟଙ୍କା ସହିତ ଅନ୍ୟାନ୍ୟ ମାଦକଦ୍ରବ୍ୟକୁ ମିଶାଇ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ ହୋଇଛି।

ଗୋପାଳନଙ୍କ ସୂଚନା ଅନୁଯାୟୀ, ପୋଲିସ, ଅବକାରୀ, ଆୟକର, ଏସ୍ଏସ୍‌ଟି ପକ୍ଷରୁ ନୂଆପଡ଼ାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ରବିବାର ଅପରାହ୍ନ ସୁଦ୍ଧା ନଗଦ ୧କୋଟି ୫ଲକ୍ଷ ୩୭ହଜାର ୧୪୦ଟଙ୍କା ଜବତ କରାଯିବା ସହିତ ୧କୋଟି ୧୩ଲକ୍ଷ ୫୪ହଜାର ୪୧ଟଙ୍କାର ମଦ ଜବତ ହୋଇଛି। ଏହାବାଦ୍ ୪୪୬.୨୬୨କେଜି ଗଞ୍ଜେଇ ଓ ଅନ୍ୟାନ୍ୟ ନିଷାଦ୍ରବ୍ୟ ମଧ୍ୟ ଜବତ ହୋଇଛି; ଯାହାର ମୂଲ୍ୟ ୫୦ଲକ୍ଷ ୩୧ହଜାର ୧୨୦ଟଙ୍କା ହେବ। ସେହିପରି ୧୯ଲକ୍ଷ ୧୨ହଜାର ୭୪୫ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଏହି ସମୟ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ବ୍ୟାଙ୍କ ଖାତା ମଧ୍ୟ ଯାଞ୍ଚ କରାଯାଇଛି।

ସିଇଓଙ୍କ ସୂଚନା ଅନୁଯାୟୀ, ଏଥର ପ୍ରତ୍ୟେକ ବୁଥରେ ମତଦାତାଙ୍କ ଲାଗି ଅନେକ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭିନ୍ନକ୍ଷମଙ୍କୁ ସହାୟତା ଲାଗି ୨ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବା ସହିତ ଦୃଷ୍ଟିହୀନଙ୍କ ଲାଗି ବେଲ୍ ବାଲଟପେପର ବ୍ୟବସ୍ଥା କରାଯାଇଛି। ଏହାସହିତ ମୋବାଇଲର ଯେପରି ଅପବ୍ୟବହାର ନ ହେବ ତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବାକ୍ସ ରଖାଯାଇଛି। ସମ୍ବେଦନଶୀଳ ୫୭ଟି ବୁଥ୍ ପାଇଁ ପୋଲିସ ସୁରକ୍ଷା ବଳ ସହିତ ଭିଡିଓ କ୍ୟାମେରାର ମଧ୍ୟ ବ୍ୟବସ୍ଥା କରାଯାଇଛି।

ସିଇଓ କହିଛନ୍ତି, ଜନପ୍ରତିନିଧିତ୍ୱ ଆଇନ-୧୯୫୧ର ଧାରା ୧୨୬ ଅନୁଯାୟୀ, ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରା ଆୟୋଜନ ହୋଇପାରିବ ନାହିଁ। ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ କୌଣସି ନିର୍ବାଚନ ସମ୍ବନ୍ଧୀୟ ବିଷୟବସ୍ତୁ କିମ୍ବା ଦୃଶ୍ୟର ପ୍ରସାରଣ କରାଯାଇପାରିବ ନାହିଁ।

## ଛତିଶଗଡ଼ ଅପରାଧୀଙ୍କୁ ଆୟୁଧ କରିଛି ଭାଜପା: ବିଜେଡି

**ନୂଆପଡ଼ାରେ ଠିକଣା ସମୟରେ ପହଞ୍ଚିନି ଇଭିଏମ୍, ସିଇଓଙ୍କୁ ଫେରାଦ**

ଭୁବନେଶ୍ୱର,୯।୧୧(ରବିନାରାୟଣ ଜେନା)



ସିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛି ବିଜେଡି ପ୍ରତିନିଧି ଦଳ।

ନୂଆପଡ଼ା ଉପନିର୍ବାଚନରେ ଭାଜପା କେବଳ ସରକାରୀ କଳର ଦୁରୁପଯୋଗ କରୁଛି ତାହା ନୁହେଁ, ବରଂ ଛତିଶଗଡ଼ରୁ ଅପରାଧୀଙ୍କୁ ଆଣି ନିର୍ବାଚନ ପରିଚାଳନା କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନୂଆପଡ଼ାର ପ୍ରତ୍ୟେକ ପଞ୍ଚାୟତରେ ଛତିଶଗଡ଼ ଗୁଣ୍ଡା ଓ ଅପରାଧୀ ଭରିଗଲେଣି। ଭୋଟରଙ୍କୁ ଡରାଇବା, ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘରେ ରେଡ୍ କରିବା, ଲୋକଙ୍କୁ ଟଙ୍କା ଓ ମଦ ବାଣ୍ଟିବା ଭଳି କାମ କରିବାକୁ ଭାଜପା ପଛାଉନାହିଁ।

ଏହି ପରିପ୍ରେକ୍ଷୀରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନଙ୍କୁ ଭେଟି ଭାଜପା ବିରୋଧରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରମିଳା ଅଭିଯୋଗ କରିଛନ୍ତି, ଛତିଶଗଡ଼ର ଅପରାଧୀମାନେ ନୂଆପଡ଼ାରେ ଭୋଟରଙ୍କୁ ଭୟଭୀତ କରିବାପାଇଁ ଆସିଛନ୍ତି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ସେମାନଙ୍କୁ ତୁରନ୍ତ ଜିଲାରୁ ବାହାର କରାଯାଉ। ଏହି ଅବସରରେ ବିଜେଡି ଆଉ ଏକ ସଙ୍ଗିନ ଅଭିଯୋଗ କରିଛି, ନିର୍ବାଚନ ସମୟ ପାଖେଇ ଆସିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଇଭିଏମ୍ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନାହିଁ। ସେହିପରି ନିର୍ବାଚନ ପରିଚାଳନାରେ ନିୟୋଜିତ ସରକାରୀ ଅଧିକାରୀ ପକ୍ଷପାତିତା କରୁଛନ୍ତି। ବିଜେଡି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର, ହୋର୍ଡିଂ ସବୁ ବାହାର କରାଯାଉଥିବାବେଳେ ଭାଜପା ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ଆଦି ସରକାରୀ ସମ୍ପତ୍ତି ଉପରେ ଲାଗିଥିଲେ ସୁଦ୍ଧା ତାକୁ ବାହାର କରାଯାଉ ନାହିଁ। ଜନମତକୁ ବିଭ୍ରାନ୍ତ କରିବା ସହ ଆଦର୍ଶ ଆଚରଣବିଧିର ଏହା ଖୋଲା ଉଲ୍ଲଂଘନ ବୋଲି ପ୍ରମିଳା କହିଛନ୍ତି। ଏହି ପ୍ରତିନିଧି ଦଳରେ ବିଜେଡିର ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ପ୍ରମୁଖ ସାମିଲ ଥିଲେ।

## ୧୩ରେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ

**ନୀଳଗିରିରୁ ଆରମ୍ଭ ହେବ ଏକତା ପଦଯାତ୍ରା**



ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶବ୍ୟାପୀ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଭାରତ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରର ୩ଟି ସ୍ଥାନରେ ଏହି ପଦଯାତ୍ରା ଆୟୋଜନ କରାଯାଉଛି। ସେହିକ୍ରମରେ ରାଜ୍ୟର ପ୍ରଥମ ପଦଯାତ୍ରା ବାଲେଶ୍ୱର ଜିଲା ନୀଳଗିରିରୁ ଆରମ୍ଭ ହେବ। ୧୩ ତାରିଖରେ ଆରମ୍ଭ ହେବାକୁ ଥିବା ଏହି ପଦଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ ବୋଲି ରବିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ନୀଳଗିରିରେ ପହଞ୍ଚିବେ। ସେଠାରେ ବିଶାଳ ଜନସଭାକୁ ସମ୍ବୋଧିତ କରିବା ସହ ପଦଯାତ୍ରାକୁ ଉଦ୍‌ଘାଟନ କରିବେ। ଏହି ପଦଯାତ୍ରା ନୀଳଗିରିରୁ ବାହାରି ମିତ୍ରପୁରରେ ଶେଷ ହେବ। ପ୍ରତି ୨.୫କି.ମି. ବ୍ୟବଧାନରେ ବିଶ୍ରାମସ୍ଥଳୀ କରାଯିବ। ଏହିସବୁ ସ୍ଥାନରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ପଦଯାତ୍ରା ସମୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ଜାତୀୟ ଏକତା ସମ୍ବନ୍ଧିତ ପ୍ରଜ୍ଞାପନ ମେଢ଼ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଏମ୍‌ପି କହିଥିଲେ। ଏହି ପଦଯାତ୍ରାରେ ଛାତ୍ରୀଛାତ୍ର, ଯୁବତୀଯୁବକ, ମହିଳା ଓ ପୁରୁଷ ସାମିଲ ହେବେ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୧୮ ତାରିଖରେ ଭୋଗରାଇ ବ୍ଲକ୍ ଏବଂ ତୃତୀୟ ପର୍ଯ୍ୟାୟ ୨୧ ତାରିଖରେ ବାଲେଶ୍ୱର ସଦର ମହକୁମାରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ ହେବ। ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସମେତ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ଓ (ରାଜସ୍ୱ) ହେମନ୍ତ ସିଂ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଧରାକୋଟ ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳିଙ୍କ ବିବାହ ସମ୍ପନ୍ନ

ଧରାକୋଟ,୯।୧୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)



ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳି ଓ ଶ୍ରୀମୟ ମହାପାତ୍ର।

ଗଞ୍ଜାମ ଜିଲା ଧରାକୋଟ ଗଡ଼ର ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳି ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଏକାମ୍ର କ୍ଷେତ୍ର ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ଶ୍ରୀମୟ ମହାପାତ୍ରଙ୍କ ସହ ତାଙ୍କର ବିବାହ ରାଜକୀୟ ଢଙ୍ଗରେ ଭୁବନେଶ୍ୱର ଆଙ୍ଗନ ରିସର୍ଟରେ ସମ୍ପନ୍ନ ହୋଇଛି। ଏହି ବିବାହ ଉତ୍ସବରେ ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ଦିଲ୍ଲୀ ସହ ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ଗଡମଧୁପୁର, କଳାହାଣ୍ଡି, ସୁନ୍ଦରଗଡ, ଢେଙ୍କାନାଳ, ଜୁନାଗଡ, ଟିକିଟି, ପାରିକୁଦ, ପାଲୁର ସହ ବିଭିନ୍ନ ଗଡ଼ଜାତ ଅଞ୍ଚଳର ରାଜପରିବାର ସଦସ୍ୟମାନେ ଯୋଗଦେଇଥିଲେ। ଛତିଶଗଡ଼ର ବିଳାସପୁର ରାଜା ତଥା ସୁଲକ୍ଷଣା ଗୀତାଞ୍ଜଳିଙ୍କ ପିଉସା ପୁଷ୍ପେନ୍ଦ୍ର ପ୍ରତାପ ଚୌହାନ ଏବଂ ପିଉସୀ ସାଇ ଦର୍ଶନା ଦେବୀ କନ୍ୟାଦାନ କରିଥିଲେ। ରାଜମାତା ତଥା ଧରାକୋଟ ରାଣୀ ସାହେବା ନନ୍ଦିନୀ ଦେବୀଙ୍କ ଉପସ୍ଥିତିରେ ବିବାହର ସମସ୍ତ ନୀତିକାନ୍ତି ଓ ରାଜକାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ଏହି ବିବାହ କାର୍ଯ୍ୟରେ ରାଜ୍ୟର ବହୁ ରାଜନେତା, ଧରାକୋଟ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ। ସୁଲକ୍ଷଣା ଗୀତାଞ୍ଜଳିଙ୍କ ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରବେଶ ରହିଛି। ସୁଲକ୍ଷଣା ଗୀତାଞ୍ଜଳିଙ୍କ ବାପା ସ୍ୱର୍ଗତ ରାଜା କିଶୋର ଚନ୍ଦ୍ର ସିଂଦେଓଙ୍କ ଦେହାନ୍ତ ପରେ ୨୦୧୦ ଜୁନ୍ ମାସରେ ସେ ଧରାକୋଟ ରାଜସିଂହାସନ ଆରୋହଣ କରିଥିଲେ। ରାୟପୁରସ୍ଥିତ ରାଜପୁତ କଲେଜରୁ ସୁଲକ୍ଷଣା ଗୀତାଞ୍ଜଳି ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ପରେ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ବର୍ତ୍ତମାନ ସେ ଧରାକୋଟ ବ୍ଲକ ଅଧ୍ୟକ୍ଷା ରହିଛନ୍ତି। ତାଙ୍କ ବାପା କିଶୋର ଚନ୍ଦ୍ର ସିଂଦେଓ ୨୦୦୪ରେ ସୋରଡ଼ା ବିଧାୟକ ରହିଥିବା ବେଳେ ମା' ନନ୍ଦିନୀ ଦେବୀ ୨୦୧୪ରେ ସାନଖେମୁଣ୍ଡି ବିଧାୟିକା ଥିଲେ।

# ହାତୀଛୁଆକୁ ନେଲା ନାହିଁ ଦଳ

- ରାତିତମାମ ଘଟଣା ସ୍ଥଳରେ ଡିଏଫ୍ଓ
- ସଂକ୍ରାମକ ରୋଗ ଆଶଙ୍କା

ଅନୁଗୋଳ, ୯।୧୧ (ଦିବ୍ୟଶାନ୍ତନୁ ନାଥ)



ହାତୀଛୁଆକୁ ଉଦ୍ଧାର କରିବା ପରେ ତା' ଦେହରେ କାଦୁଅ ବୋଳାଯାଉଛି।

ରାତିରେ ବିଲରେ ପଶି ଧାନ ଖାଉଥିବା ବେଳେ କାଦୁଅରେ ଫସିଯାଇଥିଲା ହାତୀଛୁଆ। ଦଳରେ ଥିବା ଅନ୍ୟ ହାତୀମାନେ ସକାଳ ହେବା ପୂର୍ବରୁ ଜଙ୍ଗଲମୁହାଁ ହୋଇଥିଲେ। ହେଲେ କାଦୁଅ ଭିତରୁ ତାକୁ ଉଠାଇ ସାଙ୍ଗରେ ନେବା ସମ୍ଭବ ନ ହେବାରୁ ୧୫ ଦିନର ଛୁଆକୁ ଛାଡ଼ି ପଳାଇଥିଲା ମା' ହାତୀ। ଅନୁଗୋଳ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି ନିଜ ଦଳ ସହ ଛାଡ଼ିଥିଲେ ମଧ୍ୟ ତାକୁ ଦଳରେ ନେଇ ନ ଥିଲେ। ତେଣୁ କୌଣସି ଏକ ସଂକ୍ରାମକ ରୋଗରେ ହାତୀଛୁଆଟି ପୀଡ଼ିତ ହୋଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, କିଛି ମାସ ହେବ ୪୫ ଟିକିଆ ହାତୀପଲ ଅନୁଗୋଳ ସହର ଉପକଣ୍ଠ ଗାଁଗୁଡ଼ିକ ନିକଟରେ ରହୁଛନ୍ତି। ଶୁକ୍ରବାର ରାତିରେ ଏହି ହାତୀପଲ ଧାନ ଖାଇବା ପାଇଁ ଶ୍ୟାମସୁନ୍ଦରପୁର ଅଞ୍ଚଳକୁ ଯାଇଥିଲେ। ତେବେ ସକାଳ ହେବା ଦେଖି ସେଠାରୁ ସେମାନେ ମନ୍ଦରଗିରି ଆଡ଼କୁ ଚାଲିଯାଇଥିବା ବେଳେ ଧାନବିଲ କାଦୁଅରେ ଫସି ରହିଥିଲା ହାତୀଶାବକ। ଅନୁଗୋଳ ବନ ବିଭାଗ କର୍ମଚାରୀ ରଞ୍ଜନ ପ୍ରଧାନଙ୍କ ସମେତ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି କୁଲାସିଙ୍ଗା ଫରେଷ୍ଟ ବିଟ୍ ନିକଟକୁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାତିତମାମ ବିଲ କାଦୁଅରେ ପଡ଼ିଥିବା କାରଣରୁ ଏହାର ଶରୀରର ତାପମାତ୍ରା କମିଥିବା ଜଣାପଡ଼ିଛି। ପରେ ତାକୁ ତରଳ ପାନୀୟ ସହ ଆଣ୍ଟିବାୟୋଟିକ ଦିଆଯାଇଥିଲା। ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ଘଟଣାସ୍ଥଳରେ ସାରାରାତି ରହି ଉକ୍ତ ଘଟଣାର ତଦାରଖ କରୁଥିଲେ। ହାତୀଛୁଆ ଦେହରେ ମଣିଷ ଶରୀରର ଗନ୍ଧ ବାଜିଲେ କାଳେ ଦଳ ତାକୁ ଗ୍ରହଣ କରିବ ନାହିଁ ସେଥିପାଇଁ ତା' ଦେହରେ ହାତୀମଳ ଓ କାଦୁଅ ବୋଳା ଯାଇଥିଲା। ଏହା ପରେ ତାକୁ ବନବିଭାଗ କର୍ମଚାରୀ ହାତୀଦଳଙ୍କ ଅତି ନିକଟରେ ଛାଡିଥିଲା। ହେଲେ ଅନେକ ସମୟ ପରେ ମଧ୍ୟ ହାତୀଦଳ ଛୁଆଟିକୁ ଗ୍ରହଣ କରି ନ ଥିଲା। ରବିବାର ରାତିରେ ପୁଣିଥରେ ଉକ୍ତ ଦଳ ସହ ହାତୀଛୁଆକୁ ମିଶାଇବା ପାଇଁ ବନ ବିଭାଗ ଚେଷ୍ଟା କରିବ। ଯଦି ଦଳ ତାକୁ ଗ୍ରହଣ ନ କରେ ତେବେ ରାଜ୍ୟ ବନବିଭାଗ ନିର୍ଦ୍ଦେଶରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ହାତୀଛୁଆର ରକ୍ତ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

## ହାତୀ ଆକ୍ରମଣରେ ଚାଷୀ ମୃତ

ରାଇରଙ୍ଗପୁର,୯।୧୧
(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ରାଜପାଲ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନଗା ବାରି(୫୫)।

ସୂଚନା ଅନୁଯାୟୀ, ଶନିବାର ରାତି ୮ଟା ସମୟରେ ସାନଗା ତାଙ୍କ ଧାନବିଲ ଜଗିଥିବାବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ଯଶୀପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୫/୨୫) ରୁଜୁ ହୋଇଛି। ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ରେଞ୍ଜ ଅଧିକାରୀ ଓ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ମର୍ଣ୍ଣିଂ ୱାକ୍ ବେଳେ ବୃଦ୍ଧଙ୍କୁ ଧକ୍କା ଦେଲା ବାଇକ୍, ୨ ମୃତ

କବିସୂର୍ଯ୍ୟନଗର,୯।୧୧ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଖଜାପଲ୍ଲୀ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଇକ୍ ଚାଳକ ରାଣୀପଡ଼ା ଗ୍ରାମର ମିଟୁ ପରିଡ଼ା(୩୭) ଓ ମଠସରସିଂ ଶାଳବଣ ଗ୍ରାମର କାଶୀନାଥ ସେଠୀ(୭୦)। ମିଟୁ ଶନିବାର ରାତିରେ କୋଦଳା ଥାନା ଉସ୍ତାଳି ଗ୍ରାମରେ ଚାଲିଥିବା ମହାଭାରତ ନାଟକରେ ଦୁଃଶାସନ ଭୂମିକାରେ ଅଭିନୟ କରି ଭୋର ସମୟରେ ବାଇକ ଯୋଗେ ରାଣୀପଡ଼ା ଗ୍ରାମକୁ ଫେରୁଥିଲେ। ଖଜାପଲ୍ଲୀ ଗ୍ରାମ ନିକଟରେ ସେ ଭାରସାମ୍ୟ ହରାଇ ମର୍ଣ୍ଣିଂ ୱାକ୍ କରୁଥିବା କାଶୀନାଥଙ୍କୁ ଧକ୍କା ଦେଇଥିଲେ। ଫଳରେ ମିଟୁ ଓ କାଶୀନାଥ ଉଭୟେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ବାଇକ୍ ଚାଳକ ମିଟୁଙ୍କୁ ଉଦ୍ଧାର କରି ତୁରନ୍ତ ପୋଲସରା ମେଡ଼ିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କାଶୀନାଥଙ୍କୁ ଉଦ୍ଧାର କରି କୋଦଳା ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ।

# ବିଜ୍ଞାନର ଉପଯୋଗିତା ଜାଣିବା ଜରୁରୀ

**ଆଜି ବିଶ୍ୱ ବିଜ୍ଞାନ ଦିବସ**



ବର୍ତ୍ତମାନ ଆମେ ଯେଉଁ ସମୟ ଦେଇ ଗତି କରୁଛେ ତାହା ପଛରେ ବିଜ୍ଞାନର ଅବଦାନ ଅନେକ ରହିଛି। ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ନୂଆ ଜିନିଷ ଉଦ୍ଭାବନ କରାଯାଉଛି। ବିଭିନ୍ନ ଦେଶର ବୈଜ୍ଞାନିକମାନେ ଆଧୁନିକ ବିଜ୍ଞାନକୁ ନୂଆ ରୂପରେଖ ଦେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବିଜ୍ଞାନ ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ନଭେମ୍ବର ୧୦ ତାରିଖରେ 'ବିଶ୍ୱ ବିଜ୍ଞାନ ଦିବସ' ପାଳିତ ହୋଇଆସୁଅଛି। ପ୍ରତିବର୍ଷ ମିଳିତ ଜାତିସଂଘର ୟୁନେସ୍କୋ ପକ୍ଷରୁ ଏହି ଦିବସ ପାଳନ କରାଯାଇଥାଏ। ମଣିଷ ଜୀବନ ଏବଂ ବିଜ୍ଞାନ- ସତେଯେମିତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କହିଲେ ଭୁଲ୍ ହେବ ନାହିଁ। ବିଜ୍ଞାନ ବଳରେ ଆଜି ଆମେ ଅନେକ ଉନ୍ନତି ସାଧନ କରିପାରିଛେ। ଶିକ୍ଷା, ଚିକିତ୍ସା, ସାଧାରଣ ଜୀବନ ଆଦିରେ ଏହାର ଭୂମିକା କେତେ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଏହି ଦିବସ ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ଭରସା, ପରିବର୍ତ୍ତନ, ଭବିଷ୍ୟତ: ୨୦୫୦ ପାଇଁ ଆମର ଆବଶ୍ୟକ ବିଜ୍ଞାନ'। ଜଣେ ମନୁଷ୍ୟର ଦୈନନ୍ଦିନ ଜୀବନରେ ବିଜ୍ଞାନର ଭୂମିକା କ'ଣ ତାହା ସେ ଉପଲବ୍ଧି କରିବା ନିହାତି ଦରକାର। କାରଣ ଆଜିକାଲିର ହାଇଟେକ୍ ଯୁଗରେ ଏହାର ଭୂମିକାର ମହତ୍ତ୍ୱ ରହିଛି। ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ଉଦ୍ଭାବନ ଏବଂ ଗବେଷଣା ବିଷୟରେ ସମସ୍ତେ ଅବଗତ ହେବା ଦରକାର। ଆଜିର ସମାଜକୁ ଏକ ନୂତନ ରାସ୍ତାରେ ଆଗେଇ ନେବା ପାଇଁ ବିଜ୍ଞାନର ଭୂମିକା କେତେ ତାହା ଆମେ ପ୍ରଥମେ ହୃଦୟଙ୍ଗମ କରିବା ଆବଶ୍ୟକ। ଏହି ଦିବସ ପାଳନ ବିଷୟରେ ସମସ୍ତେ ଅବଗତ ହେଲେ ଏହାର ଲକ୍ଷ୍ୟ ନିଶ୍ଚୟ ସାଧନ ହୋଇପାରିବ।






# ଜବତ ହେଲାଣି ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା, ସାମଗ୍ରୀ

## ନୂଆପଡ଼ା ଉପନିର୍ବାଚନ

ଭୁବନେଶ୍ୱର,୯।୧୧
(ରବିନାରାୟଣ ଜେନା)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ପ୍ରଚାର କାର୍ଯ୍ୟକ୍ରମ ଶେଷ ହୋଇଛି। ମଙ୍ଗଳବାର ନୂଆପଡ଼ାରେ ମତଦାନ ହେବାକୁ ରହିଥିବାବେଳେ ଏବେଠାରୁ ଛକାପଞ୍ଝା ରାଜନୀତି ଆରମ୍ଭ ହୋଇଛି। ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ପ୍ରମୁଖ ଦଳଗୁଡ଼ିକ ଅନ୍ଧାରିବିଜେ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ସିଇଓ ଆର୍. ସନ୍ଥ ଗୋପାଳନଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସଂସ୍ଥା ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି। ଏହି ସମୟରେ ୧.୦୫କୋଟି ନଗଦ ଟଙ୍କା ସହିତ ଅନ୍ୟାନ୍ୟ ମାଦକଦ୍ରବ୍ୟକୁ ମିଶାଇ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ ହୋଇଛି।

ଗୋପାଳନଙ୍କ ସୂଚନା ଅନୁଯାୟୀ, ପୋଲିସ, ଅବକାରୀ, ଆୟକର, ଏସ୍‌ଏସ୍‌ଟି ପକ୍ଷରୁ ନୂଆପଡ଼ାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ରବିବାର ଅପରାହ୍ନ ସୁଦ୍ଧା ନଗଦ ୧କୋଟି ୫ଲକ୍ଷ ୩୭ହଜାର ୧୪୦ଟଙ୍କା ଜବତ କରାଯିବା ସହିତ ୧କୋଟି ୧୩ଲକ୍ଷ ୫୪ହଜାର ୪୧ଟଙ୍କାର ମଦ ଜବତ ହୋଇଛି। ଏହାବାଦ୍ ୪୪୬.୨୬୨କେଜି ଗଞ୍ଜେଇ ଓ ଅନ୍ୟାନ୍ୟ ନିଷାଦ୍ରବ୍ୟ ମଧ୍ୟ ଜବତ ହୋଇଛି; ଯାହାର ମୂଲ୍ୟ ୫୦ଲକ୍ଷ ୩୧ହଜାର ୧୨୦ଟଙ୍କା ହେବ। ସେହିପରି ୧୯ଲକ୍ଷ ୧୨ହଜାର ୭୪୫ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଏହି ସମୟ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ବ୍ୟାଙ୍କ ଖାତା ମଧ୍ୟ ଯାଞ୍ଚ କରାଯାଇଛି।

ସିଇଓଙ୍କ ସୂଚନା ଅନୁଯାୟୀ, ଏଥର ପ୍ରତ୍ୟେକ ବୁଥରେ ମତଦାତାଙ୍କ ଲାଗି ଅନେକ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭିନ୍ନକ୍ଷମଙ୍କୁ ସହାୟତା ଲାଗି ୨ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବା ସହିତ ଦୃଷ୍ଟିହୀନଙ୍କ ଲାଗି ବେଲ୍ ବାଲଟପେପର ବ୍ୟବସ୍ଥା କରାଯାଇଛି। ଏହାସହିତ ମୋବାଇଲର ଯେପରି ଅପବ୍ୟବହାର ନ ହେବ ତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବାକ୍ସ ରଖାଯାଇଛି। ସମ୍ବେଦନଶୀଳ ୫୬ଟି ବୁଥ୍ ପାଇଁ ପୋଲିସ ସୁରକ୍ଷା ବଳ ସହିତ ଭିଡିଓ କ୍ୟାମେରାର ମଧ୍ୟ ବ୍ୟବସ୍ଥା କରାଯାଇଛି।

ସିଇଓ କହିଛନ୍ତି, ଜନପ୍ରତିନିଧିତ୍ୱ ଆଇନ-୧୯୫୧ର ଧାରା ୧୨୬ ଅନୁଯାୟୀ, ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରା ଆୟୋଜନ ହୋଇପାରିବ ନାହିଁ। ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ କୌଣସି ନିର୍ବାଚନ ସମ୍ବନ୍ଧୀୟ ବିଷୟବସ୍ତୁ କିମ୍ବା ଦୃଶ୍ୟର ପ୍ରସାରଣ କରାଯାଇପାରିବ ନାହିଁ।

# ଛତିଶଗଡ଼ ଅପରାଧୀଙ୍କୁ ଆୟୁଧ କରିଛି ଭାଜପା: ବିଜେଡି

ଭୁବନେଶ୍ୱର,୯।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ଭାଜପା କେବଳ ସରକାରୀ କଳର ଦୁରୁପଯୋଗ କରୁଛି ତାହା ନୁହେଁ, ବରଂ ଛତିଶଗଡ଼ରୁ ଅପରାଧୀଙ୍କୁ ଆଣି ନିର୍ବାଚନ ପରିଚାଳନା କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନୂଆପଡ଼ାର ପ୍ରତ୍ୟେକ ପଞ୍ଚାୟତରେ ଛତିଶଗଡ଼ ଗୁଣ୍ଡା ଓ ଅପରାଧୀ ଭରିଗଲେଣି। ଭୋଟରଙ୍କୁ ଡରାଇବା, ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘରେ ରେଡ୍ କରିବା, ଲୋକଙ୍କୁ ଟଙ୍କା ଓ ମଦ ବାଣ୍ଟିବା ଭଳି କାମ କରିବାକୁ ଭାଜପା ପଛାଉନାହିଁ।

## ନୂଆପଡ଼ାରେ ଠିକଣା ସମୟରେ ପହଞ୍ଚିନି ଇଭିଏମ୍, ସିଇଓଙ୍କୁ ଫେରାଦ


ସିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛି ବିଜେଡି ପ୍ରତିନିଧି ଦଳ।

ଏହି ପରିପ୍ରେକ୍ଷୀରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନଙ୍କୁ ଭେଟି ଭାଜପା ବିରୋଧରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରମିଳା ଅଭିଯୋଗ କରିଛନ୍ତି, ଛତିଶଗଡ଼ର ଅପରାଧୀମାନେ ନୂଆପଡ଼ାରେ ଭୋଟରଙ୍କୁ ଭୟଭୀତ କରିବାପାଇଁ ଆସିଛନ୍ତି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ସେମାନଙ୍କୁ ତୁରନ୍ତ ଜିଲାରୁ ବାହାର କରାଯାଉ। ଏହି ଅବସରରେ ବିଜେଡି ଆଉ ଏକ ସଙ୍ଗିନ ଅଭିଯୋଗ କରିଛି, ନିର୍ବାଚନ ସମୟ ପାଖେଇ ଆସିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଇଭିଏମ୍ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନାହିଁ। ସେହିପରି ନିର୍ବାଚନ ପରିଚାଳନାରେ ନିୟୋଜିତ ସରକାରୀ ଅଧିକାରୀ ପକ୍ଷପାତିତା କରୁଛନ୍ତି। ବିଜେଡି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର, ହୋର୍ଡିଂ ସବୁ ବାହାର କରାଯାଉଥିବାବେଳେ ଭାଜପା ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ଆଦି ସରକାରୀ ସମ୍ପତ୍ତି ଉପରେ ଲାଗିଥିଲେ ସୁଦ୍ଧା ତାକୁ ବାହାର କରାଯାଉ ନାହିଁ। ଜନମତକୁ ବିଭ୍ରାନ୍ତ କରିବା ସହ ଆଦର୍ଶ ଆଚରଣବିଧିର ଏହା ଖୋଲା ଉଲ୍ଲଂଘନ ବୋଲି ପ୍ରମିଳା କହିଛନ୍ତି। ଏହି ପ୍ରତିନିଧି ଦଳରେ ବିଜେଡିର ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ପ୍ରମୁଖ ସାମିଲ ଥିଲେ।

# ୧୩ରେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ

## ନୀଳଗିରିରୁ ଆରମ୍ଭ ହେବ ଏକତା ପଦଯାତ୍ରା



ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶବ୍ୟାପୀ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଭାରତ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରର ୩ଟି ସ୍ଥାନରେ ଏହି ପଦଯାତ୍ରା ଆୟୋଜନ କରାଯାଉଛି। ସେହିକ୍ରମରେ ରାଜ୍ୟର ପ୍ରଥମ ପଦଯାତ୍ରା ବାଲେଶ୍ୱର ଜିଲା ନୀଳଗିରିରୁ ଆରମ୍ଭ ହେବ। ୧୩ ତାରିଖରେ ଆରମ୍ଭ ହେବାକୁ ଥିବା ଏହି ପଦଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ ବୋଲି ରବିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ନୀଳଗିରିରେ ପହଞ୍ଚିବେ। ସେଠାରେ ବିଶାଳ ଜନସଭାକୁ ସମ୍ବୋଧିତ କରିବା ସହ ପଦଯାତ୍ରାକୁ ଉଦ୍‌ଘାଟନ କରିବେ। ଏହି ପଦଯାତ୍ରା ନୀଳଗିରିରୁ ବାହାରି ମିତ୍ରପୁରରେ ଶେଷ ହେବ। ପ୍ରତି ୨.୫କି.ମି. ବ୍ୟବଧାନରେ ବିଶ୍ରାମସ୍ଥଳୀ କରାଯିବ। ଏହିସବୁ ସ୍ଥାନରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ପଦଯାତ୍ରା ସମୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ଜାତୀୟ ଏକତା ସମ୍ବନ୍ଧିତ ପ୍ରଜ୍ଞାପନ ମେଢ଼ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଏମ୍‌ପି କହିଥିଲେ। ଏହି ପଦଯାତ୍ରାରେ ଛାତ୍ରୀଛାତ୍ର, ଯୁବତୀଯୁବକ, ମହିଳା ଓ ପୁରୁଷ ସାମିଲ ହେବେ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୧୮ ତାରିଖରେ ଭୋଗରାଇ ବ୍ଲକ୍ ଏବଂ ତୃତୀୟ ପର୍ଯ୍ୟାୟ ୨୧ ତାରିଖରେ ବାଲେଶ୍ୱର ସଦର ମହକୁମାରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ ହେବ। ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସମେତ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ଓ (ରାଜସ୍ୱ) ହେମନ୍ତ ସିଂ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଧରାକୋଟ ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳିଙ୍କ ବିବାହ ସମ୍ପନ୍ନ

ଧରାକୋଟ,୯।୧୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଗଡ଼ର ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳି ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଏକାମ୍ର କ୍ଷେତ୍ର ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ଶ୍ରୀମୟ ମହାପାତ୍ରଙ୍କ ସହ ତାଙ୍କର ବିବାହ ରାଜକୀୟ ଢଙ୍ଗରେ ଭୁବନେଶ୍ୱର ଆଙ୍ଗନ ରିସର୍ଟରେ ସମ୍ପନ୍ନ ହୋଇଛି। ଏହି ବିବାହ ଉତ୍ସବରେ ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ଦିଲ୍ଲୀ ସହ ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ଗଡମଧୁପୁର, କଳାହାଣ୍ଡି, ସୁନ୍ଦରଗଡ, ଢେଙ୍କାନାଳ, ଜୁନାଗଡ, ଚିକିଟି, ପାରିକୁଦ, ପାଲୁର ସହ ବିଭିନ୍ନ ଗଡ଼ଜାତ ଅଞ୍ଚଳର ରାଜପରିବାର ସଦସ୍ୟମାନେ ଯୋଗଦେଇଥିଲେ। ଛତିଶଗଡ଼ର ବିଳାସପୁର ରାଜା ତଥା ସୁଲକ୍ଷଣା ଗୀତାଞ୍ଜଳିଙ୍କ


ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳି ଓ ଶ୍ରୀମୟ ମହାପାତ୍ର।

ପିଉସା ପୁଷ୍ପେନ୍ଦ୍ର ପ୍ରତାପ ଚୌହାନ ଏବଂ ପିଉସୀ ସାଇ ଦର୍ଶନା ଦେବୀ କନ୍ୟାଦାନ କରିଥିଲେ। ରାଜମାତା ତଥା ଧରାକୋଟ ରାଣୀ ସାହେବା ନନ୍ଦିନୀ ଦେବୀଙ୍କ ଉପସ୍ଥିତିରେ ବିବାହର ସମସ୍ତ ନୀତିକାନ୍ତି ଓ ରାଜକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ବିବାହ କାର୍ଯ୍ୟରେ ରାଜ୍ୟର ବହୁ ରାଜନେତା, ଧରାକୋଟ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ। ସୁଲକ୍ଷଣା ଗୀତାଞ୍ଜଳିଙ୍କ ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରବେଶ ରହିଛି। ସୁଲକ୍ଷଣା ଗୀତାଞ୍ଜଳିଙ୍କ ବାପା ସ୍ୱର୍ଗତ ରାଜା କିଶୋର ଚନ୍ଦ୍ର ସିଂଦେଓଙ୍କ ଦେହାନ୍ତ ପରେ ୨୦୧୦ ଜୁନ୍ ମାସରେ ସେ ଧରାକୋଟ ରାଜସିଂହାସନ ଆରୋହଣ କରିଥିଲେ। ରାୟପୁରସ୍ଥିତ ରାଜପୁତ କଲେଜରୁ ସୁଲକ୍ଷଣା ଗୀତାଞ୍ଜଳି ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ପରେ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ବର୍ତ୍ତମାନ ସେ ଧରାକୋଟ ବ୍ଲକ ଅଧ୍ୟକ୍ଷା ରହିଛନ୍ତି। ତାଙ୍କ ବାପା କିଶୋର ଚନ୍ଦ୍ର ସିଂଦେଓ ୨୦୦୪ରେ ସୋରଡ଼ା ବିଧାୟକ ରହିଥିବା ବେଳେ ମା' ନନ୍ଦିନୀ ଦେବୀ ୨୦୧୪ରେ ସାନଖେମୁଣ୍ଡି ବିଧାୟିକା ଥିଲେ।




# ଛୋଟଙ୍କୁ ଧରି ବଡ଼ଙ୍କୁ ଖସାଇ ଦିଆଯାଇଛି: କଂଗ୍ରେସ

## ରଥଯାତ୍ରାରେ ଦଳାଚକଟା ରିପୋର୍ଟ ପ୍ରସଙ୍ଗ

ଭୁବନେଶ୍ୱର,୯।୧୧
(ରବିନାରାୟଣ ଜେନା)

ଶ୍ରୀମନ୍ଦିର ରଥଯାତ୍ରା ସମୟରେ ଦଳାଚକଟାରେ ୩ ଭକ୍ତଙ୍କ ପ୍ରାଣହାନି ଓ ଶତାଧିକ ଆହତ ଅଘଟଣ ଉପରେ ଅନୁସନ୍ଧାନ କମିଟିର ରିପୋର୍ଟକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି। ରବିବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଓ ମୁଖପାତ୍ର ଲଲାଟେନ୍ଦୁ ଦାସ ସରକାରଙ୍କୁ ଟାର୍ଗେଟ କରିଛନ୍ତି।


କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ନାୟକ କହିଛନ୍ତି, ଏତେବଡ଼ ଅଘଟଣ ଘଟିଥିଲେ ହେଁ ସରକାର ଜାଣିଶୁଣି ବଡ଼ବଡ଼ିଆଙ୍କୁ ଖସାଇବା ପାଇଁ ହାତଗଣତି କେତେଜଣ ଛୋଟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେହିପରି ରଥଯାତ୍ରାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ୨୭୫ ଗୋଟି ସିସିଟିଭି ଲଗାଇବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବାବେଳେ ପ୍ରକୃତପକ୍ଷେ ୧୬୦/୧୬୫ ଗୋଟି ଲାଗିଥିଲା। ଏତେସବୁ ଦାୟିତ୍ୱହୀନତା ପାଇଁ ଯେଉଁମାନେ ଦାୟୀ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଏହି ଅବସରରେ ମୁଖପାତ୍ର ଦାସ କହିଛନ୍ତି, ରଥଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ବାହୁସ୍ଫୋଟ ମାରି କହିଥିଲେ, ଏଥର ରଥଯାତ୍ରା ତ୍ରୁଟିମୁକ୍ତ ହେବ, ଭକ୍ତ ଦିବ୍ୟ ଅନୁଭୂତି ନେଇ ଫେରିବେ। କିନ୍ତୁ ୩ ଜଣ ଶବ ଓ ୫୦୦ ଆହତ ହୋଇ ଫେରିଲେ। ପ୍ରତିବର୍ଷ ପ୍ରତ୍ୟେକ ରଥ ପାଇଁ ଜଣେ ଉଚ୍ଚ ପଦସ୍ଥ ଅଫିସର ନିଯୁକ୍ତ ହୁଅନ୍ତି ଏବଂ ମହାପ୍ରଭୁଙ୍କ ରଥ ପାଇଁ ଏଥର ପୁରୀ ଜିଲାପାଳ ଖୋଦ୍ ନିଯୁକ୍ତ ଥିଲେ। ହେଲେ ରିପୋର୍ଟର ତାଙ୍କୁ କ୍ଲିନ୍ ଚିଟ୍ ଦିଆଯାଇଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ ହୋଇଥିଲା। କମିଟି କ'ଣ କରୁଥିଲା ? ସେଦିନ ମୁଖ୍ୟ ପ୍ରଶାସକ କେତେବେଳେ ରାତିରେ ଘରକୁ ଫେରିଥିଲେ ତାହା ମଧ୍ୟ ଯାଞ୍ଚ ହେବା କଥା। ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ସମନ୍ୱୟ ଅଭାବ ଏବଂ ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ଅନଭିଜ୍ଞତା ଅଘଟଣ ଘଟିବାର ମୁଖ୍ୟ କାରଣ। କଂଗ୍ରେସ ଏହାର ଘୋର ନିନ୍ଦା କରିବା ସହିତ ବିଚାର ବିଭାଗୀୟ ତଦନ୍ତ ଲାଗି ଦାସ ଦାବି କରିଛନ୍ତି। ଏହି ସମ୍ମିଳନୀରେ ମୁଖପାତ୍ର ଜୟଶ୍ରୀ ପାତ୍ର ଯୋଗଦେଇଥିଲେ।

# ହାତୀ ଆକ୍ରମଣରେ ଚାଷୀ ମୃତ

ରାଇରଙ୍ଗପୁର,୯।୧୧
(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ରାଜପାଲ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନଗା ବାରି(୫୫)।

ସୂଚନା ଅନୁଯାୟୀ, ଶନିବାର ରାତି ୮ଟା ସମୟରେ ସାନଗା ତାଙ୍କ ଧାନବିଲ ଜଗିଥିବାବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ଯଶୀପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୫/୨୫) ରୁଜୁ ହୋଇଛି। ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ରେଞ୍ଜ ଅଧିକାରୀ ଓ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

# ମର୍ନିଂ ୱାକ୍ ବେଳେ ବୃଦ୍ଧଙ୍କୁ ଧକ୍କା ଦେଲା ବାଇକ୍, ୨ ମୃତ

କବିସୂର୍ଯ୍ୟନଗର,୯।୧୧ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଖଜାପଲ୍ଲୀ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଇକ୍ ଚାଳକ ରାଣୀପଡ଼ା ଗ୍ରାମର ମିଟୁ ପରିଡ଼ା(୩୭) ଓ ମଠସରସିଂ ଶାଳବଣ ଗ୍ରାମର କାଶୀନାଥ ସେଠୀ(୭୦)। ମିଟୁ ଶନିବାର ରାତିରେ କୋଦଳା ଥାନା ଉସ୍ତାଳି ଗ୍ରାମରେ ଚାଲିଥିବା ମହାଭାରତ ନାଟକରେ ଦୁଃଶାସନ ଭୂମିକାରେ ଅଭିନୟ କରି ଭୋର ସମୟରେ ବାଇକ ଯୋଗେ ରାଣୀପଡ଼ା ଗ୍ରାମକୁ ଫେରୁଥିଲେ। ଖଜାପଲ୍ଲୀ ଗ୍ରାମ ନିକଟରେ ସେ ଭାରସାମ୍ୟ ହରାଇ ମର୍ନିଂ ୱାକ୍ କରୁଥିବା କାଶୀନାଥଙ୍କୁ ଧକ୍କା ଦେଇଥିଲେ। ଫଳରେ ମିଟୁ ଓ କାଶୀନାଥ ଉଭୟେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ମିଟୁଙ୍କୁ ଉଦ୍ଧାର କରି ପୋଲସରା ମେଡ଼ିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କାଶୀନାଥଙ୍କୁ କୋଦଳା ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ।

# ହାତୀଛୁଆକୁ ନେଲା ନାହିଁ ଦଳ

- ରାତିତମାମ ଘଟଣା ସ୍ଥଳରେ ଡିଏଫ୍‌ଓ
- ସଂକ୍ରାମକ ରୋଗ ଆଶଙ୍କା

ଅନୁଗୋଳ, ୯।୧୧ (ଦିବ୍ୟଶାନ୍ତନୁ ନାଥ)

ରାତିରେ ବିଲରେ ପଶି ଧାନ ଖାଉଥିବା ବେଳେ କାଦୁଅରେ ଫସିଯାଇଥିଲା ହାତୀଛୁଆ। ଦଳରେ ଥିବା ଅନ୍ୟ ହାତୀମାନେ ସକାଳ ହେବା ପୂର୍ବରୁ ଜଙ୍ଗଲମୁହାଁ ହୋଇଥିଲେ। ହେଲେ କାଦୁଅ ଭିତରୁ ତାକୁ ଉଠାଇ ସାଙ୍ଗରେ ନେବା ସମ୍ଭବ ନ ହେବାରୁ ୧୫ ଦିନର ଛୁଆକୁ ଛାଡ଼ି ପଳାଇଥିଲା ମା' ହାତୀ। ଅନୁଗୋଳ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି ନିଜ ଦଳ ସହ ଛାଡ଼ିଥିଲେ ମଧ୍ୟ ତାକୁ ଦଳରେ ନେଇ ନ ଥିଲେ। ତେଣୁ କୌଣସି ଏକ ସଂକ୍ରାମକ ରୋଗରେ ହାତୀଛୁଆଟି ପୀଡ଼ିତ ହୋଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, କିଛି ମାସ ହେବ ୪୫ ଟିକିଆ ହାତୀପଲ ଅନୁଗୋଳ ସହର ଉପକଣ୍ଠ ଗାଁଗୁଡ଼ିକ ନିକଟରେ ରହୁଛନ୍ତି। ଶୁକ୍ରବାର ରାତିରେ ଏହି ହାତୀପଲ ଧାନ ଖାଇବା ପାଇଁ ଶ୍ୟାମସୁନ୍ଦରପୁର


ହାତୀଛୁଆକୁ ଉଦ୍ଧାର କରିବା ପରେ ତା' ଦେହରେ କାଦୁଅ ବୋଳାଯାଉଛି।

ଅଞ୍ଚଳକୁ ଯାଇଥିଲେ। ତେବେ ସକାଳ ହେବା ଦେଖି ସେଠାରୁ ସେମାନେ ମନ୍ଦରଗିରି ଆଡ଼କୁ ଚାଲିଯାଇଥିବା ବେଳେ ଧାନବିଲ କାଦୁଅରେ ଫସି ରହିଥିଲା ହାତୀଶାବକ। ଅନୁଗୋଳ ବନ ବିଭାଗ କର୍ମଚାରୀ ରଞ୍ଜନ ପ୍ରଧାନଙ୍କ ସମେତ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି କୁଲାସିଙ୍ଗା ଫରେଷ୍ଟ ବିଟ୍ ନିକଟକୁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାତିତମାମ ବିଲ କାଦୁଅରେ ପଡ଼ିଥିବା କାରଣରୁ ଏହାର ଶରୀରର ତାପମାତ୍ରା କମିଥିବା ଜଣାପଡ଼ିଛି। ପରେ ତାକୁ ତରଳ ପାନୀୟ ସହ ଆଣ୍ଟିବାୟୋଟିକ ଦିଆଯାଇଥିଲା। ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ଘଟଣାସ୍ଥଳରେ ସାରାରାତି ରହି ଉକ୍ତ ଘଟଣାର ତଦାରଖ କରୁଥିଲେ। ହାତୀଛୁଆ ଦେହରେ ମଣିଷ ଶରୀରର ଗନ୍ଧ ବାଜିଲେ କାଳେ ଦଳ ତାକୁ ଗ୍ରହଣ କରିବ ନାହିଁ ସେଥିପାଇଁ ତା' ଦେହରେ ହାତୀମଳ ଓ କାଦୁଅ ବୋଳା ଯାଇଥିଲା। ଏହା ପରେ ତାକୁ ବନବିଭାଗ କର୍ମଚାରୀ ହାତୀଦଳଙ୍କ ଅତି ନିକଟରେ ଛାଡ଼ିଥିଲା। ହେଲେ ଅନେକ ସମୟ ପରେ ମଧ୍ୟ ହାତୀଦଳ ଛୁଆଟିକୁ ଗ୍ରହଣ କରି ନ ଥିଲା। ରବିବାର ରାତିରେ ପୁଣିଥରେ ଉକ୍ତ ଦଳ ସହ ହାତୀଛୁଆକୁ ମିଶାଇବା ପାଇଁ ବନ ବିଭାଗ ଚେଷ୍ଟା କରିବ। ଯଦି ଦଳ ତାକୁ ଗ୍ରହଣ ନ କରେ ତେବେ ରାଜ୍ୟ ବନବିଭାଗ ନିର୍ଦ୍ଦେଶରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ହାତୀଛୁଆର ରକ୍ତ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

# ଉପନିର୍ବାଚନ ପାଇଁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି

ନୂଆପଡ଼ା,୯।୧୧
(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ସନ୍ଧ୍ୟା ୬ଟାରୁ ପ୍ରଚାର କାର୍ଯ୍ୟ ଶେଷ ହୋଇଥିବାବେଳେ ଜିଲା ବାହାର ଲୋକଙ୍କୁ ନୂଆପଡ଼ା ଛାଡି ଚାଲିଯିବା ପାଇଁ ନିର୍ଦ୍ଦେଶ ରହିଛି। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରି ଯାଞ୍ଚ ପ୍ରକ୍ରିୟାକୁ କଡାକଡ଼ି କରାଯାଇଛି। ଆନ୍ତଃରାଜ୍ୟ ସୀମା ଓ ଜିଲା ସୀମାଗୁଡ଼ିକୁ ସିଲ୍ କରାଯାଇ ଯାଞ୍ଚ ପ୍ରକ୍ରିୟାକୁ କଡାକଡ଼ି କରାଯାଇଛି। ସବୁ ଗାଡିମୋଟର ଯାଞ୍ଚ ଚାଲିଛି। ଛତିଶଗଡ଼ ସୀମାନ୍ତ ଖରିଆର ରୋଡ ଜୋଙ୍କ ନଦୀକୂଳରେ ନୂଆପଡ଼ା ପୋଲିସ ଚେକପୋଷ୍ଟ କରି ଛତିଶଗଡ଼ ଓ ନୂଆପଡ଼ା ପଟୁ ଯାତାୟାତ କରୁଥିବା ସମସ୍ତ ଗାଡି ଯାଞ୍ଚ



ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ ଚାଲିଛି।

କରାଯାଉଛି। ସେହିପରି ଛତିଶଗଡ଼ ସୀମାନ୍ତ କେନ୍ଦୁବାହାରା ପଞ୍ଚାୟତ ଫରଫୋଦ, ତୁଲାଭାଟ ପଞ୍ଚାୟତ ଗଙ୍ଗାଦିଗଡ ଗାଁଠାରେ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଜିଲା ସୀମାନ୍ତ ସହ ବିଜୁ ଏକ୍ସପ୍ରେସ ଫୋର୍‌ୱେ ଘାଟିପଡ଼ା ଛକରେ ଚେକ୍‌ପୋଷ୍ଟ କରି ୨୪ ଘଣ୍ଟା ଯାଞ୍ଚ ଚାଲିଛି।

# ବିଜ୍ଞାନର ଉପଯୋଗିତା ଜାଣିବା ଜରୁରୀ

## ଆଜି ବିଶ୍ୱ ବିଜ୍ଞାନ ଦିବସ

ବର୍ତ୍ତମାନ ଆମେ ଯେଉଁ ସମୟ ଦେଇ ଗତି କରୁଛେ ତାହା ପଛରେ ବିଜ୍ଞାନର ଅବଦାନ ଅନେକ ରହିଛି। ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ନୂଆ ଜିନିଷ ଉଦ୍ଭାବନ କରାଯାଉଛି। ବିଭିନ୍ନ ଦେଶର ବୈଜ୍ଞାନିକମାନେ ଆଧୁନିକ ବିଜ୍ଞାନକୁ ନୂଆ ରୂପରେଖ ଦେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବିଜ୍ଞାନ ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ନଭେମ୍ବର ୧୦ ତାରିଖରେ 'ବିଶ୍ୱ ବିଜ୍ଞାନ ଦିବସ' ପାଳିତ ହୋଇଆସୁଅଛି। ପ୍ରତିବର୍ଷ ମିଳିତ



ଜାତିସଂଘର ୟୁନେସ୍କୋ ପକ୍ଷରୁ ଏହି ଦିବସ ପାଳନ କରାଯାଇଥାଏ। ମଣିଷ ଜୀବନ ଏବଂ ବିଜ୍ଞାନ- ସତେଯେମିତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କହିଲେ ଭୁଲ୍ ହେବ ନାହିଁ। ବିଜ୍ଞାନ ବଳରେ ଆଜି ଆମେ ଅନେକ ଉନ୍ନତି ସାଧନ କରିପାରିଛେ। ଶିକ୍ଷା, ଚିକିତ୍ସା, ସାଧାରଣ ଜୀବନ ଆଦିରେ ଏହାର ଭୂମିକା କେତେ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଏହି ଦିବସ ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି-'ଭରସା, ପରିବର୍ତ୍ତନ, ଭବିଷ୍ୟତ: ୨୦୫୦ ପାଇଁ ଆମର ଆବଶ୍ୟକ ବିଜ୍ଞାନ'। ଜଣେ ମନୁଷ୍ୟର ଦୈନନ୍ଦିନ ଜୀବନରେ ବିଜ୍ଞାନର ଭୂମିକା କ'ଣ ତାହା ସେ ଉପଲବ୍ଧି କରିବା ନିହାତି ଦରକାର। କାରଣ ଆଜିକାଲିର ହାଇଟେକ୍ ଯୁଗରେ ଏହାର ଭୂମିକାର ମହତ୍ତ୍ୱ ରହିଛି। ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ଉଦ୍ଭାବନ ଏବଂ ଗବେଷଣା ବିଷୟରେ ସମସ୍ତେ ଅବଗତ ହେବା ଦରକାର। ଆଜିର ସମାଜକୁ ଏକ ନୂତନ ରାସ୍ତାରେ ଆଗେଇ ନେବା ପାଇଁ ବିଜ୍ଞାନର ଭୂମିକା କେତେ ତାହା ଆମେ ପ୍ରଥମେ ହୃଦୟଙ୍ଗମ କରିବା ଆବଶ୍ୟକ। ଏହି ଦିବସ ପାଳନ ବିଷୟରେ ସମସ୍ତେ ଅବଗତ ହେଲେ ଏହାର ଲକ୍ଷ୍ୟ ନିଶ୍ଚୟ ସାଧନ ହୋଇପାରିବ।

ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। **–ଶ୍ରୀଅରବିନ୍ଦ**



# ଆଗ ଆମେରିକା

ବ୍ରାଜିଲର ବେଲେମ୍‌ଠାରେ ୧୦ ନଭେମ୍ବରରେ ଜାତିସଂଘର ଜଳବାୟୁ ସଂକ୍ରାନ୍ତ ସମ୍ମିଳନୀ କନ୍‌ଫରେନ୍ସ ଅଫ୍ ଦ ପାର୍ଟିଜ୍ (କପ୍‌୩୦) ଆରମ୍ଭ ହେବାକୁ ଯାଉଛି। ଚାଇନା ପରେ ଦ୍ୱିତୀୟ ବୃହତ୍ ସବୁଜ ଗୃହ ବାଷ୍ପ ନିଃସରଣ କରୁଥିବା ଆମେରିକା ଏହି ସମ୍ମିଳନୀରେ ଯୋଗଦେବ ନାହିଁ ବୋଲି କହିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ପୂର୍ବ ଆଭିମୁଖ୍ୟକୁ ବଳବତ୍ତର ରଖି କେବଳ ନିଜ ରାଷ୍ଟ୍ର ନୁହେଁ, ଅନ୍ୟ ଦେଶ ଉପରେ ପ୍ରଭାବ ପକାଇବାକୁ ଯାଇ କେହି ସମ୍ମିଳନୀରେ ଯୋଗ ନ ଦେବାକୁ ଆହ୍ୱାନ ଦେଇଛନ୍ତି। ଟ୍ରମ୍ପ୍‌ଙ୍କର ମୂଳରୁ ଜଳବାୟୁ ପରିବର୍ତ୍ତନ ଉପରେ ଏହିଭଳି ଦୃଷ୍ଟିକୋଣ ରହିଆସିଛି। ସେ ଅନେକ ଥର ବିଶ୍ୱତାପନ ଓ ଜଳବାୟୁ ସଂକ୍ରାନ୍ତ ଚେତାବନୀକୁ ପରିହାସ କରି ସେଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି। ଏପରିକି ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ହେବା ପରେ ସେ ଜଳବାୟୁ ପରିବର୍ତ୍ତନ ଦିଗରେ ସବୁ ଫଣ୍ଡିଂ ବା ପାଣ୍ଠି ବଣ୍ଟନକୁ ପ୍ରାୟତଃ ବନ୍ଦ କରିଦେଇଛନ୍ତି। ଗତବର୍ଷ ଆଜାରବୈଜାନର ବାକୁଠାରେ ହୋଇଥିବା କପ୍‌୨୯ରେ ମଧ୍ୟ ଆମେରିକା ଯୋଗ ଦେଇ ନ ଥିଲା। ପୂର୍ବାପେକ୍ଷା ଆମେରିକା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟୟକୁ ଘୋର ମାତ୍ରାରେ ସମ୍ମୁଖୀନ ହେଉଥିଲେ ମଧ୍ୟ ଟ୍ରମ୍ପ୍‌ଙ୍କ ଭଳି ଏକଜିଦିଆ ନେତା ଏହା ପଛରେ ଥିବା ମନୁଷ୍ୟକୃତ ନକାରାତ୍ମକ ଯୋଗଦାନକୁ ସ୍ୱୀକାର କରିବାକୁ ଚାହୁଁ ନାହାନ୍ତି। ଏଥିସହିତ ନଭେମ୍ବର ୨୨ ଓ ୨୩ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ସେ କିମ୍ବା ତାଙ୍କର ଅନ୍ୟ କୌଣସି ସରକାରୀ ଅଧିକାରୀ ଯୋଗଦେବେ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଦକ୍ଷିଣ ଆଫ୍ରିକାରେ ଗୋରା କୃଷକମାନଙ୍କୁ ନିର୍ଯାତନା ଦିଆଯାଉଛି। ଯେତେ ଯାଏ ଖ୍ରୀଷ୍ଟିଆନଙ୍କ ବିରୋଧରେ ମାନବ ଅଧିକାର ଉଲ୍ଲଂଘନ ହେଉଥିବ ସେତେ ଯାଏ ସେଠାରେ ଅନୁଷ୍ଠିତ ସମ୍ମିଳନୀକୁ ଆମେରିକା ଯିବ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ହୁଏତ ଜି-୨୦ରେ ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରସଙ୍ଗ ଉଠିଲାବେଳେ ଟ୍ରମ୍ପ୍‌ଙ୍କ ବିଭିନ୍ନ ଦେଶ ଉପରେ ଟାରିଫ୍ କଥା ଉଠିବା ଆଶଙ୍କାରେ ଆମେରିକା ପଛଘୁଞ୍ଚା ଦେଉଛି। ସୂଚନାଯୋଗ୍ୟ, ଜି-୨୦ରେ ବିଶ୍ୱର ୧୯ ବୃହତ୍ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର ସହିତ ୟୁରୋପୀୟ ସଂଘ ଓ ଆଫ୍ରିକୀୟ ସଂଘ ରହିଛନ୍ତି। ଏହାର ସଦସ୍ୟମାନେ ବିଶ୍ୱ ଅର୍ଥନୀତିରେ ଥିବା ପ୍ରମୁଖ ପ୍ରସଙ୍ଗ ସଂକ୍ରାନ୍ତରେ ଏହି ମଞ୍ଚରେ ଆଲୋଚନା କରିଥାଆନ୍ତି।

> **ନିଜ ଆଭ୍ୟନ୍ତରୀଣ ସମସ୍ୟାରେ ବୁଡ଼ିରହିଥିବା ଆମେରିକା ଏବେ ବିଶ୍ୱ ନେତୃତ୍ୱରେ ନିଜର ସ୍ଥାନକୁ ବଜାୟ ରଖିବା ଜଟିଳ ଦିଶିଲାଣି। ଜାତିସଂଘ ଜଳବାୟୁ ସମ୍ମିଳନୀ ଓ ବିଶେଷକରି ଜି-୨୦ରୁ ଦୂରେଇ ରହିବା ଆମେରିକାକୁ ଭୂରାଜନୈତିକ ଓ ଅର୍ଥନୈତିକ ମୁଖ୍ୟସ୍ରୋତରୁ ଦୂରେଇ ଦେବ ବୋଲି ଆଲୋଚନା ହେଉଛି। 'ଆଗ ଆମେରିକା' ନୀତିର ପରୀକ୍ଷଣ ଟ୍ରମ୍ପ୍ ଏବଂ ଆମେରିକାକୁ କେଉଁ ସ୍ତରରେ ନେଇ ପହଞ୍ଚାଇବ ତାହା ସମୟ କହିବ।**

ଦେଖିବାକୁ ଗଲେ ଅନ୍ୟ ରାଷ୍ଟ୍ରରେ ମାନବ ଅଧିକାର ଉଲ୍ଲଂଘନକୁ ଦେଖିପାରୁଥିବା ଟ୍ରମ୍ପ୍ ନିଜ ଦେଶରେ ଦୀର୍ଘ ୪୧ ଦିନ ହେବ ହୋଇଥିବା ଶଟ୍‌ଡାଉନ୍‌କୁ ହଟେଇବାରେ ବିଫଳ ହୋଇଛନ୍ତି ବୋଲି ସମାଲୋଚକମାନେ କହୁଛନ୍ତି। ସେଠାରେ ମନି ବିଲ୍ ଗୃହୀତ ନ ହେବା ଏହାର ମୂଳ କାରଣ ପାଲଟିଛି। କୁହାଯାଉଛି ବିରୋଧୀ ଡେମୋକ୍ରାଟ ପାର୍ଟି ଟ୍ରମ୍ପ୍‌ଙ୍କ ମନି ବିଲ୍‌କୁ ଗୃହୀତ ହେବାକୁ ଦେଉ ନ ଥିବାରୁ ଏହି ଶଟ୍‌ଡାଉନ୍ ସ୍ଥିତି ଉପୁଜିଛି। ଆମେରିକା ଇତିହାସରେ ଏଭଳି ସ୍ଥିତି ପୂର୍ବରୁ ଦେଖାଦେଇ ନ ଥିଲା। ଏହି ଶଟ୍‌ଡାଉନ୍ ଫଳରେ ପାଖାପାଖି ୧୪ ଲକ୍ଷ ସଂଘୀୟ କର୍ମଚାରୀ ଦରମା ନ ପାଇ ଦହଗଞ୍ଜ ହେଉଛନ୍ତି। ଏଠାରେ କୁହାଯାଇ ପାରେ ଯେ, ଅନେକ ଦିନ ହେବ ଆମେରିକାରେ ଅର୍ଥନୈତିକ ଅସ୍ୱାଭାବିକତା ଜାରି ରହିଛି। ସେଥିପାଇଁ ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ର ଘୋର ପ୍ରଭାବିତ ହେବା ସହ ଦରଦାମ ବୃଦ୍ଧି ଦେଖାଦେଇଛି। ଏହାକୁ ସମ୍ଭାଳିବା ପାଇଁ ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲା ମାତ୍ରେ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମାଧ୍ୟମରେ ସରକାରୀ କର୍ମଚାରୀଙ୍କୁ ଛଟେଇ କରିବା ସହ ବିଭିନ୍ନ ଧରଣର ଖର୍ଚ୍ଚକାଟ ପଦକ୍ଷେପ ନେଇଥିଲେ। ଏବେ ବୋଝ ଉପରେ ନଳିତା ବିଡ଼ା ସାଜିଲାଣି ଶଟ୍‌ଡାଉନ୍ ପରିସ୍ଥିତି। ଦୀର୍ଘଦିନ ଧରି ଦରମା ନ ପାଇ ସରକାରୀ କର୍ମଚାରୀ କାମକୁ ଆସିବା ବନ୍ଦ କଲେଣି। ଏପରିକି ଏବେ ଆମେରିକାର ବହୁ ଏୟାରଲାଇନ୍ସ ସେବା କର୍ମଚାରୀ କାର୍ଯ୍ୟରେ ଯୋଗଦେବାକୁ ଆସୁ ନ ଥିବାରୁ ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍‌ରେ ସମସ୍ୟା ଦେଖାଦେବାରୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ନିଜ ଆଭ୍ୟନ୍ତରୀଣ ସମସ୍ୟାରେ ବୁଡ଼ିରହିଥିବା ଆମେରିକା ଏବେ ବିଶ୍ୱ ନେତୃତ୍ୱରେ ନିଜର ସ୍ଥାନକୁ ବଜାୟ ରଖିବା ଜଟିଳ ଦିଶିଲାଣି। ଜାତିସଂଘ ଜଳବାୟୁ ସମ୍ମିଳନୀ ଓ ବିଶେଷକରି ଜି-୨୦ରୁ ଦୂରେଇ ରହିବା ଆମେରିକାକୁ ଭୂରାଜନୈତିକ ଓ ଅର୍ଥନୈତିକ ମୁଖ୍ୟସ୍ରୋତରୁ ଦୂରେଇ ଦେବ ବୋଲି ଆଲୋଚନା ହେଉଛି। America First ବା ଆଗ ଆମେରିକା ନୀତିର ପରୀକ୍ଷଣ ଟ୍ରମ୍ପ୍ ଏବଂ ଆମେରିକାକୁ କେଉଁ ସ୍ତରରେ ନେଇ ପହଞ୍ଚାଇବ ତାହା ସମୟ କହିବ।

# ମୁଁ ଗାନ୍ଧୀ ଦେଶର ମଣିଷ



ଡ. ସାରଦା ପ୍ରସାଦ କର

ପ୍ରଯୋଜକ, ନିର୍ଦ୍ଦେଶକ ରିଚାର୍ଡ ଆଟେନବରୋଙ୍କ ବହୁ ପରୀକ୍ଷିତ ୧୯୮୨ର ଚଳଚ୍ଚିତ୍ର 'ଗାନ୍ଧୀ' ପାଇଁ ଲୟତାଳ ଅନୁପଯୁକ୍ତ କାରଣରୁ ଜାତୀୟ ଅଭିନୟ ବିଦ୍ୟାଳୟ ଶିକ୍ଷାପ୍ରାପ୍ତ ଅଭିନେତା ନାସିରୁଦ୍ଦିନ ଶାହ ବାଦ୍ ପଡ଼ିବା ତାଙ୍କୁ ଆଶ୍ଚର୍ଯ୍ୟକଲା। ପରେ ୨୦୦୦ ମସିହା କମଲ ହାସନଙ୍କ 'ହେ ରାମ'ରେ ଅଭିନୟ ସୁଯୋଗ ପାଇ ସେ କିଛିଟା ଆଶ୍ୱସ୍ତ ହେଲେ। ଗାନ୍ଧୀ ଅଭିନୟରେ ସାର୍ ବେନ୍ କିଙ୍ଗ୍‌ସଲେ, ପ୍ରାଥମିକ ରିଲ୍‌ଟିକୁ ଦେଖି 'ଅସମ୍ଭବ' କହି ଉଠି ଚାଲିଯାଇଥିଲେ। ସେହିପରି ଗାନ୍ଧୀ ବେଶରେ ରହି 'ହେ ରାମ'ରେ ଅଭିନୟ କରିବା ନାସିରୁଦ୍ଦିନଙ୍କୁ ଅଣନିଃଶ୍ୱାସୀ କରିଦେଇଥିଲା ବୋଲି ଅଭିନେତା ଜଣକ ସ୍ୱୀକାର କରିଥିଲେ । ଆମେ ଏବେ ଉତ୍ତରଦାୟାଦଗଣ ବିନା ଅଭିନୟ ଶିକ୍ଷାରେ ଗାନ୍ଧୀଙ୍କ ନିଖୁଣ ଅଭିନୟ କରୁଛୁ। ତାଙ୍କ ଶ୍ରାଦ୍ଧ ଦିବସରେ ଉଦାତ୍ତ ସ୍ୱରରେ କହୁଛୁ, 'ମୁଁ ଗାନ୍ଧୀ ଦେଶର ମଣିଷ'। ରାମ ନାମ ଜପାମାଳି କରିଥିବା କିଛି ଅପରାଧୀ ସାଂସଦ ହୋଇ ଦେଶର ଆଇନ ପ୍ରଣୟନ କରୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ସାଂସଦ ଶପଥ ନେଇଥିବା ୩୧ ପ୍ରତିଶତ ବା ୧୭୦ ଜଣ ବଳାତ୍କାର, ଅପହରଣ, ଦଙ୍ଗାପିଟା, ମଣିଷମାରିବା ଆଦି ଅପରାଧରେ ଜଡ଼ିତ। ବିଚାରପତିଙ୍କ ଘରୁ ଟଙ୍କାର ପାହାଡ଼, ଡାକ୍ତର ଅନୁପସ୍ଥାନରୁ ଖଟିଆରେ କୁକୁର ଶୋଇବା ଦୃଶ୍ୟ ଦେଖି ଆମେ ସ୍ୱୀକାର କରିବା ଯେ କେବେ ଆମେ ଗାନ୍ଧୀ ଦେଶର ମଣିଷ ଥିଲୁ।

ବିଶ୍ୱର ଲମ୍ବା ଅବଧି ପଦଯାତ୍ରାକାରୀ କହିଲେ ଗାନ୍ଧୀ ଆଖି ଆଗକୁ ଆସନ୍ତି। ମାଟି କାଦୁଅ, ଖାଲ, ଢେମା ଗ୍ରାମ୍ୟ ରାସ୍ତାରେ ୧୯୧୩ରୁ ୧୯୪୮ ଯାଏ ସମୁଦାୟ ୭୯,୦୦୦ କିଲୋମିଟର ପଦଯାତ୍ରା। ମାର୍ଚ୍ଚ ୧୨ରୁ ଏପ୍ରିଲ ୫, ୨୪ ଦିନର 'ଲବଣ ସତ୍ୟାଗ୍ରହ' ଯାହା ଅହମଦାବାଦ ନିକଟସ୍ଥ ସାବରମତୀ ଆଶ୍ରମରୁ ଉପକୂଳ ଅଞ୍ଚଳ ଦାଣ୍ଡି ଯାଏ ଦୀର୍ଘ ୩୮୬ କିଲୋମିଟର ଯାତ୍ରା, ଏକକାଳୀନ ଦୀର୍ଘ ଅବଧି ଯାତ୍ରାରେ ମାତ୍ର ୭୮ ଜଣ ସହସାଥୀଙ୍କୁ ନେଇ। କିନ୍ତୁ ଦାଣ୍ଡି ପହଞ୍ଚିବା ପୂର୍ବରୁ ଜନ ସମୁଦ୍ର ! ବ୍ରିଟିଶର ଭୟ ହୋଇଯିବାରୁ ପ୍ରାୟ ଦଶ ହଜାର କର୍ମୀଙ୍କୁ ଗିରଫ କଲା। 'ମୁଁ ଗାନ୍ଧୀ ଦେଶର ମଣିଷ' ଆଧାରରେ ଆଜି ବି ଦେଶରେ ପଦଯାତ୍ରା ହେଉଛି, ବିଶେଷକରି ନିର୍ବାଚନ ବେଳେ ଭୋଟ ପାଇଁ। ଲକ୍ଷେ ଲୋକଙ୍କ ବଳ ଗୋଟେଇ ନେତା ଗେଣ୍ଡୁମାଳ ପକେଇ ଚାଲନ୍ତି ହେଲେ ମାତ୍ର ଦୁଇ କିଲୋମିଟର ଚାଲିବା ପରେ ୩ଶହ ଲୋକ ସାଙ୍ଗରେ। ଜନତା ଜାଣନ୍ତି ଯେ ଏମାନେ ଆସନ ପ୍ରତ୍ୟାଶୀ, ଗାନ୍ଧୀ ନୁହନ୍ତି। ଏଠାରେ ଗାନ୍ଧୀଙ୍କୁ ଜଣେ ମହାତ୍ମା ଦିବ୍ୟାତ୍ମାର ଉଦାହରଣ ଭାବରେ



ନିଆଯାଇଛି। ରୁଚି, ନୈତିକତା, ବେଶ ଗାନ୍ଧୀଙ୍କଠାରୁ ଦୂରରେ କିନ୍ତୁ କେହି ଆମକୁ ଛଳେଇକି ଗାନ୍ଧୀଟା ବୋଲି ସମ୍ବୋଧନ କରିଦେଲେ ମନ କୁଣ୍ଢେମୋଟ। ବୁଲିବୁଲି ନୋବେଲ୍ ପୁରସ୍କାର ପାଇଁ ଦେଶଗୁଡ଼ିକୁ ସୁପାରିସ ମାଗୁଥିବା ରାଷ୍ଟ୍ରପତି ଟ୍ରମ୍ପଙ୍କ ପରି ଗାନ୍ଧୀ ଚାହିଁଥିଲେ ପୃଥିବୀର ସବୁ ବଡ଼ ପୁରସ୍କାର ସାଉଁଟି ନେଇଥାନ୍ତେ।

ବ୍ରହ୍ମପୁର ସହରର ଜଣାଶୁଣା ଆଇନଜ୍ଞ ପୀତବାସ ପଣ୍ଡାଙ୍କ ଛାତିରେ ଦୁଇ ରାଉଣ୍ଡ ଗୁଳି ବସେଇଦେବା ଆଗରୁ ଭଡ଼ାଟିଆ ଅପରାଧୀ ଆଗ ନମସ୍କାରଟେ ପକେଇଥିବା ଚର୍ଚ୍ଚାର ବିଷୟ। ୨୨ ବର୍ଷୀୟା ଏଲ୍‌ଟିଟିଇ ବିଚ୍ଛିନ୍ନତାବାଦୀ କଲେଇବାନି ରାଜରତ୍ନମ ଓରଫ ଧନୁ, ମେ ୨୧ ୧୯୯୧ର ଶ୍ରୀପେରୁମ୍ବୁଦୁର ସଭାରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଫୁଲହାର ଦେବା ବାହାନାରେ ପେନ୍‌ସିଲ ବୋମାରେ ଉଡ଼େଇଦେଲେ। ୧୯୮୩ ମସିହା, ସଫଦରଜଙ୍ଗ ବାସଭବନରେ ନିଜ ଅଙ୍ଗରକ୍ଷୀଙ୍କ ହାତରେ ଜୀବନ ଦେଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ। ହତ୍ୟା ଅପରାଧ ଜଡ଼ିତ ବିଶ୍ୱସ୍ତ ରକ୍ଷୀ ବିୟନ୍ତ ସିଂଙ୍କୁ ଅନ୍ୟ ଅଙ୍ଗରକ୍ଷୀ ଘଟଣା ସ୍ଥଳରେ ସଫା କରିଦେବା ବେଳେ ଶତ୍‌ୱନ୍ତ ସିଂଙ୍କ ବିଚାର ଚାଲିଲା ୧୯୮୯ ଯାଏ। ସାକ୍ଷୀ ପ୍ରମାଣ ଥାଇ ଦିବଂଗତ ପ୍ରଧାନମନ୍ତ୍ରୀଙ୍କୁ ୬ ବର୍ଷ ନ୍ୟାୟ ପାଇଁ ଅପେକ୍ଷା କରିବାକୁ ପଡ଼ିଲା। ଅନୁଷ୍ଠାନ ନାମ ଭିନ୍ନ ହେଲେ କଣ୍ଟ୍ରୋଲ ଡିଲର, କବି, କଣ୍ଟ୍ରାକ୍ଟର, କ୍ରିକେଟରଙ୍କ ଚୟନ ପଦ୍ଧତି ଗୋଟିଏ ସୂତ୍ର। କାହା ଶିବିରକୁ କିଏ ଫେରିବେ ତାହା ନିରପେକ୍ଷ ବିଚାର ଆଧାରିତ କହିଦେଲେ ସବୁରି ତୁଣ୍ଡ ଚୁପ।

ଜଡ଼ରେ ଯିଏ ଆତ୍ମା ଦେଲା ସେ ମହାତ୍ମା ହେଲା। କେ. କାମରାଜଙ୍କୁ ତାମିଲରେ କର୍ମବୀର, କାଲା ଗାନ୍ଧୀ ଆଦି କେତେ କ'ଣ ନାମ ଦିଆଗଲା। ବର୍ଣ୍ଣ ବୈଷମ୍ୟ ବିରୋଧ ଶାଣିତ ସ୍ୱର ଶୁଭିଲା ଆଫ୍ରିକାରୁ। ନେଲ୍‌ସନ ମଣ୍ଡେଲା ଗାନ୍ଧୀଙ୍କୁ ଆଦର୍ଶ ମନେକରି ଅନଶନ କଲେ ଜେଲରେ। ଆମେରିକାରୁ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟର (୧୯୬୮ରେ ହତ୍ୟାର ଶିକାର) ସାମାଜିକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କଲେ, ଆଖି ଆଗରେ ଗାନ୍ଧୀ ଥିଲେ ଈଶ୍ୱର। ଏମାନଙ୍କୁ ଗାନ୍ଧୀ ଟେହି ଟିହାଇ ବିଜ୍ଞାପିତ କରି ନ ଥିଲେ। ଭାଇ ଭାଗରୁ ଆମେ ପାଇଥିବା ସେଦିନର ଜୀବନ ଥିଲା ଅଧାଲୁଚା ଦେହର, ଛିଣ୍ଡା କତରାର, ଉଦର ଦହନର, ଉତ୍କଟ ଦାରିଦ୍ର୍ୟର। ବନ୍ଧବାଡ଼, ରାସ୍ତାଘାଟ, ଶିକ୍ଷାନୁଷ୍ଠାନ, ବୈଦ୍ୟଖାନା ଆଦି ତିଆରି ହେବାକୁ ସମୟ ଲାଗିଲା। ଅନେକ ଜନହିତକର ଯୋଜନାର ଖୋଲାପଡ଼ିଆ ଅଧିବେଶନରେ ନିଷ୍ପତ୍ତି ହେଉଥିଲା। ନେତାମାନେ ଅଧା ରାସ୍ତାରେ ଗାଡିରଖି କର୍ମକର୍ତ୍ତାଙ୍କଠାରୁ ବୁଝୁ ନ ଥିଲେ, ତାଙ୍କ ବେକ ପାଇଁ ବଡ଼ ମାଳଟେ ଆସିଛିକି ନାହିଁ କିମ୍ବା ଲୋକ ସମାଗମ ଆଖିଦୃଶିଆ ହୋଇଛି କି ନାହିଁ।

ଦେଶର ଷଷ୍ଠ ପ୍ରଧାନମନ୍ତ୍ରୀ ମୋରାରଜି ଦେଶାଇ (୧୯୭୭ ମାର୍ଚ୍ଚ-୧୯୭୯ ଜୁଲାଇ), ବ୍ୟକ୍ତିଗତ ଜୀବନ ନିରାଡ଼ମ୍ବର, ସରଳ, ସାରା ଭାରତରୁ ମଦ ନିବାରଣ ନିଷ୍ପତ୍ତି ଆଗରୁ ସରକାରରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ 'ନିଶାନ-ଇ-ପାକିସ୍ତାନ'ରେ ସମ୍ମାନିତ ତାରକା ଜଣକ ଥିଲେ 'ସର୍ବୋଦୟ'ର ନିଷ୍ଠାପର ସେବକ, ଗାନ୍ଧୀ ଅନୁଗାମୀ। ତିରିଶ ବର୍ଷ ଆଗରୁ ଗାନ୍ଧୀ ସେପାରିକୁ ଚାଲିଯାଇଥିଲେ। ନଚେତ ଆଜିର ଦିନରେ କିଛି ନିନ୍ଦୁକ କହିଥା'ନ୍ତେ ସେ ଗାନ୍ଧୀ ଅନୁଗାମୀ ବୋଲି ପାକିସ୍ତାନ ସହ ସଲାସୁତରା କରି ପୁରସ୍କାର କରେଇଥିବେ। ୧୨ ଜୁନ ୨୦୨୫, ଲଣ୍ଡନ ଯାତ୍ରାରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧, ଆକାଶକୁ ଉଠିବାର ୩୨ସେକେଣ୍ଡ ଭିତରେ ଧ୍ୱଂସ ପାଇଗଲା। ଯାତ୍ରୀ, କର୍ମଚାରୀ ଓ ବାହାର ପଥଚାରୀ ମିଶି ସମୁଦାୟ ୨୬୦ ପ୍ରାଣ ହରେଇଲେ। ଚେନ୍ନାଇର ୨୭ ବର୍ଷୀୟା ରୋବୋଟିକ ଇଞ୍ଜିନିୟର ରିନି ଯୋଶୀଲଦା ଦାବି ଦୋହରେଇଲେ ଯେ ସେ ଏଭଳି ଦୁର୍ଘଟଣା ପାଇଁ ଦାୟୀ। କମ୍ପ୍ୟୁଟରର ଭୁଲ୍ ମେଲ୍ ଠିକଣାରୁ ଆଉ 'ଡାର୍କ ୱେବ' ପ୍ରଣାଳୀରେ ନିଜ ପରିଚୟ ଲୁଚାଇ ସେ ଏଭଳି କରିଥିଲେ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କୁ ଫସାଇବା ପାଇଁ।

ଗାନ୍ଧୀ ଦେଶର ମହିଳାଟିଏ କେବଳ ଭଗତ୍ ସିଂଙ୍କ ପରି ଗୌରବଙ୍କୁ ଜନ୍ମ ଦେଇପାରେ। ୨୩ ମାର୍ଚ୍ଚ ୧୯୩୧, ମାତ୍ର ୨୩ ବର୍ଷ ବୟସରେ ଫାଶୀ ପାଇବାର ଦିନକ ଆଗରୁ ଜଗୁଆଳି ଆସି ଭଗତ୍ ସିଂଙ୍କୁ କହିଲେ, ତୁମ ମା' ତୁମକୁ ଭେଟିବାକୁ ଚାହୁଁଛନ୍ତି। ଭଗତ୍ ସିଂ ହଁ ଭରିଲେ ହେଲେ ସର୍ତ୍ତରେ ଲେଖିଲେ– ତୁ ଆସିବୁ ଯଦି କାନ୍ଦିବୁନି, ଯଦି କାନ୍ଦିବୁ ତେବେ ଆସିବୁନି। ସେହି ପ୍ରକାରେ ମା' ଭଗବତୀ କୌର ଆସିଲେ ଭଗତ୍ ସିଂଙ୍କୁ ଭେଟି କଥାହେଲେ। ଫେରିଗଲା ବେଳେ କିନ୍ତୁ ନିଜକୁ ସମ୍ଭାଳି ନ ପାରି କାନ୍ଦି ପକେଇଲେ। ଏହା ସର୍ତ୍ତର ଖିଲାପ ବୋଲି କହିଲେ ଭଗତ୍ ସିଂ। ଓଢ଼ଣୀରେ ଆଖି ପୋଛି ମା' ଉତ୍ତର ଦେଲେ, ମୁଁ ତୋ ଫାଶୀ ପାଇଁ କାନ୍ଦୁନି। ଅବସୋସ ରହିଗଲା ଆଉ ଗୋଟେ ଭଗତ୍ ସିଂକୁ ଜନ୍ମ ଦେବାର ବୟସ ମୋ ପାଖରେ ନାହିଁ। ଗାନ୍ଧୀ ପ୍ରୟାଣର ୨୭ ବର୍ଷ ପରେ, ଦିଲ୍ଲୀଠାରେ ଭଗବତୀ କୌରଙ୍କ ଦେହାନ୍ତ ବେଳକୁ ଘୋର ଆର୍ଥିକ ଦୁର୍ଦ୍ଦଶା ଥିଲା। ଭଗତ୍ ସିଂଙ୍କ ଅନ୍ୟ ଭାଇ ଭଉଣୀ କିନ୍ତୁ ସେଭଳି କିଛି ଦାୟିତ୍ୱ ନେଲେନି ମା'ର। ଦେଶ ଜରାନିବାସମୟ ହେବାରେ ବାପା, ମା'ଙ୍କୁ ମୁଁ ଘରେ ରଖିଛି କହି କେହି ପୁଅ ଦାଣ୍ଡରେ ଛାତି ଚଉଡାକଲେ ଲାଗୁଛି ଗାନ୍ଧୀ ଦେଶର ମଣିଷ ଟିକେ ମୋହଗ୍ରସ୍ତ ହୋଇସାରିଛି।

ମୋ: ୮୨୪୯୮୨୭୧୪୮

# କୃଷି ବିକାଶରେ ଶ୍ରୀଅନ୍ନ



ଡି. ଶୁଭମ୍

ଓଡ଼ିଶାର କୃଷି ଐତିହ୍ୟରେ ଶ୍ରୀଅନ୍ନ ବା ମାଣ୍ଡିଆର ସ୍ଥାନ ସ୍ୱତନ୍ତ୍ର। ରାଜ୍ୟରେ ମାଣ୍ଡିଆ ଗାଁର ପରିକଳ୍ପନା କରିବା ଆମ ପର ପିଢ଼ି ପାଇଁ ବାଟ ଉନ୍ମୁକ୍ତ କରିବାର ଏକ ସୁଯୋଗ। ଆମ କୁଶଳୀ ଚାଷୀମାନେ ଏହି ମହତ ଉଦ୍ଦେଶ୍ୟରେ ପ୍ରମୁଖ ଭାଗୀଦାରି ସାଜିବେ। ଜଳବାୟୁ ପରିବର୍ତ୍ତନର ଉତ୍କଟ ସମସ୍ୟାକୁ ଚାଷଜମିରେ ପ୍ରତିହତ କରିବାର ଏକ ସୁଦୂରପ୍ରସାରୀ ଯୋଜନା ମାଣ୍ଡିଆ ଗାଁ। ମାଣ୍ଡିଆ ଗାଁରେ ସମସ୍ତ ଚାଷୀ ଓ ସାଧାରଣଲୋକ ମିଳିତ ଭାବରେ ସହଯୋଗ ତଥା ସମର୍ଥନ ପୂର୍ବକ ମାଣ୍ଡିଆର ପ୍ରଚାର ପ୍ରସାର ତଥା ଏହାର ପରିସୀମା ବୃଦ୍ଧି କରିବା ପାଇଁ ଶପଥ ନେବେ। ଗ୍ରାମୀଣ ବଜାରକୁ ସୁଧାରିବା ସହ ପୋଷଣ ଆଉ ଅର୍ଥନୈତିକ ବିକାଶ ଦିଗରେ ମାଣ୍ଡିଆ ଗାଁ ସାହାଯ୍ୟ କରିବ।

''ପାହାଡ଼ ଗାଁରେ ମାଣ୍ଡିଆ ଚାଷ, ସୁରୁଯ ଉଇଁଲେ ଆସଇ ହସ।'' ଏ ଲୋକଗୀତ ଆମ ପାଇଁ ସାଧାରଣ ହେଲେ ମଧ୍ୟ ଆଜିର ସମୟରେ ଏହାର ଗୁରୁତ୍ୱ ଅନେକ। ବର୍ଷବର୍ଷ ପୂର୍ବର ଗରିବର ଖାଦ୍ୟ ବୋଲି ମାନ୍ୟତା ପାଇଥିବା ଏହି କ୍ଷୁଦ୍ରଶସ୍ୟ ଆଜି ଘରର ଚାରିକାନ୍ଥ ଭିତରେ ଆଉ ସୀମିତ ହୋଇ ନାହିଁ। ପୋଲସରାରୁ ପ୍ୟାରିସ୍, କୋରାପୁଟରୁ ଜି ୨୦ ଯାଏ ସବୁଠି ଏହା ପରିବ୍ୟାପ୍ତ। ଜଳବାୟୁର ରୂପରେଖ ହେଉ ଅବା ଆମ ରାଜ୍ୟର ଭୌଗୋଳିକ ଦୃଷ୍ଟିକୋଣ ସବୁଆଡ଼ୁ ବିଚାର କଲେ ଆଗାମୀ ପିଢ଼ି ପାଇଁ ସ୍ୱପ୍ନ ଆଉ ସମ୍ଭାବନାର ବୀଜ ବୁଣିବାରେ ମାଣ୍ଡିଆର ଭୂମିକା ସର୍ବାଗ୍ରେ ରହିବ। ଭବିଷ୍ୟତ ପିଢ଼ି ପାଇଁ ସ୍ୱାବଲମ୍ବୀ ହେବା ପଥରେ ପଥଚାରୀ ମାଣ୍ଡିଆ।

ପାରମ୍ପରିକ ସମୟର ଚାଷ କଥା କହିଲେ ମାଣ୍ଡିଆ ଚାଷର କାହାଣୀ ଗାଁଗୁଡ଼ିକରେ ଶୁଣିବାକୁ ମିଳେ। ଆମ ବାପା ଅଜା ପିତୃପୁରୁଷ ଆମ ପାଇଁ ସେଇ ବିହନ ଆଉ ଚାଷ ପ୍ରଣାଳୀକୁ ଅର୍ପଣ କରିଯାଇଛନ୍ତି। ମାଣ୍ଡିଆକୁ ନେଇ ଭିନ୍ନ ପରିକଳ୍ପନା କରିବାର ସମୟ ଉପନୀତ। ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଓଡ଼ିଶାରେ ମାଣ୍ଡିଆଗାଁର ଅୟମାରମ୍ଭ ହେଉ।

ମାଣ୍ଡିଆଗାଁ ଗଠନ ଦିଗରେ ଆମେ କିଛିଟା ପ୍ରମୁଖ ଦିଗ ଉପରେ ଧ୍ୟାନ ଦେବା ଆବଶ୍ୟକ। ପ୍ରଥମରେ ପ୍ରତିଗାଁରେ ପ୍ରତ୍ୟେକଟି ଚାଷୀ ବର୍ଷକୁ ଥରେ ମାଣ୍ଡିଆ ଚାଷ କରିବାକୁ ଯୋଜନା କରିବେ। ଫସଲ ବିବିଧୀକରଣ ମାଧ୍ୟମରେ ଚାଷଜମିରେ ମାଣ୍ଡିଆ ଚାଷ କରିବା ସହ ଦେଶୀ କିସମକୁ ପ୍ରୋତ୍ସାହିତ କରିବେ। ଦ୍ୱିତୀୟରେ ଆମ ରାଜ୍ୟର ଅନେକ ଜନଜାତି ମାଣ୍ଡିଆଚାଷ ବର୍ଷବର୍ଷ ହେଲା କରିଆସୁଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ବିକାଶର ଧାରା ଜାରିରହିଛି। ତେଣୁ ଏହାର ମିଳିତ ସମନ୍ୱୟରେ ଆମେ ପ୍ରଥମାବସ୍ଥାରେ ଏହିସବୁ ଅଞ୍ଚଳରେ ମାଣ୍ଡିଆ ଗାଁକୁ ଚୟନ କରିପାରିବା। ଏଥିରେ ସେହି



ଗାଁର ଚାଷୀ ତଥା ମହିଳାମାନଙ୍କୁ ଦାୟିତ୍ୱ ଦେଇ ମିଲେଟ ଚାମ୍ପିୟନ ବା ସଫଳ ମାଣ୍ଡିଆ ଚାଷୀମାନଙ୍କୁ ଏକାଠିକରି ସେମାନଙ୍କ ମାଧ୍ୟମରେ ଅନ୍ୟ ଚାଷୀଙ୍କୁ କ୍ଷେତ୍ର ପରିଦର୍ଶନର ସୁଯୋଗ ଦେବା। ମହିଳାମାନେ ପ୍ରଗତିର କର୍ଣ୍ଣଧାର। ସେମାନେ ଗାଁର ଚାଷବାସର ଆୟ ବ୍ୟୟର ହିସାବ ପୂର୍ବକ ମାଣ୍ଡିଆ ଚାଷୀମାନଙ୍କ ସହ ଏକାଠି ହୋଇ ଆଗାମୀ ୫ବର୍ଷର ରୋଡମ୍ୟାପ ପ୍ରସ୍ତୁତ କରିପାରିବେ। ତୃତୀୟରେ ଏହିସବୁ ମାଣ୍ଡିଆ ଗାଁରେ କମ୍ୟୁନିଟି ସିଡ୍‌ବ୍ୟାଙ୍କ ବା ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ ମାଧ୍ୟମରେ ଦେଶୀ ବିହନକୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରିବାକୁ ଯୋଜନା ପ୍ରସ୍ତୁତ ହେବ। ଚାଷୀମାନଙ୍କ ମଧ୍ୟରେ ଦେଶୀ ବିହନକୁ ନେଇ ଅଧିକ ଯତ୍ନବାନ୍ ହେବା ସହ ଏହି ମାଣ୍ଡିଆ ଗାଁଗୁଡ଼ିକରେ ଗୋଟେ ଗୋଟେ ମାଣ୍ଡିଆ ବିହନ ବ୍ୟାଙ୍କ ସୃଷ୍ଟି କରାଯାଇ ପାରିବ। ଏସ୍‌ଏମ୍‌ଆଇ ବା ସିଷ୍ଟମ ଅଫ୍ ମିଲେଟ ଇଣ୍ଟେନସିଫିକେଶନ ମଡେଲକୁ ଚାଷୀମାନଙ୍କ ପାଖରେ ପ୍ରଶିକ୍ଷଣ ପୂର୍ବକ ପହଞ୍ଚାଇବାକୁ ଉଦ୍ୟମ କରାଯାଇ ପାରିବ। ଚତୁର୍ଥରେ ପ୍ରତି ମାଣ୍ଡିଆ ଗାଁର ବିକାଶ ମାନଚିତ୍ରରେ ସେ ଗାଁର ମହିଳା, ଯୁବ ଉଦ୍ୟୋଗୀ ତଥା ସଫଳ କୃଷକମାନଙ୍କୁ ନେଇ ଏକ କମିଟି କରାଯାଇ ପୂର୍ବବର୍ଷଗୁଡ଼ିକରେ ମାଣ୍ଡିଆ କ୍ଷେତ୍ର ତଥା ଏହାର ମୋଟ ଅମଳ ପରିମାଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆଗାମୀ ୫ବର୍ଷ ମଧ୍ୟରେ କିପରି ଏହାର ମୋଟ କ୍ଷେତ୍ର ପରିମାଣ ବୃଦ୍ଧି କରାଯାଇପାରିବ ସେ ଦିଗରେ ଚିନ୍ତା କରାଯାଇପାରେ। ପଞ୍ଚମରେ ରାଜ୍ୟ କୃଷି ବିଭାଗ, ଶ୍ରୀଅନ୍ନ ଅଭିଯାନ, କୃଷି ବିଶ୍ୱବିଦ୍ୟାଳୟ, କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକର ପ୍ରତ୍ୟକ୍ଷ ସହାୟତା ନେଇ ମାଣ୍ଡିଆ ଗାଁର ଚାଷୀମାନେ ବର୍ଷକୁ ଅନ୍ତତଃ ଥରେ ବୀଜ ମହୋତ୍ସବ ନାମରେ ଏକ କାର୍ଯ୍ୟକ୍ରମ କରି ମାଣ୍ଡିଆକୁ ନେଇ ନୂଆ ପରିଚୟ ଦେବା ସହ ଏଥିରେ ମାଣ୍ଡିଆର କିପରି ମୂଲ୍ୟ ସଂଯୋଗପୂର୍ବକ ବିଭିନ୍ନ ଖାଦ୍ୟସମାଗ୍ରୀ ପ୍ରସ୍ତୁତ କରାଯାଇପାରିବ ସେ ଦିଗରେ ଧ୍ୟାନ ଦେଇପାରିବେ। ଏଥିରେ ସ୍ୱୟଂସହାୟକ ଗୋଷ୍ଠୀ, କୃଷକ, ଉତ୍ପାଦକ ସଂଗଠନ, ଷ୍ଟାର୍ଟଅପଗୁଡ଼ିକୁ ଏକାଠିକରି ମାଣ୍ଡିଆ ପୋଷଣ କ୍ୟାମ୍ପ ମଧ୍ୟ ଆୟୋଜନ କରାଯାଇପାରେ। ଏହା ବ୍ୟତୀତ ମାଣ୍ଡିଆର ଉପଯୁକ୍ତ ବିପଣନ ପାଇଁ ଇ-ମାର୍କେଟ୍ ତଥା ଯୁବ ଉଦ୍ୟୋଗୀମାନଙ୍କ ମାଣ୍ଡିଆ ଉଦ୍ୟୋଗକୁ ଆମେ ଏଥିରେ ଯୋଡ଼ିପାରିବା। ଏହି ମାଣ୍ଡିଆ ଗାଁରେ ମାସିକିଆ ମିଲେଟ ହାଟ ମାଧ୍ୟମରେ ଦେଶୀ ଉତ୍ପାଦ ପାଇଁ ବିକ୍ରିବଟାର ସୁଯୋଗ ସୃଷ୍ଟି କରିପାରିବା।

ପ୍ରତିବର୍ଷ ନଭେମ୍ବର ୧୦ରେ ମାଣ୍ଡିଆ ଦିବସ ପାଳୁଛୁ। ଏବର୍ଷ ମାଣ୍ଡିଆ ଚାଷରେ ମହିଳାମାନଙ୍କର ଗୁରୁତ୍ୱ ତଥା କୃଷି ଐତିହ୍ୟ ଦିଗରେ ଆମେ କିପରି ପ୍ରତ୍ୟକ୍ଷ ଭାଗୀଦାରି ସାଜିପାରିବା ତାହା ଆମ ପାଇଁ ଏକ ବଡ଼ ଆହ୍ୱାନ। ଆଗାମୀ ୨୦୩୬ ବେଳକୁ ଆମେ ଅନ୍ତତଃ ଓଡ଼ିଶାରେ ୫୦୦ଟି ମାଣ୍ଡିଆ ଗାଁର ପରିକଳ୍ପନା କରିବାକୁ ସଙ୍କଳ୍ପନେବା। ଯେଉଁଥିରେ ପାଖାପାଖି ୧୦ଲକ୍ଷ ମାଣ୍ଡିଆ ଚାଷୀ ପ୍ରତ୍ୟକ୍ଷ ଭାବେ ପ୍ରଶିକ୍ଷଣ ପୂର୍ବକ ସଫଳ ମିଲେଟ୍ ଚାଷୀଭାବେ ପରିଗଣିତ ହୋଇପାରିବେ। ମାଣ୍ଡିଆ, ମହିଳା ଆଉ ମାର୍କେଟର ସମନ୍ୱୟ ଏହି ମିଶନକୁ ସଫଳ ରୂପ ଦେବ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା(ଓସୋକା), ଭୁବନେଶ୍ୱର**
**ମୋ:୯୪୩୮୪୬୭୦୭୯**

## ଏଇ ଭାରତରେ

କର୍ଣ୍ଣାଟକର ସିର୍ଶି ଗାଁକୁ ଗଲେ ସେଠାରେ ରୋବୋ ଶିକ୍ଷକ ଦେଖିବାକୁ ପାଇବେ, ଯାହା ମଣିଷଙ୍କ ଭଳି ପଢ଼ାଇପାରୁଛି। ସ୍ମାର୍ଟ ଶିକ୍ଷାକୁ କର୍ଣ୍ଣାଟକ ଗ୍ରାମାଞ୍ଚଳ ପିଲାଙ୍କ ପାଖରେ ପହଞ୍ଚାଇବା ଅକ୍ଷୟ ମାଶେଲକର ଏଡି ରୋବୋ ନିର୍ମାଣ କରିଛନ୍ତି। ଅକ୍ଷୟଙ୍କ ବୟସ ୩୦। କୋଭିଡ୍ ମହାମାରୀ ସମୟରେ ସେ ଏହି ରୋବୋ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରି ୨୦୨୨ରେ ଶେଷ କରିଥିଲେ। ଏହାକୁ ତିଆରି କରିବାକୁ ୧୮ ମାସ ଲାଗିଯାଇଥିଲା ଏବଂ ମୋଟ ଖର୍ଚ୍ଚ ହୋଇଥିଲା ୨ ଲକ୍ଷ ଟଙ୍କା। ଏହି ରୋବୋ ଶିକ୍ଷକର ନାମ ଶିଖା। ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏହା କନ୍ନଡ ଓ ଇଂଲିଶରେ ପଢ଼ାଇପାରୁଛି। ଶିଖା ବିଭିନ୍ନ ବିଷୟରେ ପଢ଼ାଇବା ସହ ରାଇମ ମଧ୍ୟ ଗାଇପାରୁଛି। ପିଲାମାନେ ଆଗ୍ରହ ସହ ଶିଖାଠାରୁ ପଢ଼ିବାକୁ ଚାହିଁ ବସୁଛନ୍ତି। ଏବେ 'ଶିଖା'କୁ ୩୫,୦୦୦ ଟଙ୍କାରେ ତିଆରି କରିବାକୁ ଯୋଜନା କରିଛନ୍ତି, ଯାହାଦ୍ୱାରା ଉତ୍ତର କନ୍ନଡର ସବୁ ସ୍କୁଲରେ ପିଲା ଶିଖାଠାରୁ ପଢ଼ିବାର ସୁଯୋଗ ପାଇପାରିବେ। କେବଳ ଏତିକି ନୁହେଁ, ଅକ୍ଷୟ ମଧ୍ୟ ପିଲାମାନଙ୍କୁ ରୋବୋଟିକ ଟେକ୍‌ନୋଲୋଜି ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ପାଖାପାଖି ୨୦୦ ପିଲା ଏବେ କ୍ଷୁଦ୍ର ରୋବୋ ନିର୍ମାଣ କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୦ ନଭେମ୍ବର ୧୯୭୬**

- ରାଜ୍ୟରେ ପ୍ରାଥମିକ ସ୍କୁଲରେ ଶିକ୍ଷକ ନିଯୁକ୍ତିର ସର୍ବନିମ୍ନ ବୟସ ସୀମା ୨୦ ବର୍ଷରୁ ୧୮ ବର୍ଷକୁ ଏବଂ ସର୍ବୋଚ୍ଚ ବୟସସୀମା ୨୫ ବର୍ଷରୁ ୨୮ ବର୍ଷକୁ ବୃଦ୍ଧି କରାଯାଇଛି।
- ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଆଭ୍ୟନ୍ତରୀଣ ନୌପରିବହନ ବିକାଶ ଦିଗରେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ୩୬୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 6 | 5 | 4 |
| | | 7 | | | | | | |
| | 2 | | | 1 | | | | 9 |
| | | | | | 4 | | | |
| | 4 | | 7 | 9 | | | | 1 |
| 7 | | 1 | | 6 | | | 2 | |
| | 7 | 5 | | | | 9 | | |
| | | | | | | | | |
| | | | 3 | 2 | 9 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 1 | 2 | 6 | 3 | 9 | 4 | 7 |
| 3 | 6 | 7 | 4 | 9 | 5 | 1 | 8 | 2 |
| 2 | 9 | 4 | 7 | 8 | 1 | 5 | 6 | 3 |
| 5 | 4 | 8 | 6 | 2 | 9 | 7 | 3 | 1 |
| 7 | 1 | 6 | 5 | 3 | 8 | 2 | 9 | 4 |
| 9 | 2 | 3 | 1 | 4 | 7 | 8 | 5 | 6 |
| 4 | 7 | 5 | 8 | 1 | 6 | 3 | 2 | 9 |
| 1 | 3 | 2 | 9 | 5 | 4 | 6 | 7 | 8 |
| 6 | 8 | 9 | 3 | 7 | 2 | 4 | 1 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ ନିୟନ୍ତ୍ରଣ କରାଯାଉ

ମହାଶୟ,

ପାନୀୟଜଳ ଓ ବାୟୁ ପ୍ରଦୂଷଣ ଆଗାମୀ ଦିନରେ ସଙ୍କଟ ସୃଷ୍ଟିକରିବ, ଏଥିରେ ସନ୍ଦେହ ନାହିଁ। ଗ୍ରୀଷ୍ମଋତୁରେ ଜଳ ସଙ୍କଟ ଉତ୍କଟ ହେଉଛି। ବୋର୍‌ୱେଲ ଖନନ ଫଳରେ ଜଳସ୍ତର ହ୍ରାସ ପାଉଛି। ପୋଖରୀ, ନଦୀ ଓ ନାଳ ପାଣି ବିଭିନ୍ନ କାରଣରୁ ଦୂଷିତ ହେଉଛି। ସହରାଞ୍ଚଳର ବିଭିନ୍ନ ପୂଜାପାର୍ବଣରେ ମୂର୍ତ୍ତି ବିସର୍ଜନ ନିମିତ୍ତ ସ୍ୱତନ୍ତ୍ର ପୋଖରୀ ଖନନ କରାଯାଇ ଜଳ ପ୍ରଦୂଷଣ ରୋକାଯାଇପାରୁଛି। କିନ୍ତୁ ଗ୍ରାମାଞ୍ଚଳରେ ଏହିପରି ବ୍ୟବସ୍ଥା ନାହିଁ। ନଦୀ, ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇ ଜଳ ଦୂଷିତ ହେଉଛି। ଏହି ପାଣିରେ ସ୍ନାନକରି ଲୋକେ ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ସେହିପରି ଦୀପାବଳିରେ ବାଣଫୁଟିବା ଯୋଗୁ ବାୟୁମଣ୍ଡଳରେ ବିଷାକ୍ତ ଧୂଳିକଣା ଘୂରି ବୁଲୁଛି। କଟକ, ବ୍ରହ୍ମପୁର, ଭୁବନେଶ୍ୱର, ରାଉରକେଲା ଓ ଅନୁଗୋଳ ସହରର ବାୟୁ ପ୍ରଦୂଷଣ ଚିନ୍ତାଜନକ ହୋଇପଡ଼ିଲାଣି। ରାଜ୍ୟର ଖଣି ଖାଦାନ ଓ କଳ କାରଖାନା ଥିବା ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ରୋକିବାକୁ ସରକାର ବିଶେଷ ଦୃଷ୍ଟିଦେବା ଆବଶ୍ୟକ। ପୂର୍ବରୁ ସାବଧାନ ନ ହେଲେ ଦିଲ୍ଲୀ ଭଳି ଆମ ରାଜ୍ୟର ଅବସ୍ଥା ହେବାକୁ ବେଶିଦିନ ଲାଗିବ ନାହିଁ। ରାଜ୍ୟରେ ବୃକ୍ଷରୋପଣ ପାଇଁ ସରକାର ପ୍ରଚାର କରୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ୧୦ଭାଗ କାର୍ଯ୍ୟକାରୀ ହେଉନାହିଁ । କେବଳ କାଗଜ କଲମରେ ହିସାବ ଦିଆଯାଉଛି।

**–ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିମେଷେ କେତେ ରୂପ ଫୁଟଇ ନୟନେ
ସେ ଆଖି ଦିଏ ଦେଖା ନିଶୀଥ-ଶୟନେ
ରୂପର ଉପାସନା ରଚଇ ମାନସେ
ସ୍ୱପନ ଧନ ତାହା ନୁହଇ ଆନ ସେ
ଦୂରର ତାରା ସମ ଦିଶଇ ଚେତନେ
ନିମେଷେ ଯେତେ ରୂପ ଫୁଟଇ ନୟନେ ।
–(ସୁଦୂରଗାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଦିଲ୍ଲୀରେ ଆଜି




ଦିଲ୍ଲୀରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଥିବାବେଳେ ପ୍ରତିକାର ଦିଗରେ ଉଦାସୀନ ରହୁଥିବା ପ୍ରଶାସନ ବିରୋଧରେ ଇଣ୍ଡିଆ ଗେଟ୍ ନିକଟରେ ଲୋକେ ବିକ୍ଷୋଭ କରୁଛନ୍ତି। (ଫଟୋ- ଚମନ ଗୌତମ)

# ବାୟୁ ପ୍ରଦୂଷଣରେ ଦିଲ୍ଲୀବାସୀ ଅତିଷ୍ଠ

**ନୂଆଦିଲ୍ଲୀ,୯।୧୧**

ଦିଲ୍ଲୀ ବାୟୁ ପ୍ରଦୂଷଣ କ୍ରମଶଃ ଉତ୍କଟ ହୋଇ ଶନିବାର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରିଥିଲା। ଦିଲ୍ଲୀ ରେଡ୍ ଜୋନ୍‌ରେ ପ୍ରବେଶ କରିଥିବାବେଳେ ପ୍ରଦୂଷଣ ରୋକିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଦାବିରେ ରବିବାର ଜନସାଧାରଣ ବିକ୍ଷୋଭ ଶୋଭାଯାତ୍ରାରେ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଯାଇଥିଲେ। ଆକ୍ଟିଭିଷ୍ଟ ଏବଂ ବିକ୍ଷୋଭକାରୀଙ୍କ ସହ ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି ଓ କଂଗ୍ରେସ ନେତାମାନେ ସାମିଲ ହୋଇଥିଲେ। ଜାତୀୟ ରାଜଧାନୀରେ ବାୟୁ ପ୍ରଦୂଷଣ ରୋକିବା ଦିଗରେ ସରକାର ପ୍ରଭାବଶାଳୀ ନୀତି ପ୍ରଣୟନ କରିବାକୁ ସେମାନେ ଦାବି କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କେବଳ ଯନ୍ତର ମନ୍ତରରେ ବିକ୍ଷୋଭ ଲାଗି ଅନୁମତି ଦିଆଯାଇଥିବାରୁ ଇଣ୍ଡିଆ ଗେଟ୍ ନିକଟରେ ରାଲି କରୁଥିବା

### କାର୍ଯ୍ୟାନୁଷ୍ଠାନ ଦାବିରେ ରାଲି

ଅନେକ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଥିଲା। ଗାଇଡ୍‌ଲାଇନ୍‌କୁ ସମସ୍ତେ ମାନିବା ଆବଶ୍ୟକ ବୋଲି ବରିଷ୍ଠ ପୋଲିସ ଅଧିକାରୀ ଦେବେଶ କୁମାର ମହଲା କହିଛନ୍ତି। ପୋଲିସ ଚଢ଼ାଉ ପୂର୍ବରୁ ଇଣ୍ଡିଆ ଗେଟ୍‌ଠାରେ ୩୦ ମିନିଟ୍ ଧରି ବିକ୍ଷୋଭ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। ଏକାଧିକ ଘଟଣାରେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଛନ୍ତି। ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚାଲିଥିବାବେଳେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ସରକାର ନିର୍ଦ୍ଦେଶ ଦେବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# ବିହାର ଭୋଟ: ମହିଳା ନେବେ ନିର୍ଣ୍ଣାୟକ ଭୂମିକା

**ପାଟନା/ନୂଆଦିଲ୍ଲୀ, ୯।୧୧(ପି.ଟି./ଏଜେନ୍ସି)**

ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ ହୋଇଯାଇଛି। ହାତରେ ମାତ୍ର ୨ ଦିନ ଥିବାରୁ ସବୁ ଦଳ ଭୋଟରଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିଶେଷକରି ମହିଳା ଭୋଟରଙ୍କୁ ନିଜ ସପକ୍ଷକୁ ଟାଣି ସଫଳତା ଦୋହରାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ନଗଦ ଅର୍ଥରାଶି ପ୍ରଦାନ, ଶିକ୍ଷା ଓ ଅନ୍ୟ ସୁବିଧା ସମେତ ମଦ ବନ୍ଦ ଉପରେ ନୀତିଶ ଗୁରୁତ୍ୱ ଦେଉଥିବାବେଳେ ବିରୋଧୀ ପକ୍ଷ ଶେଷ ମୁହୂର୍ତ୍ତରେ ମଧ୍ୟ ମହିଳା ମତଦାତାଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ମହିଳା ଭୋଟରଙ୍କ ମତଦାନ ପ୍ରଥମ ପର୍ଯ୍ୟାୟ ତୁଳନାରେ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ରହିବା ଅନୁମାନ କରାଯାଉଛି।



ବିହାରରେ ରାଜନୈତିକ ପରିବର୍ତ୍ତନର ପବନ ପ୍ରବାହିତ ହୋଇଛି ନା ନାହିଁ, ମଙ୍ଗଳବାର ୧୨୨ ଆସନରେ ହେବାକୁ ଥିବା ମତଦାନରୁ ତାହା ଏକପ୍ରକାର ଠଉରାଇ ହେବ। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହାର ମହିଳା ଭୋଟରଙ୍କ ଉପରେ ନିର୍ଭର କରେ ବୋଲି କୁହାଯାଉଛି। ବିହାରରେ ମୋଟ ୭.୪୩ କୋଟି ପଞ୍ଜୀକୃତ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୩.୫ କୋଟି ଅର୍ଥାତ୍ ୪୭% ହେଉଛନ୍ତି ମହିଳା। ଗତ କିଛି ନିର୍ବାଚନରେ ଏମାନେ ବଡ଼ ଭୂମିକା ନେଇଆସିଛନ୍ତି। ୨୦୧୦ ପରଠାରୁ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ହାର ଅଧିକ ରହିଆସିଛି। ନଭେମ୍ବର ୬ରେ ରେକର୍ଡ ୬୫.୮% ମଦଦାନ ପଛରେ ମଧ୍ୟ ମହିଳାଙ୍କ ଯୋଗଦାନ ରହିଥିବା ରାଜନୈତିକ ବିଶ୍ଳେଷକ ଡ. ରବି କେ. ସିହ୍ନା କହିଛନ୍ତି। ମାସେ ଧରି ଚାଲିଥିବା ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମହିଳାଙ୍କ ପାଇଁ କରାଯାଇଥିବା କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଫୋକସ୍ କରିଥିଲେ। ତାଙ୍କ ସରକାର ନିକଟରେ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ଅଧୀନରେ ୨ କୋଟିରୁ ଅଧିକ ମହିଳାଙ୍କୁ ୧୦,୦୦୦ ଟଙ୍କା ଲେଖାଏ ପ୍ରତ୍ୟକ୍ଷ ନଗଦ ସହାୟତା ଘୋଷଣା କରିଛନ୍ତି। ଏହାଦ୍ୱାରା ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାରରେ ସ୍ଥିରତା ଆଣିପାରିବେ ବୋଲି ନୀତିଶ ସରକାର ଆଶା କରିଛନ୍ତି। ଶାସକ ମେଣ୍ଟ ଆର୍‌ଜେଡିର ପୂର୍ବ ଶାସନ ଅମଳରେ ଚାଲିଥିବା 'ଜଙ୍ଗଲରାଜ' ପ୍ରସଙ୍ଗ ଉଠାଇ ବିରୋଧୀ ମହାମେଣ୍ଟକୁ ଟାର୍ଗେଟ କରୁଛି। ତେବେ ଏହାର ମୁକାବିଲା ପାଇଁ ବିରୋଧୀ ଦଳ ନେତା ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ ଜୀବିକା ଦିଦିଙ୍କ ଦରମା ବୃଦ୍ଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ସଦସ୍ୟଙ୍କ ଉନ୍ନତି ଏବଂ ମହିଳାଙ୍କ ପାଇଁ ଅନ୍ୟ କେତେକ ଯୋଜନାର ପ୍ରତିଶ୍ରୁତି ଦେଇଛନ୍ତି। ସରକାରୀ ତଥ୍ୟ ଅନୁସାରେ ମଙ୍ଗଳବାର ଭୋଟ ଦେବାକୁ ଥିବା ୩.୭ କୋଟି ମତଦାତାଙ୍କ ମଧ୍ୟରୁ ୧.୭୪ କୋଟି ମହିଳା। ଏହି ଭୋଟରମାନେ ୧୨୨ ନିର୍ବାଚନମଣ୍ଡଳୀରେ ୧୩୬ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଭାଜପା ୫୩ ଆସନରେ ଲଢ଼ୁଥିବାବେଳେ ଜେଡିୟୁ ୪୪, ଏଲ୍‌ଜେପି (ଆର୍‌ଭି) ୧୫, ଆର୍‌ଏଲ୍‌ଏମ୍ ୪, ଏଚ୍‌ଏମ୍ ୬ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ମହାମେଣ୍ଟର ଆର୍‌ଜେଡି ୭୨, କଂଗ୍ରେସ ୩୭, ଭିଆଇପି ୧୦ ଓ ଅନ୍ୟ ୫ ଆସନରେ ଲଢ଼ୁଛନ୍ତି।

### ବିହାରରେ ଅନୁପ୍ରବେଶକାରୀଙ୍କ କରିଡର ଗଢ଼ିବାକୁ ଚାହୁଁଛନ୍ତି ବିରୋଧୀ: ଶାହା



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର ଇଣ୍ଡିଆ ବ୍ଲକ୍‌କୁ ଟାର୍ଗେଟ କରି କହିଛନ୍ତି, ଏମାନେ ବିହାରକୁ ଅନୁପ୍ରବେଶକାରୀଙ୍କ କରିଡର ରୂପେ ଗଢ଼ିବାକୁ ଉଦ୍ୟମ ଚଳାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ଇଣ୍ଡଷ୍ଟ୍ରିଆଲ୍ କରିଡର କରିବାକୁ ଚାହୁଁଥିବାବେଳେ ବିରୋଧୀ ଅନୁପ୍ରବେଶକାରୀଙ୍କ କରିଡର ନିର୍ମାଣ ଯୋଜନା କରୁଛନ୍ତି। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଲାଲୁଙ୍କ ପୁଅ ତେଜସ୍ୱୀ ଭୋଟର ଅଧିକାର ଯାତ୍ରା କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଅନୁପ୍ରବେଶକାରୀଙ୍କୁ ବିହାରରେ ସୁରକ୍ଷା ଦେବା।

### ତେଜସ୍ୱୀଙ୍କୁ ୩୬, ଜିତିଲେ ରିଟର୍ନ ଗିଫ୍ଟ ପ୍ରତିଶ୍ରୁତି



ଇଣ୍ଡିଆ ବ୍ଲକ୍ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଜେଜସ୍ୱୀ ଯାଦବ ରବିବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ତେଜସ୍ୱୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମେ ପରିବର୍ତ୍ତନ ଆଣିବା। ବିହାରବାସୀଙ୍କ ପାଇଁ ନିଯୁକ୍ତି, ସମାନତା ଓ ପ୍ରଗତି ଆଣିବା ବୋଲି ରାହୁଲ 'X' ରେ ଉଲ୍ଲେଖ କରିଛନ୍ତି। ତେଜସ୍ୱୀ କାରାକଟ୍ ସଭାରେ କହିଛନ୍ତି, ବିହାର ଭୋଟର ତାଙ୍କୁ ଜନ୍ମଦିନରେ ଆଶୀର୍ବାଦ କରନ୍ତୁ। ନଭେମ୍ବର ୧୪ ଫଳାଫଳ ତାଙ୍କୁ ସରକାର ଗଠନ ପାଇଁ ସୁଯୋଗ ଦେଲେ ସେ ରିଟର୍ନ ଗିଫ୍ଟ ଦେବେ।

### ୨ୟ ପର୍ଯ୍ୟାୟ ଭୋଟ ପୂର୍ବରୁ ମୋତେ ହତ୍ୟା କରିବେ: ତେଜ ପ୍ରତାପ



ଜନଶକ୍ତି ଜନତା ପାର୍ଟି ମୁଖ୍ୟ ତେଜ ପ୍ରତାପ ଯାଦବ ତାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ହତ୍ୟା କରାଯାଇପାରେ ବୋଲି ରବିବାର ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଜ ପ୍ରତାପ କହିଛନ୍ତି, ତାଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ସୁରକ୍ଷା ବଢ଼ାଯାଇଛି। ଲୋକେ ତାଙ୍କୁ ହତ୍ୟା କରିବେ। ଅନେକ ଶତ୍ରୁ ରହିଛନ୍ତି। ତେବେ ତେଜସ୍ୱୀଙ୍କ ଜନ୍ମଦିନ ପାଇଁ ତାଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ଆଶୀର୍ବାଦ ଦେଇଛନ୍ତି।

## ଆସାମରୁ ୬୦୦ ବଙ୍ଗଳାଭାଷୀ ମୁସଲମାନ ପରିବାର ଉଚ୍ଛେଦ

**ଗୁଆହାଟୀ,୯।୧୧**

ଆସାମ ସରକାର ଡାହିକାଟା ରିଜର୍ଭ ଫରେଷ୍ଟ ମଧ୍ୟରେ ୧,୧୪୦ ବିଘା (୩୭୬ ଏକରରୁ ଉର୍ଦ୍ଧ୍ୱ) ଜଙ୍ଗଲ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଗୋଲପରା ଜିଲାରେ ରବିବାର ପୁନର୍ବାର ଉଚ୍ଛେଦ ଅଭିଯାନ ଆରମ୍ଭ କରିଛନ୍ତି। ଫଳରେ ୬୦୦ ପରିବାର ପ୍ରଭାବିତ ହୋଇଛନ୍ତି। ସେମାନେ ମୁଖ୍ୟତଃ ବଙ୍ଗଳାଭାଷୀ ମୁସଲମାନ ବୋଲି ଜଣାପଡ଼ିଛି। ଉଚ୍ଛେଦ ପାଇଁ ୨ ସପ୍ତାହ ପୂର୍ବରୁ ନୋଟିସ୍ ଜାରି କରାଯାଇ ସ୍ଥାନ ଖାଲି କରିବାକୁ ବାସିନ୍ଦାମାନଙ୍କୁ କୁହାଯାଇଥିଲା। ତଦନୁଯାୟୀ ରବିବାର ଉଚ୍ଛେଦ ଅଭିଯାନ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଗୋଲପରା ଡେପୁଟି କମିଶନର କହିଛନ୍ତି। ନୋଟିସ୍ ପାଇବା ପରେ ପ୍ରାୟ ୭୦ ପ୍ରତିଶତ ପରିବାର ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଅବଶିଷ୍ଟ ପରିବାରକୁ ଉଚ୍ଛେଦ କରାଯାଇଛି। ଏଥିପାଇଁ ବ୍ୟାପକ ସୁରକ୍ଷା ବଳ ଓ ମେଶିନ୍ ବ୍ୟବହାର କରାଯାଇଛି।

## ଉତ୍ତରାଖଣ୍ଡରେ ୮,୨୬୦ କୋଟିର ପ୍ରକଳ୍ପ ଉଦ୍‌ଘାଟନ କଲେ ମୋଦି

**ଡେରାଡୁନ୍,୯।୧୧**

ଉତ୍ତରାଖଣ୍ଡର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଡେରାଡୁନ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୮,୨୬୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଉତ୍ତରାଖଣ୍ଡ 'ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ' ହେବାର ସାମର୍ଥ୍ୟ ରଖିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଉତ୍ତରାଖଣ୍ଡରେ ଜନସାଂଖ୍ୟିକୀୟ ପରିବର୍ତ୍ତନ, ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଏବଂ ବେଆଇନ ଧର୍ମାନ୍ତରୀକରଣକୁ ରୋକିବାରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହ ଅନ୍ୟ ରାଜ୍ୟଗୁଡ଼ିକ ସେଗୁଡ଼ିକୁ ଅନୁକରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ପୁଷ୍କର ସିଂ ଧାମି ସରକାର ରାଜ୍ୟରେ ୟୁସିସି ଲାଗୁ କରି ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି। ଏଥିସହିତ ଧର୍ମାନ୍ତରୀକରଣ ବିରୋଧୀ ଆଇନ, ଦଙ୍ଗା ନିୟନ୍ତ୍ରଣ ଆଇନ ଆଦି ଜାତୀୟ ସ୍ୱାର୍ଥ ସହ ଜଡ଼ିତ ବଳିଷ୍ଠ ନୀତି ଗ୍ରହଣ କରିଥିବା ମୋଦି କହିଛନ୍ତି।

## ପାକିସ୍ତାନରେ ୨୭ତମ ସମ୍ବିଧାନ ସଂଶୋଧନକୁ ବିରୋଧ

### ଦେଶବ୍ୟାପୀ ବିରୋଧୀଙ୍କ ଆନ୍ଦୋଳନ

**ଇସ୍‌ଲାମାବାଦ,୯।୧୧(ପି.ଟି.)**

ପାକିସ୍ତାନ ସେନାମୁଖ୍ୟ ଜେନେରାଲ ଅସିମ୍ ମୁନିରଙ୍କୁ ଅଧିକ କ୍ଷମତା ଦେବା ଲାଗି ଦେଶର ପାର୍ଲାମେଣ୍ଟ ପ୍ରସ୍ତାବିତ ୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ କରାଇବାକୁ ଯାଉଥିବାବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିପକ୍ଷ ଦଳଗୁଡ଼ିକ ତୀବ୍ର ନିନ୍ଦା କରିଛନ୍ତି। ଏଭଳି ପଦକ୍ଷେପ ସମ୍ବିଧାନର ମୂଳଦୁଆକୁ ଦୋହଲାଇଦେବ ବୋଲି ସେମାନେ କହିବା ସହ ରବିବାରଠାରୁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଛନ୍ତି।

ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ସମ୍ବିଧାନର ଅନୁଚ୍ଛେଦ ୨୪୩ରେ ପରିବର୍ତ୍ତନ କରାଯାଇ ଜଏଣ୍ଟ ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟି ଅଧ୍ୟକ୍ଷ ପଦବୀ ହଟାଇ ଦିଆଯିବ। ଏଥିସହିତ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହା ବ୍ୟତୀତ ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ସଂଶୋଧନ କରାଯିବା ସହ ଏକ ସଂଘୀୟ ସାମ୍ବିଧାନିକ ଅଦାଲତ ପ୍ରତିଷ୍ଠା କରାଯିବ। ସୁପ୍ରିମକୋର୍ଟଙ୍କ କ୍ଷମତା ସଙ୍କୁଚିତ କରିବା ଏହାର ଲକ୍ଷ୍ୟ। କେତେଜଣ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବିତ ସାମ୍ବିଧାନିକ ଅଦାଲତକୁ ସ୍ଥାନାନ୍ତର କରାଯିବ ଏବଂ ରାଷ୍ଟ୍ରପତିଙ୍କୁ ସାରା ଜୀବନ ପାଇଁ ଆପରାଧିକ ମାମଲାରୁ ଦୂରେଇ ରଖାଯିବ। ଶନିବାର ପାକ୍ ସିନେଟରେ ବିଲ୍ ଆଗତ ହୋଇଥିବାବେଳେ ସୋମବାର ଏହା ଉପରେ ଭୋଟ ନିଆଯିବ। ପରେ ଏହା ନ୍ୟାଶନାଲ ଆସେମ୍ବ୍ଲିର ଅନୁମୋଦନ ପାଇଁ ପଠାଯିବ। ଏହାକୁ ବିରୋଧ କରି ବିରୋଧୀ ଦଳଗୁଡ଼ିକର ମେଣ୍ଟ ତେହରିକ୍-ଇ-ତାହାଫୁଜ୍ ଅୟିନ-ଇ-ପାକିସ୍ତାନ (ଟିଟିଏପି) ଦେଶବ୍ୟାପୀ ବିକ୍ଷୋଭ ଡାକରା ଦେଇଛି। ସମ୍ବିଧାନ ସଂଶୋଧନ ଦ୍ୱାରା ପାକିସ୍ତାନର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ପଙ୍ଗୁ ହୋଇଯିବ। ତେଣୁ ଏହା ବିରୋଧରେ ସାରା ଦେଶ ସ୍ୱର ଉତ୍ତୋଳନ କରିବାକୁ ହେବ ବୋଲି ମଜଲିସ୍ ୱାହଦାତ-ଇ-ମିସଲିମିନ୍ (ଏମ୍‌ଡବ୍ଲ୍ୟୁଏମ୍) ମୁଖ୍ୟ ଆଲ୍ଲାମା ରାଜା ନସିର ଆବ୍ବାସ କହିଛନ୍ତି। ଟିଟିଏପି ମେଣ୍ଟରେ ଏମ୍‌ଡବ୍ଲ୍ୟୁଏମ୍ ସହ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ଆଦି ଦଳ ରହିଛନ୍ତି।

# ଜାପାନ ଉପକୂଳରେ ଭୂକମ୍ପ

**ଟୋକିଓ,୯।୧୧**

ଜାପାନର ଉତ୍ତର ଉପକୂଳରେ ରବିବାର ସନ୍ଧ୍ୟାରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ୬.୯ ତୀବ୍ରତାର ଏହି ଭୂକମ୍ପ ପ୍ରଭାବରେ ଅନେକ ଅଞ୍ଚଳ ଦୋହଲି ଯାଇଥିଲା। ପାଣିପାଗ ବିଭାଗ ପକ୍ଷରୁ ସୁନାମି ସତର୍କ ସୂଚନା ଜାରି ହୋଇଥିବାବେଳେ ୩ ଘଣ୍ଟା ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ସ୍ଥାନୀୟ ସମୟ ସନ୍ଧ୍ୟା ୫ଟା ୩ ମିନିଟ୍ ସମୟରେ ଇୱାତେ ଉପକୂଳରେ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏହାର କେନ୍ଦ୍ରସ୍ଥଳ ୧୬ କିଲୋମିଟର ଗଭୀରରେ ରହିଛି। ଭୂକମ୍ପରେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ। ସେହିପରି ଉକ୍ତ ଅଞ୍ଚଳରେ ରହିଥିବା ୨ଟି ଆଣବିକ ବିଦ୍ୟୁତ୍ ପ୍ଲାଣ୍ଟରେ ମଧ୍ୟ କୌଣସି ଅସ୍ୱାଭାବିକତା ଦେଖାଦେଇନାହିଁ। ଉତ୍ତର ଉପକୂଳରେ ୧ରୁ ୩ ମିଟର ଉଚ୍ଚରେ ସୁନାମି ଆସିବା ନେଇ ସତର୍କ ସୂଚନା ଜାରି କରାଯାଇଥିଲା। ଲୋକଙ୍କୁ ଉପକୂଳଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା। ସତର୍କ ସୂଚନା ପ୍ରତ୍ୟାହାର କରାଯାଇଥିଲେ ମଧ୍ୟ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଅଧିକ ଶକ୍ତିଶାଳୀ ଭୂକମ୍ପ ଆଶଙ୍କା ଥିବା ପାଣିପାଗ ବିଭାଗ କହିଛି।

# ଗୁଜରାଟରୁ ୩ ଆଇଏସ୍ ଆତଙ୍କବାଦୀ ଗିରଫ

**ଅହମଦାବାଦ,୯।୧୧**

ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ରବିବାର ଅହମଦାବାଦରୁ ୩ ଜଣ ଆଇଏସ୍ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନେ ଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ଜଣାପଡ଼ିଛି। ସେମାନଙ୍କ ଉପରେ ଗୁଜରାଟ ଏଟିଏସ୍ ବର୍ଷେ ହେଲା ନଜର ରଖିଥିଲା। ଆତଙ୍କବାଦୀମାନେ ଅସ୍ତ୍ର ଯୋଗାଣ ପାଇଁ ଗୁଜରାଟ ଆସିଥିବାବେଳେ ଏଟିଏସ୍ ସେମାନଙ୍କୁ ଗିରଫ କରିଛି। ସେମାନେ ଦୁଇଟି ଭିନ୍ନ ମଡ୍ୟୁଲ୍‌ର। କେଉଁ ଅଞ୍ଚଳ ସେମାନଙ୍କ ଟାର୍ଗେଟରେ ଥିଲା, ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଜୁଲାଇ ୨୨ରେ ଗୁଜରାଟ ଏଟିଏସ୍ ଅଲ୍‌କାଏଦାର ୫ ଆତଙ୍କବାଦୀଙ୍କୁ ଗିରଫ କରିଥିଲା। ବେଙ୍ଗାଲୁରୁର ଜଣେ ମହିଳା ପାକିସ୍ତାନୀ ପରିଚାଳକଙ୍କ ସହ ଯୋଗସୂତ୍ର ରଖି ଏହି ଅନ୍‌ଲାଇନ୍ ଟେରୋର ମଡ୍ୟୁଲ ଚଳାଇଥିଲେ।

## 'ମୁଁ ପୁରୁଷମାନଙ୍କୁ ଈର୍ଷା କରେ' : ଟ୍ୱିଙ୍କଲ



ଟ୍ୱିଙ୍କଲ ଖାନ୍ନା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀରୁ ଲେଖିକା ପାଲଟିଥିବା ଟ୍ୱିଙ୍କଲ ଖାନ୍ନା ତାଙ୍କର ସ୍ପଷ୍ଟବାଦିତା ପାଇଁ ସର୍ବଦା ଚର୍ଚ୍ଚାରେ ରୁହନ୍ତି। ନିକଟରେ ସେ ତାଙ୍କ ସାପ୍ତାହିକ କଲମରେ 'ମେନୋପଜ' ବିଷୟରେ ଏଭଳି କିଛି ଲେଖିଛନ୍ତି, ଯାହା ପ୍ରତ୍ୟେକ ମହିଳାଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଛି। ଟ୍ୱିଙ୍କଲ ମେନୋପଜକୁ ଏକ ଭିନ୍ନ ଢଙ୍ଗରେ ବର୍ଣ୍ଣନା କରି କହିଛନ୍ତି, 'ମେନୋପଜ ହେଉଛି ସେହିପରି, ଯେପରି କୌଣସି ଚୋର ଆପଣଙ୍କ ଘରେ ପଶି କେବଳ ଜିନିଷ ଚୋରି କରେ ନାହିଁ, ବରଂ ଘରର ସମସ୍ତ ଆସବାବପତ୍ରକୁ ମଧ୍ୟ ନିଜ ଇଚ୍ଛାରେ ବଦଳାଇ ଦିଏ।' ଏହା ମହିଳାଙ୍କ ଜୀବନର ଏପରି ଏକ ପର୍ଯ୍ୟାୟ ଯାହା କେବଳ ଶରୀର ନୁହେଁ, ଚିନ୍ତାଧାରା ଏବଂ ବ୍ୟବହାରକୁ ମଧ୍ୟ ପ୍ରଭାବିତ କରେ।

ସେ ମଜାଳିଆ ଢଙ୍ଗରେ ପୁରୁଷମାନଙ୍କୁ ଈର୍ଷା କରୁଥିବା ଲେଖିଛନ୍ତି। ଟ୍ୱିଙ୍କଲ କହିଛନ୍ତି, 'ପୁରୁଷମାନଙ୍କ ହରମୋନ ସହିତ କେବେ ଏପରି ହୁଏ ନାହିଁ, କିନ୍ତୁ ଆମ ମହିଳାମାନଙ୍କ ହରମୋନରେ ଏମିତି ଓଲଟପାଲଟ ଲାଗି ରହେ'।

# ଆର୍‌ଏସ୍‌ଏସ୍ ରାଷ୍ଟ୍ରନୀତିକୁ ସମର୍ଥନ କରେ: ଭାଗବତ

**ନୂଆଦିଲ୍ଲୀ,୯।୧୧**



ମୋହନ ଭାଗବତ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳକୁ ନୁହେଁ, ବରଂ ନୀତିକୁ ସମର୍ଥନ କରେ ବୋଲି ଏହାର ମୁଖ୍ୟ ମୋହନ ଭାଗବତ କହିଛନ୍ତି। ସଂଘ ନିର୍ବାଚନୀ ରାଜନୀତିରେ ଅଂଶଗ୍ରହଣ କରେନାହିଁ। ସମାଜକୁ ଏକାଠି କରିବା ଏହାର କାର୍ଯ୍ୟ। ସଂଘ ଅଯୋଧ୍ୟାରେ ରାମମନ୍ଦିର ଚାହୁଁଥିଲା। ଏହାର ନିର୍ମାଣ ପାଇଁ ଯେଉଁମାନେ ଛିଡ଼ାହେଲେ, ଆମ ସ୍ୱୟଂସେବକମାନେ ସେମାନଙ୍କୁ ଭୋଟ ଦେଲେ। ଭାଜପା ଏହି ସୁବିଧା ହାସଲ କଲା। ରାମମନ୍ଦିର ନିର୍ମାଣ ଦାବିକୁ କଂଗ୍ରେସ ସମର୍ଥନ କରିଥିଲେ, ଆର୍‌ଏସ୍‌ଏସ୍ କର୍ମୀମାନେ ଉକ୍ତ ଦଳକୁ ସମର୍ଥନ ଦେଇଥାନ୍ତେ ବୋଲି ଭାଗବତ କହିଛନ୍ତି।

କୌଣସି ଦଳ ସହ ଆମର ସ୍ୱତନ୍ତ୍ର ଆତ୍ମୀୟତା ନାହିଁ। ଆମେ ରାଜନୀତିକୁ ନୁହେଁ, ରାଷ୍ଟ୍ରନୀତିକୁ ସମର୍ଥନ କରୁ। ଦେଶକୁ ଏକ ନିର୍ଦ୍ଦିଷ୍ଟ ଦିଶାରେ ନେଇଯିବା ଲାଗି ଆମେ ଚାହୁଁ ଏବଂ ଯେଉଁମାନେ ସେହି ଦିଗରେ କାର୍ଯ୍ୟ କରନ୍ତି, ଆମେ ସେମାନଙ୍କୁ ସମର୍ଥନ ଜଣାଉ ବୋଲି ଭାଗବତ ବେଙ୍ଗାଲୁରୁରେ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କହିଛନ୍ତି।

ଆର୍‌ଏସ୍‌ଏସ୍‌ରେ ଭାଗନେବାକୁ ମୁସଲମାନଙ୍କୁ ଅନୁମତି ମିଳେ କି ବୋଲି ପ୍ରଶ୍ନ ହେବାରୁ ଭାଗବତ କହିଥିଲେ, ମୁସଲମାନ, ଖ୍ରୀଷ୍ଟିଆନଙ୍କ ସମେତ ବିଭିନ୍ନ ବର୍ଗର ଲୋକ ସଂଘକୁ ଆସିପାରିବେ। ଭିନ୍ନତାକୁ ସେମାନେ ଦୂରେଇ ରଖିବାକୁ ହେବ। ଯେତେବେଳେ ଆପଣମାନେ ସଂଘକୁ ଆସୁଛନ୍ତି, ସେତେବେଳେ ଭାରତ ମାତାର ପୁତ୍ର ଭାବେ ଆସୁଛନ୍ତି। ମୁସଲମାନ, ଖ୍ରୀଷ୍ଟିଆନ୍ ଶାଖାକୁ ଆସୁଥିବାବେଳେ ଆମେ ସେମାନଙ୍କୁ ଗଣି ନ ଥାଉ କି ସେମାନେ କିଏ ବୋଲି ପଚାରି ନ ଥାଉ। ସଂଘ ୧୯୨୫ରେ ସ୍ଥାପନ ହୋଇଥିଲା। ବ୍ରିଟିଶ ସରକାର ଅଧୀନରେ ଏହା ପଞ୍ଜୀକୃତ ହେବା ଆପଣମାନେ ଆଶା କରୁଛନ୍ତି କି ବୋଲି ଭାଗବତ ପ୍ରଶ୍ନ କରିଛନ୍ତି।

# ବିଭିନ୍ନ ପ୍ରକାର କ୍ଷୀର ଓ ଦୀର୍ଘାୟୁ ଜୀବନ


ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ମା' କ୍ଷୀରରେ ଜଳୀୟ ଅଂଶ, ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଜୀବସାର, ଧାତବଲବଣ, ହରମୋନ, ଏନଜାଇମ ଓ ଜୀବନୀୟ ତନ୍ତୁ ରହିଛି। ଏଗୁଡ଼ିକର ସମ୍ମିଶ୍ରଣରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ସୃଷ୍ଟି ହୋଇଥାଏ। ତେଣୁ ମା' କ୍ଷୀର ପିଲା ପିଇଲେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହାବ୍ୟତୀତ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ମଧ୍ୟ ହୁଏ। ପିଲାମାନଙ୍କୁ ସୁସ୍ଥ ସବଳ ନୀରୋଗ ରଖିବାରେ ଏହା ସହାୟକ ହୋଇଥାଏ।''





ଆମେ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଖାଦ୍ୟପେୟ ପ୍ରତି ଗୁରୁତ୍ୱ ଦେଇଥାଉ। ପୃଥିବୀରେ ଯେଉଁସବୁ ଖାଦ୍ୟସାମଗ୍ରୀ ରହିଛି ସେହିସବୁ ମଧ୍ୟରେ କେତେକ ପ୍ରାକୃତିକ ଉପାୟରେ ମିଳିଥାଏ। ତନ୍ମଧ୍ୟରୁ କ୍ଷୀର ଅନ୍ୟତମ। ଏହା ସ୍ୱାସ୍ଥ୍ୟପ୍ରଦ ଭାବେ ଅନ୍ୟତମ ଶ୍ରେଷ୍ଠ ଖାଦ୍ୟ ବୋଲି ଆମରି ଭାରତୀୟ ମୌଳିକ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। କ୍ଷୀର ଅମୃତ ସମାନ ଅଟେ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କ୍ଷୀର ସ୍ୱାସ୍ଥ୍ୟ ପାଇଁ ହିତକର। ପିଲା ଜନ୍ମ ହେବା ମାତ୍ରେ ମା' କ୍ଷୀର ନିତାନ୍ତ ଜରୁରୀ ଅଟେ। ପ୍ରାକୃତିକ ପ୍ରଣାଳୀରେ ଆମେ ପାଉଥିବା କ୍ଷୀରରେ ପର୍ଯ୍ୟାପ୍ତ ପରିମାଣର ବିଭିନ୍ନ ପ୍ରକାରର ଭିଟାମିନ, ଖଣିଜପଦାର୍ଥ, କ୍ୟାଲସିୟମ ଆଦି ଜୀବନୀୟ ଶକ୍ତି ସହ ରୋଗପ୍ରତିରୋଧକ ଶକ୍ତିର ମାତ୍ରା ଭରପୁର ରହିଥାଏ। ଏହାକୁ ପିଇବା ଦ୍ୱାରା ପିଲାକୁ ଓ ଆମ ଶରୀରରେ ହେଉଥିବା ବିଭିନ୍ନ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇ ଦୀର୍ଘାୟୁ ରଖିବାରେ ସହାୟକ ହୋଇଥାଏ।

ପିଲା ଜନ୍ମ ହେବା କ୍ଷଣି ମା' କ୍ଷୀର ଆବଶ୍ୟକ। ଅନ୍ୟପକ୍ଷରେ ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀସମୂହ ନିଜ ଛୁଆଙ୍କ ପାଇଁ ମା' କ୍ଷୀରର ଆବଶ୍ୟକତା ରହିଥାଏ। ମନୁଷ୍ୟ ପିଲା ଜନ୍ମଠାରୁ କିଛି ବର୍ଷ ମଧ୍ୟରେ ନିଜ ମା' କ୍ଷୀର ସେବନ ସହ ଗାଈ, ମଇଁଷି, ଛେଳି, ମେଣ୍ଢା, ଗଧ ଆଦି ପ୍ରାଣୀଙ୍କ କ୍ଷୀର ପାନ କରାଇବା ପାଇଁ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ବିଭିନ୍ନ ପ୍ରକାର କ୍ଷୀରରେ କିଛି ଭିନ୍ନ ଭିନ୍ନ ପ୍ରକାରର ତଥା ପ୍ରଚୁର ପରିମାଣରେ ଉପକାରୀ ତତ୍ତ୍ୱ ରହିଛି। ଶିଶୁଠାରୁ ବୟସ୍କ ବ୍ୟକ୍ତିମାନେ ଏହିସବୁ କ୍ଷୀର ସେବନ କରିବା ଦ୍ୱାରା ଶରୀରକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ,ସବଳ ଓ ସତେଜ ରଖିବା ସହ ମନୁଷ୍ୟ ଦୀର୍ଘ ଦିନ ବଞ୍ଚି ରହିବାରେ ସହାୟକ ହୋଇଥାଏ ବୋଲି ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ରହିଛି।

ସାମ୍ପ୍ରତିକ ପରିସ୍ଥିତିରେ ଆଧୁନିକ ଚିକିତ୍ସା ବିଜ୍ଞାନ ମା' କ୍ଷୀର ସହ ଗାଈ, ମଇଁଷି, ଛେଳି, ମେଣ୍ଢା ଓ ଗଧ ଆଦି ବିଭିନ୍ନ ପ୍ରାଣୀଙ୍କ କ୍ଷୀରକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରାଯାଇଛି। ଏହା ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ମା' କ୍ଷୀରରେ ଜଳୀୟ ଅଂଶ, ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଜୀବସାର, ଧାତବଲବଣ, ହରମୋନ, ଏନଜାଇମ ଓ ଜୀବନୀୟ ତନ୍ତୁ ରହିଛି। ଏଗୁଡ଼ିକର ସମ୍ମିଶ୍ରଣରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ସୃଷ୍ଟି ହୋଇଥାଏ। ତେଣୁ ମା' କ୍ଷୀର ପିଲା ପିଇଲେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହାବ୍ୟତୀତ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶ ମଧ୍ୟ ହୁଏ। ପିଲାମାନଙ୍କୁ ସୁସ୍ଥ ସବଳ ନୀରୋଗ ରଖିବାରେ ଏହା ସହାୟକ ହୋଇଥାଏ।

ଗାଈ କ୍ଷୀରକୁ ଜନ୍ମଠାରୁ ବୟସ୍କ ଓ ବିଭିନ୍ନ ରୋଗରେ ପୀଡ଼ିତ ବ୍ୟକ୍ତି ସେବନ ପାଇଁ ପରାମର୍ଶ ଦିଆଯାଇଥାଏ। ସ୍ତନ୍ୟପାନ ସମୟରେ ମା' କ୍ଷୀରର ଅଭାବ ପରିସ୍ଥିତିରେ ପିଲାକୁ ଗାଈ କ୍ଷୀର ଦିଆଯାଇଥାଏ। ଗାଈ କ୍ଷୀରରେ ଜଳୀୟ ଅଂଶ, ସ୍ନେହସାର, ପୁଷ୍ଟିସାର, ଲାକ୍ଟୋସ, ଖଣିଜପଦାର୍ଥ, କ୍ୟାଲସିୟମ, ଫସଫରସ, ଏନଜାଇମ ସମେତ ଭିଟାମିନ ଏ, ଡି ଏବଂ ବି-୧୨ ଆଦି ପୋଷକ ତତ୍ତ୍ୱ ରହିଥିବାରୁ ଏହା ସ୍ୱାସ୍ଥ୍ୟପ୍ରଦ ଅଟେ।

ଛେଳି ଏକ ସାକାହାରୀ ପ୍ରାଣୀ। ବିଭିନ୍ନ ବୃକ୍ଷ,ଲତା ଆଦିର ପତ୍ର ଡାଳକୁ ଖାଦ୍ୟଭାବେ ଖାଉଥିବା ହେତୁ ଏହାର କ୍ଷୀର ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ। ଛେଳି କ୍ଷୀରରେ ପୁଷ୍ଟିସାର, ସ୍ନେହସାର, ଲକ୍ଟୋସ, ଖଣିଜପଦାର୍ଥ, କ୍ୟାଲସିୟମ, ଫସଫରସ, ପୋଟାସିୟମ, ବିଭିନ୍ନ ପ୍ରକାର ଭିଟାମିନ ଏବଂ ଏନଜାଇମ ଆଦି ପୋଷକ ତତ୍ତ୍ୱ ରହିଥିବା ହେତୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ଛେଳି କ୍ଷୀର ମନୁଷ୍ୟ ଶରୀରରେ ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଛେଳି କ୍ଷୀର ଦୁର୍ବଳତା, ହାଲିଆପଣ ଆଦିକୁ ଦୂର କରିବା ସହ ଯକ୍ଷ୍ମା, କର୍କଟ ଭଳି ମାରାତ୍ମକ ତଥା ଦୀର୍ଘଦିନ ଧରି ଲାଗିରହିଥିବା ବିଭିନ୍ନ ଜଟିଳ ରୋଗକୁ ପ୍ରତିରୋଧ କରିବାରେ କେତେକାଂଶରେ ସହାୟକ ହୋଇଥାଏ ବୋଲି ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। କେବଳ ସେତିକି ନୁହେଁ, ଆଧୁନିକ ଚିକିତ୍ସା ବିଜ୍ଞାନ ଏଥିରେ ସହମତି ପ୍ରକାଶ କରିଛନ୍ତି।

ମେଣ୍ଢା କ୍ଷୀର ମନୁଷ୍ୟ ସ୍ୱାସ୍ଥ୍ୟ ନିମନ୍ତେ ଉପଯୋଗୀ ହୋଇଥାଏ। ଏଥିରେ ପ୍ରଚୁର ପରିମାଣରେ ଶ୍ୱେତସାର, ପୁଷ୍ଟିସାର, ଖଣିଜ ପଦାର୍ଥ, କ୍ୟାଲସିୟମ ସହ ଜୈବିକ ପଦାର୍ଥ ଭରି ରହିଛି। ଏହାକୁ ପିଇଲେ ତାହା ମନୁଷ୍ୟ ଶରୀରରେ ତନ୍ତୁ ଓ ଅସ୍ଥିକୁ ମଜଭୁତ କରିବାରେ କେତେକାଂଶରେ ସହାୟକ ହୋଇଥାଏ। ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଇ ଶରୀରରେ ହେଉଥିବା ମଧୁମେହ, କର୍କଟ ରୋଗ ବ୍ୟତୀତ ବହୁ ଜଟିଳ ରୋଗ ହେବାକୁ କେତେକାଂଶରେ ପ୍ରତିରୋଧ ମଧ୍ୟ କରିଥାଏ। ମଇଁଷି କ୍ଷୀର ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ସାମାନ୍ୟ ବାୟୁ ବର୍ଦ୍ଧକ ହୋଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ପାଇଁ ହିତକର। ଏଥିରେ ଜଳୀୟ ଅଂଶ, ପୁଷ୍ଟିସାର, ଲାକ୍ଟୋସ, ଖଣିଜ ପଦାର୍ଥ, ଫସଫରସ ଆଦି ଥିବା ବେଳେ ପର୍ଯ୍ୟାପ୍ତ ପରିମାଣରେ ପୁଷ୍ଟିସାର, ସ୍ନେହସାର ଭିଟାମିନ ଏ, ବି-୧୨, ଥାୟାମିନ, ରିବୋଫ୍ଲୋବିନ ଆଦି ରହିଛି। ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଗଧ କ୍ଷୀରରେ ପ୍ରଚୁର ପରିମାଣରେ ଜୀବନୀୟ ତତ୍ତ୍ୱ ସହ ରୋଗପ୍ରତିରୋଧକ କ୍ଷମତା ରହିଛି। ଗଧ କ୍ଷୀର ପିଲାମାନଙ୍କ ନିମନ୍ତେ ଅତ୍ୟନ୍ତ ଦରକାରୀ ବୋଲି ଆମର ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏଥିରେ ଲେକଟସ, ସ୍ନେହସାର, ଗାଈ କ୍ଷୀର ଅପେକ୍ଷା ପୁଷ୍ଟିସାର କମ ରହିବା ସହ କ୍ୟାଲସିୟମ, ଭିଟାମିନ- ସି ମଧ୍ୟ ରହିଛି।

ବର୍ତ୍ତମାନ ବଜାରରେ କୃତ୍ରିମ ଉପାୟରେ ମିଳୁଥିବା କ୍ଷୀର, ବିଭିନ୍ନ ରାସାୟନିକ ପଦାର୍ଥ ମିଶ୍ରଣରେ ପ୍ରସ୍ତୁତି ହୋଇଥିବା ହେତୁ ଏହା ସ୍ୱାସ୍ଥ୍ୟ ପାଇଁ ଅହିତକର ହୋଇଥାଏ। ଅମୃତଭଣ୍ଡା, ଅରଖ, କନିଅର ଆଦି କେତେକ ବୃକ୍ଷର ଡେମ୍ଫ ଓ ଫଳ ଛିଣ୍ଡେଇବା ବେଳେ କ୍ଷୀର ଭଳି ଏକ ତରଳ ପଦାର୍ଥ ବାହାରିଥାଏ। ଏଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ। ଏହାକୁ ସେବନ କରିବା ମନୁଷ୍ୟ ଶରୀର ପାଇଁ କ୍ଷତି କାରକ ଓ ବିଷ ତୁଲ୍ୟ ହୋଇଥାଏ। ଏହାକୁ ସେବନ କରିବା ଦ୍ୱାରା ଜୀବନ ହାନି ହେବାର ଆଶଙ୍କା ରହିଥିବା ହେତୁ ପୁରାତନ ଚିକିତ୍ସା ଶାସ୍ତ୍ର ଓ ଆଧୁନିକ ଚିକିତ୍ସା ଶାସ୍ତ୍ରରେ ଏହାକୁ ସେବନ କରିବାପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ସକାରାତ୍ମକ ମାନସିକତା ଅନ୍ତରାଳେ...



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କେତେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ କେବଳ ବ୍ୟାୟାମ ନୁହେଁ ଯୋଗ ଆଦି କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସୁସ୍ଥ ରହିବ କିଡ୍‌ନୀ



କିଡ୍‌ନୀକୁ ସୁସ୍ଥ ରଖିବା ଲାଗି କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। ଏଥିପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସିତ ହୋଇଥାଏ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭-୮ ଘଣ୍ଟା ଶୁଅନ୍ତୁ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ନିଜେ ସଚେତନ ରହିବା ସହ ଜନସଚେତନତା ସୃଷ୍ଟି କରନ୍ତୁ। ନିଜର ଜୀବନଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରାନ୍ତୁ। ମନେ ରଖନ୍ତୁ, ଆଜିର ସାମାନ୍ୟ ସାବଧାନତା ଆସନ୍ତାକାଲି କିଡ୍‌ନୀକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ।

## ସ୍କିଜୋଫ୍ରେନିଆ: କିଛି କଥା




ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା। ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍‌ଭାବରେ କରିପାରେ ନାହିଁ ଏବଂ ନିଦ କମିଯାଏ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ସନ୍ଦେହ କରିଥାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। ଏହି ରୋଗୀମାନେ କେତେକ କଥାକୁ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଯାହା ଅନ୍ୟମାନଙ୍କ ଦ୍ୱାରା ସହଜରେ ଗ୍ରହଣୀୟ ହୋଇ ନ ଥାଏ। ରୋଗର କାରଣ ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨.୫ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ସ୍କିଜୋଫ୍ରେନିଆ ଏକ ଜଟିଳ ରୋଗ। ଏହାର ଚିକିତ୍ସା ବିଷୟରେ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଜରୁରୀ।

## ନିଶାଦ୍ରବ୍ୟ ବର୍ଜନର ସହଜ ଉପାୟ



ଧୂମପାନ ହେଉ ଅବା କୌଣସି ନିଶାଦ୍ରବ୍ୟ ସେବନ-ଜଣେ ଏହା ଦ୍ୱାରା କବଳିତ ହେବା ପରେ ସେଥିରୁ ମୁକୁଳିବା ସହଜ ହୋଇ ନ ଥାଏ। ବିଶେଷଭାବରେ ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ। ଗୋଟିଏ ଥରରେ ଧୂମପାନକୁ 'ନା' କରିବା ଉଚିତ। ଏଥିପାଇଁ ସୁଗାର ନ ଥିବା ଚୁଇଙ୍ଗମ ବ୍ୟବହାର କରିପାରନ୍ତି। ସ୍ଥଳବିଶେଷରେ ଚୁଇଙ୍ଗମ ସ୍ଥାନରେ ଲବଙ୍ଗ ଓ ଗୁଜୁରାତି ମଧ୍ୟ ବ୍ୟବହାର କରାଯାଇପାରେ। ଯେଉଁମାନେ ଚେନ୍ ସ୍ମୋକର ଏବଂ ଦୀଘଦିନ ଧରି ଧୂମପାୟୀ ସେମାନେ ଏଥିରେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ନେବା ଉଚିତ। ଏଥିପାଇଁ ମଧ୍ୟ 'କୁଇଟ୍ ସ୍ମୋକ୍ ଥେରାପି' (ଧୂମପାନ ତ୍ୟାଗ ଚିକିତ୍ସା) ଉପଲବ୍ଧ। ଧୂମପାନ ତ୍ୟାଗର ମାତ୍ର କେଇଦିନ ମଧ୍ୟରେ ଶୁଙ୍ଘିବା ଶକ୍ତି ଏବଂ ଜିଭର ସ୍ୱାଦ ଅନୁଭବ କରିବା ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ସେହିପରି ମାତ୍ର କେଇ ସପ୍ତାହରେ କଫର ପରିମାଣ କମି ଯାଇଥାଏ ଏବଂ ଫୁସଫୁସର କାର୍ଯ୍ୟରେ ଉନ୍ନତି ଘଟିଥାଏ। ଧୂମପାନ ତ୍ୟାଗର ବର୍ଷେ ଭିତରେ ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ପ୍ରାୟ ୫୦ ପ୍ରତିଶତ କମିଯାଏ। ଧୂମପାନ ତ୍ୟାଗ କରିବା ଦ୍ୱାରା ଜୀବନକାଳ ବଢ଼ିଥାଏ। ଏହାଦ୍ୱାରା ନିଜର ଉପକାର ହେବା ସହ ଅନ୍ୟମାନେ ମଧ୍ୟ ଲାଭବାନ ହୋଇଥାଆନ୍ତି। ନିଜକୁ ଅତ୍ୟଧିକ ପଜିଟିଭ ଏବଂ ସ୍ମାର୍ଟ ଲାଗେ। ନିଶାଦ୍ରବ୍ୟ ସେବନ ସହ ଜଡ଼ିତ ଥିଲେ ଏଥିରୁ ନିବୃତ୍ତ ରହିବା ଲାଗି ଅଭିଜ୍ଞ ନିଶା ନିବାରଣ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ଜାଣିରଖନ୍ତୁ



ମହୁରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ସକାଳେ ଖାଲି ପେଟରେ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଅଳ୍ପ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ଶରୀରରେ ରକ୍ତ ସଞ୍ଚାଳନକୁ ଠିକ୍ ଭାବରେ କରିବାକୁ କେତେକାଂଶରେ ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ସାଧାରଣତଃ ଡାଇବେଟିସ ଥିବା ଲୋକଙ୍କୁ ମିଠାଜାତୀୟ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। କିନ୍ତୁ ମହୁ ସେମାନଙ୍କ ପାଇଁ ବେଶ୍ ଉପଯୋଗୀ। ରକ୍ତହୀନତା ସହ ଜଡିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର।

## ସ୍ୱାସ୍ଥ୍ୟ ସୂଚନା

➤ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

➤ ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ରାତିରେ ହାଲୁକା ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇଥାଏ। ତେଲ,ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



➤ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।

➤ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବାର ଆଶଙ୍କା ରହିଛି।

➤ଯେ ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପୁରୁଣା ପ୍ରେସକ୍ରିପସନଗୁଡ଼ିକୁ ଏକ ଫାଇଲରେ ରଖନ୍ତୁ, ହୁଏତ ଆଗକୁ ଏହା ଦରକାରରେ ଆସିପାରେ।

## ସୌରଜଗତରେ ଅଜଣା ପରିବ୍ରାଜକ

(ଶେଷ ଭାଗ)

ଜେମ୍ସ ୱେବ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଉତ୍ତୋଳିତ ପ୍ରତ୍ୟେକ ନୂତନ ଚିତ୍ର ସହିତ ରହସ୍ୟ ଆହୁରି ଗଭୀର ହେଉଛି। ୩ଇ/ ଆଟଲାସ ଆମକୁ ଭେଟିବାକୁ ଆସିଥିବା ପ୍ରଥମ ଅନ୍ତଃନକ୍ଷତ୍ରୀୟ ଭ୍ରମଣକାରୀ ନୁହେଁ। ୨୦୧୭ରେ ଜ୍ୟୋତିର୍ବିଜ୍ଞାନୀମାନେ ପ୍ରଥମ ଥର ପାଇଁ ଏହିପରି ଏକ ଅଜଣା ଅତିଥିକୁ ଦେଖିଥିଲେ। ତାହା ଥିଲା '୧ଇ/ ଓମୁଆମୁଆ'। ଏହା ଏକ ସିଗାର ଆକୃତିର ବସ୍ତୁ ଯାହା ଅଜବ ଭାବରେ ଗତି କରୁଥିଲା ଏବଂ ଏହାର କୌଣସି ଦୃଶ୍ୟମାନ ଲାଞ୍ଜ ନଥିଲା। ସେତେବେଳେ କେତେକ ବୈଜ୍ଞାନିକ ଅନୁମାନ ମଧ୍ୟ କରିଥିଲେ ଯେ ଏହା ଏକ ଏଲିଏନ ମହାକାଶ ଯାନ ହୋଇପାରେ! ତା'ପରେ ୨୦୧୯ରେ '୨ଇ/ ବୋରିଶୋଭ' ଆସିଥିଲା। ଏହା ଏକ ପ୍ରକୃତ ଅନ୍ତଃନକ୍ଷତ୍ରୀୟ ଧୂମକେତୁ, ଯାହାର ଏକ ଉଜ୍ଜ୍ୱଳ ଲାଞ୍ଜ ଏବଂ ଆମ ସୌରମଣ୍ଡଳରେ ଜନ୍ମିତ ଯେକୌଣସି ଧୂମକେତୁ ଠାରୁ ଭିନ୍ନ ଏକ ରାସାୟନିକ ଗଠନ ଥିଲା। ପ୍ରତ୍ୟେକ ପରିଦର୍ଶକ ଅନନ୍ୟ। ପ୍ରତ୍ୟେକ ଆମ ସୌରଜଗତ ବାହାର ବିଶ୍ୱର ବିବିଧତାର ଏକ କ୍ଷଣସ୍ଥାୟୀ ଝଲକ। ଆହୁରି ଅଧିକ ବ୍ରହ୍ମାଣ୍ଡର ରହସ୍ୟ ପ୍ରକାଶ କରିବାର ପ୍ରତିଶ୍ରୁତି ଦେଇ, ବର୍ତ୍ତମାନ ୩ଇ/ ଆଟଲାସ ଏହି ସମ୍ଭ୍ରାନ୍ତ ମହାଜଗତିକ ଶ୍ରେଣୀରେ ଯୋଗ ଦେଇଛି।

ଚଳିତ ବର୍ଷ ଗତ ମାସ ୩୦ ତାରିଖରେ ୩ଇ/ ଆଟଲାସ ମଙ୍ଗଳ ଗ୍ରହର କକ୍ଷ ପଥ ଭିତରେ ପ୍ରବେଶ କରି ସୂର୍ଯ୍ୟର ନିକଟତର ହୋଇସାରିଛି। ଏହି ସମୟ ଏହି ଅନ୍ତଃନକ୍ଷତ୍ରୀୟ ବସ୍ତୁକୁ ସବୁଠୁ ପାଖରୁ ଦେଖିବାର ଓ ଅଧ୍ୟୟନ କରିବାର ପ୍ରକୃଷ୍ଟ ସମୟ। ଏହା ଶୁଣି ଲୋପା ଟିକେ ଚିନ୍ତିତ ହୋଇ ପଚାରିଲେ, ଆମ ପୃଥିବୀ ପାଇଁ ଏହା କୌଣସି ବିପଦ ସୃଷ୍ଟି କରିବ ନାହିଁ ତ? ମୁଁ ଉତ୍ତର ଦେଲି ନା, ଚିନ୍ତା କର ନାହିଁ। ଏହା ପୃଥିବୀ ପାଇଁ କୌଣସି ବିପଦ ସୃଷ୍ଟି କରିବ ନାହିଁ କାରଣ ଏହା ପ୍ରାୟ ୨୭୦ ନିୟୁତ କିଲୋମିଟର ଦୂର ଦେଇ ପୃଥିବୀକୁ ଅତିକ୍ରମ କରିବ। ସାରା ବିଶ୍ୱରେ ଥିବା ବିଦ୍ୟାଳୟ ଦୂରବୀକ୍ଷଣ ଯନ୍ତ୍ରଠାରୁ ଆରମ୍ଭ କରି ମହାକାଶଭିତ୍ତିକ ଅତ୍ୟାଧୁନିକ ଉପକରଣ ପର୍ଯ୍ୟନ୍ତ ସମସ୍ତ ଦୂରବୀକ୍ଷଣ ଯନ୍ତ୍ର ଏହି ମହାଜାଗତିକ ଉଡ଼ାଣର ପ୍ରତ୍ୟେକ ମୁହୂର୍ତ୍ତକୁ ଅଭିଲିଖିତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଶୁଣି ଲୋପା ପୁଣି ପଚାରିଲେ ମହାକାଶ ଦେଇ ଗତି କରୁଥିବା ଏକ ଛୋଟ ବରଫ ଏବଂ ପଥର ଖଣ୍ଡ ବିଷୟରେ ଆମେ ଏତେ କାହିଁକି ଚିନ୍ତା କରୁଛେ? ମୁଁ କହିଲି କାରଣ ୩ଇ/ ଆଟଲାସ



ହେଉଛି ବ୍ରହ୍ମାଣ୍ଡର ଅନ୍ୟ କୋଣରେ ଥିବା ତାରାମାନଙ୍କର ଏକ ବାର୍ତ୍ତାବାହକ। ଏହାର ଧୂଳି ଏବଂ ଗ୍ୟାସ ବହୁ ପୂର୍ବରୁ ଅନ୍ୟ ଏକ ତାରା ମଣ୍ଡଳରେ ଗଠିତ ଅନ୍ୟ ଏକ ବିଶ୍ୱର ରାସାୟନିକ ପଦ ଚିହ୍ନ ବହନ କରେ। ଏହାକୁ ଅଧ୍ୟୟନ କରିବା ଦ୍ୱାରା ବୈଜ୍ଞାନିକମାନେ ବୁଝିପାରିବେ ଯେ ଅନ୍ୟାନ୍ୟ ନକ୍ଷତ୍ରପୁଞ୍ଜରେ ଗ୍ରହମାନେ କିପରି ସୃଷ୍ଟି ହୋଇଛନ୍ତି ଏବଂ ଜୀବନ ଅନ୍ୟାନ୍ୟ ଛାୟାପଥରେ ସୃଷ୍ଟି ହୋଇଛି କି ନାହିଁ। ଏହା ମଧ୍ୟ ଆମକୁ ସ୍ମରଣ କରାଇଦିଏ ଯେ ସୌରମଣ୍ଡଳ ଏକ ବିଚ୍ଛିନ୍ନ ଦ୍ୱୀପ ନୁହେଁ ବରଂ ଏହା ଏକ ବିଶାଳ, ଜୀବନ୍ତ ବ୍ରହ୍ମାଣ୍ଡର ଅଂଶ ଯେଉଁଠାରେ ଯାତ୍ରୀମାନେ ବେଳେ ବେଳେ ଆମକୁ ସଂକ୍ଷେପରେ ଭେଟିବା ପାଇଁ ଅକଳ୍ପନୀୟ ଦୂରତା ଅତିକ୍ରମ କରି ଆସନ୍ତି। ଲୋପା ଟିକେ ସ୍ମିତ ହାସ୍ୟ ଦେଇ କହିଲେ, ହୁଏତ ଏହା ଏଲିଏନ ଦ୍ୱାରା ନିର୍ମିତ ନହୋଇ ପାରେ କିନ୍ତୁ ଏହା ବ୍ରହ୍ମାଣ୍ଡ ଦାରା ନିର୍ମିତ ଏକ ପ୍ରକାରର ମହାକାଶ ଯାନ ଯେ ଆମକୁ ଜଣାଇବାକୁ ଆସିଛି ଯେ ଆମେ ବ୍ରହ୍ମାଣ୍ଡର ବହୁତ କମ ରହସ୍ୟ ଏଯାଏ ଜାଣିଛୁ ବୋଲି। ମୁଁ ହସି କହିଲି, ''ଠିକ୍, ଏବଂ ପ୍ରତ୍ୟେକ ଥର ଏହି ମହାକାଶୀୟ ପରିଦର୍ଶକମାନଙ୍କ ମଧ୍ୟରୁ ଜଣେ ଦେଖାଗଲେ, ଏହା ଏପରି ମନେ ହୁଏ ଯେପରି ବ୍ରହ୍ମାଣ୍ଡ ଚୁପ ଚୁପ କରି ଏହାର ରହସ୍ୟ ଆମକୁ ଜଣାଇବାକୁ ଚେଷ୍ଟା କରେ ଓ ଆମକୁ କୁହେ ଆବିଷ୍କୃତ ହେବା ପାଇଁ ସେଠାରେ ଆହୁରି ଅନେକ କିଛି ଅପେକ୍ଷା କରିଛି।''

**- ଦେବାଶିଷ ମହାନ୍ତି,** ବରିଷ୍ଠ ପ୍ରାଧ୍ୟାପକ
ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ,
ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭୁବନେଶ୍ୱର
ମୋ: ୯୮୬୧୩୯୧୧୯୦

# ପୋଲିସକୁ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

## ଟ୍ରେଲର ଧକ୍କାରେ ଯୁବକଙ୍କ ମୃତ୍ୟୁ ପରେ ତାତିଲେ ଲୋକେ

ବଣାଇଁ,୯।୧୧ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ନରେନ୍ଦ୍ର-ଗୁରୁଣ୍ଡିଆ ରାଜ୍ୟ ରାଜପଥ-୧୦ର ଡୁରାମରା ନିକଟରେ ଟ୍ରେଲର ଧକ୍କାରେ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୀବିକା ଗ୍ରାମର ସନ୍ତୋଷ ନନ୍ଦ। ଟ୍ରେଲର ଚାଳକଙ୍କୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରି ଲହୁଲୁହାଣ କରିବା ପରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୁରୁତର ଅବସ୍ଥାରେ ଟ୍ରେଲର ଚାଳକଙ୍କୁ ଉଦ୍ଧାର କରି ଗୁରୁଣ୍ଡିଆ ପୋଲିସ ପିସିଆର ଭ୍ୟାନରେ ଚିକିତ୍ସାଳୟ ନେବା ପାଇଁ ଚେଷ୍ଟା କରିବାରୁ ଅଞ୍ଚଳବାସୀ ଏହାର ଦୃଢ଼ ବିରୋଧ କରିଥିଲେ। ଏପରିକି ଲୋକେ ସମ୍ପୃକ୍ତ ଟ୍ରେଲରକୁ ଏହି ପିସିଆର ଭ୍ୟାନ ଏସ୍କର୍ଟ କରି ଆଣୁଥିବା ଦର୍ଶାଇ ପୋଲିସକୁ ଆକ୍ରମଣ କରିବା ସହ ଭ୍ୟାନ ଭଙ୍ଗାରୁଜା କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଉତ୍ତ୍ୟକ୍ତ ଲୋକେ ବାହାର ଲୋକଙ୍କୁ ଦେଖିଲେ ଗାଳିଗୁଲଜ କରିବା ଓ ଫଟୋ ଉତ୍ତୋଳନକୁ ବିରୋଧ କରୁଥିବାରୁ କେହି ଘଟଣାସ୍ଥଳରେ ପହଞ୍ଚି ପାରୁ ନ ଥିବା ଜଣାପଡ଼ିଛି। ବଣାଇଁ, ଲହୁଣିପଡ଼ା, ଗୁରୁଣ୍ଡିଆ, ଟିକାୟତପାଲୀ, ମହୁଲପଦା ଥାନା ଅଧିକାରୀ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି। ରାତି ୮ଟାରେ ରାଉରକେଲାରୁ ୨ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳ ଅଭିମୁଖେ ବାହାରିଥିବା ସୂଚନା ମିଳିଥିଲା।

ସୂଚନା ଅନୁଯାୟୀ, ଯୁବକ ଜଣକ ଡୁରାମରା ନିକଟରେ ଠିଆ ହୋଇଥିବା ସମୟରେ ଗୁରୁଣ୍ଡିଆରୁ ବଣାଇଁ ପଟକୁ ଆସୁଥିବା ଟ୍ରେଲର ତାଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲ। ବିକ୍ଷୋଭ ଯୋଗୁ ରାଜ୍ୟ ରାଜପଥ -୧୦ରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

# ଘରକୁ ଡାକି ସାଙ୍ଗ ସହ ଖାଇଲେ, ଗୁଳି କରିଦେଲେ

ଗୁରୁଗ୍ରାମ,୯।୧୧



ଏକାଦଶ ଶ୍ରେଣୀର ଜଣେ ନାବାଳକଙ୍କୁ ୨ ସହପାଠୀ ଡାକିନେଇ ତାଙ୍କ ସହ ରାତ୍ରଭୋଜନ କରିବା ପରେ ତାଙ୍କୁ ଗୁଳିମାଡ଼ କରିଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଶନିବାର ଗୁରୁଗ୍ରାମର ସେକ୍ଟର ୪୮ରେ ଘଟିଛି। ୧୭ ବର୍ଷୀୟ ୨ ଅଭିଯୁକ୍ତ ନାବାଳକଙ୍କୁ ଗୁରୁଗ୍ରାମ ସଦର ଥାନା ପୋଲିସ କାବୁ କରିବା ସହ ଗୋଟିଏ ପିସ୍ତଲ, ଗୋଟିଏ ମାଗାଜିନ୍, ୫ ଗୁଳି, ଗୋଟିଏ ଖୋକା ଜବତ କରିଛି। ଆହତ ନାବାଳକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଆହତ ନାବାଳକ ଏବଂ ଜଣେ ଅଭିଯୁକ୍ତ ନାବାଳକଙ୍କ ମଧ୍ୟରେ ୨ ମାସ ତଳେ ବାକ୍‌ଯୁଦ୍ଧ ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଅଭିଯୁକ୍ତ ନାବାଳକ ତାଙ୍କର ଜଣେ ସାଙ୍ଗଙ୍କ ସହ ମିଶି ଏହି ଘଟଣା ଘଟାଇଛନ୍ତି। ଏଥିପାଇଁ ଅଭିଯୁକ୍ତ ନାବାଳକ ପ୍ରପର୍ଟି ଡିଲର ଭାବେ କାର୍ଯ୍ୟ କରୁଥିବା ତାଙ୍କ ବାପାଙ୍କ ଲାଇସେନ୍ସପ୍ରାପ୍ତ ପିସ୍ତଲକୁ ବ୍ୟବହାର କରିଛନ୍ତି। ପୋଲିସ ଉକ୍ତ ଘରର ଏକ ବକ୍ସରୁ ଆଉ ଏକ ମାଗାଜିନ ଏବଂ ୬୫ଟି ଗୁଳି ଜବତ କରିଛି। ଆହତ ନାବାଳକଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନାରାୟଣ ପ୍ରଧାନ ହତ୍ୟା ମାମଲାରେ ଜଣେ ଗିରଫ



ଗିରଫ ଅଭିଯୁକ୍ତ ।

■ନଦୀପଠାରୁ ମିଳିଥିଲା ମୃତଦେହ
■ ୨ ଅଛନ୍ତି ଫେରାର

ଚିକିଟି,୯।୧୧ (ପ୍ରକାଶ ଚନ୍ଦ୍ର ସାହୁ)

କେ.ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ନୂଆପଡା ଗ୍ରାମ ଶିବମନ୍ଦିର ନିକଟରେ ଥିବା ବାହୁଦା ନଦୀ ପଠାରେ ୧୨।୧୦।୨୫ରେ ଚରିଆପଡ଼ା ସାହିର ନାରାୟଣ ପ୍ରଧାନଙ୍କ ମୃତଦେହ ମିଳିଥିଲା। ତଦନ୍ତ ପରେ ନାରାୟଣଙ୍କୁ ହତ୍ୟା ପରେ ମୃତଦେହକୁ ନଦୀକୂଳରେ ଫୋପାଡ଼ି ଦିଆଯାଇଥିବା ଜଣାପଡ଼ିଥିଲା। ରବିବାର କେ. ନୂଆଗାଁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୂଆପଡାର ଶଙ୍କର ବେହେରା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଥାନା ଅଧିକାରୀ କିଶୋର ସାମଲ କହିଛନ୍ତି, କିଛିଦିନ ତଳେ ନାରାୟଣ ପ୍ରଧାନ ସାହିର ଜଣେ ବ୍ୟକ୍ତିଙ୍କ ଘରେ ପଶି କେହି ନ ଥିବା ସୁଯୋଗ ନେଇ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏହା ଜାଣିବା ପରେ ନାବାଳିକାଙ୍କ ପରିବାର ଓ ସମ୍ପର୍କୀୟ ନାରାୟଣଙ୍କୁ ମାରପିଟ କରିଥିଲେ। ଏହି ଘଟଣାକୁ ନେଇ ନାରାୟଣଙ୍କୁ ହତ୍ୟା କରିଥିବା ଜେରା ବେଳେ ଶଙ୍କର କହିଛନ୍ତି। ଏଥିରେ ଅନ୍ୟ ଦୁଇଜଣ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ସୂଚନା ଯୋଗ୍ୟ ନାରାୟଣ ଦୀର୍ଘଦିନ ହେଲା ମଜୁରିଆ ଭାବେ କାମ କରି ପରିବାର ଚଳାଇ ଆସୁଥିଲେ। କୌଣସି କାରଣରୁ ସେ ପରିବାରଠାରୁ ଅଲଗା ହୋଇ ନଦୀପଠାରେ ଏକ ବଗିଚାକରି ସେଥିରେ ଫୁଲଚାଷ କରିଥିଲେ। ପ୍ରତିଦିନ ଭଳି ଗତ ୧୨ ତାରିଖ ଭୋରୁ ନାରାୟଣ ଫୁଲ ତୋଳିବାକୁ ଯାଇ ଫେରି ନ ଥିଲେ। ନଦୀ ପଠାରେ ତାଙ୍କ ପୋଷାକ ଥିବାବେଳେ ତାଙ୍କର ମୃତଦେହ ନଦୀପାଣିରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ନୂଆପଡ଼ା ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ନାରାୟଣଙ୍କ ପୁଅ ଶିବ କେ. ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ. ୩୫୩/୨୫ ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

# ୧୪୮ ଖାଇବା ତେଲ ଟିଣ, ବୋଲେରୋ ଜବତ : ୪ ଗିରଫ




କଣ୍ଟାବାଞ୍ଜି ଥାନା ପରିସରରେ ଜବତ ବୋଲେରୋ ।

## ଗୋକୁଲଧାମ ଗୋଦାମରୁ ଚୋରି ଘଟଣା

କଣ୍ଟାବାଞ୍ଜି,୯।୧୧ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ରବିବାର ଦେଓଗାଁ ଥାନା ଅଧୀନ ଡୁମେରପିଟା ଗ୍ରାମରେ ଚଢାଉ କରି ୧୪୮ଟି ଖାଇବା ତେଲ ଟିଣ, ୨ଟି ଖାଲି ତେଲ ଟିଣ, ଏକ ବୋଲେରୋ ଜବତ କରିଛି । ଏହାଛଡା କଣ୍ଟାବାଞ୍ଜି ବଜାରପଡାର ଜଣେ ବ୍ୟକ୍ତିଙ୍କଠାରୁ ନଗଦ ଦେଢ଼ଲକ୍ଷ ଟଙ୍କା ଜବତ କରାଯାଇଛି। ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, କଣ୍ଟାବାଞ୍ଜି ଗୋକୁଲଧାମସ୍ଥିତ ମୁକେଶ କୁମାର ଜୈନ(୩୦)ଙ୍କ ଗୋଦାମରୁ ୨।୯।୨୦୨୫ ଏବଂ ୨୬।୯।୨୦୨୫ ମଧ୍ୟରାତ୍ରିରେ ୧୫୦ଟି ଖାଇବା ତେଲ ଭର୍ତ୍ତି ଟିଣ, ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଏକ ବୋଲେରୋ (ନଂ. ଓଡି୦୮ଡି୪୬୪୭) ଚୋରି ହୋଇଥିଲା। ଏହି ଚୋରି ନେଇ ଜୈନ କଣ୍ଟାବାଞ୍ଜି ଥାନାରେ ଗତ ୬ ତାରିଖରେ ଅଭିଯୋଗ କରିଥିଲେ। ଜୈନଙ୍କ ଅଭିଯୋଗ ପରେ ପୋଲିସ ପକ୍ଷରୁ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ଆଇଆଇସି ଗୋପାଳ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ପୂର୍ଣ୍ଣମି ଓରାମ, ଏଏସଆଇ ଈଶ୍ୱର ଚନ୍ଦ୍ର ମାଝି, କନଷ୍ଟେବଳ ଏଲ.ସୋରେଙ୍ଗ, ଚରନ ଛତର, ଜି. ଖୁରା ସାମିଲ ଥିଲେ। ଘଟଣାର ଅନୁସନ୍ଧାନ ପରେ କଣ୍ଟାବାଞ୍ଜି ପୋଲିସ ସନ୍ଦେହରେ କେତେଜଣ ବ୍ୟକ୍ତିଙ୍କୁ ଆଣି ପଚରାଉଚରା କରିଥିଲ। ସେମାନଙ୍କ ମଧ୍ୟରୁ କଣ୍ଟାବାଞ୍ଜି ଥାନା ଚଟୁଅନକା ଗ୍ରାମର ଅବତାର ଓରଫ ହିମାଂଶୁ ପୁଟେଲ (୨୩)ଙ୍କ ସହ ଅନ୍ୟ ୩ ଜଣ ଚୋରି କରିଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ବେଲପଡ଼ା ଥାନା ଲଥାକେନ୍ଦ ଗ୍ରାମର ସନ୍ତୋଷ ପୁଞ୍ଜି(୩୫), ହିମାଂଶୁ ପୁଟେଲ ଓ ଅନ୍ୟ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ସୂଚନା ଆଧାରରେ ପୋଲିସ ଦେଓଗାଁ ଥାନା ଡୁମେରପିଟାର ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରି ବୋଲେରୋ ସହ ତେଲ ଟିଣ ଓ ଚୋରି ଯାଇଥିବା ନଗଦ ଟଙ୍କା କଣ୍ଟାବାଞ୍ଜି ବଜାରପଡ଼ାରୁ ଜବତ କରିଥିଲା । ଏ ନେଇ କଣ୍ଟାବାଞ୍ଜି ଥାନାରେ ନଂ. ୩୧୫/୨୦୨୫ ଓ ନଂ. ୩୪୭/୨୦୨୫ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଦୁର୍ବୃତ୍ତଙ୍କ ଗୁଳିରେ ଗୋରୁ ବ୍ୟବସାୟୀ ମୃତ

ବାରିପଦା,୯।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନା କେନ୍ଦୁଆ ଅଞ୍ଚଳରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ଗୋରୁ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଲନ୍ଦା ଗ୍ରାମର ହାରା ମହାନ୍ତ। ଦୁର୍ବୃତ୍ତମାନେ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ବ୍ୟବସାୟୀ ଜଣକ ରବିବାର ଅଙ୍ଗାରପଦା ସାପ୍ତାହିକ ହାଟକୁ ବଳଦ କିଣିବାକୁ ଆସିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି କେନ୍ଦୁଆ ନିକଟରେ ଟଙ୍କା ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ବ୍ୟବସାୟୀ ଜଣକ ଏହାକୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଦୁର୍ବୃତ୍ତମାନେ ତାଙ୍କ ପାଖରେ ଥିବା ଲକ୍ଷାଧିକ ଟଙ୍କା ଲୁଟିନେଇ ପଳାଇ ଯାଇଥିଲେ।

# ହୋମ୍‌ଗାର୍ଡଙ୍କୁ ଆକ୍ରମଣ, ବାଇକ୍ ଜାଳିଦେଲେ

ଭଞ୍ଜନଗର,୯।୧୧ (ବାବୁଲା ପ୍ରଧାନ)



ଜଳୁଥିବା ବାଇକ୍ ।

ଗଞ୍ଜାମ ଜିଲା ଭଞ୍ଜନଗର ଥାନାରେ କାର୍ଯ୍ୟରତ ହୋମ୍‌ଗାର୍ଡ ଗଜେନ୍ଦ୍ର ନାୟକଙ୍କୁ ରବିବାର ତାଙ୍କ ଗ୍ରାମର ଜଣେ ଯୁବକ ଆକ୍ରମଣ କରିବା ସହ ବାଇକ୍ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସାନକଦଣ୍ଡା ପଞ୍ଚାୟତ ସମାପଲ୍ଲୀ ଗ୍ରାମର ଜିତୁ ନାୟକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ହୋମ୍‌ଗାର୍ଡ଼ ଗଜେନ୍ଦ୍ର ନିଜ ଗ୍ରାମ ସମାପଲ୍ଲୀରୁ ଥାନାକୁ ଡ୍ୟୁଟି କରିବାକୁ ଆସୁଥିଲେ। ଏହି ସମୟରେ ଜିତୁଙ୍କ ବାଇକ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଜିତୁ ଗଜେନ୍ଦ୍ରଙ୍କୁ ଆକ୍ରମଣ କରିବା ସହ ତାଙ୍କ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ।

## Business

# ପିଲାଙ୍କ ପାଇଁ ଚାନ୍ଦି ଭଣ୍ଡାରର 'ଟ୍ରେଜର୍ସ' କଲେକ୍ସନ

## ଖଣ୍ଡଗିରିରେ ଖୋଲିବ ୨୫ତମ ଷ୍ଟୋର୍

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)




ଚାନ୍ଦିଭଣ୍ଡାର ପକ୍ଷରୁ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର କଲେକ୍ସନ 'ଅମୋଘ' ଏବଂ ମହିଳାଙ୍କ ପାଇଁ ଏକାଧିକ ଗହଣା କଲେକ୍ସନର ଚାହିଦା ବଢୁଥିବାବେଳେ ପିଲାଙ୍କ ପାଇଁ 'ଟେଜର୍ସ'ର ଉନ୍ମୋଚନ କରାଯାଇଛି। ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖରଦାତା ସମ୍ମିଳନୀରେ ଚାନ୍ଦିଭଣ୍ଡାର ନିର୍ଦ୍ଦେଶିକା ଲିପସା ହଂସ ଏବଂ ନିର୍ଦ୍ଦେଶକ ମାଣିକ୍ ହଂସ 'ଟ୍ରେଜରସ୍' ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଛନ୍ତି। ଲିପ୍‌ସା କହିଛନ୍ତି, ଏହି କଲେକ୍ସନରେ ପିଲାଙ୍କ ପାଇଁ ରୁପା ଆଙ୍କଲେଟ୍, ଲକେଟ୍, ଚୁଡ଼ି, ଖଡ଼ୁ, ନେକ୍‌ଚେନ୍ ସହ ଅନେକ ଉତ୍ପାଦ ରହିଛି। ସବୁଜ ରଙ୍ଗ ଅଭିବୃଦ୍ଧିର ସଙ୍କେତ ହୋଇଥିବାରୁ ଏହି କଲେକ୍ସନର ଥିମ ସବୁଜ ରଖାଯାଇଛି। ଶିଶୁମାନଙ୍କୁ ଉପହାରରେ ଦେବା ପାଇଁ ଏହି ସବୁ ଉତ୍ପାଦ ଖୁବ୍ ମନଲାଖି ହେବ ବୋଲି ଲିପ୍‌ସା କହିଛନ୍ତି। ୧୩ ଓ ୧୪ ତାରିଖରେ ଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୩୦% ରିହାତି ଘୋଷଣା କରାଯାଇଛି। ମାଣିକ୍ କହିଛନ୍ତି, ଶିଶୁଙ୍କୁ ଖେଳନା ଉପହାର ଦେଲେ ତାହା କିଛି ଦିନ ବ୍ୟବହାର ଯୋଗ୍ୟ ହୋଇଥାଏ ମାତ୍ର 'ଟ୍ରେଜରସ୍' କଲେକ୍ସନ ଗହଣା ଉପହାର ଦେଲେ ଏହାକୁ ପିଢ଼ି ପରେ ପିଢ଼ି ଶିଶୁମାନେ ବ୍ୟବହାର କରିପାରିବେ। ଶିଶୁମାନେ ଘରର ଅମୂଲ୍ୟ ସମ୍ପଦ ହୋଇଥିବାରୁ ଏହି କଲେକ୍ସନର ଏପରି ନାମ ଦିଆଯାଇଥିବା ସେ କହିଛନ୍ତି। ତେବେ ଚାନ୍ଦି ଭଣ୍ଡାର ବର୍ଷକ ମଧ୍ୟରେ ଜାତୀୟସ୍ତରର ବ୍ରାଣ୍ଡ୍ ଭାବେ ପରିଚୟ ସୃଷ୍ଟି କରିବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି। ଏହାସହ ଖୁବଶୀଘ୍ର ଚାନ୍ଦିଭଣ୍ଡାରର ୨୫ତମ ଷ୍ଟୋର ଖଣ୍ଡଗିରିରେ ଖୋଲିବା ନେଇ ସୂଚନା ଦିଆଯାଇଛି।

# ଭାରତ ମସଲା ଷ୍ଟଲରେ ଜମୁଛି ଭିଡ଼

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)




ବାଲିଯାତ୍ରାରେ ଭାରତ ମସଲାର ୪ଟି ଷ୍ଟଲରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଛି। କମ୍ପାନୀ ପକ୍ଷରୁ ନିଶ୍ଚିତ ଉପହାର ଯୋଜନାରେ ରୁପା କଏନଠାରୁ ଆରମ୍ଭ କରି କମ୍ବଳ ଓ କ୍ରମ୍ପଟନ କମ୍ପାନୀର ସିଲିଂ ପଙ୍ଖା ପର୍ଯ୍ୟନ୍ତ ମସଲା କ୍ରୟ ଉପରେ ପ୍ରତ୍ୟେକ ଗ୍ରାହକଙ୍କୁ ନିଶ୍ଚିତ ଉପହାର ସ୍ୱରୂପ ପ୍ରଦାନ କରାଯାଉଛି। ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ଥିବା ଭାରତ ମସଲା କମ୍ପାନୀ ଗୃହିଣୀମାନଙ୍କ ପାଇଁ ଖୁବ୍ ପସନ୍ଦ ହୋଇଛି। ଗ୍ରାହକ ମାନଙ୍କୁ ଲକି ଡ୍ର କୁପନ ଦେଇ କମ୍ପାନୀ ସେମାନଙ୍କୁ ଭାଗ୍ୟଶାଳୀ ବିଜେତାଙ୍କୁ ପୁରସ୍କୃତ କରୁଥିବାବେଳେ ତୃତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାଙ୍କ ମଧ୍ୟରେ ଚାଉଳିଆଗଞ୍ଜ କଟକର ସମ୍ପିତ ପୃଷ୍ଟି ପ୍ରଥମ ବିଜେତା ହୋଇଛନ୍ତି। ମୁଖ୍ୟ ଅତିଥି ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କଠାରୁ ସମ୍ପିତ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭନ ଗ୍ରହଣ କରିଥିଲେ। ୨ୟ ବିଜେତା ଡିଅସାହି ଜଗତ୍‌ସିଂପୁରର ପ୍ରତାପ କୁମାର ସାହୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ସାମନ୍ତ ସାହି କଟକର କମଲ ପ୍ରଧାନଙ୍କୁ ବାଉଲ ସେଟ, ସ୍ୱାନ୍ତନାମୂଳକ ବିଜେତା ତଳସରା ଗଞ୍ଜାମ ରଞ୍ଜନ କୁମାର ଜେନାଙ୍କୁ ଫ୍ରାଇଙ୍ଗ ପ୍ୟାନ୍ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସ୍‌ଏନ୍ ମିଲେନିୟମର ଜିଏମ୍ ଅପରେଶନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରେଡାଇ ଭୁବନେଶ୍ୱରର ନୂଆ ପରିଚାଳନା କମିଟି ଗଠିତ

ଭୁବନେଶ୍ୱର,୯।୧୧

କନ୍‌ଫେଡେରେଶନ ଅଫ୍ ରିଅଲ ଇଷ୍ଟେଟ ଡେଭଲପର୍ସ ଆସୋସିଏଶନ୍ସ ଅଫ୍ ଇଣ୍ଡିଆ (କ୍ରେଡାଇ)ର ଭୁବନେଶ୍ୱର ଚାପ୍ଟର ପକ୍ଷରୁ ୨୦୨୫-୨୭ ଅବଧି ପାଇଁ ନୂଆ ପରିଚାଳନା କମିଟି ଗଠନ କରାଯାଇଛି। ରିଟର୍ନିଂ ଅଫିସର ମଧୁ ମହାନ୍ତି ଓ ମହମ୍ମଦ ମୋକିମଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନ ପ୍ରକ୍ରିୟା ଶନିବାର ହୋଇଥିଲା। ଚୟନ ପ୍ରକ୍ରିୟାରେ ଅଧ୍ୟକ୍ଷ ଭାବେ ଶେଖ୍ ମୈରାଜୁଲ ହକ୍, ଉପାଧ୍ୟକ୍ଷ ମନୋଜ କୁମାର ସାହୁ ଓ ଶରତ କୁମାର ସାହୁ, ସଚିବ କଳିଙ୍ଗ କେଶରୀ ରଥ, ଯୁଗ୍ମ ସଚିବ ନାଭାଲ ମହାଜନ ଓ ସୌଭାଗ୍ୟ ସୁନ୍ଦର ରାଉତରାୟ, ମାନୋନୀତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ମନମୋହନ ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ସଦସ୍ୟ ଅଶ୍ୱିନୀ କୁମାର ପାଢୀ, ମାନସ କୁମାର ବେହେରା, ଆଦିତ୍ୟ ଦାସ ଏବଂ ଅଭୟ କୁମାର ପଣ୍ଡା ରହିଛନ୍ତି। ନିର୍ବାଚନର ଫଳାଫଳ ଘୋଷଣା ଅବସରରେ କ୍ରେଡାଇର ଜାତୀୟ ଉପାଧ୍ୟକ୍ଷ ଏବଂ କ୍ରେଡାଇ ଓଡ଼ିଶା ଅଧ୍ୟକ୍ଷ ସ୍ୱଦେଶ କୁମାର ରାଉତରାୟ ଏବଂ କ୍ରେଡାଇ ଓଡ଼ିଶା ସଚିବ ଅନିଲ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ନବନିର୍ବାଚିତ ଅଧ୍ୟକ୍ଷ ଶେଖ୍ ମୈରାଜୁଲ ହକ୍‌ଙ୍କ ନେତୃତ୍ୱ ଅଧୀନରେ ନୂଆ ପରିଚାଳନା କମିଟି ଭୁବନେଶ୍ୱରରେ ରିଅଲ ଇଷ୍ଟେଟ କ୍ଷେତ୍ର ପାଇଁ ଏକ ପ୍ରଗତିଶୀଳ ଦୃଷ୍ଟିକୋଣର ରୂପରେଖ ପ୍ରସ୍ତୁତ କରିଥିବା କୁହାଯାଇଛି।

# କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ 'ଶିଳ୍ପ ସିମ୍ପୋଜିମ ୫.୦'

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)



ଏସ.ଏନ. ସୁବ୍ରମଣ୍ୟମ

କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ ରବିବାର 'ଶିଳ୍ପ ସିମ୍ପୋଜିମ ୫.୦' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲାର୍ସନ ଆଣ୍ଡ ଟୁବ୍ରୋ (ଏଲ୍‌ଆଣ୍ଡଟି) ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏସ୍. ଏନ୍. ସୁବ୍ରମଣ୍ୟମ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ସୁବ୍ରମଣ୍ୟମ କହିଛନ୍ତି, ସ୍ୱପ୍ନ ଦେଖ, ନମ୍ର ରୁହ ଓ ନିଜର ୩୫ ବର୍ଷ ବୟସ ହେବା ପୂର୍ବରୁ କିଛି ସଫଳତା ହାସଲ କରି ଦେଖାଅ। ସବୁଜ ହାଇଡ୍ରୋଜେନ ବିପ୍ଳବ, କୃତ୍ରିମ ବୁଦ୍ଧିମତ୍ତା ଓ ଇଭି ରୂପାନ୍ତରଣରୁ ସୃଷ୍ଟି ହେଉଥିବା ସୁଯୋଗଗୁଡ଼ିକ ହାସଲ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାସହ ନବୀକରଣ ଯୋଗ୍ୟ ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା ଓ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆଦୃତ ରୂପାନ୍ତରିତ ଶିଳ୍ପ ଦୃଶ୍ୟପଟ ଉପରେ ସେ ଆଲୋକପାତ କରିଥିଲେ। ଭବିଷ୍ୟତକୁ ଆକାର ଦେଉଥିବା ପ୍ରମୁଖ ବିଶ୍ୱ ପରିବର୍ତ୍ତନ ଉପରେ ଆଲୋକପାତ କରି ସେ କହିଲେ, ସୌର ଏବଂ ସବୁଜ ହାଇଡ୍ରୋଜେନ ବିପ୍ଳବରୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଇଭି ରୂପାନ୍ତର ହେଉଛି। ୟୁଏଇ ଭଳି ଦେଶଗୁଡ଼ିକ ପୂର୍ବରୁ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରୁଛନ୍ତି। ଆବୁଧାବିର ସମ୍ପୂର୍ଣ୍ଣ ଶକ୍ତି ବ୍ୟାଟେରି ସିଷ୍ଟମ ଦ୍ୱାରା ପରିଚାଳିତ ବୋଲି ସେ ସୂଚନା ଦେଇଥିଲେ। ସେ ଛାତ୍ରୀଛାତ୍ରମାନଙ୍କୁ ଏଆଇ, ଇଭି ଓ ସବୁଜ ଶକ୍ତିରେ ଦେଖାଦେଉଥିବା ବିଶାଳ ସୁଯୋଗର ଅନୁସନ୍ଧାନ କରିବାକୁ ଆହ୍ୱାନ କରିଥିଲେ। କର୍ପୋରେଟ ଜ୍ଞାନ ଏବଂ ବ୍ୟକ୍ତିଗତ ପରାମର୍ଶକୁ ମିଶ୍ରଣ କରି ସୁବ୍ରମଣ୍ୟମ ଛାତ୍ରୀଛାତ୍ରଙ୍କୁ ଦୃଢ଼ ରହିବା ଏବଂ ସେମାନଙ୍କର ମୂଳକୁ ମୂଲ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ, କିଟ୍ ସ୍କୁଲ ଅଫ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଡ. କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସେ କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା ସହିତ କିସ ଛାତ୍ରୀଛାତ୍ରଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। କିସ ଜରିଆରେ ହଜାର ହଜାର ଜନଜାତିଛାତ୍ରୀଛାତ୍ରଙ୍କୁସଶକ୍ତ କରିବା ଦିଗରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ।

# ଭାରତରେ କ୍ରେଡିଟ କାର୍ଡ ଖର୍ଚ୍ଚରେ ୨୩% ବୃଦ୍ଧି

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)

ଭାରତରେ ଡିଜିଟାଲ ପେମେଣ୍ଟର ଟ୍ରେଣ୍ଡ ଜାରି ରହିଛି। ୨୦୨୫ ସେପ୍ଟେମ୍ବର ସୁଦ୍ଧା କ୍ରେଡିଟ କାର୍ଡ ଖର୍ଚ୍ଚ ୨୩% ବଢ଼ି ୨.୧୭ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଛି। ଅଗଷ୍ଟ ତୁଳନାରେ ୧୩% ଅଧିକ ଖର୍ଚ୍ଚ ହୋଇଛି। ଦେଶରେ ସକ୍ରିୟ କ୍ରେଡିଟ କାର୍ଡ ସଂଖ୍ୟା ୧୧.୩ କୋଟିକୁ ବୃଦ୍ଧି ପାଇଛି । ଗତବର୍ଷ ଏହା ୧୦.୬ କୋଟି ରହିଥିଲା। ପ୍ରାଇଭେଟ ବ୍ୟାଙ୍କର ମାର୍କେଟ ଶେୟାର ୭୪.୨%କୁ ଖସିଆସିଛି, ହେଲେ ସରକାରୀ ବ୍ୟାଙ୍କ (ପିଏସ୍‌ବି) ୨୦%ରୁ ଅଧିକ ଅଂଶଗ୍ରହଣ କରିଛନ୍ତି। ଟିଅର୍-୨ ଓ ଟିଅର୍-୩ ସହରରେ ସରକାରୀ ବ୍ୟାଙ୍କର ଗ୍ରାହକଙ୍କ ଖର୍ଚ୍ଚ ୩୦% ବଢ଼ିଛି। ପ୍ରତି କାର୍ଡର ହାରାହାରି ଖର୍ଚ୍ଚ ୧୯,୧୪୪ ଟଙ୍କା ରହିଛି, ଯାହାକି ଗତମାସ ତୁଳନାରେ ୧୨.୨% ଅଧିକ। ପ୍ରାଇଭେଟ୍ ବ୍ୟାଙ୍କ ଗ୍ରାହକ ୨୦,୦୧୧ଟଙ୍କା ଓ ସରକାରୀ ବ୍ୟାଙ୍କ ଗ୍ରାହକ ୧୬,୯୨୭ଟଙ୍କା ଖର୍ଚ୍ଚ କରିଛନ୍ତି। ପାର୍ବଣ ଋତୁ, ଆକର୍ଷଣୀୟ ରିହାତି ଓ ଡିଜିଟାଲ ପେମେଣ୍ଟର ବଢୁଥିବା ଧାରା ଏହି ବୃଦ୍ଧିର ମୁଖ୍ୟ କାରଣ। ବିଶେଷଜ୍ଞମାନେ ଆଗକୁ ଆହୁରି ଦୃଢ଼ ଅଭିବୃଦ୍ଧି ଆଶା କରୁଛନ୍ତି।

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-TELE-AM-HQ-BBS-514, ତା.31.10.2025ରିଖ

**କାର୍ଯ୍ୟର ନାମ :** ବାର ମାସ ସମୟାବଧି ନିମନ୍ତେ ସହାୟକ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ (ASTE) / TM / ମୁଖ୍ୟାଳୟ / ଭୁବନେଶ୍ୱର ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର / ଦୂରସଂଚାର / ମୁଖ୍ୟାଳୟର ଟେଲି ଗିଅର୍ସ ସମ୍ବନ୍ଧୀୟ ସେକ୍ସନରେ ଗତିବିଧି ଆଧାରିତ ଭୁବନେଶ୍ୱର ସହରାଞ୍ଚଳ, ଭୁବନେଶ୍ୱର ରେଳ ଷ୍ଟେସନ ଇତ୍ୟାଦିରେ ଯେକୌଣସି କାର୍ଯ୍ୟକ୍ରମ, ରେଳ ବିହାର, ରେଳ କୁଞ୍ଜ, ରେଳ କୁଟୀର, ମଞ୍ଚେଶ୍ୱର ଏବଂ ରେଳ ଆୱାସ କଲୋନୀ ସ୍ଥିତ ଆବାସିକ କ୍ୱାର୍ଟର ଏବଂ ରେଳ ସଦନ, ରେଳ ବିହାର, ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର, କେନ୍ଦ୍ରୀୟ ଚିକିତ୍ସାଳୟ / ମଞ୍ଚେଶ୍ୱର, GSD ଡିପୋ ମଞ୍ଚେଶ୍ୱର ଅଞ୍ଚଳ ଠାରେ ପୂର୍ବ ତଟ ରେଳପଥର ମୁଖ୍ୟାଳୟ କାର୍ଯ୍ୟାଳୟଗୁଡ଼ିକ ନିମନ୍ତେ ବର୍ଷ 2025-26 (ବହିଃସ୍ରୋତ ଏଜେନ୍ସି ଦ୍ୱାରା ବ୍ରେକ୍ ଡାଉନ୍ ସ୍ଥଳରେ ଉପସ୍ଥିତ ହେବା ଏବଂ ଦୂରସଂଚାର ଆସେଟ୍‌ର କାର୍ଯ୍ୟସୂଚୀ ରକ୍ଷଣାବେକ୍ଷଣ, ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ଗୁରୁତ୍ୱପୂର୍ଣ୍ଣ ଦୂରସଂଚାର ସାମଗ୍ରୀଗୁଡ଼ିକର ଯୋଗାଣ) ପାଇଁ ମୁଖ୍ୟାଳୟ, ଭୁବନେଶ୍ୱର ଠାରେ ଦୂରସଂଚାର ଆସେଟ୍ (Assets)ଗୁଡ଼ିକର ରକ୍ଷଣାବେକ୍ଷଣ।

ଟେଣ୍ଡର ମୂଲ୍ୟ (₹): 1,92,74,747.05, EMD (₹) : 2,46,400.00

ବିଡ୍ ଆରମ୍ଭ ହେବା ତାରିଖ : ତା.10.11.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 24.11.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-772/Q/25-26

## ACHARYA HARIHAR SISHU BHAWAN (CHILDREN'S HOME)

AT/PO- SAKHIGOPAL, PURI (ODISHA), 752014

**Advertisement**

Applications are invited from the interested eligible candidates for filling up the vacant post of "PT instructor cum Yoga Trainer" in the Child Care Institution under Mission Vatsalya scheme. The post is purely temporary and contractual in nature. Details of advertisement is available in the website : www.ahsbchildcare.org.in. The candidates should upload their application online through above mentioned website in the "career" page and submit the printed and self-attested hard copy of application and its enclosures to the address -SECRETARY, ACHARYA HARIHAR SISHU BHAWAN (CCI), AT/PO-SAKHIGOPAL, DIST : PURI-752014 on/ before 27.11.2025 by 5.00 P.M. positively through speed post /registered post only.

Sd./- Secretary
Acharya Harihar Sishu Bhawan
Sakhigopal

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଅର୍ଣ୍ଣବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉପନିର୍ବାଚନ ପ୍ରଚାର ଶେଷ: ନୂଆପଡ଼ା ଏବେ ଖାଁ ଖାଁ

**ନୂଆପଡ଼ା,୯।୧୧(ପୀତାମ୍ବର ସାହୁ)**

ନୂଆପଡ଼ା ଉପନିର୍ବାଚନର ତାରିଖ ଘୋଷଣା ହେବା ପରଠାରୁ ଏଠାରେ ଲାଗିଥିଲା ବିଭିନ୍ନ ଦଳର ମାଳମାଳ ନେତାଙ୍କ ଗହଳି। ଏଠାକାର ରାସ୍ତାରେ ପ୍ରତିଦିନ ଦାମୀ ଗାଡ଼ିମୋଟରରେ ବିଭିନ୍ନ ଦଳର ହେବିୱେଟ ନେତାମାନେ ସବୁବେଳେ ଯାତାୟାତ କରୁଥିଲେ। ରାଜ୍ୟର ପ୍ରାୟ ସବୁ ଦଳର ଏମ୍‌ପି, ବିଧାୟକ, ପୂର୍ବତନ ଏମ୍‌ପି, ବିଧାୟକ, ନେତାମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ ଓ ସବୁ ଦଳର ନେତାମାନଙ୍କ କର୍ମୀ ଓ ସମର୍ଥକ ଏଠାରେ ରହି ନିଜ ଦଳ ପାଇଁ ପ୍ରଚାର କରୁଥିଲେ। ତେଣୁ ଚା' ଖଟିଠୁ ଆରମ୍ଭ କରି ହୋଟେଲ, ଟିଫିନ ସେଣ୍ଟର, ଠେଲା, ବିଭିନ୍ନ ଦୋକାନ ବଜାରରେ ବେଶ ଭିଡ଼ ଜମୁଥିଲା। ତେବେ ନିର୍ବାଚନୀ କଟକଣା ଯୋଗୁ ରବିବାର ସନ୍ଧ୍ୟା ୬ ସୁଦ୍ଧା ନୂଆପଡ଼ା ଛାଡ଼ି ଯିବାକୁ ବାହାର ନେତା ଓ କର୍ମୀଙ୍କୁ ଜିଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ସେମାନେ ନୂଆପଡ଼ା ଛାଡ଼ି ଯାଇଛନ୍ତି। ତେବେ ସେମାନେ ଯିବାପରେ ଆଉ ସେମିତି ଗହଳି ଜଣାପଡୁ ନାହିଁ। ସବୁଠି ଖାଁଖାଁ ଲାଗୁଛି। ଏନେଇ ବିଭିନ୍ନ ସ୍ଥାନରେ ଲୋକେ ଏହି ବିଷୟରେ ଚର୍ଚ୍ଚା କରୁଛନ୍ତି।


# ମାଓବାଦୀ ଅଞ୍ଚଳକୁ ପୋଲିଂପାର୍ଟି ଯିବାଆସିବା ପାଇଁ ହେଲିକପ୍ଟର



ଭାରତୀୟ ବାୟୁସେନାର ହେଲିକପ୍ଟର।

**ନୂଆପଡ଼ା,୯।୧୧ (ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନରେ ସାମିଲ ପୋଲିଂ ପାର୍ଟିଗୁଡ଼ିକର ମାଓବାଦୀ ପ୍ରଭାବିତ ସୁନାବେଡ଼ା ଅଞ୍ଚଳର ବୁଥକୁ ଯିବାଆସିବା ଲାଗି ଭାରତୀୟ ବାୟୁସେନାର ବିମାନ ଉପଯୋଗ କରାଯିବ। ଏଥିପାଇଁ ଏକ ହେଲିକପ୍ଟର ରବିବାର ରାତି ୮ଟା ୧୦ରେ ଆସି ପହଞ୍ଚିଛି। ଏହା ଖରିଆର ରୋଡ଼ ଗୋତମା ଏୟାରଷ୍ଟ୍ରିପରେ ରହିଛି । ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଅପରାହ୍ଣ ୪ଟା ୩୦ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ସେସବୁ ଅଞ୍ଚଳରୁ ଭୋଟବାକ୍ସ ଓ ପୋଲିଂ ଦଳକୁ ସୁରକ୍ଷିତ ଭାବେ ହେଲିକପ୍ଟରରେ ନୂଆପଡ଼ା ଅଣାଯିବ। ଏବେ ପୋଲିଂ ଦଳକୁ ନୂଆପଡ଼ା ଫେରାଇ ଆଣିବା ପାଇଁ କୌଣସି ସମସ୍ୟା ହେବନାହିଁ। ପୋଲିଂ ଦଳ ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇଭିଏମ ସୁରକ୍ଷିତ ଭାବରେ ନୂଆପଡ଼ାରେ ପହଞ୍ଚିପାରିବ ।




# କୋଣାର୍କର ପଞ୍ଚବଟ ମଧ୍ୟରୁ ଅର୍କବଟ ଥିଲା ସିଦ୍ଧିପ୍ରଦ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

### ଶ୍ରୀପଦ୍ମକେଶର ମନ୍ଦିର ପାଇଁ ନିର୍ମାଣ ହୋଇଥିଲା ଆଦିତ୍ୟଙ୍କର ତିନୋଟି ବିଗ୍ରହ

ଐତିହ୍ୟର ଓଡ଼ିଶା

ଗତ ସଂଖ୍ୟାରେ ବିଶ୍ୱ ମହାରଣାଙ୍କ ଗାଁ ନୂଆଗଡ଼ କଥା ଲେଖିଥିଲୁ। ନୂଆଗଡ଼ ଗାଁ ୧୬୨୬ରେ ହୋଇଥିବା ସୁନାମିରେ ମହୋଦଧିରେ ଲୀନ ହୋଇଯାଇଥିଲା। ଗଡ଼ ସହିତ ସାମିଲ ଥିଲା 'ଗୋ-ଧନପଡ଼ା'। ଆଶ୍ଚର୍ଯ୍ୟଜନକ ଭାବରେ ଏହି ପଡ଼ା ରହିଯାଇଥିଲା। ନୂଆଗଡ଼ର ଆରାଧ୍ୟା ଥିଲେ ଜାଗୁଳାଈ। ତାଙ୍କ ମନ୍ଦିରଟି ଦର୍ଶନୀବନ୍ତ ଯୋଗୁ ରକ୍ଷା ପାଇଯାଇଥିଲା। ଗଡ଼ ଓ ପଡ଼ାର ଅଧିବାସୀ ମିଳିତ ଭାବରେ ଦେବୀଙ୍କୁ ଉପାସନା କରୁଥିଲେ। ନୂଆଗଡ଼ରେ କିଛି ବାଲିବନ୍ତ ସୃଷ୍ଟି ହୋଇଥିଲା ସୁନାମି ସମୟରେ। ଆଶା କରାଯାଇପାରେ ଏହି ବନ୍ତ ତଳେ ଗଡ଼ର ସ୍ମୃତି ଏବଂ ଐତିହ୍ୟ ସ୍ମାରକୀ କିଛି ରହିଥାଇପାରେ। ଜାଗୁଳାଈ ଏକ ଅପଭ୍ରଂଶ ନାମ। ଯକ୍ଷରୁ ଉଦ୍ଭବ ଦେବୀ ଯକ୍ଷର ଈଶ୍ୱରୀ। ମନେହୁଏ ଗାଁଟି ବହୁ ପ୍ରାଚୀନ। ସେହି ପ୍ରାଚୀନ ଗାଁରେ ବିଶ୍ୱ ମହାରଣା ଜନ୍ମ ନେଇଥିଲେ। ବିଶ୍ୱ ମହାରଣାଙ୍କ ପ୍ରସଙ୍ଗ ପୂର୍ବ ସଂଖ୍ୟାରେ ଆମେ ଦେଇଥିଲୁ। ଧର୍ମପଦ ଥିଲେ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କ ପୁତ୍ର। ବିଶ୍ୱ ମହାରଣାଙ୍କ ପୁତ୍ର ବୋଲି ଜାଣିଶୁଣି ଭ୍ରମାତ୍ମକ ଧାରଣା ପ୍ରଚାର କରାଯାଇଥିଲା। ପୂର୍ବରୁ ଶିଳ୍ପୀ ନାୟକ ଗଦାଧରଙ୍କ ଅବଦାନ ପ୍ରସଙ୍ଗ ଅବତାରଣା କରିବାର ଅଭିପ୍ରାୟ ସ୍ପଷ୍ଟ। ତାଙ୍କର କାର୍ଯ୍ୟ ତାଲିକା ଆମେ ପ୍ରସ୍ତୁତ କରିଛୁ। ପଚାଶରୁ ଊର୍ଦ୍ଧ୍ୱ କାର୍ଯ୍ୟ ସେ ନିର୍ବାହ କରିଛନ୍ତି। ଆମେ ଉଦାହରଣ ଦେଲୁ ଜଣଙ୍କର ଅବଦାନ, କିନ୍ତୁ ଅନ୍ୟମାନଙ୍କର ନାମ ଓ କାର୍ଯ୍ୟର ତାଲିକା ପ୍ରସ୍ତୁତ କରିଛୁ, ଯାହା 'ପରିଶିଷ୍ଟ' ଶୀର୍ଷକରେ ପାଠକଙ୍କ ଅବଗତି ପାଇଁ ଦେବୁ।

ପ୍ରଶ୍ନ ହୋଇପାରେ କାହିଁକି ଦେବେ! ଏଇଥିପାଇଁ ଦେଉଛୁ ଅତୀତରେ କୋଣାର୍କଠାରେ ନିର୍ମାଣ ହୋଇଥିବା ମନ୍ଦିରର ଇତିହାସରୁ ଓଡ଼ିଆଙ୍କୁ ଦୂରେଇ ଦିଆଯିବାର ପ୍ରବଳ ପ୍ରଚେଷ୍ଟା ହୋଇଛି। ଗୌରବମୟ ଭାବାବେଗରୁ ଉଦାସ ଭାବାବେଗ ଆଡ଼କୁ ରାସ୍ତା ଦେଖେଇ ଦିଆଯାଇଛି। ପ୍ରଭାବ ସ୍ୱାଭାବିକ। କିଛି ମାତ୍ରାରେ କେତେକ ଆନମନା ହୋଇଛନ୍ତି। ଏବେ ବି ସାମାଜିକ ଗଣମାଧ୍ୟମରେ ଯୁବକମାନଙ୍କ ଯୁକ୍ତି ଆମକୁ ଛୁଇଁଛି। ଯୁକ୍ତି ହେଲା- ବୌଦ୍ଧସ୍ତୂପ ଭାଙ୍ଗି ଲାଙ୍ଗୁଳା ନରସିଂହଦେବ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରିଛନ୍ତି! ବାହାରିଆ ଲେଖକଙ୍କୁ ସେ ପଢ଼ିଛନ୍ତି। ତେଣୁ କହିବା ସ୍ୱାଭାବିକ।



ଅଶ୍ୱ ଉପରେ ବସିଥିବା ଶ୍ରୀ ଆଦିତ୍ୟ। ଅର୍ଦ୍ଧଭଗ୍ନ। (ଫଟୋ: କୁମାର ଅରଜ୍ୟୋତି, କୋଣାର୍କ)

ପୂର୍ବରୁ ପ୍ରମାଣିତ କରିଛୁ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ମନ୍ଦିର ଶ୍ରୀସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ପ୍ରଥମ ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ କ୍ଷେତ୍ର ଅଖଣ୍ଡ ଭାରତବର୍ଷରେ ମହାନ୍ ତୀର୍ଥ ରୂପେ ପ୍ରସିଦ୍ଧ ଥିଲା। ଦ୍ୱିତୀୟ ମନ୍ଦିରରେ ଶ୍ରୀମହାଭାସ୍କରଙ୍କ ଯେଉଁ ମୂର୍ତ୍ତି ପୂଜା ପାଉଥିଲା- ତାହା ଥିଲା ଦୁଇ ହାତ ଆଠ ଆଙ୍ଗୁଳ। ସେ ବିଗ୍ରହ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିଲା। ନୂତନ ବିଗ୍ରହ ବାସ୍ତୁଶାସ୍ତ୍ର ଅନୁଯାୟୀ ୫ ହାତ ୪ ଆଙ୍ଗୁଳ ହୋଇଥିଲା। ସନାତନ ପରମ୍ପରା ଅନୁଯାୟୀ ଜୀର୍ଣ୍ଣଶୀର୍ଣ୍ଣ ପୁରାତନ ବିଗ୍ରହଙ୍କୁ ମହୋଦଧିରେ ବିସର୍ଜନ କରାଯାଇଥିଲା। ପଣ୍ଡିତ ନାରାୟଣ ମହାପାତ୍ର ବିସର୍ଜନ ଜନିତ ଅନୁଷ୍ଠାନ କରି ଦୁଇମାଢ଼ ସୁନା ଦକ୍ଷିଣା ସ୍ୱରୂପ ଦେଇଥିଲେ। ବୌଦ୍ଧସ୍ତୂପ ଥିଲା, ପୁରାତନ ବିଗ୍ରହ କେଉଁଠୁ ଆସିଲା।

ନୂତନ ମନ୍ଦିରରେ ଆଦିତ୍ୟଙ୍କର ତିନୋଟି ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ସେତିକିବେଳେ ଗଙ୍ଗା ଓ ଯମୁନାଙ୍କର ଦୁଇଟି ବିଗ୍ରହ ହୋଇଥିଲା। ଏହି ଦୁଇ ବିଗ୍ରହଙ୍କୁ ମହାଗାୟତ୍ରୀଙ୍କ ମନ୍ଦିରର ସାମନା ଖମ୍ବରେ ସ୍ଥାନିତ କରାଯାଇଥିଲା। କେବଳ ସେତିକି ନୁହେଁ, ମନ୍ଦିରର ତିନି ପାର୍ଶ୍ୱରେ ପାର୍ଶ୍ୱଦେବତାଙ୍କ ନ୍ୟାସ ସେହି ସମୟରେ ହୋଇଥିଲା। ପ୍ରତ୍ୟେକ ଆନୁଷ୍ଠାନିକ କାମ ପାଇଁ ଅଲଗା ଅଲଗା ବ୍ରାହ୍ମଣ ଆଚାର୍ଯ୍ୟ ବରଣ ହୋଇଥିଲେ। ସମସ୍ତେ ବିଭିନ୍ନ ବ୍ରାହ୍ମଣ ଗ୍ରାମର ମହାଜନ ଥିଲେ। ନାରାୟଣ ମହାରଣା 'ଶ୍ୱେତ ବିରଞ୍ଚି' ବିଗ୍ରହ ନିର୍ମାଣ କରିଥିଲେ। ତାହା ମନ୍ଦିର କାନ୍ଥରେ ସ୍ଥାନିତ ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟର ପ୍ରଧାନ ପରିଚାଳକ ଥିଲେ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ନିର୍ଦ୍ଦେଶରେ ତାଙ୍କୁ ଭୂସମ୍ପତ୍ତି ଦାନ କରାଯିବା ସହିତ ଏକ 'କନକାସନ' ଦାନ କରାଯାଇଥିଲା।

ପୂର୍ବରୁ ଥରେ ଆମେ ଲେଖିଥିଲୁ ଶ୍ରୀକ୍ଷେତ୍ରରେ 'ସପ୍ତବଟ' ଯେପରି ପ୍ରସିଦ୍ଧ, କୋଣାର୍କରେ 'ପଞ୍ଚବଟ' ସେହିପରି ପ୍ରସିଦ୍ଧ ଥିଲା। ପାଞ୍ଚୋଟିଯାକ ବଟବୃକ୍ଷ ଶ୍ରୀସୂର୍ଯ୍ୟଙ୍କର ଉପାସନା ସହିତ ଯେପରି ଜଡ଼ିତ, ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସହିତ ସେହିପରି ସବୁଠାରୁ ସିଦ୍ଧିପ୍ରଦ ବଟବୃକ୍ଷ ଥିଲେ ଅର୍କବଟ। ଅର୍କବଟ ତଳେ ଆଚାର୍ଯ୍ୟମାନେ ଲକ୍ଷେ କୋଡ଼ିଏ ହଜାର ସୂର୍ଯ୍ୟମନ୍ତ୍ର ଜପ କରିଥିଲେ। ଏହା ସାମାନ୍ୟ କଥା ନୁହେଁ। ବାତାବରଣ ସନ୍ତୁଳନ ରଖିବା ପାଇଁ ବଟବୃକ୍ଷର ତ ଦକ୍ଷତା ଥିଲା, ଏବେ ଅଛି। ଦକ୍ଷତା ସହିତ ମନ୍ତ୍ରର ଅନୁରଣନ ମିଶିବା ପରେ ସମ୍ପୃକ୍ତ ମାନବବୋଧର ମାନସିକତା ଗୋଟିଏ ବିନ୍ଦୁରେ ମିଳିତ ହୋଇଥିବ। କିଛି ବୁଝୁ ନ ଥିବା ମନଟିଏ ମଧ୍ୟ ସେହି ବିନ୍ଦୁର ନିକଟତର ହୋଇଥିବ। ଏହା ହିଁ ଯଜ୍ଞ ଅନୁଷ୍ଠାନର 'ଅଧିବାସ' ଅବସ୍ଥା।

ବର୍ଣ୍ଣନା ମିଳୁଛି ମନ୍ଦିର ପରିସରରେ ଏହି ବଟବୃକ୍ଷ ଥିଲା, ଠିକ୍ ଶ୍ରୀମନ୍ଦିରରେ କଳ୍ପବଟ ପରି। ଏବେ ଅର୍କବଟ ଅଛନ୍ତି। ଏକାଧିକ ମଧ୍ୟରୁ କେଉଁଟି 'ଅର୍କବଟ', ଆମେ ଚିହ୍ନଟ କରିଛେ ଓ ଯାହା ମୂଳରେ ବସି ଘଡ଼ିଏ ଗୁରୁମନ୍ତ୍ର ଜପ କଲେ ମୁକ୍ତିର ମାର୍ଗ ଖୋଲିଯିବ! କରିପାରିନେ ଆମେ। ଯାହାକୁ ପଚାରିବେ- ସେ କହିବେ... ହେ... ସେଇଟା ହୋଇଥିବ। ବାହାରିଆ ଲେଖକ ଏହାକୁ ଭେଦ କରିପାରି ନ ଥିଲେ, ନ ହେଲେ ଲେଖିଥାନ୍ତେ- ବାହାର ସାମ୍ରାଜ୍ୟର ଲୋକେ ପରା ଏହି ବଟବୃକ୍ଷ ଲଗେଇଥିଲେ। ଓଡ଼ିଆ ତ ଖାଇବାକୁ ପାଉ ନ ଥିଲେ, ଗଛ ଲଗେଇବେ କ'ଣ?

ଜଳାବନ୍ଧୁ ସେବା ପାଇଁ ସାତଜଣ ଆଚାର୍ଯ୍ୟ 'ସୂର୍ଯ୍ୟ ଗଙ୍ଗା' ତୀର୍ଥରୁ ଜଳ ଆଣିଥିଲେ, ତାହା ପ୍ରଥମେ ଅର୍କବଟ ତଳେ ରହିଥିଲା। ଶ୍ରୀରୁଦ୍ର ପୂଜା ସ୍ଥାନକୁ ଆସିବାବେଳେ ଶୁକ୍ଳ ଯଜୁର୍ବେଦର ଅଷ୍ଟାଧ୍ୟାୟୀ ପାଠ ହୋଇଥିଲା ଅର୍କବଟ ତଳେ।

# ନେପାଳରେ ୬ ଓଡ଼ିଆ ଚିତ୍ରଶିଳ୍ପୀ ସମ୍ବର୍ଦ୍ଧିତ

**ସମ୍ବଲପୁର,୯।୧୧(ପ୍ରମୋଦ ବହିଦାର)**

ନେପାଳର କାଠମାଣ୍ଡୁଠାରେ ନଭେମ୍ବର ୪ରୁ ୬ତାରିଖ ମଧ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚିତ୍ରକଳା ଓ ଭାସ୍କର୍ଯ୍ୟ କର୍ମଶାଳା ତଥା ପ୍ରଦର୍ଶନୀରେ ୬ଜଣ ଓଡ଼ିଆ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭାରତ, ବାଂଲାଦେଶ, ନେପାଳ, ମରିସସ୍‌ରୁ ନେପାଳସ୍ଥିତ ଆର୍ଟ କାଉନସିଲ ନେପାଳ ଗ୍ୟାଲେରୀରେ ଅନୁଷ୍ଠିତ ଡ୍ରିମ ସ୍କେପ-୨୫ କାର୍ଯ୍ୟକ୍ରମରେ ମନୋନୀତ ବିଶିଷ୍ଟ ଚିତ୍ର ଓ ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ନେପାଳର ଆର୍ଟ ଡେକୋର ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ୧୦୦ଜଣ କଳାକାର ନିଜ ସଂସ୍କୃତି ଆଧାରିତ ଚିତ୍ରକଳା କାନଭାସ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ୟାମସୁନ୍ଦର ଆଚାରୀ(ଆର୍ଟ କ୍ୟୁରେଟର ପୂର୍ବତଟ ରେଳପଥ, ଭୁବନେଶ୍ୱର), ସୋମ୍ୟରଞ୍ଜନ ପଟ୍ଟନାୟକ(କ୍ରିଷ୍ଟା ଏକାଡେମୀ ଅଫ ଆର୍ଟ ଆଣ୍ଡ କଲଚର, ମିରପାଟଣା, କେନ୍ଦ୍ରାପଡ଼ା), ରାଧେଶ୍ୟାମ ବାରିକ(କଳା ଶିକ୍ଷକ ଦିଲ୍ଲୀ ପବ୍ଲିକ ସ୍କୁଲ ପାରାଦୀପ ରିଫାଇନାରୀ), କ୍ଷୀରସିନ୍ଧୁ ଭୋଇ(ଅଧ୍ୟାପକ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା), ସୁଶ୍ରୀ ଲୀନା ମେହେର(ପ୍ରତିଷ୍ଠାତା ପାଟଣା ଲଳିତକଳା, ବଲାଙ୍ଗୀର), ଅନୁରେଖା ଜେନା(ପ୍ରତିଷ୍ଠାତା ଅନୁରେଖା ସ୍କୁଲ ଅଫ ଆର୍ଟ, ସମ୍ବଲପୁର) ପ୍ରମୁଖଙ୍କୁ ଉକ୍ତ କର୍ମଶାଳାରେ ନେପାଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉଚ୍ଚକୋଟୀର ଚିତ୍ରକଳା ପାଇଁ ଓଡ଼ିଶା ଚିତ୍ରଶିଳ୍ପୀମାନଙ୍କୁ ଅତିଥିମାନେ ମାନପତ୍ର, ଫଳକ, ଉତ୍ତରୀୟ ଏବଂ ରୁଦ୍ରାକ୍ଷମାଳ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।



ନେପାଳରେ ସମ୍ବର୍ଦ୍ଧିତ ୬ ଓଡ଼ିଆ ଚିତ୍ରଶିଳ୍ପୀ।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ସମ୍ବଲପୁର,୯।୧୧(ବି.ଶଙ୍କର)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବିଜେଡି ପକ୍ଷରୁ ରବିବାର ଅପରାହ୍ଣରେ ଜନ ସମ୍ପର୍କ ଅଭିଯାନ ଓ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପଦଯାତ୍ରା ବାହାମ ପଞ୍ଚାୟତର ପଡ଼ିଆବାହାଲ ସାପ୍ତାହିକ ବଜାରରୁ ବାହାରି ସାପଡ଼ା ଦେଇ ବଡ଼ଡୁରାଙ୍ଗ ଗ୍ରାମରେ ପହଞ୍ଚିଥିଲା । ପଦଯାତ୍ରା କାର୍ଯ୍ୟକ୍ରମରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ । ପଦଯାତ୍ରାରେ ବ୍ଲକ ଅଧକ୍ଷା ମମତା ନାୟକ, ବିଜେଡି ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡାଙ୍କ ସମେତ କୁକୁଡ଼ାପାଲି ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ଦେହୁରୀ, ବାହାମ ପଞ୍ଚାୟତ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ଡ଼ଙ୍ଗରପଡ଼ା ପଞ୍ଚାୟତ ସମିତିସଭ୍ୟ ପ୍ରକାଶ ପ୍ରଧାନ, ଲିପିଣ୍ଡା ପଞ୍ଚାୟତ ସମିତି ସଭ୍ୟ ପ୍ରଫୁଲ୍ଲ ମିର୍ଦ୍ଧା, ବରିଷ୍ଠ ବିଜେଡି ନେତା ଝସକେତନ ନାୟକ, ବେଣୁଧର ତ୍ରିପାଠୀ, ହରିହର ନାୟକ, ବିଜେଡି ପଞ୍ଚାୟତ ସଭାପତି ସୁବ୍ରତ ବିଶ୍ୱାଳ, ସୁଶୀଲ ବେହେରା, କ୍ଷୀରୋଦ ସାହୁ, ପ୍ରତାପ ପ୍ରଧାନ, ରଞ୍ଜନ ସାହୁ, ରାମକୃଷ୍ଣ କର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଯୁଯୁମୁରା ବ୍ଲକ ସମସ୍ତ ପଞ୍ଚାୟତର ବିଜେଡି ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତର ବିଜେଡି ସଭାପତି ଯୁବ ଓ ଛାତ୍ର ବିଜେଡି ସଭାପତି, ମହିଳା ସଭାପତି ବରିଷ୍ଠ ବିଜେଡି କର୍ମକର୍ତ୍ତା ଯୋଗଦାନ କରିଥିଲେ । ପଦଯାତ୍ରା ସମୟରେ ବଡ଼ ଡୁରାଙ୍ଗ ଗ୍ରାମରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ଆଚାର୍ଯ୍ୟ ଙ୍କ ସମେତ ନେତୃମଣ୍ଡଳୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ବଡ଼ଡୁରାଙ୍ଗ ଗ୍ରାମରେ ଏକ ସଭା ହୋଇଥିଲା। ସଭାକୁ ବିଜେଡି ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡା ପରିଚାଳନା କରିଥିଲେ। ଶେଷରେ ଅଶ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଏବଂ ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଉପରୋକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


# Classified Everyday
0674-2580101, 9692975378



REAL ESTATE SALE

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। ଧ-୦୮

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated-30.10.2025, I, Arti Reddy, Resident of L/P-542, Prasanti Bihar, P.O.- KIIT, P.S.- Infocity, Bhubaneswar, Dist.- Khordha, PIN- 751024, Odisha declare that I have changed my name from Arati Reddy to Arti Reddy. Henceforth, I shall be known as ARTI REDDY for all purposes.
Arti Reddy
D-11

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, kanika, Dated- 07.11.2025, I, Subesh Chandra Dash, At- Charapara, P.O.- Kandiahat,P.S.-Rajkanika, Dist.- Kendrapara, PIN- 755016, Odisha declare that I have changed my name from Subhesha Dash to Subesh Chandra Dash. Henceforth, I shall be knwon as Subesh Chandra Dash for all purposes.
Subesh Chandra Dash
D-2531

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଂ.ଶଚ୍ଚିନନ୍ଦନ ଦାସ
ଜନ୍ମସ୍ଥାନ- ଦଇତା ପଡ଼ା ସାହି, ପୁରୀ
ବାସସ୍ଥାନ- ଗୋଲାପଲ୍ଲୀ ସାହି, ବ୍ରହ୍ମପୁର
ଆବିର୍ଭାବ- ୩୧.୦୭.୧୯୩୫
ତିରୋଧାନ- ୨୧.୧୧.୨୦୦୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ଏହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ-
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ।
ଧ-୨୫୨୬

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**




✓ଦିବ୍ୟନାରାୟଣ ବାବୁ
(ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ଜିଲ୍ଲା- ସମ୍ବଲପୁର
ଆବିର୍ଭାବ- ୦୫.୧୨.୧୯୩୭
ତିରୋଧାନ- ୦୯.୧୧.୨୦୧୫
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ସ୍ତ୍ରୀ- ସଂଯୁକ୍ତା ବାବୁ, ପୁଅ- ସୌମିକ
ଧ-୨୫୨୭

**ଦ୍ୱାଦଶାହ ଉପଲକ୍ଷେ**



ସ୍ୱର୍ଗତ କରୁଣାକର କର
ଦୁମୁକାହାଟ, ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ- ୦୩।୦୨।୧୯୬୦
ତିରୋଧାନ-୩୦।୧୦।୨୦୨୫
ତୁମର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ତୁମ ସ୍ଥିତି ଆମ ହୃଦୟରେ ସଦା ବିଦ୍ୟମାନ। ତୁମ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ମହାପ୍ରଭୁ ଶ୍ରୀବଳଦେବଜୀଉ ଓ ଶ୍ରୀଦଧିବାମନଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର ବିଭୂତି ଭୂଷଣ କର, ମାନସରଞ୍ଜନ କର, ଦୁଇ ବୋହୂ, ନାତି ନାତୁଣୀ ଓ ବନ୍ଧୁ ପରିବାରବର୍ଗ।
ଧ-୨୫୨୫

**ତୁମ ସ୍ମୃତିରେ**



✓ ନିରଞ୍ଜନ ମିଶ୍ର
ଆବିର୍ଭାବ- ୨୭.୦୮.୧୯୩୩
ତିରୋଧାନ- ୧୦.୧୧.୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ଧର୍ମପତ୍ନୀ (ସୁରମା) ଓ ଆତ୍ମୀୟସ୍ୱଜନ
ଧ-୨୫୨୮

# ସିଭିଲ ଇଞ୍ଜିନିୟରରୁ ସଫଳ ଚାଷୀ

ଭବାନୀପାଟଣା,୯।୧୧ (ଉତ୍ତମ କୁମାର ଦାଶ)

ଦିନେ ସେ ପୁଣେରେ ସିଭିଲି ଇଞ୍ଜିନିୟର ଭାବେ ଏକ ବେସରକାରୀ କମ୍ପାନୀରେ କାମ କରି ମୋଟା ଅଙ୍କର ଦରମା ପାଉଥିଲେ। ହେଲେ କୋଭିଡ୍ ସମୟରେ ଲକ୍‌ଡାଉନ ଯୋଗୁ ଘରକୁ ଚାଲି ଆସି ସମନ୍ୱିତ ଚାଷ ପ୍ରଣାଳୀ ପ୍ରତି ଆକର୍ଷିତ ହୋଇଥିଲେ। ଫଳରେ ସେ ଚାକିରି ଛାଡ଼ି ବନିଯାଇଥିଲେ ଜଣେ ସଫଳ ଚାଷୀ। ବର୍ତ୍ତମାନ ସେ ନିଜ ୨୦ ଏକର ସ୍ଥାନରେ ବିଭିନ୍ନ ପ୍ରକାରର ସମନ୍ୱିତ ପ୍ରଣାଳୀର ଚାଷ କରି ଜିଲାରେ ଏବେ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି। ଏପରିକି ଗତ ୨ ବର୍ଷ ତଳେ ତତ୍କାଳୀନ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ତାଙ୍କ ଫାର୍ମ ପରିଦର୍ଶନରେ ଆସିବା ସହ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ। ଏହି ଯୁବ ଚାଷୀ ଜଣକ ହେଉଛନ୍ତି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ସିନାଖୁଣ୍ଟି ଗ୍ରାମର ମନ୍ମଥ ସାହୁ। ପୂର୍ବରୁ ସେ ନିଜ ପୈତୃକ ଗ୍ରାମ ଗୋଲାମୁଣ୍ଡା ବ୍ଲକ ବୋର୍ଡି ଗ୍ରାମରେ ରହୁଥିବାବେଳେ ଗତ ୭ ବର୍ଷ ହେବ ଜୁନାଗଡ଼ ବ୍ଲକ ସିନାଖୁଣ୍ଟି ଗ୍ରାମକୁ ନିଜ ପରିବାର ସହ ଚାଲି ଆସିଥିଲେ।



ନିଜ ଫାର୍ମରେ ମନ୍ମଥ।

ପୁଣେରେ ୩ ବର୍ଷ ସିଭିଲ ଇଞ୍ଜିନିୟର ଭାବେ ଚାକିରି କରିବା ପରେ ଗତ ଲକ୍‌ଡାଉନରେ ସେ ଘରକୁ ଚାଲିଆସିଥିଲେ। ଘରେ ଥିବା ସମୟରେ ସେ ସମନ୍ୱିତ ଚାଷ ପ୍ରଣାଳୀ ପ୍ରତି ଆକୃଷ୍ଟ ହୋଇଥିଲେ। ପରେ ମନ୍ମଥ ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ଜଙ୍ଗଲ ନିକଟରେ ଥିବା ସିନାଖୁଣ୍ଟି ଗ୍ରାମରେ ୨୨ ଏକର ଜମିକୁ ନିଜ ସାଙ୍ଗଠାରୁ କିଣିଥିଲେ। ଏହି ଜମି କ୍ରୟ ପାଇଁ ସେ ଚାକିରିରେ ସଞ୍ଚିଥିବା

- ■ ସମନ୍ୱିତ ଚାଷ ମନ୍ମଥଙ୍କୁ ଦେଲା ନୂଆ ପରିଚୟ
- ■ ଦିନକୁ ୩୦ କୁଇଣ୍ଟାଲ ଉତ୍ପାଦନ
- ■ ବର୍ଷକୁ କରୁଛନ୍ତି ୨୫ ଲକ୍ଷ ଆୟ

ଟଙ୍କା ଓ ନିଜ ପୈତୃକ ବୋର୍ଡି ଗ୍ରାମର ଜମି ବିକ୍ରି କରିଥିଲେ। ସମନ୍ୱିତ ପ୍ରଣାଳୀର ଚାଷ କରିବା ପାଇଁ ସେ ଗୋଲାମୁଣ୍ଡା ବ୍ଲକ ବୋର୍ଡି ଗ୍ରାମରୁ ନିଜ ପରିବାର ସହିତ ଚାଲିଆସିଥିଲେ ଜୁନାଗଡ଼ ବ୍ଲକର ସିନାଖୁଣ୍ଟି ଗ୍ରାମକୁ। ସେଠାରେ ସେ ୨୨ ଏକର ଜମିରୁ ୨୦ ଏକର ଜମିରେ ଆରମ୍ଭ କରିଥିଲେ ସମନ୍ୱିତ ଚାଷ। ବର୍ତ୍ତମାନ ତାଙ୍କ ଫାର୍ମରେ ବାଇଗଣ, ପାତଳଘଣ୍ଟା, କଲରା, ବୋରବୋଟି, ମରିଚ, ଭେଣ୍ଡି, କଦଳୀ ଆଦି ପନିପରିବା ଚାଷ କରିଛନ୍ତି। ପ୍ରତିଦିନ ଏହି ସମସ୍ତ ପନିପରିବା ମିଶି ପ୍ରାୟ ୩୦ କୁଇଣ୍ଟାଲ ଉତ୍ପାଦନ ହେଉଥିବା ମନ୍ମଥ ପ୍ରକାଶ କରିଛନ୍ତି। ଶସ୍ୟ ଜାତୀୟ ଫସଲରେ ଧାନ ଓ କପା, ଡାଲି ଜାତୀୟ ଫସଲରେ କାନ୍ଦୁଲ ଓ ବିରି ଚାଷ କରିଛନ୍ତି। ସେହିପରି ଛେଳି, କୁକୁଡ଼ା ଚାଷ ମଧ୍ୟ ତାଙ୍କ ଫାର୍ମରେ କରିଛନ୍ତି। ଏବେ ତାଙ୍କ ଫାର୍ମରେ ୫୦ଟି ଦେଶୀ ଛେଳି ଓ ୫ ଶହଟି ଦେଶୀ କୁକୁଡ଼ା ରହିଛି। ଏହାସହ ମୁଢ଼ି ଲିଆ ପାଇଁ ସେ ଏକ କାରଖାନା ମଧ୍ୟ ନିର୍ମାଣ କରିଛନ୍ତି। ଯେଉଁଥିରେ କି ସୁନ୍ଦର ଓ ଉତ୍ତମ ମାନର ମୁଢ଼ି ଲିଆ ମଧ୍ୟ ବାହାରୁଛି। ଚାଷ କାମରେ ପରିବାର ଲୋକ ତାଙ୍କୁ ସହଯୋଗ କରୁଥିବାବେଳେ ଗ୍ରାମର ୨୫ ଜଣ ଯୁବକ ଓ ମହିଳାଙ୍କୁ ମଧ୍ୟ ଏହାର ଦେଖାଶୁଣା କରିବା ପାଇଁ ରଖି ରୋଜଗାର ଦେଇଛନ୍ତି। ତାଙ୍କର ଏହି ସଫଳ ଚାଷକୁ ନେଇ ୨୦୨୪ରେ ରାଜ୍ୟ ସ୍ତରୀୟ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ବର୍ତ୍ତମାନ ସେ ବାର୍ଷିକ ୨୫ ଲକ୍ଷ ଟଙ୍କା ଆୟ କରୁଥିବା ବେଳେ ସରକାରୀ ସ୍ତରରେ ଆଉ କିଛି ସହଯୋଗ କରାଗଲେ ଅଧିକ ଲୋକଙ୍କୁ ରୋଜଗାର ଦେବା ସହ ଅଧିକ ପନିପରିବା ଉତ୍ପାଦନ ହୋଇପାରନ୍ତା ବୋଲି ମନ୍ମଥ ପ୍ରକାଶ କରିଛନ୍ତି।

# ଦିଲ୍ଲୀରୁ ଆସିଥିବା ୧୨ଜଣିଆ ଅଧିକାରୀଙ୍କୁ ସ୍ୱାଗତ



୧୨ଜଣିଆ ପ୍ରଶାସନିକ ଅଧିକାରୀ।

କେସିଙ୍ଗା,୯।୧୧(ଜ୍ଞାନେଶ୍ୱର ସାହୁ)

ଦିଲ୍ଲୀରୁ ୧୨ ଜଣିଆ ପ୍ରଶାସନିକ ଅଧିକାରୀଙ୍କୁ କେସିଙ୍ଗା ରେଲୱେ ଷ୍ଟେସନରେ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ରବିବାର ସକାଳେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସେହି ୧୨ ଜଣିଆ ଅଧିକାରୀ ହେଲେ ଉମେଶ କୁମାର ମୀନା, ଛାୟା କୁମାରୀ, ଅକ୍ଷତ ମଣ୍ଡି ୱାଲା, ନେହା କର, ଶ୍ରେୟାସ ରାଓ ଜି, ଗୁରକନ ଓ୍ୱାଲା ସିଂ, ଜାଭେଦ ଅହମଦ ଖାନ୍, ରାଗିନୀ ଗୋୟଲ, ଅଭିଷେକ ଚୌଧୁରୀ, ବିକାଶ କୁମାର ମୀନା, ସଞ୍ଜୟ ଶଶିକାନ୍ତ କୌଜଲାରି, ଗୋ ସିକା ପି ଆରଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଗୁଳ କର୍ଯ୍ୟାଳୟକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଜିଲାରୁ ଆସିଥିବା ଏଡ଼ିଟି ବିଧାଧର ଶବର, ଜିଲା କଲେଟର ଅଫିସର ବିବେକ ମହାନନ୍ଦ, କେସିଙ୍ଗା ବି ଡେଭେଲପ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଜନେଶ୍ୱର ନାଏକ, ଯୋଗେଶ୍ୱରୀ ଭୋଇ, ପ୍ରିତିପ୍ରଜ୍ଞା ମୋଲା, ଯୋଗେଶ୍ୱରୀ ଭୋଇ, ତ୍ରିଲୋଚନ ବେହେରା ପ୍ରମୁଖ ସମସ୍ତ ବ୍ଲକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ବ୍ଲକ ଓ ଗ୍ରାମ ପଞ୍ଚାୟତର ସୂଚନା ପତ୍ର ଏ.ପି.ଡ଼ି. ପ୍ରଦାନ କରିଥିଲେ। ୧୨ ଜଣିଆ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କୁ ଜଳପାନ ବ୍ୟବସ୍ଥା କରାଯାଇଥିଲା। ପରେ ସେମାନେ ଭବାନୀପାଟଣା ଅଭିମୁଖେ ଯାଇଥିଲେ। ସେଠାରେ ଅଧିକାରୀମାନେ ୬ ଦିନ ରହି ଜିଲାର ବିଭିନ୍ନ ବ୍ଲକ, ଗ୍ରାମ ପଞ୍ଚାୟତ କ୍ଷେତ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ଜିଲା କଲେଟର ଅଫିସର ବିବେକ ମହାନନ୍ଦ ସୂଚନା ଦେଇଥିଲେ।

# 'ସେ ଜାଣିଥିଲେ କବିତାରେ ଜୀବନ ଜିଇବାର କଳା'

ଭବାନୀପାଟଣା, ୯।୧୧ (ଉତ୍ତମ କୁମାର ଦାଶ)

## କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିସଭା

ଓଡ଼ିଆ କବିତା ଜଗତରେ ନିଜର ସ୍ୱତନ୍ତ୍ର ଶୈଳୀ ସହିତ ସ୍ୱକୀୟ ଭାବଭଙ୍ଗୀର ପରିପ୍ରକାଶ କରିବାରେ କବି ରାଜେନ୍ଦ୍ର କିଶୋର ପଣ୍ଡା ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ। ସେହିପରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିବାରେ ତାଙ୍କର ଲେଖନୀଚାଳନା ସଫଳତା ଲାଭ କରିଥିଲା। କାରଣ ସେ ଜାଣିଥିଲେ କବିତାରେ ଜୀବନ ଜିଇବାର କଳା। ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କର ବିୟୋଗ ଏକ ଅପୂରଣୀୟ କ୍ଷତି ହୋଇଥିବାବେଳେ ତାଙ୍କ ସାହିତ୍ୟ କୃତୀ ତାଙ୍କୁ ଚିର ଅମର କରି ରଖିବ ବୋଲି ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି ଓ ଲେଖକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିରେ ରବିବାର ଭବାନୀପାଟଣାସ୍ଥିତ ଗ୍ରୀନ ଭେଲି ପବ୍ଲିକ ସ୍କୁଲରେ ଅନୁଷ୍ଠିତ 'କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସ୍ମୃତିସଭା'ରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ଯୁବ ଲେଖକ ସମାବେଶର ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ଗାଳ୍ପିକ ତଥା 'ମହୁରି' ଓ 'ସମୟର ଆକାଂକ୍ଷା' ପତ୍ରିକାର ସମ୍ପାଦକ ସୁକାନ୍ତ ସାହୁ, କବି ଓ ଗବେଷକ ଡ. ପରମେଶ୍ୱର ମୁଣ୍ଡ, ଦ୍ୱିଭାଷୀ କବି ଡ. ତପନ କୁମାର ରଥ, କବି ସଞ୍ଜିତ ରତେ, ପ୍ରକାଶ ନିଶଙ୍କ, ବରିଷ୍ଠ ଖବରଦାତା ସ୍ୱାଧୀନ ପାତ୍ର, ଗ୍ରୀନ ଭେଲି ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ମନୋରଞ୍ଜନ ବସ୍ତା, ସ୍କୁଲ ଅଧ୍ୟକ୍ଷ ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କବିଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଲେଖନୀୟ କୃତୀ ଓ ବ୍ୟକ୍ତିତ୍ୱ ସମ୍ପର୍କରେ ଚର୍ଚ୍ଚା କରିଥିଲେ। କଳାହାଣ୍ଡି ଯୁବ ଲେଖକ ସମାବେଶର ସଭାପତି ତଥା ଯୁବକବି ଯାଦବେନ୍ଦ୍ର ସାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ କବି ଜୟନ୍ତ ସୁନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କଳାହାଣ୍ଡି ଯୁବ ଲେଖକ ସମାବେଶର ଉପଦେଷ୍ଟା ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିଲେ। ଏଥିରେ କବି ଯୁଧିଷ୍ଠିର ମୁଣ୍ଡୁଲି, ଐଶ୍ୱର୍ଯ୍ୟା ପ୍ରଧାନଙ୍କ ସମେତ ଅନ୍ୟମାନେ କବିଙ୍କ ସ୍ମୃତିଚାରଣ ସହିତ କବିଙ୍କ ରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ସଭାପତି ସାହା ସାମୂହିକ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ମୃତିସଭାରେ ଅତିଥି ଓ କବିମାନେ।

# ଜାତୀୟ ଆଇନ ସେବା ଦିବସ ପାଳିତ



ଜାତୀୟ ଆଇନ ସେବା ଦିବସ ପାଳନ ଅବସରରେ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରମାନେ।

ଧର୍ମଗଡ଼,୯।୧୧ (ଘାସିରାମ ଜଗତ)

ତାଲୁକ ଆଇନ ସେବା ସମିତି ଧର୍ମଗଡ଼ ଦ୍ୱାରା ସ୍ଥାନୀୟ ଆକାଶ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସରେ ଭାରପ୍ରାପ୍ତ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ପି. ଶୀତାଲକ୍ଷ୍ମୀଙ୍କ ଅଧ୍ୟକ୍ଷତାରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଚିନ୍ତାମଣି ପାତ୍ର, ସରକାରୀ ଓକିଲ ଧୀରେନ୍ଦ୍ର ନାଥ ପାତ୍ର, ରିଟେନର କମଳିନୀ ରଥ, ବରିଷ୍ଠ ଓକିଲ ତଥା ତାଲୁକ ଆଇନ ସେବା ସମିତିର ପାନେଲ ଓକିଲ ହରିଶ୍ଚ ଚନ୍ଦ୍ର ବାଗ, ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଆଶିଷ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ଶୀତାଲକ୍ଷ୍ମୀ ଆଇନ ସେବା କ'ଣ, କେଉଁ ବର୍ଗର ଲୋକମାନେ ମାଗଣା ଆଇନ ସେବା ପାଇପାରିବେ, ଲୋକ ଅଦାଲତ କ'ଣ ଓ ଏହାର ଉଦ୍ଦେଶ୍ୟ ତଥା ମଧ୍ୟସ୍ଥତା ଦ୍ୱାରା କିଭଳି ସମୟ ଅପଚୟ ଏବଂ ଆର୍ଥିକ ଖର୍ଚ୍ଚରୁ ରକ୍ଷା ପାଇପାରିବେ ତାହା ବୁଝାଇଥିଲେ। ଏହା ସହିତ ସମାଜରେ ଆଇନ ସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସରକାରୀ ଓକିଲ ପାତ୍ର ଉପରୋକ୍ତ ବିଷୟଗୁଡ଼ିକ ଉପରେ ଦୃଷ୍ଟିଗୋଚର କରିଥିଲେ। ଉକ୍ତ ମହାବିଦ୍ୟାଳୟର ଅଧ୍ୟାପିକା ପ୍ରେମାଞ୍ଜଳି ଶବର ସଭା ପରିଚାଳନା କରିଥିଲେ ଏବଂ ଅଧ୍ୟକ୍ଷ ଆଶିଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶଯ୍ୟାଶାୟୀ ଥିବା ସସ୍ମିତାଙ୍କ ଚିକିତ୍ସା ଆରମ୍ଭ

ଲାଞ୍ଜିଗଡ,୯।୧୧(ରମେଶ ଚନ୍ଦ୍ର ନାୟକ)

## ବାଧକ ସାଜିଥିଲା ଅର୍ଥ

ଲାଞ୍ଜିଗଡ଼ ବ୍ଲକ ଦୋରା ସାରଲି ଗାଁର ଶୁକନାଭଟା ପଡ଼ାର ସସ୍ମିତାଙ୍କ ଉଚ୍ଚ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ପରେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ବରିଷ୍ଠ ଶଲ୍ୟ ଚିକିତ୍ସକ ଡା. ସୁନୀଲ କର ତାଙ୍କ ଚିକିତ୍ସା କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ମହିଳା ଶଲ୍ୟ ଚିକିତ୍ସା ବିଭାଗରେ ସସ୍ମିତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଡା. କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଛି। ସେହିପରି ପାହାଡ଼ପଦର ସରପଞ୍ଚ ଲକ୍ଷଣ ମାଝୀ, ନାବେଦ ସରପଞ୍ଚ ବୈଦ୍ୟନାଥ ନାଏକ ପ୍ରମୁଖ କ୍ରାଉଡ୍ ଫଣ୍ଡ ଜରିଆରେ ଦଶ ହଜାର ଟଙ୍କା ସଂଗ୍ରହ କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ସସ୍ମିତାଙ୍କ ପରିବାର ଡା. କରଙ୍କ ସମେତ ଅନ୍ୟ ସମସ୍ତଙ୍କୁ ଏହି କାର୍ଯ୍ୟ ପାଇଁ କୃତଜ୍ଞତା ଜଣାଇଛନ୍ତି। ସସ୍ମିତାଙ୍କ ପରିବାର କହିଲେ ତାଙ୍କ ମାଁ ସେମାନେ ସାହୁ ଓ ସ୍ୱାମୀ ନରେନ୍ଦ୍ର ସାହୁ ତିନି ପ୍ରାଣୀ କୁଳ୍ପ ହସଖୁସିରେ କୁଳିମଜୁରି କରି ଚଳିଆସୁଥିଲେ। ହଠାତ୍ ସସ୍ମିତାଙ୍କ ତଳପେଟରେ ସାମାନ୍ୟ ବଥ ବାହାରି ଥିଲା। ହେଲେ ଏତେବଡ଼ ମାରାତ୍ମକ ରୋଗ ହେବ ବୋଲି କେହିଁ ଜାଣି ନଥିଲେ। ସ୍ୱାମୀ ନରେନ୍ଦ୍ର ଯାହା ସଞ୍ଚିତ ଅର୍ଥ, ସୁନା ଗହଣା ବିକ୍ରି କରିବା ସମେତ ଧାର କରଜ କରି ଭବାନୀପାଟଣା ସମେତ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରିଥିଲେ। ହେଲେ ଅର୍ଥାଭାବରୁ ସସ୍ମିତାଙ୍କ ଭଲ ଚିକିତ୍ସା କରି ପାରି ନଥିଲେ। ଫଳରେ ଏବେ ସସ୍ମିତା ୬ମାସ ହେବ ଶଯ୍ୟାଶାୟୀ ହୋଇ ପଡ଼ିରହିଥିଲେ। ତାଙ୍କୁ ଉଚ୍ଚ ଚିକିତ୍ସାରେ ଅର୍ଥ ବାଧକ ସାଜୁଥିବାରୁ ରୋଗଣା ସ୍ତ୍ରୀଙ୍କୁ ଛାଡ଼ି ସ୍ୱାମୀ ଏବେ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ବେଳେ ଏପଟେ ସ୍ତ୍ରୀ ଜୀବନ ମରଣ ସହ ସଂଘର୍ଷ କରୁଥିଲେ। ଏମାନଙ୍କୁ ସରକାରୀ ସୁବିଧା କହିଲେ ରାଶନକାର୍ଡରେ ମିଳୁଥିବା ମାତ୍ର ୧୦ କିଲୋ ଚାଉଳ। ଆଜିପର୍ଯ୍ୟନ୍ତ ସ୍ୱାସ୍ଥ୍ୟକାର୍ଡ ହୋଇପାରି ନାହିଁ ଯାହାଦ୍ୱାରା ଉଚ୍ଚ ଚିକିତ୍ସାର ପ୍ରତିବନ୍ଧକ ଲାଗିଛି। ସସ୍ମିତାଙ୍କ ଉତ୍ତମ ଚିକିତ୍ସା ପାଇଁ ସହାୟତା ଯୋଗାଇଦେବାକୁ ସରକାର, ପ୍ରଶାସନ ଦୃଷ୍ଟି ଦେବାକୁ ପରିବାର ସମେତ ଗ୍ରାମବାସୀ ପକ୍ଷରୁ ନିବେଦନ କରିଥିଲେ। ଏ ବିଗରେ ସେବା ଯୋଗାଇବା ନେଇ ଆଗକୁ ଅସିବା ସହିତ ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଖବରଦାତା ତୁଳସୀରାମ ପ୍ରଧାନୀ, ଜିଲାପ ନାଏକ, ମନୋଜ ଦୋରା ପ୍ରମୁଖ ସସ୍ମିତାଙ୍କୁ ଉଦ୍ଧାର କରିଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାକୁ ପହଞ୍ଚାଇବାରେ ସହାୟ କରିଥିଲେ। ବାଗଙ୍କ ଅନୁରୋଧ କ୍ରମେ ବେଦାନ୍ତ କର୍ତ୍ତୃପକ୍ଷ ଏକ ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ। ସମ୍ପୃକ୍ତ ଉଦ୍ୟମରେ ସସ୍ମିତାଙ୍କ ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଛି।



ସସ୍ମିତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଥୂଆମୂଳ ରାମପୁର,୯।୧୧(ଦୁର୍ଗା କାର୍ଜି)

ଥୂଆମୂଳ ରାମପୁର ଥାନା ଅନ୍ତର୍ଗତ ଧୂଳିଗୁଡ଼ା ଗ୍ରାମରେ ଶନିବାର ଉଗ୍ରସେନ ନାଏକଙ୍କ ସ୍ତ୍ରୀ ଶକୁନ୍ତଳା ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏହି ଖବର ପ୍ରକାଶ ପାଇବା ପରେ ରବିବାର ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ତ୍ୟୋଦୟର ଅଧ୍ୟକ୍ଷ ଦିଲୀପ କୁମାର ଦାସ ଜାତୀୟ ମାନବ ଅଧିକାର

- ■ ବିଦ୍ୟୁତ୍ ତାର ସଂସ୍ପର୍ଶରେ ମହିଳା ଗୁରୁତର ଘଟଣା
- ■ ଏନ୍‌ଏଚ୍‌ଆର୍‌ସି ନିକଟରେ ଅଭିଯୋଗ ପତ୍ର ଦାଖଲ

କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ପୀଡ଼ିତ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି। ଏଥିସହିତ ଜଙ୍ଗଲ ବିଭାଗ ଓ ବିଦ୍ୟୁତ୍ ବିଭାଗ ଅଧିକାରୀମାନଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା ରୁଜୁ କରି ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଦିଲ୍ଲୀପଙ୍କ ଏତଲାକ୍ରମେ ମାନବାଧିକାର କମିଶନ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ଓଏସ୍‌ଆର୍‌ଟିସିର ୯ ବସ୍ ନିୟୋଜିତ ହେବ

ନୂଆପଡ଼ା,୯।୧୧ (ନକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ମତଦାନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କ ସୁବିଧାଜନକ ଯାତାୟାତ କରିବା ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ସମୁଚିତ ପଦକ୍ଷେପ ଗ୍ରହଣ କରିଛନ୍ତି। ତାଙ୍କ ଅନୁରୋଧକ୍ରମେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ତରଫରୁ ୯ଟି ବସ ନିୟୋଜିତ କରାଯିବ। ଏହି ବସଗୁଡ଼ିକ ନିର୍ବାଚନ ପୂର୍ବଦିନ ପୋଲିଂ କର୍ମଚାରୀମାନଙ୍କୁ ନିଜ ବ୍ଲକ ମୁଖ୍ୟାଳୟରୁ ନୂଆପଡ଼ା ନ୍ୟାଶନାଲ କଲେଜରେ ଥିବା ଡିସପର୍ସାଲ ସେଣ୍ଟରକୁ ଆଣିବ। ଓଏସ୍‌ଆର୍‌ଟିସିର ଜିଲା ପ୍ରବନ୍ଧକଙ୍କ ଦ୍ୱାରା ଜାରି ହୋଇଥିବା ପତ୍ର ଅନୁଯାୟୀ, ଖରିଆର, ସିନାପାଲି ଓ ବୋଡେନ ବ୍ଲକରୁ ମୋଟ ୯ଟି ବସ ଚାଲିବ। ରାନିମୁଣ୍ଡା, ଗୁନାରିସିଙ୍ଗୁଆ ଓ ବରଗାଁ ରୁଟରେ ସକାଳ ୫ଟାରେ, ଘଟମାଲ, ଗୋର୍ଲା ଓ ଲିଆଡ଼ ରାସ୍ତାରେ ଭୋର୍ ୪ଟା ୩୦ରେ ଏବଂ ବୋଡେନ ବ୍ଲକର ରୋକାଲ, ନାଗପଡା ଓ ଭଇସାଦାନି ରାସ୍ତାରେ ବସ ସକାଳ ୫ଟା୩୦ରେ ବ୍ଲକ ମୁଖ୍ୟାଳୟରୁ ଛାଡ଼ିବ। ଏହା ଦ୍ୱାରା ଜନସାଧାରଣ ଯାତାୟାତରେ ବିଶେଷ ଅସୁବିଧା ହେବନାହିଁ। କାରଣ ଏହି ୯ଟି ରୁଟରେ କେବଳ ପ୍ରଥମ ଟ୍ରିପ ବାତିଲ ହେବ ବୋଲି ଜିଲା ପ୍ରବନ୍ଧକ ଜଣାଇଛନ୍ତି। ସମସ୍ତ ପୋଲିଂ କର୍ମଚାରୀମାନଙ୍କୁ ସକାଳ ୭ଟା ପୂର୍ବରୁ ଡିସପର୍ସାଲ ସେଣ୍ଟରରେ ପହଞ୍ଚିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବରେ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ନୂଆପଡ଼ା ନିର୍ବାଚନମଣ୍ଡଳୀର କୌଣସି ଅଧିକାରୀମାନଙ୍କୁ ପ୍ରିଜାଇଡିଂ କିମ୍ବା ପୋଲିଂ ଅଧିକାରୀ ଭାବରେ ନିୟୋଜିତ କରାଯାଇନାହିଁ। ଏହି ବସ ଦ୍ୱାରା ଅନ୍ୟ ବ୍ଲକର ଅଧିକାରୀମାନେ ନିର୍ଦ୍ଧାରିତ ସମୟରେ ନ୍ୟାଶନାଲ କଲେଜରେ ଥିବା ଡିସପର୍ସାଲ ସେଣ୍ଟରରେ ପହଞ୍ଚି ପାରିବେ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି।



ନିର୍ବାଚନରେ ନିୟୋଜିତ ଓଏସ୍‌ଆର୍‌ଟିସି ବସ୍।

# ଡିସେମ୍ବର ୬ରୁ ରାଜ୍ୟସ୍ତରୀୟ କୁମାର ସ୍ୱାମୀ ମହୋତ୍ସବ

ପଲମ, ୯।୧୧ (ଭିକାରି ଗଉଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ିପଦରଠାରେ କଳାହାଣ୍ଡି କଳା ସଂସ୍କୃତି ଐତିହ୍ୟ ପରମ୍ପରାର ବାର୍ତ୍ତାବହ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୩ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାର ସ୍ୱାମୀ ମହୋତ୍ସବ ୨୦୨୫ ଆସନ୍ତା ଡିସେମ୍ବର ୬ ରୁ ୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଅଗ୍ରୱାଲ ମାଝୀ ପ୍ରକାଶ କରିଛନ୍ତି। ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ କୁମାର ସ୍ୱାମୀ ମହୋତ୍ସବ ମୁଖ୍ୟ ଆକର୍ଷଣ ରହିବ ଗୋଚିଂହ ଦେବୀ ଦରବାର। ପ୍ରାଚୀନ ଲୋକ ନୃତ୍ୟ, ଡାପ ବାଜା, ବନାବାଡ଼ି ଘୁଙ୍ଗୁରା ସହ ରାଜ୍ୟର ଅନେକ ଲୋକ ସଂସ୍କୃତିରେ ପୁଲୁକିବ ମଞ୍ଚ। ଲୋକଶ୍ରୁତି ଓ କିମ୍ବଦନ୍ତୀ ଅନୁସାରେ ମହିଷାସୁରଙ୍କ ଅଣନାତି ମହାରାଜ ଗୋଚିଂହ ବଧ ଅସୁରଗଡ଼ରେ ରାଜୁତି କରିବା ସହ ଦେବଗିରିରେ ଶିବ ଉପାସନା କରୁଥିଲେ। ଦେବଗିରି : ବୁଢ଼ିପଦର ଅଞ୍ଚଳ ପ୍ରାଚୀନ ଆଟବିକ ସଭ୍ୟତାର ଏକ ଅଭିନ୍ନ ଅଙ୍ଗ। ତେଣୁ ଗୋଚିଂହ ଦତ୍ୟ ମାଧ୍ୟମରେ ନୂତନ ପିଢ଼ିକୁ ଆଟବିକ ସଭ୍ୟତା ସହ ପରିଚିତ କରାଇବାକୁ ପ୍ରଚେଷ୍ଟା କରାଯାଉଛି ବୋଲି ଅନୁଷ୍ଠାନର ସମ୍ପାଦକ ସୁଶୀଳ କୁମାର ଅଗ୍ରୱାଲ ମାଝୀ ସୂଚନା ଦେଇଛନ୍ତି। ଗୋଚିଂହ ଦେତ୍ୟ ଭୂମିକାରେ ଅଭିନୟ କରିବେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ ଅଗ୍ରୱାଲ ମାଝୀ ଏହି ମହୋତ୍ସବରେ ତମ ବଜା ଶିଙ୍ଗ ବଜା ବଜା ସାଲ ଡାପ ବନାବାଡ଼ି ଘୁଙ୍ଗୁରା ଓଡ଼ଶି ଖଞ୍ଜଣି ସହ ଯାଦବ ଝିମାନଙ୍କ ବାଡ଼ି ଖେଳ ଦୁର୍ଲାନଟା ସନପୁର ମାଁ ତୁଳସୀ ଦଣ୍ଡ ନୃତ୍ୟ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତର ଲୋକ ନୃତ୍ୟ ପ୍ରଦର୍ଶନ ହେବ। ଏହି ଅବସରରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବାକୁ ସ୍ଥିରୀକୃତ ହୋଇଛି। ଅନ୍ତ ଦିନ ମଧ୍ୟରେ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ଦେବଗିରି ସାହିତ୍ୟ ସମ୍ମାନ ସହ ଦେବଗିରି ଲୋକକଳା ସମ୍ମାନ ଦେବଗିରି ସାମ୍ବାଦିକ ସମ୍ମାନ, କୃଷି ସମ୍ମାନ, ଦେବଗିରି ଯୁବ ସମ୍ମାନ, ଦେବଗିରି ସମାଜ ସେବା ସମ୍ମାନ, ଦେବଗିରି ନାରଦ ସମ୍ମାନ, ଦେବଗିରି ଶିକ୍ଷା ସମ୍ମାନ, ଦେବଗିରି ବାର୍ତ୍ତା ସମ୍ମାନ, ଦେବଗିରି ଦେଶ ସେବା ସମ୍ମାନ, ଦେବଗିରି ଗୁରୁ ସମ୍ମାନ, ଦେବଗିରି କ୍ରୀଡ଼ା ସମ୍ମାନ ଦେବଗିରି ଶିଳ୍ପୀ ସମ୍ମାନ ଆଦି ଘୋଷଣା କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁନୀଲ କୁମାର ଅଗ୍ରୱାଲ ମାଝୀ ସୂଚନା ଦେଇଛନ୍ତି। ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକ ସଭାପତି ସଞ୍ଜୟ କୁମାର ଧଙ୍ଗଡା ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଉପ ସଭାପତି ଇନ୍ଦ୍ରପ୍ରଥ ଜାଲ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ଅଗ୍ରୱାଲ ମାଝୀ, କ୍ରୀଡ଼ା ସମ୍ପାଦକ ଅନିଲ କୁମାର ଅଗ୍ରୱାଲ ମାଝୀ, ସଂଗଠନ ସମ୍ପାଦକ ପ୍ରକାଶ କୁମାର ଧଙ୍ଗଡା ମାଝୀ କୋଷାଧ୍ୟକ୍ଷ ସୁରେଶ କୁମାର ଧଙ୍ଗଡା ମାଝିଙ୍କ ସମେତ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।



କୁମାର ସ୍ୱାମୀ ମହୋତ୍ସବର ଏକ ଝଲକ।

**ଧର୍ମପରାୟଣା ମହିଳାଙ୍କ ପରଲୋକ**

**ପାଇକମାଳ (ବଡ଼ ଶତପଥୀ):** ପାଇକମାଳ ବ୍ଲକ ଜାମସେଠ ଗାଁର ଜଣେ ଧର୍ମପରାୟଣା ସ୍ୱେଚ୍ଛାସେବୀଙ୍କ ଶନିବାର ପରଲୋକ ଘଟିଛି। ସେ ହେଲେ ତୁଳାମଣୀ ନାଏକ(୭୦)। ସେ ଜଣେ ସଫଳ ଚାଷୀ ଥିବା ସହିତ ପରୋପକାରୀ, ମେଳାପୀ ମହିଳା ଥିଲେ।


କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡରେ ଖେଲୋ କ୍ରୀଷ୍ଣା ବିକାଶର ଉଦ୍‌ଘାଟନୀ ସମାରୋହ।


ଖେଲୋ କ୍ରୀଷ୍ଣା ବିକାଶର ଉଦ୍‌ଘାଟନୀ ସମାରୋହରେ ଲୋକବାଦ୍ୟ ପରିବେଷଣ।

# ସ୍ୱାସ୍ଥ୍ୟ, ଶାନ୍ତି, ଶୃଙ୍ଖଳାରେ କ୍ରୀଡ଼ାର ଭୂମିକା ଅନନ୍ୟ

## ଖେଲୋ କ୍ରୀଷ୍ଣା ବିକାଶର ଉଦ୍‌ଘାଟନୀ ସମାରୋହ

**ବରଗଡ଼,୯।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କ୍ରୀଷ୍ଣା ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍‌ସର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଖେଲୋ କ୍ରୀଷ୍ଣା ବିକାଶ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ସହରସ୍ଥିତ ମାଁ ଶ୍ୟାମକାଳୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବରାହଗୋଡ଼ାସ୍ଥିତ କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡକୁ ପହଞ୍ଚିଥିଲା। ଏଥିରେ ଅନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କ୍ରୀଷ୍ଣା ବିକାଶ ସମୂହର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଷ୍ଣା ବିକାଶ ସମୂହର ଚେୟାରମ୍ୟାନ ଦାଶରୀ ମୁରଲୀ କ୍ରୀଷ୍ଣା ନିଜ ବକ୍ତବ୍ୟରେ କ୍ରୀଷ୍ଣା ବିକାଶ ସମୂହ ବିଦ୍ୟାଳୟରେ କ୍ରୀଡ଼ାର ପ୍ରାଧାନ୍ୟ ବିଷୟରେ ସହିତ ଭବିଷ୍ୟତରେ ମଧ୍ୟ ଏହାର ଅଭୂତପୂର୍ବ ଉନ୍ନତି ସାଧିତ ହେବ ବୋଲି ମତବ୍ୟକ୍ତ କରିଥିଲେ। କ୍ରୀଷ୍ଣା ବିକାଶ ସମୂହର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସମସ୍ତ କ୍ରୀଡ଼ା ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସଦ୍‌ଭାବ, ପରାଜୟକୁ ଊର୍ଦ୍ଧ୍ୱରେ ରଖି ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗରେ ବିଭିନ୍ନ ପ୍ରକାର କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ।

ବରଗଡ଼ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଲଲାଟ କୁମାର ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ମାନବ ଜୀବନରେ ସ୍ୱାସ୍ଥ୍ୟ, ଶାନ୍ତି ଓ ଶୃଙ୍ଖଳା ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବରଗଡ଼ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ନୂତନ ଶିକ୍ଷାନୀତିରେ କ୍ରୀଡ଼ାର ପ୍ରାଧାନ୍ୟ ବିଷୟରେ ଅବଗତ କରାଇବା ସହିତ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ବିଶ୍ୱପରାୟ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ରୀଷ୍ଣା ବିକାଶ ସର୍ବଦା ନିଜର ଯୋଗଦାନ ପ୍ରଦାନ କରି ଆସିଛି ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ବରାହଗୋଡ଼ାସ୍ଥିତ କ୍ରୀଷ୍ଣା ବିକାଶ କ୍ୟାମ୍ପସରେ ସୋଲ୍‌ସ୍ୱେସ୍ ନାମକ ଯୋଗଶିକ୍ଷା ଶିବିର ଉଦ୍‌ଘାଟିତ ହୋଇଥିଲା। ଉକ୍ତ ପ୍ରତିଯୋଗିତା ୬ଦିନ ଧରି କ୍ରୀଷ୍ଣା ବିକାଶ ଖେଳ ପଡ଼ିଆରେ ଚାଲିବ। ଏଥିରେ ୨୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୬୨ଟି ଇଭେଣ୍ଟସ୍‌ରେ ଅଂଶଗ୍ରହଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ବିକାଶ ଆବାସିକ ବିଦ୍ୟାଳୟ, କ୍ରୀଷ୍ଣା ବିକାଶ ଫାଷ୍ଟଷ୍ଟେପ୍, କ୍ରୀଷ୍ଣା ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ୱେଲଫେୟାର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ଭାଗନେବେ। ଉଦ୍‌ଘାଟନୀ ସମାରୋହରେ ବିକାଶ ଆବାସିକ ବିଦ୍ୟାଳୟ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, କ୍ରୀଷ୍ଣା ବିକାଶ ଫାଷ୍ଟଷ୍ଟେପ୍‌ର ଅଧ୍ୟକ୍ଷ ପୁଷ୍ପଲତା ମହାପାତ୍ର, କ୍ରୀଷ୍ଣା ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ୱେଲଫେୟାର ଅଧ୍ୟକ୍ଷ ମାନଗୋବିନ୍ଦ ବ୍ରହ୍ମଚାରୀ, ବିକାଶ ଆବାସିକ ବିଦ୍ୟାଳୟ ବରଗଡ଼ର ଉପାଧ୍ୟକ୍ଷ (ବିଜିନେସ୍ ଏଫେୟାର)ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ(ଏକାଡେମିକ୍) ଡ. ମନୋଜ କୁମାର ତ୍ରିପାଠୀ, କ୍ରୀଷ୍ଣା ବିକାଶ ଗ୍ରୁପ ବରଗଡ଼ର ଆଡ଼ମିନିଷ୍ଟ୍ରେଟିଭ ମ୍ୟାନେଜର ଲଗ୍ନିକା ଦାଶ, ମୁଖ୍ୟ କ୍ରୀଡ଼ା ପ୍ରଶିକ୍ଷକ ପୀତାମ୍ବର ପ୍ରଧାନ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅନେକ ଅଭିଭାବକ ଉପସ୍ଥିତ ଥିଲେ। କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ଗୀତ, ନୃତ୍ୟ, ସମ୍ବଲପୁରୀ ଲୋକବାଦ୍ୟ ପରିବେଷଣ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପେନ୍‌ସନ ଟଙ୍କାରୁ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମହାନତା

**ବରଗଡ଼,୯।୧୧(ପ୍ରେମାନନ୍ଦ ଖମାରୀ)**

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ମିଶନ ଶିକ୍ଷାଦାନ କାର୍ଯ୍ୟକ୍ରମରେ ରବିବାର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶିକ୍ଷାଦାନ ସହିତ ନିଜ ପେନ୍‌ସନ ଟଙ୍କାରୁ ଗରିବ ଛାତ୍ରୀଛାତ୍ରଙ୍କୁ ଟେଷ୍ଟ ପେପର ବଣ୍ଟନ କରିଛନ୍ତି। ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗଙ୍କ ସଂଯୋଜନାରେ ସ୍ଥାନୀୟ ନାରେନପାଲିଠାରେ ଏକ ମାଗଣା ପାଠ୍ୟଦାନ କେନ୍ଦ୍ର ଖୋଲାଯାଇଥିବା ବେଳେ ଏହି କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ପ୍ରତି ଛୁଟି ଦିନରେ ଏକତ୍ରିତ ହୋଇ ଶିକ୍ଷା ଗ୍ରହଣ କରୁଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି କେନ୍ଦ୍ରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁକୁରିଆ ପ୍ରଧାନ, ସୁଧାଂଶୁ ଶେଖର ସାହୁ, ଡାକ୍ତର ପ୍ରଧାନ ପ୍ରମୁଖ ଶିକ୍ଷକବୃନ୍ଦ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଶିକ୍ଷାଦାନ କରିଥିଲେ। ଅବସର ପରେ ମଧ୍ୟ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଛାତ୍ରୀଛାତ୍ରଙ୍କୁ ଅବୈତନିକ ଶିକ୍ଷା ସେବା ଯୋଗାଇବା ମିଶନ ଶିକ୍ଷାଦାନ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହ


ଧାଙ୍ଗେରର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହ।

**ବରଗଡ଼,୯।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଦର ବ୍ଲକ ଖଣ୍ଡ ଲହତା କ୍ଲଷ୍ଟର ଅନ୍ତର୍ଗତ ଧାଙ୍ଗେର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର କ୍ଲଷ୍ଟର ସ୍ତରୀୟ ସେବା ନିବୃତ୍ତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଧାଙ୍ଗେର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେବା ନିବୃତ୍ତ ଅଧିକାରୀ ବରଗଡ଼ ଏବିଇଓ ରଞ୍ଜନ ଦଣ୍ଡସେନା ଗତ ଅକ୍ଟୋବର ମାସ ୩୧ ତାରିଖ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ କ୍ଲଷ୍ଟର ପକ୍ଷରୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବିବେକାନନ୍ଦ ଜାଲ, ସ୍କୁଲ କମିଟି ଉପଦେଷ୍ଟା ପଙ୍କଜ ଦାଶ, ରୁହୁନିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ ପ୍ରଧାନ, ମୋହନ ସାହୁ, ପ୍ରଦୀପ ସାହୁ, ଧବଳେଶର ସାହୁ, ଡୋଳାମଣି ସୁନା, ଭକ୍ତ ପ୍ରଧାନ ପ୍ରମୁଖ ପ୍ରଧାନ ଶିକ୍ଷକବୃନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ପେଟ୍ରୋଲ, ଡିଜେଲ ଚୋରି ଅଭିଯୋଗରେ ୨ ଗିରଫ

**ଅତାବିରା,୯।୧୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରାର ଏକ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଓ ଡିଜେଲ ଚୋରି ଅଭିଯୋଗରେ ରବିବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ଅତାବିରା ଥାନା ଚକୁଲିଫାର୍ମ ନିବାସୀ କିଶୋର ମହାପାତ୍ର (୩୧) ଏବଂ ଚିକୁ ଓରଫ ହେମାନନ୍ଦ ନାଗ(୨୨)। ପୋଲିସ ସେମାନଙ୍କଠାରୁ ୫୦ଲିଟର ଡିଜେଲ, ଏକ ବାଇକ୍ (ନଂ–ସିଜି୦୪ଡିକ୍ୟୁ ୪୨୨୨) ଜବତ କରିଛି। ଏହା ସହିତ ଅତାବିରା ଆନ୍ଧ୍ରା କଲ୍ୟାଣ ମଣ୍ଡପରୁ ଚୋରି ହୋଇଥିବା ୩ ବ୍ରୋଞ୍ଜ ପାତ୍ର ମଧ ସେମାନଙ୍କ ପାଖରୁ ଜବତ ହୋଇଛି। ସୂଚନା ଅନୁଯାୟୀ, ଗତ ୬ତାରିଖ ଅଭିଯୁକ୍ତମାନେ ପେଟ୍ରୋଲ ପମ୍ପକୁ ଆସି ୫୦ଲିଟର ପେଟ୍ରୋଲ ଏବଂ ୫୦ଲିଟର ଡିଜେଲ ଚୋରି କରି ନେଇଥିଲେ । ଏ ନେଇ ପେଟ୍ରୋଲ ପମ୍ପ ମାଲିକ ଅତାବିରା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ–୪୧୩/୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ


ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

**ବରପାଲି, ୯।୧୧(ଚିତ୍ତରଞ୍ଜନ ସାହୁ)**

ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ୭୭୨ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଉତ୍ସବର ଉଦ୍‌ଯାପନୀ ଦିବସରେ ପରିଚାଳନା କମିଟିର ଉପସଭାପତି ଭୋଜରାଜ ଦୀପ, ବରଗଡ଼ ସଙ୍କୁଳ ପ୍ରମୁଖ ରସାନନ୍ଦ ଥପ୍ପା, କୋଷାଧ୍ୟକ୍ଷ ଦୀନବନ୍ଧୁ ପ୍ରଧାନ, ପୂର୍ବତନ ସଭାପତି ଡାକ୍ତର କାଳୀ ଚରଣ ଦାଶ, ସାଂସ୍କୃତିକ କମିଟି ସଦସ୍ୟ ଗଣେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଧର୍ମେନ୍ଦ୍ର ପୂଝାରୀ ଅତିଥି ପରିଚୟ, ଦୟାନିଧି ସାହୁ ବିବରଣୀ ପାଠ ଓ ଗୋବିନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଖତ ଖାଉଛି ମୂଲ୍ୟବାନ ପୁସ୍ତକ

**ପଦ୍ମପୁର,୯।୧୧ (ପ୍ରଦୀପ୍ତ ଦାଶ)**

ପୁସ୍ତକ ଅଛି କିନ୍ତୁ ପଢିବାକୁ କେହି ନାହାନ୍ତି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ପଦ୍ମପୁର ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାରରେ। ପଦ୍ମପୁର ଉପଜିଲାପାଳ କାର୍ଯ୍ୟାଳୟ ପରିସର ଉପର ମହଲାରେ ରହିଛି ଏହି ପାଠାଗାର। ସେଠାରେ ରହିଛି ୧୫ରୁ ଊର୍ଦ୍ଧ୍ୱ ଆଲମାରି। ଭିତରେ ଦୀର୍ଘ ଦିନ ହେଲା ଖତ ଖାଉଛି ଅନେକ ମୂଲ୍ୟବାନ ପୁସ୍ତକ। ଦିନ ଥିଲା ସେହି ଆଲମାରିରୁ ଅନେକ ପୁସ୍ତକ ବାହାର କରାଯାଇ ପଢା ହେଉଥିଲା। କିନ୍ତୁ ଏବେ ସେଗୁଡ଼ିକ ସତେ ଯେମିତି ଅଲୋଡ଼ା ପଡ଼ିଛି।

# ଜୋନ୍‌ସ୍ତରୀୟ କବାଡି, ଫୁଟ୍‌ବଲ ଖେଳାଳି ଚୟନ ଶିବିର

**ଘଣ୍ଟାପଡ଼ା,୯।୧୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡା ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ରବିବାର ଘଣ୍ଟାପଡ଼ା, କଣ୍ଟାମାଳ ଓ ମନମୁଣ୍ଡା ଜୋନ୍‌ର ୧୪ ଓ ୧୭ ବର୍ଷରୁ କମ୍ ବିଦ୍ୟାଳୟସ୍ତରୀୟ କବାଡି, ଫୁଟ୍‌ବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦାମ ଚରଣ ମିଶ୍ରଙ୍କ ନେତୃତ୍ୱ ତଥା ଘଣ୍ଟାପଡ଼ା ପ୍ରଧାନଶିକ୍ଷକ ପିତବାସ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳି ମୁଖ୍ୟ ଅତିଥି, ନୂଆଁପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ଚରଣ କ୍ଷେତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୧୪ ଓ ୧୭ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ପ୍ରାୟ ୧୫୦ ପ୍ରତିଯୋଗୀ ଭାଗ ନେଇଥିଲେ। କ୍ରୀଡା ଶିକ୍ଷକ ପଞ୍ଚାନନ ପ୍ରଧାନ, ଅରୁଣ ଖଟୁଆ, ଶଶୀଭୂଷଣ ପ୍ରଧାନ, ଆଦିନାଥ ଦାସ, ବିଶ୍ୱଜିତ ପ୍ରଧାନ, ମହେନ୍ଦ୍ର କୁମାର ସାହୁ, ପ୍ରଦୀପ ପ୍ରଧାନ, ପ୍ରଦୀପ ରାଉତ, ସନ୍ତୋଷ ସାହୁ ଓ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଏହି ଶିବିରରେ ଚୟନ ହୋଇଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ଶିବିରରେ ଯୋଗଦେବେ ବୋଲି ସମ୍ପାଦକ ମିଶ୍ର ସୂଚନା ଦେଇଛନ୍ତି।

# ଜାତୀୟ ଆଇନ ସେବା ଦିବସ ପାଳିତ


ସଚେତନତା କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ଦଣ୍ଡାଧିଶ ଓ ଅନ୍ୟମାନେ।

**ହରଭଙ୍ଗା,୯।୧୧(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଝାଡରାଜିଙ୍ଗ ସେବାଶ୍ରମ ବିଦ୍ୟାଳୟଠାରେ ରବିବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ହରଭଙ୍ଗା ତାଲୁକ ଆଇନ ସେବା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ପ୍ରୀତିଶ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଆଇନ ସେବା କମିଟି ପକ୍ଷରୁ ମିଳୁଥିବା ମାଗଣା ସେବା ଉପରେ ଦଣ୍ଡାଧିଶ ସାମଲ ଆଲୋଚନା କରିଥିଲେ। ଆଇନ ସମସ୍ତଙ୍କ ପାଇଁ ସମାନ ଥିବା କହିବା ସହ ମଧ୍ୟସ୍ଥତା, ଲୋକ ଅଦାଲତ, ଆପୋସ ବୁଝାମଣା ଦ୍ୱାରା କିପରି ସମସ୍ୟାର ସମାଧନ ହୋଇପାରୁଛି ସେ ନେଇ ମଧ୍ୟ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ତ୍ରିପାଠୀ, କୋର୍ଟ କର୍ମଚାରୀ ପ୍ରଭୁଦତ୍ତ ଛତ୍ରିଆ, ଡେଭଲିନ ପ୍ରିୟଦର୍ଶନୀ, ସାରଦା ଶୁଚିସ୍ମିତା, ସନ୍ତୋଷ ସାହୁ ଓ ବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇଥିଲେ।

# ଆଇନ ସଚେତନତା ଶୋଭାଯାତ୍ରା


ବରଗଡ଼ରେ ଆଇନ ସଚେତନତା ଶୋଭାଯାତ୍ରା।

**ବରଗଡ଼,୯।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରବିବାର ଜାତୀୟ ଆଇନ ସେବା ଦିବସ ଅବସରରେ ସମାଜର ଦୁର୍ବଳ ବର୍ଗର ଲୋକଙ୍କୁ ମାଗଣା ଆଇନ ସହାୟତା ଯୋଗାଇଦେବା ଉପରେ ସଚେତନତା ସୃଷ୍ଟି କରାଯାଇଛି। ଏହି ଅବସରରେ ବରଗଡ଼ ସହରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାଟି ସ୍ଥାନୀୟ ସିଭିଲ କୋର୍ଟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲା ଦୌରାଜଜ୍ ପ୍ରିୟରଞ୍ଜନ ବାରିକ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ ସ୍ମିଷ୍ଟି ସାମନ୍ତ, ଡିଏସ୍‌ପି ସିପ୍ରା କୁମାରୀ କୁମାର, ମୁଖ୍ୟ ପ୍ରତିପକ୍ଷ ଓକିଲ ମନସି ସାହୁଙ୍କ ସମେତ ଅନ୍ୟ ସମସ୍ତ ପ୍ରତିପକ୍ଷ ଓକିଲ, ପାନେଲ ଓକିଲ ଏବଂ ପିଏଲଭିମାନେ ଯୋଗ ଦେଇଥିଲେ।

# ମାଟ୍ରିକ ପରୀକ୍ଷାଫଳ ପାଇଁ ଯୋଜନା, ପାଠ୍ୟଦାନ ସମୀକ୍ଷା

**ବରଗଡ଼,୯।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକରେ ରହିଥିବା ସମସ୍ତ ହାଇସ୍କୁଲରେ ଦଶମ ଶ୍ରେଣୀ(ମାଟ୍ରିକ) ପାଠ୍ୟଦାନ ଓ ଆଗାମୀ ଯୋଜନାର ଏକ ସମୀକ୍ଷା ବୈଠକ ବ୍ଲକ ଶିକ୍ଷା ଅଧିକାରୀ ଡ଼ଃ ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ କିପରି ଏ–୧ ଗ୍ରେଡରେ ଅଧିକ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହେବେ, ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ପ୍ରଧାନ ଶିକ୍ଷକ ଶିବଶଙ୍କର ଦାଶ, ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ଦାଶ, ପ୍ରଧାନ ଶିକ୍ଷକ ପ୍ରବୋଧ ଦାସ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ରାଣୀ ମିଶ୍ର, ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଦଶମ ଶ୍ରେଣୀ ପରୀକ୍ଷାରେ ବରଗଡ଼ ବ୍ଲକର ଛାତ୍ରୀଛାତ୍ର କିପରି ଭଲ କରିବେ ଓ ଜିଲାରେ ସର୍ବାଧିକ ଏ–୧ ଗ୍ରେଡ ପାଇ ପାରିବେ, ସେ ବିଷୟରେ ଆଲୋଚନା କରିବା ସହିତ ଯୋଜନା ଉପସ୍ଥାପନ କରିଥିଲେ। ଯୋଜନା ମୁତାବକ ବ୍ଲକରେ ବିଭିନ୍ନ ବିଷୟର ସାଧନ କର୍ମୀ ଚୟନ କରାଯିବ ଏବଂ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ଏକ କୋର୍ କମିଟି ଗଠିତ ହେବ। ବ୍ଲକର ସମସ୍ତ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ୪ଟି ଶୈକ୍ଷିକ ହବରେ ଭାଗ କରାଯିବ। ପ୍ରତି ହବରେ ନିକଟସ୍ଥ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ସଂଯୋଗ କରାଯିବ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପୋଷ୍ୟ ଛାତ୍ରୀଛାତ୍ରଭାବେ ଗ୍ରହଣ କରି ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରିବେ। ପ୍ରତି କେନ୍ଦ୍ରରେ ବିଭିନ୍ନ ବିଷୟରେ ନିୟମିତ ପରୀକ୍ଷା ସହିତ ଅଭିଜ୍ଞ ସାଧନ କର୍ମୀମାନଙ୍କ ଦ୍ୱାରା ହାର୍ଡ ସ୍ପଟ ଗୁଡ଼ିକର ସରଳ ସମାଧାନ କରାଯିବ। ଏହି ଅବସରରେ ପ୍ରତି ହାଇସ୍କୁଲର ଦଶମ ଶ୍ରେଣୀ ପାଠ୍ୟଦାନ ପାଠ୍ୟଖସଡ଼ା ଅନୁସାରେ ୮୦ ପ୍ରତିଶତ ଶିକ୍ଷାଦାନ ସମାପ୍ତ ହୋଇ ସାରିଥିବାରୁ ବିଇଓ ସାହୁ ସନ୍ତୋଷ ପ୍ରକାଶ କରି ନଭେମ୍ବର ମାସ ଶେଷ ସୁଦ୍ଧା ପୂର୍ବ ନିର୍ଦ୍ଧାରିତ ପାଠ୍ୟ ଖସଡ଼ା ପାଠ୍ୟଦାନ ସମାପ୍ତ କରି ଡିସେମ୍ବର ମାସ ପହିଲାରୁ ରିଭିଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ବିଇଓ ଏବଂ ଅନ୍ୟମାନେ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଅତାବିରା, ୯।୧୧(ଯୁଧିଷ୍ଠିର ମହାପାତ୍ର)**

ଗତ ତିନିଦିନ ଧରି ଅତାବିରା ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ବରଗଡ଼ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତାବିରା ଥାନାଧିକାରୀ ପ୍ରକାଶ କୁମାର କର୍ଣ୍ଣ,ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅତାବିରା ସୁଶ୍ରୀ ମିଶ୍ରାଣୀ କୁମ୍ଭାର, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିଷ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ଅତାବିରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ହରପାଲ, ପ୍ରାକ୍ତନ ବ୍ଲକ କ୍ରୀଡ଼ା ସମ୍ପାଦକ ଲବ ସାହୁ, ବ୍ଲକ କ୍ରୀଡ଼ା ସମ୍ପାଦକ ଅତାବିରା ସୁଦୀପ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ସ୍ୱାଗତ ସଙ୍ଗୀତ ବାଳିକା ଉଚ୍ଚ ବିଦ୍ୟାଳୟ ଅତାବିରା ବାଳିକାମାନେ ପରିବେଷଣ କରିଥିବା ବେଳେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଲାଦରପାଲିର ଛାତ୍ରୀବୃନ୍ଦ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ତଥା କ୍ରୀଡା ଶିକ୍ଷକ ତ୍ରିଲୋକ୍ୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ବାଳିକା ଚଉଦ ବର୍ଷ ବୟସ୍କ ଭିତରେ ହୋଇଥିବା ଶହେ, ଦୁଇଶହ, ଚାରିଶହ, ଛଅ ଶହ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ, ଡିସକସ ପ୍ରତିଯୋଗିତାରେ ଯଥାକ୍ରମେ ପାଇକମାଳ ବ୍ଲକର ପୁଷ୍ପାଞ୍ଜଳି ଧରୁଆ, ଅତାବିରା ବ୍ଲକର ମନୀଷା ପାତ୍ର, ପଦ୍ମପୁର ବ୍ଲକର ଶ୍ରଦ୍ଧାଞ୍ଜଳି ଭୁଏ, ଭଟଲି ବ୍ଲକର ରୁଚିସ୍ମିତା ପାତ୍ର, ପଦ୍ମପୁର ବ୍ଲକର ଭୂମିସୁତା କୁମ୍ଭାର ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବାଳକ ଚଉଦ ବର୍ଷ ବୟସ୍କ ଭିତରେ ହୋଇଥିବା ପ୍ରତିଯୋଗିତାରେ ଗାଇସିଲେଟ ବ୍ଲକର ରାକେଶ ରଞ୍ଜନ ବିଶାଳ, ବରପାଲି ବ୍ଲକର ଶିବା ମେହେର,ଭେଡେନ ବ୍ଲକର ଅଭ୍ୟୁଦୟ ମେହେର, ପ୍ରବୀଣ ପଧାନ, ବରଗଡ଼ ବ୍ଲକର ରାହୁଲ ଛତର, ପଦ୍ମପୁର ବ୍ଲକର ସୌରଭ ସୁନା, ବରଗଡ଼ ବ୍ଲକର ଅଗମ ସାଗର, ବାଳକ ସତର ବର୍ଷ ବୟସ୍କ ଭିତରେ ହୋଇଥିବା ପ୍ରତିଯୋଗିତାରେ ବରଗଡ଼ ବ୍ଲକର ସୁରଜ ବିଶାଳ, ବିଜେପୁରର ନିରାକାର ମେହେର,ବରଗଡ଼ର କୁନାଲ ମିର୍ଦ୍ଧା, ଅତାବିରାର ମୋହିତ କୁମାର, ଭେଡେନର ପ୍ରତ୍ୟୁଷ କୁମାର ମେହେର, ବିଜେପୁରର କ୍ଷୀରସାଗର ପଟୁଆଁ, ଭେଡେନ କୃଷ୍ଣଚନ୍ଦ୍ର ପଧାନ, ପଦ୍ମପୁରର ରୋନାଥ ମିଶ୍ର, ଶୁଭମ ସାହୁ, ବରଗଡ଼ର ଯୋଗେଶ ଲୁହା, ଭେଡେନର ସତ୍ୟବ୍ରତ ବିଶି ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବାଳିକା ସତର ବର୍ଷ ବୟସ୍କ ଭିତରେ ହୋଇଥିବା ପ୍ରତିଯୋଗିତାରେ ଅତାବିରା ବ୍ଲକର ସିମ୍ରନ ଭୁଏ,ପଦ୍ମପୁରର ଭାରତୀ ସେଠ, ବରପାଲିର ଉଷାରାଣୀ ଭୋଇ, ଗାଇସିଲେଟର ଅଙ୍କିତା ମିର୍ଦ୍ଧା, ଭଟଲିର ଯମୁନା ରୁହିଦାସ, ପଦ୍ମପୁରର ଆକାଂକ୍ଷା ଭୋଇ, ବରପାଲିର ପ୍ରିନ୍ସି ରାଣୀ ଗର୍ତିଆ, ପଦ୍ମପୁରର ପୂର୍ଣ୍ଣିମା ନାଏକ, ଭଟଲି ବ୍ଲକର ସ୍ମୃତିରେଖା କାଲୋ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ମୋଟ ୨୬୧ ପ୍ରତିଯୋଗୀ ଏବଂ ୪୭ ଅଫିସିଆଲ ଯୋଗଦାନ କରି ଖେଳ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦୀପ୍ତ କୁମାର ସାହୁ।

# ଚାଷୀ ସ୍ୱାବଲମ୍ବୀ ହେଲେ ଦାଦନ ସମସ୍ୟାର ପରିସମାପ୍ତି ଘଟିବ

## ବଡ଼ଗାଁରେ ପ୍ରାଣୀ ସମ୍ପଦ ମେଳା

ବଡ଼ଗାଁ,୯।୧୧(ଅଶୋକ ଷଡଙ୍ଗୀ)

ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବା ଅପେକ୍ଷା ନିଜ ଘରେ ରହି ଚାଷ କଲେ ଆମେ ଅଧିକ ଲାଭବାନ ହୋଇପାରିବା। ଚାଷୀ ସ୍ୱାବଲମ୍ବୀ ହେଲେ ଦାଦନ ଶ୍ରମିକ ସମସ୍ୟାର ପରିସମାପ୍ତି ଘଟିବ ଓ ସରକାରୀ ସ୍ତରରେ ଯୋଜନାଗୁଡ଼ିକର ସଫଳ ରୂପାୟନ ହୋଇପାରିବ। ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଶ୍ରମିକମାନେ ବାର୍ଷିକ ୫୦ରୁ ୬୦ ହଜାର ଟଙ୍କା ରୋଜଗାର କରି ଫେରୁଛନ୍ତି। ସେମାନେ ନିଜ ଘରେ ଗୋପାଳନ, ଛେଳି ପାଳନ ତଥା ମାଛଚାଷ କଲେ ଅଧିକ ଲାଭବାନ ହୋଇପାରିବେ ବୋଲି ଉପବାଚସ୍ପତି ଭବାନୀ ଶଙ୍କରଭୋଇ ରବିବାର ବଡ଼ଗାଁ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମତବ୍ୟକ୍ତ



ମୁଖ୍ୟ ଅତିଥି ମେଳା ଉଦ୍‌ଘାଟନ କରୁଛନ୍ତି।

କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ପ୍ରାଣୀସମ୍ପଦ ବିଭାଗର ସହ ନିର୍ଦ୍ଦେଶକ ହାଡିବନ୍ଧୁ ଭୋଇ, ଜିଲା ପ୍ରାଣୀସମ୍ପଦ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ଜିଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ, ଜିଲା କୃଷି ବୈଜ୍ଞାନିକ ଲକ୍ଷ୍ମୀପ୍ରିୟା ପ୍ରଧାନ, ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ଶିଶିର ରାଉତରାୟ, ବ୍ଲକ ଉପାଧକ୍ଷା ରଶ୍ମିତା ପଟେଲ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଉପବାଚସ୍ପତି ଭୋଇ ସରକାରଙ୍କ ଯୋଜନାରେ ଚାଷୀମାନେ ସାମିଲ ହେଲେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର ହେବ ବୋଲି କହିଥିଲେ। ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ପାଣିଗ୍ରାହୀ ସରକାରଙ୍କ ପକ୍ଷରୁ ମିଳୁଥିବା ସବ୍‌ସିଡି ଓ ଇନ୍ସ୍ୟୁରାନ୍ସ ଉପରେ ଚାଷୀଙ୍କୁ ଅବଗତ କରାଇଥିଲେ। ରାଜ୍ୟ ସହ ନିର୍ଦ୍ଦେଶକ ଭୋଇ ଉନ୍ନତ ଗାଈ, କୁକୁଡ଼ା, ମାଛ ଚାଷ , ପ୍ରାଣୀଙ୍କ ଖାଦ୍ୟ ପାଇଁ ଘାସ ଚାଷ ଓ ମାଣ୍ଡିଆ ଚାଷକୁ ପ୍ରାଧାନ୍ୟ ଦେବାକୁ ବୁଝାଇଥିଲେ। ବଡ଼ଗାଁଠାରେ ଏକ ଦୁଗ୍ଧ ସମବାୟ ସମିତିର ଆବଶ୍ୟକତାକୁ ଆଖିରେ ରଖି ଦୁଗ୍ଧ ସମବାୟ ସମିତି ପ୍ରତିଷ୍ଠା କରିବାକୁ ଚାଷୀମାନେ ଦାବି କରିଥିଲେ। ଆୟୋଜିତ ପ୍ରାଣୀ ସମ୍ପଦ ମେଳାରେ ସଭାକୁ ସ୍ନାତକ ମହାବିଦ୍ୟାଳୟ ଅଧାପିକା ମାଳବିକା ସାମଲ ପରିଚାଳନା କରିଥିଲେ। ବଡ଼ଗାଁ ପଶୁ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଳା ପରିଚାଳିତ ହୋଇଥିଲା। ଅତିରିକ୍ତ ପ୍ରାଣୀ ଚିକିତ୍ସକ ସ୍ୱିଟି ଦାସଙ୍କ ସହିତ କର୍ମଚାରୀ ସୁରେନ୍ଦ୍ର ନାଏକ, ତପନ ନାଏକ, ଶମ୍ଭୁନାଥ ନାଏକ ମେଳା ପରିଚାଳନାରେ ସହଯୋଗ କରିଥିଲେ।

# ସମ୍ବିଧାନର ଗୁରୁତ୍ୱ ଉପରେ ଆଲୋଚନା


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

## ଜିଲାସ୍ତରୀୟ ମକ ପାର୍ଲିଆମେଣ୍ଟ ପାଳିତ

ସୁନ୍ଦରଗଡ,୯।୧୧ (ଜୟ ନାରାୟଣ ମେଣ୍ଢୁଲି)

ଜିଲା ସ୍ତରୀୟ ମକ ପାର୍ଲିଆମେଣ୍ଟ ଶନିବାର ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ଜିଲା ଯୋଜନା ସଂଯୋଜକ ସୁଖେନ୍ଦୁ ସାହୁଙ୍କ ସଂଯୋଜନାରେ ସ୍ଥାନୀୟ ସେଣ୍ଟ ଥେରେସା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ମକ ପାର୍ଲିଆମେଣ୍ଟର ଉଦ୍ଦେଶ୍ୟ ଏବଂ ଏହାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ବିଧାନସଭାର ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ବିଧାନସଭାରେ ସରକାରୀ ଦଳ ଓ ବିରୋଧି ଦଳଙ୍କ କାର୍ଯ୍ୟ ସହିତ ସାମ୍ବିଧାନିକ ପଦାଧିକାରୀଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ମଣିଷ ପ୍ରଥମେ ସାମାଜିକ ଓ ତା' ସହିତ ଜଣେ ରାଜନୈତିକ ପ୍ରାଣୀ। ଏଣୁ ସମସ୍ତେ ରାଜନୈତିକ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଲିପିକା ବେହେରା, ଅଧକ୍ଷା, ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନର ଅଧକ୍ଷା ଲିପିକା ବେହେରା, ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ, ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ସମ୍ବିଧାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆଦିବାସୀ ଶିକ୍ଷା ସଂଯୋଜକ ଡ. ଦୀପକ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘ ନିର୍ବାଚନ

## ସଭାପତି ରାକେଶ ନନ୍ଦା



ରାଜଗାଙ୍ଗପୁର, ୯।୧୧(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତିଭାବେ ରାକେଶ ନନ୍ଦା ୨୯୫ ଖଣ୍ଡ ଭୋଟପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜଗନ୍ନାଥ ଯାଦବ ୧୬୩ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଶିବନାରାୟଣ ମହାନ୍ତି ୨୦୩ ଖଣ୍ଡ ଭୋଟପାଇ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକରେ ମନୋଜ ବାଙ୍କା ୨୯୦ ଖଣ୍ଡ ଭୋଟ, ଉପସଭାପତି କ ରେ ମହମ୍ମଦ ନିଶାର ୨୪୧ ଖଣ୍ଡ ଭୋଟ ଓ ଖ ରେ ତନବିର ଆଲମ ୨୫୮ ଖଣ୍ଡ ଭୋଟ, କୋଷାଧକ୍ଷରେ ମହମ୍ମଦ ହନିଫ ୧୯୧ ଖଣ୍ଡ ଭୋଟ, ସହ ସମ୍ପାଦକ କ ରେ ଚନ୍ଦନ ସିଂ ୨୪୪ ଓ ଖ ରେ ଅଜୟ ଠାକୁର ୨୫୪ ଖଣ୍ଡ ଭୋଟପାଇ ବିଜୟଲାଭ କରିଛନ୍ତି। ନିର୍ବାଚନରେ ୪୫୯ ଜଣ ସଦସ୍ୟ ମତଦାନ କରିଥିଲେ। ବିଭିନ୍ନ ମହଲରୁ ବିଜେତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ନିର୍ବାଚନ ଅଧିକାରୀ ଭାବେ ଉପେନ୍ଦ୍ର ପ୍ରଧାନ ରହି ନିର୍ବାଚନ ପରିଚାଳନା କରିଥିଲେ।

# ଲମସି ଏଫ୍‌ସି ଦଳକୁ ହରାଇ ଲିଜେଣ୍ଡ ବଣେଇ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଭେଟେରାନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଲହୁଣୀପଡା,୯।୧୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣିପଡା ବ୍ଲକ ରାଜା ମୁଣ୍ଡା ପଞ୍ଚାୟତ ଶରଧାପୁର ଫୁଟବଲ ପଡ଼ିଆଠାରେ ଭେଟେରାନ ଫୁଟବଲ କ୍ଲବ ପକ୍ଷରୁ ରବିବାର ଏକ ଦିବସୀୟ ପୁରୁଖା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ । ଏହାର ଫାଇନାଲ ଖେଳରେ ଲମସି ଏଫସି ଦଳକୁ ୧/୦ ଗୋଲରେ ହରାଇ ଲିଜାଣ୍ଡ ବଣେଇ ଦଳ ଚାମ୍ପିୟନ ହୋଇଥିଲା। ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲହୁଣିପଡା ଥାନା ଅଧିକାରୀ ସୂରଜ କୁମାର ଝାଙ୍କର, ସମ୍ମାନିତ ଅତିଥି ରାଜା ମୁଣ୍ଡା ସରପଞ୍ଚ ମାଳତୀ କିଷାନ, ସମିତି ସଭ୍ୟ ଅଶୋକ ବେହେରା, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଧନେଶ୍ୱର ମାହାନ୍ତ, ଭୃକୁଟି ମାହାନ୍ତ, ଅବସର ପ୍ରାପ୍ତ ପ୍ରଫେସର ଯୋଗେଶ୍ୱର ପାଣ୍ଡିଆ, ଅବସର ପ୍ରାପ୍ତ ଶିକ୍ଷକ ଡିଲେଶ୍ୱର ମାହାନ୍ତ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗ୍ରାମର ୧୦ ଜଣ ପୁରୁଖା ଫୁଟବଲ ଖେଳାଳିଙ୍କୁ ପୁଷ୍ପଗଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗୀତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଉରକେଲା ବାର ଆସୋସିଏଶନର ଆଇନଜୀବୀ ପାଣ୍ଡବ ପାତ୍ର, ବକ୍ତାଭାବେ ପୂର୍ବତନ ଅବସରପ୍ରାପ୍ତ ଡିଆଇ ଶୁଭେନ୍ଦୁ ମଲ୍ଲିକ, ସମ୍ମାନିତ ଅତିଥିଭାବେ ସମାଜସେବୀ ଅଶୋକ ଅଗ୍ରୱାଲ, ସୂରଜ ସୋନା, ଟ୍ରାନ୍ସପୋର୍ଟର ରଣଜିତ ସାହୁ ଯୋଗଦେଇ ବିଜେତା ଏବଂ ଉପ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଫୁଲ୍ଲ କୁମାର ଜେନା ,ରଣଜିତ ସିଂ, ନାଗେଶ୍ୱର ସୁନେଆନି, ପ୍ରେମାନନ୍ଦ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କମିଟି ସଭାପତି ହରେକୃଷ୍ଣ ମାହାନ୍ତ, ସମ୍ପାଦକ ଧବଳେଶ୍ୱର ମାହାନ୍ତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କମିଟି ସଦସ୍ୟ ପ୍ରଦୀପ, ସତିନ୍ଦ୍ର, ଗିରିଧାରୀ, ମନୋଜ, ଦେବାନନ୍ଦ,ରସାନନ୍ଦ ମାହାନ୍ତ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ଇନ୍ଦଯାତ୍ରାରେ ଜୁଆ ଖେଳ, ୩ ଗିରଫ

କୁଆଁରମୁଣ୍ଡା,୯।୧୧(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ବୀରମିତ୍ରପୁର ପୋଲିସ ଉପଖଣ୍ଡ ଅଞ୍ଚଳରେ ଏବେ ଇନ୍ଦ ପର୍ବ ପାଳନ ହେଉଛି। ଏହି ପର୍ବରେ ନାଚ, ଗୀତ ସନ୍ଧ୍ୟାରୁ ଆରମ୍ଭ ହୋଇ ରାତି ପାହିବା ପର୍ଯ୍ୟନ୍ତ ଚାଲୁଥିବା ବେଳେ ଅନେକ ଅସାମାଜିକ କାର୍ଯ୍ୟକଳାପ ଚାଲୁଥିବା ଅଭିଯୋଗ ହେଉଛି। ଏପରିକି ଯାତ୍ରା ଗୋଟିଏ ପଟେ ଚାଲୁଥିବା ବେଳେ ଅନ୍ୟ ପଟେ ଜୁଆ,ଘୁଡୁଘୁଡ଼ି ପଟିର ଆସର ଜମୁଛି। ଏଥିରେ ସ୍ଥାନୀୟ ଆଦିବାସୀମାନେ ଟଙ୍କା ବାଜି ଲଗାଇ ସର୍ବସ୍ୱାନ୍ତ ହେଉଛନ୍ତି। ସ୍ଥାନୀୟ ସଚେତନ ଲୋକେ ଅଭିଯୋଗ କଲେ ଉପରିସ୍ଥ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ରାଏବୋଗା ଥାନା ଅଞ୍ଚଳ। ଏହି ଥାନା ଅନ୍ତର୍ଗତ ଉପାନ୍ତ ଦଲକି ଗ୍ରାମରେ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଇନ୍ଦଯାତ୍ରା ଚାଲୁଥିଲା। ଏଥିରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ହେଲେ ଏହି ଯାତ୍ରାରେ ଜୁଆ ଖେଳର ଆସର ଜମିଥିଲା। ଖବର ପାଇ ବୀରମିତ୍ରପୁର ଉପଖଣ୍ଡ ପୋଲିସ ଅଧିକାରୀ ସୁଶାନ୍ତ ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚିବା ପରେ ଜୁଆଡିମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲକୁ ପଳାଇ ଯାଇଥିଲେ। ହେଲେ ଘଟଣାସ୍ଥଳରୁ ପୋଲିସ ୩ ଜଣଙ୍କୁ କାବୁ କରିବା ସହ ଘୁଡୁଘୁଡ଼ି ପଟି, ଗୋଟି ସହ ୧ ହଜାର ୮୦ ଟଙ୍କା ଜବତ କରିଥିବା ଏସ୍‌ଡିପିଓ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।

# ପେଟ୍ରୋଲ, ଡିଜେଲ ଚୋରି ଅଭିଯୋଗରେ ୨ ଗିରଫ

ଅତାବିରା,୯।୧୧(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରାର ଏକ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଓ ଡିଜେଲ ଚୋରି ଅଭିଯୋଗରେ ରବିବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ଅତାବିରା ଥାନା ଚକୁଲିଫାର୍ମ ନିବାସୀ କିଶୋର ମହାପାତ୍ର (୩୧) ଏବଂ ଚିକୁ ଓରଫ ହେମାନନ୍ଦ ନାଗ(୨୨)। ପୋଲିସ ସେମାନଙ୍କଠାରୁ ୫୦ଲିଟର ଡିଜେଲ, ଏକ ବାଇକ୍ (ନଂ-ସିଜି୦୪ଡିକ୍ୟୁ ୪୨୨୨) ଜବତ କରିଛି। ଏହା ସହିତ ଅତାବିରା ଆନ୍ଧ୍ରା କଲ୍ୟାଣ ମଣ୍ଡପରୁ ଚୋରି ହୋଇଥିବା ୩ ବ୍ରୋଞ୍ଜ ପାତ୍ର ମଧ ସେମାନଙ୍କ ପାଖରୁ ଜବତ ହୋଇଛି। ସୂଚନା ଅନୁଯାୟୀ, ଗତ ୬ତାରିଖ ଅଭିଯୁକ୍ତମାନେ ପେଟ୍ରୋଲ ପମ୍ପକୁ ଆସି ୫୦ଲିଟରର ପେଟ୍ରୋଲ ଏବଂ ୫୦ଲିଟରର ଡିଜେଲ ଚୋରି କରି ନେଇଥିଲେ । ଏ ନେଇ ପେଟ୍ରୋଲ ପମ୍ପ ମାଲିକ ଅତାବିରା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ-୪୧୩/୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

- ବିଦ୍ୟୁତ୍ ତାର ସଂସ୍ପର୍ଶରେ ମହିଳା ଗୁରୁତର ଘଟଣା
- ଏନ୍‌ଏଚ୍‌ଆର୍‌ସି ନିକଟରେ ଅଭିଯୋଗ ପତ୍ର ଦାଖଲ

ଥୁଆମୂଳ ରାମପୁର,୯।୧୧(ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ଧୂଳିଗୁଡ଼ା ଗ୍ରାମରେ ଶନିବାର ଉଗ୍ରସେନ ନାଏକଙ୍କ ସ୍ତ୍ରୀ ଶକୁନ୍ତଳା ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏହି ଖବର ପ୍ରକାଶ ପାଇବା ପରେ ରବିବାର ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ତ୍ୟୋଦୟର ଅଧକ୍ଷ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ପୀଡ଼ିତ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି। ଏଥିସହିତ ଜଙ୍ଗଲ ବିଭାଗ ଓ ବିଦ୍ୟୁତ୍ ବିଭାଗ ଅଧିକାରୀମାନଙ୍କ ବିରୋଧରେ ଫୌଜଦାରି ମକଦ୍ଦମା ରୁଜୁ କରି ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି । ଦିଲ୍ଲୀପଙ୍କ ଏତଲାକ୍ରମେ ମାନବାଧିକାର କମିଶନ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ବଡ଼ଗାଁ ଡାକ୍ତରଖାନାରୁ ନାଗସାପ ଉଦ୍ଧାର

ବଡ଼ଗାଁ,୯।୧୧(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୂତି ଗୃହରେ ରବିବାର ଅପରାହ୍ନରେ ଏକ ନାଗ ସାପ ଦେଖାଯାଇଥିଲା। ସାପକୁ ଧରି ମହେନ୍ଦ୍ର କୁମାର ନାଏକ ଜଙ୍ଗଲରେ ଛାଡିଛନ୍ତି। ବର୍ତ୍ତମାନ ସୁଦ୍ଧା ନାଗ, ଚିତି, ପାହାଡ଼ ଚିତି, ଡମଣା, ଅଜଗର, ଚନ୍ଦନବୋଡା ଆଦି ବିଭିନ୍ନ ପ୍ରଜାତିର ୧୦୯ଟି ସାପ ଉଦ୍ଧାର କରି ଅଞ୍ଚଳର ଜଣାଶୁଣା ସ୍ୱେଚ୍ଛାସେବୀ ସାପ ଧରାଳି ମହେନ୍ଦ୍ର କୁମାର ନାଏକ ଜଙ୍ଗଲରେ ଛାଡିଛନ୍ତି। ଅଗଷ୍ଟରୁ ନଭେମ୍ବର ମାସ ମଧ୍ୟରେ ସର୍ବାଧିକ ସାପ ବାହାରିଥିବା ଓ ଚଳିତବର୍ଷ ୩ଟି ଅଜଗର ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

# ଖତ ଖାଉଛି ମୂଲ୍ୟବାନ ପୁସ୍ତକ

ପଦ୍ମପୁର,୯।୧୧ (ପ୍ରଦୀପ୍ତ ଦାଶ)

ପୁସ୍ତକ ଅଛି କିନ୍ତୁ ପଢିବାକୁ କେହି ନାହାନ୍ତି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ପଦ୍ମପୁର ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାରରେ। ପଦ୍ମପୁର ଉପଜିଲାପାଳ କାର୍ଯ୍ୟାଳୟ ପରିସର ଉପର ମହଲାରେ ରହିଛି ଏହି ପାଠାଗାର। ସେଠାରେ ରହିଛି ୧୫ରୁ ଉର୍ଦ୍ଧ୍ୱ ଆଲମାରି। ଭିତରେ ଦୀର୍ଘ ଦିନ ହେଲା ଖତ ଖାଉଛି ଅନେକ ମୂଲ୍ୟବାନ ପୁସ୍ତକ। ଦିନ ଥିଲା ସେହି ଆଲମାରିରୁ ଅନେକ ପୁସ୍ତକ ବାହାର କରାଯାଇ ପଢା ହେଉଥିଲା। କିନ୍ତୁ ଏବେ ସେଗୁଡ଼ିକ ସତେ ଯେମିତି ଅଲୋ ପଡ଼ିଛି।

# ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡରେ ଅଗ୍ନିକାଣ୍ଡ

ରାଉରକେଲା,୯।୧୧(ସଙ୍ଗୀତା ଜେନା)

ରାଉରକେଲା ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ଥିବା କିଛି ଦୋକାନରେ ରବିବାର ସକାଳ ୮ଟାରେ ଅଗ୍ନିକାଣ୍ଡ ହୋଇଛି। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପକ୍ଷରୁ ଗୋଟିଏ ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କୌଣସି ଦୋକାନରେ ସର୍ଟସର୍କିଟ ଯୋଗୁ ଏପରି ହୋଇଥିବାସନ୍ଦେହ କରାଯାଉଛି। ତେବେ କ୍ଷୟକ୍ଷତି ଆକଳନ କରାଯାଉଛି ବୋଲି ଦୋକାନୀମାନେ କହିଥିଲେ।

# ତୈଳିକ ସମାଜର ବାର୍ଷିକ ସଭା ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଯୋଗ ଦେଇଥିବା ସମାଜ କର୍ମକର୍ତ୍ତା।

ବଡ଼ଗାଁ,୯।୧୧( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ମାରୱାଡ଼ି ଧର୍ମଶାଳାରେ ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜ ଗାଙ୍ଗପୁର ଅଞ୍ଚଳର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ହେବାକୁ ଥିବା ବାର୍ଷିକ ଉତ୍ସବ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗପୁର ଉପକେନ୍ଦ୍ରର ଉପସଭାପତି ହରି ଶଙ୍କର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ କେନ୍ଦ୍ର ସଭାପତି ନରେନ୍ଦ୍ର ବେହେରା, ସମ୍ପାଦକ ବସନ୍ତ ସାହୁ, ଉପଦେଷ୍ଟା ଲବଣୀଧର ଦାନୀ, ସମାଜର ନୀତି ଆୟୋଗ ଅଧକ୍ଷ ଶିବ ଶଙ୍କର ବେହେରା, ଉପକେନ୍ଦ୍ର ସମ୍ପାଦକ ଫକୀର ମୋହନ ପୃଷେଟ, ସମ୍ପାଦକ ଅଚ୍ୟୁତ କୁମାର ସାହୁଙ୍କ ସହିତ ୧୦ଟି ଗ୍ରୁପର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। କର୍ମକର୍ତ୍ତାମାନେ ଆଲୋଚନା କଲାପରେ ଜର୍ମାଲ ଗ୍ରୁପରେ ବାର୍ଷିକ ସଭା କରିବା ପାଇଁ ସମ୍ମତି ପ୍ରକାଶ ପାଇଥିଲା। ବଡ଼ଗାଁ ଗ୍ରୁପ ସଭାପତି ଦିବ୍ୟଶଙ୍କର ପୃଷେଟ ଓ ସମ୍ପାଦକ ଧରଣୀଧର ସା ବୈଠକ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଫୁଟ୍‌ବଲ ଚୟନ ପ୍ରତିଯୋଗିତା ଉଦ୍‌ଘାଟିତ

କୁତ୍ରା,୯।୧୧(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତୁନମୁରାଠାରେ ଅବସ୍ଥିତ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସମୂହର ଜିଲା ସ୍ତରୀୟ ଫୁଟବଲ ଚୟନ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ତଥା ଆୟୋଜକ କମିଟିର ସମ୍ପାଦକ ଅମରେଶ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ସିଏସଆର ବିଭାଗ ଅଧୀକ୍ଷକ ଅଲେଖ କୁମାର ଦଳାଇ, ବିଦ୍ୟାଳୟ ପ୍ରତିଷ୍ଠାତା ବଇଲୋ କିଶାନ, ସୁନ୍ଦରଗଡ ବିଇଓ ଅଶୋକ କୁମାର ଲାକଡା, ସରପଞ୍ଚ ତରଣୀସେନ ବରିହା, ଏସଏମସି ସଭାପତି ଶ୍ରୀକାନ୍ତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଶାରୀରିକ ଅଧିକାରୀ ଅଜୟ କୁମାର ପ୍ରଧାନ ଜିଲାର ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। ୨ ଦିନ ଧରି ଆୟୋଜିତ ହେଉଥିବା ଏହି ଫୁଟବଲ ଚୟନ ପ୍ରତିଯୋଗିତାରେ ଜିଲାର ସମସ୍ତ ବ୍ଲକର ଉଭୟ ବାଳିକା ଓ ବାଳକ ବିଭାଗର ଦଳ ଅଂଶଗ୍ରହଣ କରୁଛନ୍ତି। ଜିଲାର ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକମାନେ ଖେଳ ପରିଚାଳନା କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ଖେଳ ଶିକ୍ଷକ ପ୍ରଫୁଲ୍ଲ ସାହୁ ଓ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ଏବିଇଓ ନିରଞ୍ଜନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ଖେଳ ଶିକ୍ଷକ ଏହି ପ୍ରତିଯୋଗିତା ଆୟୋଜନରେ ସହଯୋଗ କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ସମସ୍ୟା ସମାଧାନ ନ ହେଲେ ରାସ୍ତା ଅବରୋଧ ଚେତାବନୀ

■ ଭାରିଯାନ ଚଳାଚଳ, ପ୍ରଦୂଷଣରେ ଅତିଷ୍ଠ କୁଦୋପାଲି ଗ୍ରାମବାସୀ
■ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ

ଝାରସୁଗୁଡ଼ା,୯।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ କୁଦୋପାଲି ପଞ୍ଚାୟତବାସୀ ପ୍ରଦୂଷଣ ଓ ଗ୍ରାମ୍ୟ ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ଅତିଷ୍ଠ ହୋଇପଡିଲେଣି। ଏଥିରେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି କୁଦୋପାଲି ସମିତି ସଭ୍ୟା, ଓରାମପଡାବାସୀ। ଝାରସୁଗୁଡ଼ା ବ୍ଲକ କୁଦୋପାଲି ସମିତିସଭ୍ୟା ରଶ୍ମିତା ପ୍ରଧାନ ଓ ଓରାମପଡା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କୁଦୋପାଲି ପଞ୍ଚାୟତ ୱାର୍ଡ ନଂ.୩ରେ ଥିବା ଓରାମପଡାରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ତେବେ ଗ୍ରାମରେ ନା ରହିଛି ପାନୀୟ ଜଳ ସୁବିଧା ନା ଆଲୁଅ ବ୍ୟବସ୍ଥା। ଏପରି କି ଅଙ୍ଗନୱାଡି ଶିକ୍ଷା ପାଇଁ ଓରାମପଡ଼ାର ଶିଶୁଙ୍କୁ ପ୍ରାୟ ୧ କି.ମି ଦୂର କୁଦୋପାଲି ଗ୍ରାମକୁ ଯିବାକୁ ପଡୁଛି । ଏଠାରେ ସୂଚନାଯୋଗ୍ୟ, କୁଦୋପାଲି ପଞ୍ଚାୟତକୁ ୩ଟି କୋଇଲା କ୍ଷେତ୍ର ଘେରି ରହିଛି। ଏହାସହ ଓରାମପଡ଼ାକୁ ଇବ୍‌ଭ୍ୟାଲି ଖୋଲାମୁହାଁ କୋଇଲା ଖଣି ତିନି ପାର୍ଶ୍ୱରୁ ଘେରି ରହିଛି। ଯାତାୟାତ ପାଇଁ ଅଞ୍ଚଳବାସୀଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ନାହିଁ। ଯେଉଁ ରାସ୍ତା ଅଛି ସେଥିରେ ଭାରିଯାନ ଚଳାଚଳ ଯୋଗୁ ଲୋକେ ଭୟଭୀତ ଓ ଅତିଷ୍ଠ ହୋଇ ପଡିଲେଣି। କୁଦୋପାଲି ଗ୍ରାମ ପଛ ଦେଇ ଯାଇଥିବା ରାସ୍ତାକୁ ୨୦୧୨ରେ ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ତତ୍କାଳୀନ ଜିଲାପାଳ ପୁନମ ଗୁହା ତାପସ କୁମାର ବନ୍ଦ କରିବା ପାଇଁ ଆଦେଶ ଦେଇଥିଲେ। ତେବେ ଗତ କିଛି ମାସ ହେଲା ଉକ୍ତ ରାସ୍ତା ଖୋଲାଯିବା ସହ ଭାରିଯାନ ଚଳାଚଳ ଆରମ୍ଭ କରିଛି। ଏହି ରାସ୍ତା ଦେଇ ଲଖନପୁର କୋଇଲାଖଣିରୁ ଇବ୍‌ଭ୍ୟାଲି କୋଇଲାଖଣିକୁ ଭାରିଯାନରେ କୋଇଲା ପରିବହନ କରାଯାଉଛି। ଭାରିଯାନ ଚଳାଚଳ ଯୋଗୁ ଓରାମପଡ଼ାବାସୀ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଛୋଟଛୋଟ ପିଲାମାନେ ସ୍କୁଲ ଯିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାସହ ଭାରିଯାନ ଯୋଗୁ କୋଇଲା ଗୁଣ୍ଡ ଉଡ଼ି ଗ୍ରାମକୁ ଆଚ୍ଛାଦିତ କରୁଛି । ଫଳରେ ଗ୍ରାମରେ ଥିବା ପୋଖରୀ ଓ ଘରଗୁଡ଼ିକରେ କୋଇଲା ଗୁଣ୍ଡ ପଡ଼ି ପ୍ରଦୂଷଣ ସୃଷ୍ଟି କରୁଛି । ଏପରି କି ଓରାମପଡ଼ାବାସୀ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଭୋଗୁଛନ୍ତି। ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ ନ କଲେ ରାସ୍ତା ଅବରୋଧ କରାଯିବ ବୋଲି କୁଦୋପାଲି ସମିତି ସଭ୍ୟା ରଶ୍ମିତା ପ୍ରଧାନ, ଓରାମପଡାର ୱାର୍ଡସଭ୍ୟା ଜ୍ୟୋତ୍ସ୍ନା ଓରାମ, ପଡ଼ାର ବାସନ୍ତୀ ଓରାମ, ମାଳତି ଓରାମ, ତିଳୋତ୍ତମା ଓରାମ, ବିଦ୍ୟାଧର ଓରାମ, ମାନ ଓରାମ, ରାଜକୁମାର ଓରାମ ଓ ସୁନୀଲ ଓରାମ କହିଛନ୍ତି । ଏନେଇ ଇବ୍‌ଭ୍ୟାଲି ଜିଏମ୍ ଜିତେନ୍ଦ୍ର ତିୱାରୀଙ୍କୁ ତାଙ୍କ ଫୋନ ନମ୍ବର ୯୪୩୮୪୯୩୮୩୬ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ପ୍ରକାଶଥାଉ କି, ଗତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଯାଇ ଜିଲାପାଳଙ୍କୁ ଏ ସମ୍ପର୍କରେ କୁଦୋପାଲି ସମିତି ସଭ୍ୟା ଓରାମପଡାର ଏହି ସମସ୍ୟା ଉପରେ ଅଭିଯୋଗ କରିଥିଲେ ମଧ୍ୟ ଜିଲା ପ୍ରଶାସନ ତରଫରୁ ଏ ଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ସମିତି ସଭ୍ୟା ପ୍ରଧାନ ପ୍ରକାଶ କରିଛନ୍ତି।


ଓରାମପଡାଠାରେ ସମିତିସଭ୍ୟା ଓ ଓରାମପଡାବାସୀ ଏକଜୁଟ ହୋଇଛନ୍ତି।

# ସାଇକେଲ ରାଲି ମାଧ୍ୟମରେ ସାଇବର କ୍ରାଇମ୍ ସଚେତନତା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏସ୍‌ପି, ପୋଲିସ ଅଧିକାରୀ ଓ ଛାତ୍ରୀଛାତ୍ର।

ଝାରସୁଗୁଡ଼ା,୯।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରସ୍ଥିତ ବିଟିଏମ୍ ପଡିଆଠାରୁ ଏସ୍‌ପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସାଇକେଲ ରାଲି ଦ୍ୱାରା ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ ଝାରସୁଗୁଡା ପୋଲିସ ପକ୍ଷରୁ ରବିବାର ସକାଳ ୮ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ରାଲିରେ ଯୋଗଦେଇଥିବା ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର, ପୋଲିସ ଅଧିକାରୀ ତଥା ଉପସ୍ଥିତ ଜନସାଧାରଣଙ୍କୁ କିପରି ସାଇବର କ୍ରାଇମ ହେଉଛି ଏବଂ ଏହାକୁ କିପରି ରୋକାଯାଇ ପାରିବ ସେ ନେଇ କହିଥିଲେ। କାର୍ଯ୍ୟକ୍ରମରେ ଓଏସ୍‌ପି କମାଣ୍ଡାଣ୍ଟ ପ୍ରସାଦ ତମଙ୍ଗ, ଝାରସୁଗୁଡା ପୋଲିସ ବିଭାଗର ଅତିରିକ୍ତ ଏସ୍‌ପି ମଧୁସିକ୍ତା ମିଶ୍ର, ଡିଏସ୍‌ପି ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଡିଏସ୍‌ପି ଉମାଶଙ୍କର ସିଂ, ଟାଉନ ଆଇଆଇସି ରଞ୍ଜନ ବରିହାଙ୍କ ସହିତ ପୋଲିସ ବିଭାଗର ବହୁ ଅଧିକାରୀ ଯୋଗଦେଇଥିବା ବେଳେ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସଂକ୍ଷେପରେ

### ନୂତନ ବ୍ଲକ ଗଠନ ପାଇଁ ବୈଠକ

ରିଆମାଳ,୯।୧୧(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ଜୋନ ୨ରେ ନୂତନ ବ୍ଲକ ଗଠନ କରିବା ଦାବି ନେଇ ରବିବାର ସନ୍ତୋଷ କୁମାର ସାହୁ, କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ବିରେନ ପ୍ରଧାନ, ଗୌତମ ପ୍ରଧାନଙ୍କ ଆହ୍ୱାନ କ୍ରମେ ତାରିଣୀ ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ରିଆମାଳ ବ୍ଲକକୁ ଜୋନ ୨ର ଜନସାଧାରଣ ଆସିବାକୁ ଦୂର ହେଉଥିବା ବେଳେ ଯାତାୟତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳରେ ବ୍ଲକ ସ୍ଥାପନ ହେଲେ ଲୋକେ ବିଭିନ୍ନ ସରକାରୀ ସୁବିଧା ପାଇପାରିବେ। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜୀବୀ, ଜନସାଧାରଣ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତ ରଖିଥିଲେ। ବ୍ଲକ ସ୍ଥାପନ ପରେ ପର୍ଯ୍ୟାୟ କ୍ରମେ ବ୍ଲକସ୍ତରୀୟ ସମସ୍ତ ଅଫିସ ମଧ୍ୟ ଖୋଲାଯାଇ ପାରିବ।

### ମଣ୍ଡି ପ୍ରସ୍ତୁତି ବିଳମ୍ବ ନେଇ ଚାଷୀ ଅସନ୍ତୋଷ

କୁଚିଣ୍ଡା, ୯।୧୧(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡା ଆରଏମ୍‌ସି ପକ୍ଷରୁ ମଣ୍ଡି ପ୍ରସ୍ତୁତିରେ ବିଳମ୍ବକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ବିଗତ ବର୍ଷରେ ମାସେ ପୂର୍ବରୁ ମଣ୍ଡି ପ୍ରସ୍ତୁତି ହେଉଥିବା ବେଳେ ଚଳିତବର୍ଷ ନଭେମ୍ବର ୧୦ସୁଦ୍ଧା ଆରଏମ୍‌ସି ପକ୍ଷରୁ ମଣ୍ଡି ପ୍ରସ୍ତୁତି ନିମନ୍ତେ ସେଭଳି କୌଣସି ତତ୍ପରତା ପରିଲକ୍ଷିତ ହେଉନାହିଁ। ମଣ୍ଡି ଶୁଭାରମ୍ଭ ପାଇଁ ୧୦ରୁ ୧୫ ଦିନ ଥିବାରୁ କିଭଳି ମଣ୍ଡି ପ୍ରସ୍ତୁତି ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଛଡ଼ା ଗ୍ରେଡିଂ ଇକ୍ୟୁପମେଣ୍ଟ (ଆବଶ୍ୟକ ସରଞ୍ଜାମ) ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଆରଏମ୍‌ସିର କାର୍ଯ୍ୟଦକ୍ଷତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଆରଏମ୍‌ସି ଅଧିନରେ ଥିବା ଓଜନ କଣ୍ଟାଗୁଡିକ ଏପର୍ଯ୍ୟନ୍ତ ଯାଞ୍ଚ ହୋଇନାହିଁ। ଧାନକ୍ରୟର ଯଥେଷ୍ଟ ପୂର୍ବରୁ ଚାଷୀ, ଚାଷୀ ପ୍ରତିନିଧି, କ୍ରୟକାରୀ ସଂସ୍ଥା ଓ ସରକାରୀ ଅଧିକାରୀଙ୍କୁ ନେଇ ବ୍ଲକୱାରି ଆଭ୍ୟନ୍ତରୀଣ ସମନ୍ୱୟ ବୈଠକ ହେବାର ସରକାରୀ ପ୍ରାବଧାନ ରହିଛି। ହେଲେ ଆରଏମ୍‌ସି ପକ୍ଷରୁ କୌଣସି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇନାହିଁ। ବିଗତ ବର୍ଷରେ ସଚେତନତା ରଥ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯାଇଥିବାବେଳେ ଚଳିତବର୍ଷ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳିଛି। ମଣ୍ଡି ସଫେଇ, ଟେଣ୍ଟ, ଜଗୁଆଳି, ବିଦ୍ୟୁତ୍ ସଂଯୋଗ, ପାଣି, ତାର୍ପୋଲିନ, ଆବଶ୍ୟକ ଯନ୍ତ୍ରପାତି, ସିସି କ୍ୟାମେରା ବ୍ୟବସ୍ଥା ଆଦୌ କୌଣସି ପ୍ରସ୍ତୁତି ହୋଇ ନ ଥିବା ବେଳେ କୁଚିଣ୍ଡା ଓ ଜମନକିରାରେ ଥିବା ଦୁଇଟି ୱେ ବ୍ରିଜ ଯାଞ୍ଚ ହୋଇନାହିଁ। ଚଳିତବର୍ଷ ବମ୍ପର କ୍ରପ ହୋଇଥିଲେହେଁ ଆରଏମ୍‌ସିର ମନୋଭାବକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଆରଏମସି ସମ୍ପାଦକ ସୁଧିର କୁମାର ନାଏକଙ୍କୁ ପଚାରିବାରେ ମଣ୍ଡି ସଫେଇ କାମ ଚାଲିଛି। ଆଇଇସି ଓ ଆଭ୍ୟନ୍ତରୀଣ ସମନ୍ୱୟ ବୈଠକ ଖୁବ୍‌ଶୀଘ୍ର କରାଯିବ। ଏଥି ସହ ଯନ୍ତ୍ରପାତି ଏବଂ ୱେ ବ୍ରିଜ ଯାଞ୍ଚ ନିମନ୍ତେ ଚିଠି କରାଯାଇଥିବା ସେ କହିଛନ୍ତି।

# ପର୍ଶୁରାମ ବାହିନୀର ପ୍ରଥମ ବୈଠକ

ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

ଦେବଗଡ,୯।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡର ପ୍ରଧାନପାଟସ୍ଥିତ ବସନ୍ତ ନିବାସ ଡାକବଙ୍ଗଳା ପରିସରରେ ରବିବାର ପର୍ଶୁରାମ ବାହିନୀର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁରଞ୍ଜିତ କୁମାର ମହାପାତ୍ରଙ୍କ ଆବାହକତ୍ୱ ଏବଂ ସତ୍ୟ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବ୍ରାହ୍ମଣମାନଙ୍କର ସାମାଜିକ, ସାଂସ୍କୃତିକ , ଅର୍ଥନୈତିକ ସ୍ଥିତି, ସାମୁହିକ ବିକାଶ, ବିଭିନ୍ନ ସମସ୍ୟା ଏବଂ ଏସବୁର ସମାଧାନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏଥିସହ ବ୍ରାହ୍ମଣ ବାଳକମାନଙ୍କର ସାମୁହିକ ବ୍ରତୋପନୟନ, ଅବିବାହିତା ବୟସ୍କା ଯୁବତୀମାନଙ୍କର ବିବାହ ଆୟୋଜନ ଆଦି ନେଇ ଆଲୋଚନା କରାଯିବା ସହ ସାମର୍ଥ୍ୟ ଅନୁଯାୟୀ ସହାୟତା ପ୍ରଦାନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପର୍ଶୁରାମ ବାହିନୀର ଆବେଦନକୁ ବିଚାର କରି ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ଛକଠାରେ ଭଗବାନ ପର୍ଶୁରାମଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ଥାନ ନିରୂପଣ କରାଯାଇଥିବାରୁ ପୌର ପରିଷଦ ଭାରପ୍ରାପ୍ତ ନଗରପାଳ, ନିର୍ବାହୀ ଅଧିକାରୀ ଓ ସମସ୍ତ କାଉନସିଲରଙ୍କୁ ବାହିନୀ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଏହାଛଡା ଆବଶ୍ୟକ ପ୍ରକ୍ରିୟା ଏବଂ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ନିମନ୍ତେ ଅନୁରୋଧ କରାଯାଇଥିଲା । ସେହିପରି ଆଗାମୀ ବୈଠକରେ ପର୍ଶୁରାମ ବାହିନୀର କର୍ମକର୍ତ୍ତା ମନୋନୟନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ବୈଠକରେ ତରଣୀକାନ୍ତ ଦାଶ, ମୋତିଲାଲ ଶର୍ମା, ଅଶୋକ କୁମାର ଗୁରୁ, ସିଦ୍ଧାର୍ଥ ଗୁରୁ, ପ୍ରକାଶ କୁମାର ଆଚାର୍ଯ୍ୟ ଓ ସୁଧୀର କୁମାର ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁମୁଦ ଚନ୍ଦ୍ର ଶତପଥୀ, ଦିଲିପ କୁମାର ପାଢୀ, ସରୋଜ କୁମାର ପାଢୀ, ସନ୍ତୋଷ କୁମାର ଗୁରୁ ଓ ସୁବାସ ଦାଶ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ରୋମିଓ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଆଇନ ସେବା ପ୍ରାଧିକରଣ ଅଧିନିୟମ ସଚେତନତା

ବ୍ରଜରାଜନଗର,୯।୧୧(ବିଜୟ ବରାଡ଼)

ସ୍ଥାନୀୟ ଡାନିଏଲ ସ୍କୁଲରେ ଝାରସୁଗୁଡ଼ା ଜିଲା ଜାତୀୟ ଆଇନ ସେବା ପ୍ରାଧିକରଣ ଅଧିନିୟମ ସଚେତନତା କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲା ଅତିରିକ୍ତ ବିଚାରପତି ସଦାଶିବ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନିୟର ସିଭିଲ ବିଚାରପତି ସନ୍ଧ୍ୟା ରଥ, ଆଲୋକମୟି ପ୍ରଧାନ, ଓକିଲ ସଜଦା ବେଗମ, ଝାରସୁଗୁଡା ବାର ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ଡାନିଏଲ ସ୍କୁଲ ନିର୍ଦ୍ଦେଶକ ବିଜୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଆଜିର ଦିନରେ ଗରିବ ଅସହାୟ ଲୋକମାନେ ବିଭିନ୍ନ କ୍ଷେତ୍ରରେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ନ୍ୟାୟ ଲଢ଼ିବା ପାଇଁ ସେମାନଙ୍କ ପାଖରେ ଟଙ୍କାର ଅଭାବ ଯୋଗୁ ସେମାନେ କୋର୍ଟ ପର୍ଯ୍ୟନ୍ତ ଯାଇପାରୁ ନାହାନ୍ତି। ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ଆଇନ ପ୍ରାଧିକରଣ ଅଧିନିୟମ ବ୍ୟବସ୍ଥା କରିଛନ୍ତି। ଯେଉଁ ଅସହାୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେମାନେ ଜିଲା କୋର୍ଟ ଶାଖାରେ ଏକ ଦରଖାସ୍ତ ଦେଲେ ସେଠାରେ ମାଗଣାରେ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶେଷରେ ଡାନିଏଲ ସ୍କୁଲର ନିର୍ଦ୍ଦେଶକ ବିଜୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତା


ପ୍ରତିଯୋଗିତା ଅବସରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଦେବଗଡ଼,୯।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ପୋଲିସ ପକ୍ଷରୁ ଚାଲିଥିବା ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ରବିବାର ଜିଲାସ୍ତରୀୟ କନିଷ୍ଠ ବର୍ଗ ଜଣାଅଜଣା ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ବ୍ଲକ ସ୍ତରରୁ ମନୋନୀତ ହୋଇ ଆସିଥିବା ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଅତିଥି ଭାବେ ଦେବଗଡ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର, ଓଏଏସ କେଶବ ଚନ୍ଦ୍ର ଦାଶ, ରମେଶ କୁମାର ମାହାନା ଓ ଦେବଗଡ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ । ଜଣାଅଜଣା ପ୍ରତିଯୋଗିତାରେ ପ୍ରିନ୍ସ ରଣବିଡା ପ୍ରଥମ, ପ୍ରିୟଙ୍କା ରଣା ଓ ମୁକେଶ ମୁଣ୍ଡୁ ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ପରମେଶ୍ୱରୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତାରେ ଡିଲେଶ୍ୱରୀ ସାହୁ ପ୍ରଥମ, ସନ୍ଧ୍ୟାରାଣୀ ସାହୁ ଦ୍ୱିତୀୟ ଏବଂ ଅଞ୍ଜନା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉପରୋକ୍ତ କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ରେଞ୍ଜ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ପୋଲିସ ବିଭାଗ ସୂତ୍ରରୁ ସୂଚନା ମିଳିଛି ।

# ଜାତୀୟ ଆଇନ ସେବା ଦିବସ ପାଳିତ



ଜିଲା କୋର୍ଟ ପରିସରରୁ ପଦଯାତ୍ରା ବାହାରୁଛି।

ଦେବଗଡ,୯।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ନ୍ୟାୟାଳୟର ଅତିରିକ୍ତ ଜିଲାଜଜ୍ ମଧୁମିତା ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନ ସେବା ପ୍ରାଧିକରଣ, ଦେବଗଡ ତରଫରୁ ଜାତୀୟ ଆଇନ ସେବା ଦିବସ ରବିବାର ପାଳିତ ହୋଇଯାଇଛି । ଏହି ଅବସରରେ ଜିଲା କୋର୍ଟ ପରିସରରୁ ପଦଯାତ୍ରା ବାହାରି ନଗର ପରିକ୍ରମା କରିଥିଲା । ଲୋକଙ୍କୁ ବିଭିନ୍ନ ଆଇନ ଉପରେ ସଚେତନ କରାଯାଇଥିଲା। ଏହି ପଦଯାତ୍ରାରେ ସିଭିଲ କୋର୍ଟ, ଦେବଗଡ ରେଜିଷ୍ଟ୍ରାର ବି. ମହାପାତ୍ର, ମହିଳା କୋର୍ଟର ବିଚାରପତି ସାନ୍ତାଶ୍ରୀ ମହାନ୍ତି, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ରୁଦ୍ରପ୍ରକାଶ ନାୟକ, ଜେଏମଏଫସି ଶୁଭସ୍ମିତା ଶୁଭଦର୍ଶିନୀ ପାତ୍ର, ଜିଲା ଆଇନ ସେବା ପ୍ରାଧିକରଣ, ଦେବଗଡର କର୍ମଚାରୀଙ୍କ ସହିତ ପାରାଲିଗାଲ ସ୍ୱେଚ୍ଛାସେବୀ, ଜନସାଧାରଣ ସାମିଲ ଥିଲେ।

# ଯୁବକଙ୍କୁ ଆକ୍ରମଣ, ୨ ଗିରଫ

ଲଇକେରା,୯।୧୧(ରଞ୍ଜନ କୁମାର ମେହେର)

ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ୨ ଜଣଙ୍କୁ ଲଇକେରା ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କୁଲେମୁରା ଅଞ୍ଚଳର ରୋଶନ ସୁନାନି(୨୦) ଓ ରିତିକ ତନ୍ତୀ (୧୯)। ଅଭିଯୋଗ ଅନୁସାରେ, ରଙ୍ଗିଆଟିକ୍ରା ଗାଁର ଯୋଗେନ୍ଦ୍ର ରଣବିଡ଼ା ଶୁକ୍ରବାର ରାତିରେ ଘରେ ଥିଲେ। ଏହି ସମୟରେ ରୋଶନ, ରିତିକ ଏବଂ ଅନ୍ୟ ଅଭିଯୁକ୍ତମାନେ ଯୋଗେନ୍ଦ୍ରଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଯେଗେନ୍ଦ୍ରଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସିବାରୁ ଅଭିଯୁକ୍ତମାନେ ବାଇକରେ ଫେରାର ମାରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

# ଭଅଁରଖୋଲ, ଜାମଗାଁ ହାଇସ୍କୁଲ ଛାତ୍ରୀଛାତ୍ର ଜିତିଲେ ମେଡାଲ

ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା

ଲଖନପୁର,୯।୧୧(ଗୌତମ ସାହୁ)

ରାଜ୍ୟ ସ୍ତରୀୟ ସ୍କୁଲ ସନ୍ତରଣ ପ୍ରତିଯୋଗିତାରେ କୃତିତ୍ୱ ହାସଲ କଲେ ଭଅଁରଖୋଲ ବିପିଏମ୍ ହାଇସ୍କୁଲ ଭଅଁରଖୋଲ ଏବଂ ଜାମଗାଁ ହାଇସ୍କୁଲର ଛାତ୍ରୀଛାତ୍ର। ବାଳିକା ବିଭାଗର ସନ୍ତରଣ ପ୍ରତିଯୋଗିତରେ ବିପିଏମ୍ ହାଇସ୍କୁଲ ଭଅଁରଖୋଲର ଛାତ୍ରୀ ଅନିମା ମୁଣ୍ଡା ୧୭ ବର୍ଷରୁ କମ୍ ବର୍ଗରେ ୪୦୦ ମିଟରରେ ତୃତୀୟ ଏବଂ ୨୦୦ ମିଟରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ପ୍ରୀତି ବାରିକ ୨୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସାଗରିକା ସାହୁ ୧୪ ବର୍ଷରୁ କମ ବର୍ଗରେ ୨୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପଟେ ବାଳକ ବିଭାଗରେ ଜାମଗାଁ ହାଇସ୍କୁଲର କସମିନ ଖମାରୀ ୧୭ ବର୍ଷରୁ କମ୍ ବର୍ଗରେ ୨୦୦ ମିଟର ଏବଂ ୧୦୦ ମିଟର ବେକ ଷ୍ଟ୍ରୋକ ସନ୍ତରଣରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗତ ଦୁଇଦିନ ଧରି ସମ୍ବଲପୁର ଝସକେତନ ସାହୁ ସନ୍ତରଣାଗାରଠାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।


ମେଡାଲ ଜିତିଥିବା ଛାତ୍ରୀଛାତ୍ର।

# ରାଜ ଇଲେଭେନ୍ ଚାମ୍ପିୟନ

ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ,୯।୧୧(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ କଣ୍ଡାପାଲି ଗ୍ରାମ ପଞ୍ଚାୟତର ଟୁସୁଲା ଖେଳପଡିଆଠାରେ ଦୋଳଗୋବିନ୍ଦ କ୍ଲବ ଆନୁକୂଲ୍ୟରେ ଶନିବାର ଠାରୁ ଆରମ୍ଭ ହୋଇଥିବା ଦ୍ୱି ଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ବିକ୍ରାନ୍ତ ଏଫ୍‌ସିକୁ ପରାସ୍ତ କରି ରାଜ ଇଲେଭେନ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ରେଫରି ଭାବେ ତନ୍ମୟ କିସାନ, ରାଜକୁମାର ମଣ୍ଡଳ, ଟୁକୁନା ଗଡତିଆ, ସାଗର ନାଏକ ଓ ସୁଜିତ ବାରିକ ପରିଚାଳନା କରିଥିଲେ । ପ୍ରଫୁଲ୍ଲ କୁମାର ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ ଦୋଳ ଗୋବିନ୍ଦ କ୍ଲବର ସଭାପତି ବିଜୁ ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭାଜପା ନେତା ମୀନକେତନ ପ୍ରଧାନ, ବିରଞ୍ଚି ବେହେରା, ଚୂଡାମଣି ପ୍ରଧାନ, ପ୍ରସନ୍ନ ନାୟକ, ଅରୁଣ କୁମାର ମହାପାତ୍ର, ବିଜୟ କୁମାର ସାମଲ, ଅଶୋକ କୁମାର ପ୍ରଧାନ ଓ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ରାଜ ଇଲେଭେନ ଓ ରନର୍ସ ଅପ୍ ବିକ୍ରାନ୍ତ ଏଫ୍‌ସିକୁ ଟ୍ରଫି ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସମ୍ପାଦକ ନରେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଦୋଳଗୋବିନ୍ଦ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।





# ଓଡ଼ିଶାରେ ହେବ ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**



କଟକରେ ରବିବାର ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର କାର୍ଯ୍ୟକାରିଣୀ ତଥା ବାର୍ଷିକ ସାଧାରଣ ବୈଠକ ରବିବାର କଟକସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭଲିବଲର ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତନ୍ମଧ୍ୟରୁ ଓଡ଼ିଶାରେ ଏଫ୍‌ଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି ଆୟୋଜନ ଅନ୍ୟତମ। ୨୦୨୬ ଫେବୃଆରୀ ଶେଷ ଭାଗରେ ଏହି ପ୍ରତିଯୋଗିତା ଆୟୋଜନ ହେବ ଏବଂ ଏହି ଗ୍ଲୋବାଲ ଇଭେଣ୍ଟରେ ୪୦ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ଏକ ୪ ଦିନିଆ ମହିଳା କୋଚେସ ଟ୍ରେନିଂ ପ୍ରୋଗ୍ରାମ ଆୟୋଜନ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। 'କନ୍ୟା କିରଣ' ନାମରେ ଏହି ପ୍ରୋଗ୍ରାମ ଡିସେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ। ଏଫ୍‌ଆଇଭିବି ଇନ୍‌ଷ୍ଟ୍ରକ୍ଟର ଜନ କେସେଲ ଓ ଜାନା କୁଲାନଙ୍କ ତତ୍ତ୍ୱାବଧାନରେ ହେବାକୁଥିବା ଏହି ପ୍ରୋଗ୍ରାମର ଲକ୍ଷ୍ୟ ହେଉଛି ବିଶ୍ୱସ୍ତରୀୟ ଟ୍ରେନିଂ ମାଧ୍ୟମରେ ମହିଳା କୋଚ୍‌ଙ୍କୁ ସଶକ୍ତ କରିବା।

୭୨ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଉତ୍ତର ପ୍ରଦେଶର ବାରାଣସୀରେ ୨୦୨୬ ଜାନୁଆରୀ ୪ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାକୁ ରାଜ୍ୟ ଚାମ୍ପିୟନଶିପ୍ ପାରାଦୀପ ପୋର୍ଟରେ ଆୟୋଜନ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଓଭିଏ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ ବୈଠକରେ ସଭାପତିତ୍ୱ କରିଥିଲେ। ଓଭିଏ ସମ୍ପାଦକ ଗଗନେନ୍ଦୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକ ପୂର୍ବରୁ ଓଭିଏର ପୂର୍ବତନ ଉପସଭାପତି ଜନାର୍ଦ୍ଦନ ଦାଶଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ଓଭିଏ ଉପସଭାପତି ସୟଦ ଆକମଲ ଅଲୀ, ବିଜୟ କୁମାର ଧଳ, ଶିବ ପ୍ରସାଦ ତ୍ରିପାଠୀ, ରବୀନ୍ଦ୍ର କୁମାର ଦାସ, ଭବାନୀ ପ୍ରସାଦ ପଣ୍ଡା, ମନୋରଞ୍ଜନ ଜିଉ, ବ୍ରହ୍ମାନନ୍ଦ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ଆଦିତ୍ୟ କୁମାର ଆଚାର୍ଯ୍ୟ, ଜଗଦୀଶ ଚନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ ସୁଧାଂଶୁ ଭୂଷଣ ମିଶ୍ର ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟ ଭଲିବଲ ଚାମ୍ପିୟନଶିପ୍‌କୁ ଜୋନାଲ ଫର୍ମାଟରେ ଆୟୋଜନ ପାଇଁ ପ୍ରସ୍ତାବ ଆସିଥିବାରୁ ଏହାକୁ ତର୍ଜମା କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା।

# ଓଡ଼ିଶାର ପୁଣି ବ୍ୟାଟିଂ ବିପର୍ଯ୍ୟୟ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

**ରଣଜୀ ଟ୍ରଫି**

**ଦ୍ୱିତୀୟ ଦିବସରେ ୧୧ ଉଇକେଟର ପତନ**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଦଳର ଖରାପ ବ୍ୟାଟିଂ ଜାରି ରହିଛି। ନାଗପୁରରେ ଚାଲିଥିବା ବିଦର୍ଭ ବିପକ୍ଷ ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ରବିବାର ଦ୍ୱିତୀୟ ଦିବସ ଶେଷ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ ୧୨୨ ରନ ମଧ୍ୟରେ ୬ ଉଇକେଟ ହରାଇ ସାରିଛି। ଫଳରେ ବିଦର୍ଭର ପ୍ରଥମ ଇନିଂସ ସ୍କୋର (୨୮୬ ରନ)ଠାରୁ ଓଡ଼ିଶା ଆହୁରି ୧୬୪ ରନ ପଛରେ ରହିଛି। ସମସ୍ତ ସ୍ୱେଶାଲିଷ୍ଟ ବ୍ୟାଟର ଆଉଟ ହୋଇ ସାରିଥିବାରୁ ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସ ପଛୁଆ ରହିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ମୋଟ ୧୧ଟି ଉଇକେଟର ପତନ ଘଟିଛି। ପ୍ରକାଶଯୋଗ୍ୟ ଯେ, ଖରାପ ପ୍ରଦର୍ଶନ କାରଣରୁ ଓଡ଼ିଶା ଏହାର ପ୍ରଥମ ୩ ମ୍ୟାଚରୁ ୨ଟିରେ ପରାଜୟ ବରଣ କରିଥିବାବେଳେ ଅନ୍ୟ ମ୍ୟାଚଟି ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ପଛୁଆ ରହିବା କାରଣରୁ ମାତ୍ର ୧ ପଏଣ୍ଟ ପାଇଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୩୪/୫ରୁ ଖେଳ ଆରମ୍ଭ କରିଥିବା ବିଦର୍ଭ ଆଉ ୫୨ ରନ ଯୋଡ଼ି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ପୂର୍ବ ଦିନ ୧୨୮ ରନରେ ଅପରାଜିତ ରହିଥିବା ଧ୍ରୁବ ଶୋରେ ମୋଟ ୧୪୪ ରନକରି ଆଉଟ ହୋଇଥିଲେ। ଶେଷଭାଗ ବ୍ୟାଟରଙ୍କୁ ଅଧିକ ସମୟ ତିଷ୍ଠିବାକୁ ଦେଇ ନ ଥିଲେ ଓଡ଼ିଶା ବୋଲର। ଭ୍ରମଣକାରୀ ଦଳ ପକ୍ଷରୁ ସମ୍ବିତ ବରାଳ ସର୍ବାଧିକ ୩ଟି, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି ଓ ତାପସ ଦାସ ୨ଟି ଲେଖାଏ ଏବଂ ଜାମଲା ମହାପାତ୍ର ଗୋଟିଏ ଉଇକେଟ ନେଇଥିଲେ।

ଘରୋଇ ପିଚ୍‌ରୁ ଫାଇଦା ଉଠାଇ ବିଦର୍ଭ ବୋଲରମାନେ ଓଡ଼ିଶାକୁ ଭଲ ଆରମ୍ଭ ହେବାକୁ ଦେଇ ନ ଥିଲେ। ୩୩ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଓଡ଼ିଶା ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଦୁଇ ଓପନର ଗୌରବ ଚୌଧୁରୀ ୨୪ ଓ ସ୍ୱସ୍ତିକ ସାମଲ ୯ ରନ କରିବାକୁ ସକ୍ଷମ ହୋଇଥିଲେ। ସନ୍ଦୀପ ପଟ୍ଟନାୟକ ମଧ୍ୟ ମାତ୍ର ୧୬ ରନ କରିବାକୁ ସକ୍ଷମ ହୋଇଥିଲେ। ରାଜେଶ ଧୂପର(୮)ଙ୍କୁ ପ୍ୟାଭିଲିୟନ ପଠାଇ ଯଶ କଦମ ଏବଂ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କୁ ଆଉଟ କରି ଗୌରବ ଫର୍ଦେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ନିଜ ନିଜର ପ୍ରଥମ ଉଇକେଟ ହାସଲ କରିଥିଲେ। ଆତ୍ମବିଶ୍ୱାସରେ ଥିବାପରି ଲାଗୁଥିବା ଶୁଭ୍ରାଂଶୁ ୧୧୨ ବଲ୍‌ରୁ ୪୧ ରନ କରିଥିବାବେଳେ ଫର୍ଦେଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ୫ ଉଇକେଟ ପତନ ହୋଇଯିବାରୁ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାରଙ୍କ ନିକଟରୁ ଦଳ ଅନେକ କିଛି ଆଶା କରୁଥିଲା। ମାତ୍ର ସେ ୧୭ ରନ କରିଥିବାବେଳେ ଫର୍ଦେଙ୍କ ବଲ୍‌ରେ ଉଇକେଟ କିପର ଅକ୍ଷୟ ୱାଡକରଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ଫଳରେ ଓଡ଼ିଶା ସ୍କୋର ୧୨୨/୬ ହୋଇଯିବା ସହ ଅମ୍ପାୟର ଷ୍ଟମ୍ପ ନିଷ୍ପତ୍ତି ନେଇଥିଲେ। ସେତେବେଳେ ସମ୍ବିତ ବରାଳ ୨ ରନରେ ଅପରାଜିତ ରହିଥିଲେ। ବିଦର୍ଭ ବୋଲରଙ୍କ ମଧ୍ୟରୁ ଗୌରବ ଫର୍ଦେ ୨ଟି ଏବଂ ପାର୍ଥ ରେଖାଦେ, ନଚିକେତ ଭୁତେ, ପ୍ରଫୁଲ୍ଲ ହିଙ୍ଗେ ଓ ଯଶ କଦମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୬/ଅଲଆଉଟ (ଧ୍ରୁବ ଶୋରେ-୧୪୪, ରବିକୁମାର ସମର୍ଥ-୪୯, ସମ୍ବିତ ବରାଳ-୩/୬୯, ରାଜେଶ ମହାନ୍ତି-୨/୫୭, ତାପସ ଦାସ-୨/୩୩, ବାଦଲ ବିଶ୍ୱାଳ-୨/୨୭, ଜାମଲା ମହାପାତ୍ର-୧/୪୪)। ଓଡ଼ିଶା ପ୍ରଥମ ଇନିଂସ: ୧୨୨/୬ (ଶୁଭ୍ରାଂଶୁ ସେନାପତି-୪୧, ଗୌରବ ଫର୍ଦେ-୨/୨୦, ପାର୍ଥ ରେଖାଦେ-୧/୨୯, ନଚିକେତ ଭୁତେ-୧/୨୮, ପ୍ରଫୁଲ୍ଲ ହିଙ୍ଗେ-୧/୨୫, ଯଶ କଦମ-୧/୧୫)।

# ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ



ଆକାଶ କୁମାର ଚୌଧାରୀ

**ସୁରଟ, ୯।୧୧ (ପି.ଟି.)**

**୮ କ୍ରମାଗତ ଛକା, ୧୧ ବଲ୍‌ରେ ଅର୍ଦ୍ଧଶତକ**

ମେଘାଳୟର ଆକାଶ କୁମାର ଚୌଧାରୀ କ୍ରମାଗତ ୮ ଛକା ମାରି ପ୍ରଥମ ଶ୍ରେଣୀ କ୍ରିକେଟରେ ଏକ ନୂଆ ରେକର୍ଡ କରିଥିବା ବେଳେ ମାତ୍ର ୧୧ ବଲ୍‌ରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରି ଏହି ଫର୍ମାଟରେ ଅନ୍ୟ ଏକ ନୂଆ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଏଠାରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଏକ ରଣଜୀ ଟ୍ରଫି ପ୍ଲେଟ୍ ଗ୍ରୁପ୍ ମ୍ୟାଚରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ସ୍ଥାନୀୟ ସି.କେ. ପିଠାୱାଲା ଗ୍ରାଉଣ୍ଡଠାରେ ମ୍ୟାଚର ଦ୍ୱିତୀୟ ଦିବସରେ ୮ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ୨୫ବର୍ଷୀୟ ଚୌଧାରୀ ଏହି ଚମକପ୍ରଦ ସଫଳତା ହାସଲ କରିଛନ୍ତି। ସେ ୧୪ବଲ୍‌ରେ ୫୦ ରନ କରି ଅପରାଜିତ ରହିଥିଲେ। ତାଙ୍କର ଏହି ଅର୍ଦ୍ଧଶତକ ସହାୟତାରେ ମେଘାଳୟ ଏହାର ପ୍ରଥମ ଇନିଂସ ୬୨୮/୬ରେ ଘୋଷଣା କରିଥିଲା। ଚୌଧାରୀ ପ୍ରଥମ ଶ୍ରେଣୀରେ ଦ୍ରୁତତମ ଅର୍ଦ୍ଧଶତକ ହାସଲରେ ରହିଥିବା ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ପୂର୍ବରୁ ଏହି ରେକର୍ଡ ଲିସେଷ୍ଟରଶାୟାର ୱେନ୍ ହ୍ୱାଇଟ୍‌ଙ୍କ ନାମରେ ରହିଥିଲା। ସେ ୨୦୧୨ରେ ଏସେକ୍ସ ବିପକ୍ଷ ମ୍ୟାଚରେ ମାତ୍ର ୧୨ଟି ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ଆହୁରି ମଧ୍ୟ ପ୍ରଥମ ଶ୍ରେଣୀ କ୍ରିକେଟର କ୍ରମାଗତ ୬ ଛକା ଲଗାଇବାରେ ତୃତୀୟ ଖେଳାଳି। ଅନ୍ୟ ଦୁଇ ଜଣ ହେଲେ କିମ୍ବଦନ୍ତୀ ସାର୍ ଗାର୍‌ଫିଲ୍ଡ ସୋବର୍ସ ଏବଂ ଭାରତର ରବି ଶାସ୍ତ୍ରୀ।

# ପ୍ରେସିଡେଣ୍ଟ୍ସ ଟ୍ରଫି ଗଲ୍ଫ; ଅସିତ, ଲକ୍ଷ୍ମୀ ଚାମ୍ପିୟନ



ମହିଳା ବର୍ଗ ଚାମ୍ପିୟନ ଲକ୍ଷ୍ମୀ ସ୍ୱାଇଁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଗଲ୍ଫ କ୍ଲବ ଆନୁକୂଲ୍ୟରେ ଏଠାରେ ପ୍ରେସିଡେଣ୍ଟ୍ସ ଟ୍ରଫି ଗଲ୍ଫ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାର ୦-୧୬ ହାଣ୍ଡିକାପ ବର୍ଗରେ ଅସିତ ତ୍ରିପାଠୀ ଚାମ୍ପିୟନ ଓ ଦିଗ୍‌ବିଜୟ ସିଂ ରନରଅପ୍ ହୋଇଛନ୍ତି। ବେଷ୍ଟ ଗ୍ରସ୍ ବିବେଚିତ ହୋଇଛନ୍ତି କ୍ୟାପ୍‌ଟେନ ସୁଭାଷ ଦାସ। ସେହିପରି ୧୭-୨୪ ହାଣ୍ଡିକାପ ବିଭାଗରେ ଧନଞ୍ଜୟ ବୋଷ ଓ ପି.ଭି. ମୋହନ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ମହିଳା ବର୍ଗରେ ଲକ୍ଷ୍ମୀ ସ୍ୱାଇଁ ଓ ସୁପର୍ଣ୍ଣା ପଣ୍ଡା ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ଟ୍ରଫି ହାସଲ କରିଛନ୍ତି। ସିନିୟର ବିଭାଗରେ ବ୍ରିଗେଡିୟର କେ.ସି. ବେହେରା ଚାମ୍ପିୟନ ଓ ସୂର୍ଯ୍ୟକାନ୍ତ ମିଶ୍ର ରନରଅପ୍ ହୋଇଛନ୍ତି।

# ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**



ପଦକ ସହ ପ୍ରମୋଦ ଭଗତ।

**ଜାପାନ ପାରା ବ୍ୟାଡ୍‌ମିଣ୍ଟନ**

ଜାପାନର ଟୋକିଓରେ ଅନୁଷ୍ଠିତ ହୁଲିକ୍ ଦାଇହାତସୁ ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ୫ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରମୋଦ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଏହି ସଫଳତା ପାଇଛନ୍ତି। ଏସ୍‌ଏଲ୍‌୩ ସିଙ୍ଗଲ୍ସ ଫାଇନାଲରେ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୧୭-୨୧, ୨୧-୧୯, ୨୧-୧୦ରେ ହରାଇଥିଲେ। ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ପୁରୁଷ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଯୋଡ଼ି ଅନ୍ୟତମ ଭାରତୀୟ ଯୋଡ଼ି ଜଗଦୀଶ ଦେଲ୍ଲି ଓ ନବୀନ ଶିବକୁମାରଙ୍କୁ ୨୧-୧୭, ୧୮-୨୧, ୨୧-୧୬ରେ ପରାସ୍ତ କରିଥିଲେ। ସେହିପରି ମିକ୍ସଡ ଡବଲ୍ସ ଫାଇନାଲରେ ଏସ୍‌ଏଲ୍‌୩-ଏସ୍‌ୟୁ୫ ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ମନୀଷା ରାମଦାସଙ୍କ ଯୋଡ଼ି ଭାରତୀୟ ଯୋଡ଼ି ନୀତେଶ କୁମାର ଓ ଥୁଲସିମଥି ମୁରୁଗେଶନଙ୍କୁ ୨୧-୧୯, ୨୧-୧୯ରେ ହରାଇ ଦେଇଥିଲେ। ତେଣୁ ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ହିଁ ପ୍ରାଧାନ୍ୟ ବିସ୍ତାର କରିଥିବା ପରିଲକ୍ଷିତ ହୋଇଥିଲା। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ପ୍ରମୋଦଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ସ୍କୁଲ୍ସ ଓପନ ଚେସ୍: ଦିବ୍ୟାଂଶ ଚାମ୍ପିୟନ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ସନ୍ତୋଷ କୁମାର ସିଂ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଦିବ୍ୟାଂଶ ନାୟକ ଓ ସାଇ କ୍ରିଷ୍ଣା ସାମଲ ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଓମ୍ ଶତପଥୀ, ମନୀଷ କୁମାର ଦାସ ଓ ସ୍ଥିତପ୍ରଜ୍ଞ ପଟ୍ଟନାୟକ ୪ ପଏଣ୍ଟ ସହିତ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଭାଇସ୍ ପ୍ରିନ୍ସିପାଲ ପାରମିତା ସାହୁ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଓଡ଼ିଶା ଓପନ ଟେନିସ ଉଦ୍‌ଯାପିତ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଟେନିସ ଆସୋସିଏଶନ (କେଡିଟିଏ) ଆନୁକୂଲ୍ୟରେ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଓଡ଼ିଶା ଓପନ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ୮ ଓ ୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ସିନିୟର ପୁରୁଷ ୪୫+ ଡବଲ୍ସ, ୫୫+ ଡବଲ୍ସ ଓ ୬୫+ ଡବଲ୍ସ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ୪୫+ ଡବଲ୍ସରେ ବିବେକ ତିବରୱାଲ-ଶାଶ୍ୱତ ଜେନା ଯୋଡ଼ି ଚାମ୍ପିୟନ ଓ ଗୁଲିଭର ଲୋଇ-ଅରୁଣ କୁମାର ନାୟକ ରନରଅପ୍ ହୋଇଛନ୍ତି। ୫୫+ ଡବଲ୍ସ ଫାଇନାଲରେ ପି.କେ. ମିଶ୍ର-ମନୋଜ ଭଟ୍ଟାଚାର୍ଜୀ ପ୍ରତିପକ୍ଷ ଏସ୍.ଏସ୍. ରଥ ଓ ଅଜୟ ସାହୁଙ୍କୁ ପରାସ୍ତ କରିଛନ୍ତି। ସେହିପରି ୬୫+ ଡବଲ୍ସ ଫାଇନାଲରେ ସୁଶୀଲ କୁମାର ମିଶ୍ର ଓ ପ୍ରଭାତ କୁମାର ବକ୍ସି ଯୋଡ଼ିଙ୍କୁ ହାଇ ଏସ୍.ଏସ୍. ରଥ ଓ ବି.ଏନ୍. ମହାନ୍ତି ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି ଚେୟାରମ୍ୟାନ ଅସିତ ମହାପାତ୍ର ମୁଖ୍ୟ ଅତିଥି ଏବଂ ଲଳିତ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କେଡିଟିଏ ସଭାପତି ମଧୁସୂଦନ ପାଢ଼ୀ, ସମ୍ପାଦକ ଅସିତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦାମୋଦର ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏଟିପି ଫାଇନାଲ୍ସରୁ ଓହରିଲେ ଜୋକୋଭିଚ୍

**ଏଥେନ୍ସ, ୯।୧୧ (ଏପି)**

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ କ୍ରମାଗତ ଦ୍ୱିତୀୟ ବର୍ଷ ଏଟିପି ଫାଇନାଲ୍ସରୁ ଓହରି ଯାଇଛନ୍ତି। ଜୋକୋଭିଚ୍ କହିଛନ୍ତି, କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ସେ ଶ୍ରେଷ୍ଠ ପୁରୁଷ ଟେନିସ ୮ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇ ଆସୁଥିବା ସିଜନ ଶେଷ ଇଭେଣ୍ଟରୁ ଓହରିଯାଇଛନ୍ତି। ଟୁର୍ନାମେଣ୍ଟ ଇଟାଲୀର ତୁରିନଠାରେ ରବିବାର ଆରମ୍ଭ ହୋଇଛି। ଏହି ନିଷ୍ପତ୍ତି ଯୋଗୁ ଜୋକୋଭିଚ୍‌ଙ୍କ ସ୍ଥାନ ମୁସେଟିଙ୍କୁ ମିଳିଛି।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ